# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, February 14/2023 | Page 14 | ₹ 7.00 | SAMBALPUR
୪୯ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 82 | ମୂଲ୍ୟ₹୭/-



**ଶୁବମନ ପ୍ଲେୟର ଅଫ୍ ଦି ମନ୍ଥ୍**
ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ୧୪

୦୨ **'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା**
ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା ହେଉଛି।





କେନ୍ଦୁଝରସ୍ଥିତ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଅନୁମୋଦନପତ୍ର ଦେଉଛନ୍ତି। **(ରିପୋର୍ଟ: ପୃଷ୍ଠା-୩)**

# ହାଇସ୍କୁଲ ପାଇଁ ୬,୦୨୫ ଏଲ୍‌ଟିଆର୍ ଶିକ୍ଷକ

## ଛୁଟିରେ ରହୁଥିବା ଶିକ୍ଷକଙ୍କ ଅଭାବ ପୂରଣ ହେବ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ହାଇସ୍କୁଲଗୁଡ଼ିକରେ ଶିକ୍ଷକମାନେ ଛୁଟି, ଟ୍ରେନିଂ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିଲେ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ବିଷୟରେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସରକାରୀ ହାଇସ୍କୁଲଗୁଡ଼ିକରେ ପୂର୍ବ ଅନୁମୋଦନଠାରୁ ଆଉ ୧୫ ପ୍ରତିଶତ ଅଧିକ ଶିକ୍ଷକ (ଲିଭ୍, ଟ୍ରେନିଂ ରିଜର୍ଭ ବା ଏଲ୍‌ଟିଆର୍) ପଦବୀ ପୂରଣ କରିବେ। ହାଇସ୍କୁଲଗୁଡ଼ିକରେ ଏବେ ୪୦,୧୬୬ ଶିକ୍ଷକ ପଦବୀ ରହିଛି। ଏହାର ୧୫ ପ୍ରତିଶତ ହିସାବରେ ୬ ହଜାର ୨୫ ପଦବୀ ସୃଷ୍ଟି କରାଯିବ। ତାହା ବିଭିନ୍ନ ସମୟରେ ଖାଲି ପଡୁଥିବା ଶିକ୍ଷକ ପଦବୀ ପୂରଣ କରିବାରେ ସହାୟକ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହ ପ୍ରସ୍ତାବକୁ ଲୋକସେବା ଭବନରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୧୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୨୩୭ଟି ଛାତ୍ରାବାସ (ବାଳକ) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଗୁଡ଼ିକର ନିର୍ମାଣ ପାଇଁ ୧୦୦୦.୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରତ୍ୟେକ ଛାତ୍ରାବାସ ପାଇଁ ୪.୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଛାତ୍ରାବାସଗୁଡିକୁ ୩ ମହଲା ବିଶିଷ୍ଟ ହେବ ଏବଂ ନିର୍ମାଣ କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ ହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

**କ୍ୟାବିନେଟ ନିଷ୍ପତ୍ତି**
- ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହେବ ୨୩୭ ଛାତ୍ରାବାସ
- ଟ୍ରାନ୍ସଜେଣ୍ଡର ସନ୍ତାନଙ୍କୁ ମିଳିବ ପରିବାର ପେନ୍‌ସନ

ସରକାରୀ କର୍ମଚାରୀଙ୍କର କିନ୍ନର (ଟ୍ରାନ୍ସଜେଣ୍ଡର) ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ସେମାନେ ଅନ୍ୟ ସନ୍ତାନଙ୍କ ଭଳି ପେନ୍‌ସନ ପାଇବାକୁ ହକଦାର ହେବେ। ରାଜ୍ୟ ସରକାର ଓଡ଼ିଶା ବେସାମରିକ ସେବା ☞ପୃଷ୍ଠା-୪

## ୨.୩ ଲକ୍ଷ କୋଟିର ବଜେଟକୁ ମଞ୍ଜୁରୀ

**ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ**

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ଆସନ୍ତା ବଜେଟର ଆକାର ଗତ ବଜେଟଠାରୁ ୧୫% ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ନିଜ ଉତ୍ସରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଆଦାୟ କରିବେ। ଏଥିସହିତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟକୁ ଅନୁମୋଦନ କରାଯାଇଛି। ଆସନ୍ତା ବର୍ଷ ନିର୍ବାଚନ ଥିବାରୁ ସରକାର ବଜେଟକୁ ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି କ୍ଷେତ୍ର, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ଫୋକସ ଦେବେ ବୋଲି ଅନୁମାନ କରାଯାଉଛି।

## ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି: ଦର ବଢ଼ିବ

**ନୂଆଦିଲ୍ଲୀ, ୧୩।୨**

ଭାରତର ଖୁଚୁରା ମୁଦ୍ରାସ୍ଫୀତି ଗତ ଜାନୁୟାରୀରେ ୬.୫୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ ଅଧିକ। ପୂର୍ବ ମାସରେ ମୁଦ୍ରାସ୍ଫୀତି ୫.୭ ପ୍ରତିଶତ ରହିଥିଲା। ପୂର୍ବ ମାସରେ ମୁଦ୍ରାସ୍ଫୀତି ୦.୪ ପ୍ରତିଶତ ହ୍ରାସ ପାଇଥିବାବେଳେ ଜାନୁୟାରୀରେ ଏହା ୦.୪୬ ପ୍ରତିଶତ ବୃଦ୍ଧି ପାଇଛି। ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ବାସ୍କେଟ୍‌ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିବା କୁହାଯାଉଛି। ଡିସେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୪.୧୯ ପ୍ରତିଶତ ଥିବାବେଳେ ଜାନୁୟାରୀରେ ତାହା ୫.୯୪ରେ ପହଞ୍ଚିଛି। ଉଚ୍ଚ ମୁଦ୍ରାସ୍ଫୀତି ବୃଦ୍ଧି ଆର୍‌ବିଆଇ ସମେତ ସାରା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଚିନ୍ତାର କାରଣ ହୋଇଆସିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅନିଶ୍ଚିତତା ସାଙ୍ଗକୁ ମହାମାରୀ ପରେ ବିଶ୍ୱରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ସବୁ ସାମଗ୍ରୀର ଦରଦାମ୍ ଆଗକୁ ଆହୁରି ବଢ଼ିବ।

## 'ପିର୍‌ଭାକରନ ଜୀବିତ'

**ତାମିଲ ନେତାଙ୍କ ଦାବି: ଖୁବ୍‌ଶୀଘ୍ର ଆତ୍ମପ୍ରକାଶ କରିବେ ଏଲ୍‌ଟିଟିଇ ମୁଖ୍ୟ**



ଭେଲୁପିଲ୍ଲାଇ ପିର୍‌ଭାକରନ

**ତାଞ୍ଜାଭୁର, ୧୩।୨**

ଶ୍ରୀଲଙ୍କା ସରକାର ଏଲ୍‌ଟିଟିଇ ମୁଖ୍ୟ ଭେଲୁପିଲ୍ଲାଇ ପିର୍‌ଭାକରନଙ୍କୁ ମୃତ ଘୋଷଣା କରିବାର ୧୪ ବର୍ଷ ପରେ ସେ ଜୀବିତ ଥିବା ନେଇ ତାମିଲନାଡୁର ପୂର୍ବତନ ରାଜନେତା ତଥା ବିଶ୍ୱ ତାମିଲ ମହାସଂଘର ଅଧ୍ୟକ୍ଷ ପାଝା ନେଦୁମାରାନ ସୋମବାର ଦାବି କରିଛନ୍ତି। ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ (ଏଲ୍‌ଟିଟିଇ)ର ପ୍ରତିଷ୍ଠାତା ପିର୍‌ଭାକରନ ବଞ୍ଚିଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ଖୁବ୍‌ଶୀଘ୍ର ସର୍ବସାଧାରଣରେ ଆତ୍ମପ୍ରକାଶ କରିବେ ବୋଲି ନେଦୁମାରାନ କହିଛନ୍ତି। ତେବେ ସେ ଏବେ କେଉଁଠି ଅଛନ୍ତି, ସେ ସମ୍ପର୍କରେ ନେଦୁମାରାନ୍ ପ୍ରଘଟ କରିନାହାନ୍ତି।

ପିର୍‌ଭାକରନ୍‌ଙ୍କ ନେତୃତ୍ୱରେ ଏଲ୍‌ଟିଟିଇ ଦ୍ୱୀପ ଦେଶ ଶ୍ରୀଲଙ୍କାରେ ସେଠାର ତାମିଲମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଲାଗି ବ୍ୟାପକ ଗେରିଲା ଅଭିଯାନ ଚଳାଇଥିଲେ। ଶ୍ରୀଲଙ୍କା ସେନା ସହ ଏଲ୍‌ଟିଟିଇ ଗେରିଲାମାନଙ୍କ ଦୀର୍ଘଦିନର ଯୁଦ୍ଧ ଚାଲିଥିଲା। ୨୦୦୯ ମେ' ୧୮ରେ ମୁଲ୍ଲିଭାଇକାଲରେ ଶ୍ରୀଲଙ୍କା ସେନାର କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଭାରତରେ ଲିଥିୟମ୍**

## ୩.୪ କୋଟିରେ ଗଲେ ମନ୍ଧାନା

**ଓମେନ୍ସ ପ୍ରିମିୟର ଲିଗ୍ ନିଲାମି**

**୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର**



ସ୍ମୃତି ମନ୍ଧାନା

**ମୁମ୍ବାଇ, ୧୩।୨ (ପି.ଟି.)**

ପ୍ରଥମଥର ପାଇଁ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)। ମହିଳା କ୍ରିକେଟରେ ପ୍ରଥମଥର ପାଇଁ ଏହି ଟି୨୦ ଲିଗ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ସୋମବାର ଅନୁଷ୍ଠିତ ହୋଇଛି ଏହାର ନିଲାମି। ପ୍ରଥମ ସଂସ୍କରଣର ନିଲାମି ପାଇଁ ୫ଟି ଯାକ ଫ୍ରାଞ୍ଚାଇଜ୍ ଉପସ୍ଥିତ ରହିଥିବା ବେଳେ ବିସିସିଆଇ ସଭାପତି ରୋଜର ବିନ୍ନି, ସମ୍ପାଦକ ଜୟ ଶାହା ଓ କୋଷାଧ୍ୟକ୍ଷ ରାଜୀବ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ମଲ୍ଲିକା ସାଗର ନିଲାମକାରୀ ଭୂମିକାରେ ନଜର ଆସିଥିଲେ। ବିସିସିଆଇ ସଭାପତି ବିନ୍ନି ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ପରେ ନିଲାମି ଆରମ୍ଭ ହୋଇଥିଲା। ୪୦୯ ଜଣ ଖେଳାଳି ନିଲାମୀରେ ସାମିଲ ହୋଇଥିବା ବେଳେ ଭାରତୀୟ ଦଳର ଓପନର ସ୍ମୃତି ମନ୍ଧାନା ଡବ୍ଲ୍ୟୁପିଏଲର ସବୁଠାରୁ ମହଙ୍ଗା ଖେଳାଳି ରହିଛନ୍ତି। ମନ୍ଧାନାଙ୍କୁ ୩.୪ କୋଟି ଟଙ୍କାରେ କିଣିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)। ଏହା ସହିତ ୯ ଭାରତୀୟ ଖେଳାଳିଙ୍କ ମୂଲ୍ୟ ୧ କୋଟି ପାର କରିଥିଲା। ମନ୍ଧାନା ସବୁଠାରୁ ମହଙ୍ଗା ରହିଥିବା ବେଳେ ☞ପୃଷ୍ଠା-୪

## ୟୁଏଫ୍‌ଓ: ଆମେରିକା-ଚାଇନା ମୁହାଁମୁହିଁ

**ୱାଶିଂଟନ୍/ବେଜିଂ ୧୩।୨**

ରହସ୍ୟଜନକ ଉଡ଼ନ୍ତା ବସ୍ତୁକୁ ନେଇ ବିଶ୍ୱର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ଆରୋପ ପ୍ରତ୍ୟାରୋପର ପର୍ବ ଆରମ୍ଭ ହୋଇଛି। ଆମେରିକା ୮ ଦିନ ଭିତରେ ୪ଟି ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ)କୁ ଆକାଶରୁ ଖସାଇବା ପରେ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ରବିବାର ନ୍ୟାଶନାଲ ଗାର୍ଡ ପାଇଲଟ୍ ଯୁଦ୍ଧବିମାନ ସାହାଯ୍ୟରେ କାନାଡା ସୀମାନ୍ତ ମିଶିଗାନ୍‌ସ୍ଥିତ ହ୍ୟୁରୋନ୍ ହ୍ରଦ ନିକଟରେ ଏହି ଅଜଣା ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଛି। ଜାନୁୟାରୀ ଶେଷ ସପ୍ତାହରେ ଆମେରିକା ଆକାଶରେ ଉଡୁଥିବା ଗୋଇନ୍ଦା ବେଲୁନ୍‌କୁ ନଷ୍ଟ କରାଯିବା ପରେ ଦେଶରେ ପ୍ରତିରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ୟୁଏସ୍ ନର୍ଦ୍ଦର୍ନ କମାଣ୍ଡ ଜେନେରାଲ ଗ୍ଲେନ୍ ଭାନହର୍କ ସୂଚନା ଦେଇଛନ୍ତି। ଏ

- ୮ ଦିନରେ ୪ଟି ଅଜଣା ବସ୍ତୁ ଖସାଇଲାଣି ଆମେରିକା
- ୟୁଏଫ୍‌ଓକୁ ଅଟକାଇ ରଖିଛନ୍ତି ମୋ ଏଲିଅନ୍ ବନ୍ଧୁ: ମସ୍କ

ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ଲେନ୍ କହିଛନ୍ତି ଯେ, ୟୁଏଫ୍‌ଓ କେଉଁଠାରୁ ଆସୁଛି ତାହା ଏବେ ସ୍ପଷ୍ଟ ହୋଇନାହିଁ। ତେବେ ଏହାପଛରେ ଏଲିଅନ୍‌ଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରାଯାଉଥିବା ଖବରଦାତାମାନେ ପ୍ରଶ୍ନ କରିଥିବାବେଳେ ଗ୍ଲେନ୍ ତାହାକୁ ଖଣ୍ଡନ କରିଥିଲେ। ଗତ ସପ୍ତାହରେ ଆମେରିକୀୟ ଫାଇଟର୍ ଜେଟ୍ କାନାଡା ଓ ଆଲାସ୍କାରୁ ଗୋଟିଏ ☞ପୃଷ୍ଠା-୪






## ବାବୁଲ ସୁପ୍ରିଓ ହସ୍ପିଟାଲରେ ଭର୍ତ୍ତି

ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ବାବୁଲ ସୁପ୍ରିଓଙ୍କୁ ସୋମବାର ଉଡ଼ଲାଣ୍ଡ ମଲ୍ଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାରଠାରୁ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେଉଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି।



## ସଂକ୍ଷେପରେ

### ଆସାମ ୟୁଟ୍ୟୁବରଙ୍କ ମୃତ୍ୟୁ: ସ୍ୱାମୀ ଗିରଫ



**କାଠମାଣ୍ଡୁ, ୧୩।୨:** ଆସାମ ୟୁଟ୍ୟୁବର ପ୍ରିୟୋଲିନା ନାଥ୍‌ଙ୍କ ମୃତ୍ୟୁ ନେଇ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ରବିବାର ରାତିରେ ୧୯ ବର୍ଷୀୟା ପ୍ରିୟୋଲିନାଙ୍କ ଝୁଲନ୍ତା ମୃତଦେହ ବାମୁନି ମେଦାମସ୍ଥିତି ତାଙ୍କ ଘରୁ ମିଳିଥିଲା। ପଡ଼ୋଶୀଙ୍କ ସୂଚନାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ୍ ପାଇଁ ପଠାଇଥିଲା। ପ୍ରିୟୋଲିନାଙ୍କ ଶରୀରରେ ବହୁ କ୍ଷତଚିହ୍ନ ଥିବା ପୋଲିସ କହିଛି। ଘଟଣା ନେଇ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯିବା ପରେ ପୋଲିସ ତାଙ୍କୁ ଗିରଫ କରିନେଇଛି। ତିନି ମାସ ପୂର୍ବେ ପ୍ରିୟୋଲିନା ପଙ୍କଜ ନାଥଙ୍କୁ ବିବାହ କରିଥିଲେ। ହତ୍ୟାପରେ ପ୍ରିୟୋଲିନାଙ୍କ ମୃତଦେହକୁ ପଙ୍କଜ ଝୁଲାଇ ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଘଟଣା ନେଇ ପୋଲିସ ତଦନ୍ତ ଚଳାଇଛି।

### ଆଇଆଇଟି ବମ୍ବେରେ ଛାତ୍ରଙ୍କ ଆତ୍ମହତ୍ୟାକୁ ନେଇ ଉତ୍ତେଜନା

**ମୁମ୍ବାଇ, ୧୩।୨:** ବମ୍ବେ ଆଇଆଇଟିରେ ୧୮ ବର୍ଷୀୟ ଛାତ୍ର ଦର୍ଶନ ସୋଲାଙ୍କିଙ୍କ ଆତ୍ମହତ୍ୟା ନେଇ କଲେଜରେ ଉତ୍ତେଜନା ଦେଖାଯାଇଛି। ରବିବାର କଲେଜର ପୋଓ୍ୱାଇ କ୍ୟାମ୍ପସ୍‌ରେ ଦର୍ଶନ ସାତ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବାବେଳେ ଜାତିଆଣ ଭେଦଭାବ ପାଇଁ ଦର୍ଶନ ଆତ୍ମହତ୍ୟା କରିଥିବା କଲେଜ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଦର୍ଶନ ପ୍ରଥମ ବର୍ଷ ବିଟେକ୍ ଛାତ୍ର ଥିବାବେଳେ ଅହମଦାବାଦରେ ତାଙ୍କ ଘର। ତିନିମାସ ପୂର୍ବେ ଦର୍ଶନ କଲେଜରେ ଆଡିମିଶନ୍ କରିଥିଲେ। ତେବେ ଦର୍ଶନଙ୍କ ମୃତ୍ୟୁର କାରଣ ଖୋଜି ବାହାର କରିବା ଲାଗି ପୋଓ୍ୱାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### କୋର୍ଟ କ୍ୟାମ୍ପସ୍ ନିକଟରେ ଯୁବକଙ୍କୁ ହତ୍ୟା

**କୋଏମ୍ବାଟୁର, ୧୩।୨:** କୋଏମ୍ବାଟୁର୍ କୋର୍ଟ କ୍ୟାମ୍ପସ୍ ନିକଟରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ସୋମବାର ଅପରାହ୍ନରେ ହତ୍ୟା କରାଯାଇଛି। ଏକ ଅଜଣା ଗ୍ୟାଙ୍ଗ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛି। ଏହାକୁ ନେଇ କୋଏମ୍ବାଟୁର ସହର ମଧ୍ୟଭାଗରେ ଥିବା ଗୋପାଲପୁରମ୍ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଜି. ଗୋକୁଲ ନାମକ ଯୁବକ ଜଣକ ଏକ ହତ୍ୟା ମାମଲାର ଶୁଣାଣି ପାଇଁ କୋର୍ଟରେ ହାଜର ହେବାକୁ ଆସୁଥିବାବେଳେ ତାଙ୍କୁ ଫାଟକଠାରୁ ଅଳ୍ପ କେତେମିଟର ଦୂରରେ ହତ୍ୟା କରାଯାଇଥିଲା। ଆକ୍ରମଣକାରୀମାନେ ମାସ୍କ ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଗୋକୁଲଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିବା ତାଙ୍କ ବନ୍ଧୁ ମନୋଜ ଗୁରୁତର ଆହତ ହୋଇ କୋଏମ୍ବାଟୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ଆଦାନୀ ବିବାଦ

# ବେକାର ଗଲା ପ୍ରଥମ ପର୍ଯ୍ୟାୟ

**ନୂଆଦିଲ୍ଲୀ, ୧୩।୨**

### ମାର୍ଚ୍ଚ ୧୩ରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ



ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭରୁ ବିରୋଧୀ ଦଳଗୁଡ଼ିକ ଆଦାନୀ ପ୍ରସଙ୍ଗ ଉଠାଇ ଉଭୟ ଗୃହକୁ କ୍ରମାଗତ ଭାବେ ଅଚଳ କରି ରଖିଥିଲେ। ଫଳରେ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଏକପ୍ରକାର ବେକାର ଯାଇଛି। ଆମେରିକାର ଶର୍ଟ ସେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିପୋର୍ଟରେ ଭାରତର ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗ ଆଣିବା ପରେ ଏହା ପାର୍ଲାମେଣ୍ଟ ଅଧିବେଶନକୁ ସରଗରମ କରି ରଖିଥିଲା। ହିଣ୍ଡେନ୍‌ବର୍ଗ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇବା ସହ ଏଥିରେ ନିବେଶ କରିଥିବା ସଂସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ। ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାର ମୂଲ୍ୟ ୧୧୮ ବିଲିୟନ ଡଲାର ହ୍ରାସ ପାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏଲ୍‌ଆଇସି ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ଲଗାଇଥିଲେ। ଏହି ଗ୍ରୁପ୍‌ର ଶେୟାର ମୂଲ୍ୟ ହ୍ରାସ ଯୋଗୁ ଜମାକାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ହିଣ୍ଡେନବର୍ଗ ରିପୋର୍ଟର ଜେପିସି ତଦନ୍ତ ଦାବିରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିବାରୁ ଅଧିକାଂଶ ସମୟ ଗୃହ ଅଚଳ ରହିଥିଲା। ଦେଶରେ ଆଦାନୀ ସରକାର ଚାଲିଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଦେଶବ୍ୟାପୀ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଜେପିସି ତଦନ୍ତ ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାରମ୍ବାର ଗୃହ ମୁଲତବୀ ରହିବା ସତ୍ତ୍ୱେ ସରକାର କୌଣସି ଜବାବ ରଖି ନ ଥିଲେ। ଏପରିକି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ଦିନ ସୋମବାର ମଧ୍ୟ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଜେପିସି ତଦନ୍ତ ଏବଂ କଂଗ୍ରେସ ଏମ୍‌ପି ରଜନୀ ପାଟିଲଙ୍କ ଉପରେ ନିଲମ୍ବନ ଉଠାଇବାକୁ ଦାବି କରି ସ୍ଲୋଗାନ ଦେଇଥିଲେ। ଫଳରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାର କିଛି ସମୟ ପରେ ଗୃହକୁ ମାର୍ଚ୍ଚ ୧୩ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ସୋମବାର ଶେଷ ହେବା ସହ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ମାସେ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମାର୍ଚ୍ଚ ୧୩ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜାନୁୟାରୀ ୩୧ରେ ଆରମ୍ଭ ହୋଇଥିଲା ଓ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖିଥିଲେ। ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ସାଧାରଣ ବଜେଟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ହିଣ୍ଡେନ୍‌ବର୍ଗ-ଆଦାନୀ ବିବାଦ

### ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପାଇଁ କେନ୍ଦ୍ର ରାଜି

**ନୂଆଦିଲ୍ଲୀ, ୧୩।୨**

ହିଣ୍ଡେନ୍‌ବର୍ଗ-ଆଦାନୀ ଗ୍ରୁପ୍ ବିବାଦ ପରେ ନିୟାମକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା କମିଟି ଗଠନ ପ୍ରସ୍ତାବରେ କେନ୍ଦ୍ର ସରକାର ସୋମବାର ରାଜି ହୋଇଛନ୍ତି। ତେବେ କମିଟି ଯୋଗୁ ପୁଞ୍ଜିନିବେଶ ଓ ଅର୍ଥ ପ୍ରବାହ ଯେପରି ପ୍ରଭାବିତ ନ ହୁଏ, ତାହା ଉପରେ ଧ୍ୟାନ ଦେବାକୁ କେନ୍ଦ୍ର କହିଛି। ଭବିଷ୍ୟତରେ ନିବେଶକମାନଙ୍କ ଅର୍ଥ ଯେପରି ସୁରକ୍ଷିତ ରହିବ ଏବଂ ଏଭଳି ସ୍ଥିତିକୁ ପରିଚାଳନା କରିବାରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଯେପରି ସକ୍ଷମ ହେବ ସେଥିପାଇଁ ପ୍ରସ୍ତାବ ଦେବା ନିମନ୍ତେ କମିଟି ଗଠନ କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ବୁଧବାର ସୁଦ୍ଧା ପ୍ରସ୍ତାବିତ ସର୍ତ୍ତାବଳୀ ଉପରେ ଏକ ନୋଟ୍ ଦାଖଲ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ କହିବା ସହ ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରିଛନ୍ତି।



ବେଙ୍ଗାଲୁରୁର ୟେଲାହାଙ୍କା ଏୟାରବେସ୍‌ରେ ଏରୋ ଇଣ୍ଡିଆ ୨୦୨୩ ଉଦ୍‌ଘାଟନବେଳେ ଆମେରିକା ଏଫ୍-୩୫ ଯୁଦ୍ଧ ବିମାନ ପ୍ରଦର୍ଶିତ।

## 'ଏରୋ ଇଣ୍ଡିଆ ୨୦୨୩' ଉଦ୍‌ଘାଟିତ

**ବେଙ୍ଗାଲୁରୁ, ୧୩।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବେଙ୍ଗାଲୁରୁଠାରେ 'ଏରୋ ଇଣ୍ଡିଆ ୨୦୨୩'ର ଚତୁର୍ଦ୍ଦଶ ସଂସ୍କରଣ ଉଦ୍‌ଘାଟନ କରିଛନ୍ତି। ଚଳିତ ବର୍ଷର ବିଷୟବସ୍ତୁ 'ଦ ରନ୍‌ୱେ ଟୁ ଏ ବିଲିଅନ୍ ଅପରଚୁନିଟିଜ୍' ରହିଛି। ଦେଶର ପ୍ରତିରକ୍ଷା ସଶକ୍ତ କରିବା ଦିଗରେ ଏହା ଶୋକସ୍ ଭଳି। ବିଶ୍ୱରେ ପ୍ରତିରକ୍ଷା ଉପକରଣ ରପ୍ତାନି ଦିଗରେ ବିଶ୍ୱରେ ଭାରତ ଏକ ଅଗ୍ରଣୀ ଦେଶ ଭାବେ ଉଭା ହେବ ବୋଲି ମୋଦି କହିଛନ୍ତି। ପ୍ରତିରକ୍ଷା ଦିଗରେ ଭାରତ ଅଗ୍ରସର ହେଉଥିବା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଅନ୍ୟପକ୍ଷେ ଦେଶରେ ଏରୋସ୍ପେସ୍ ସେକ୍ଟରର ଉନ୍ନତିକରଣ ପାଇଁ 'ଏରୋ ଇଣ୍ଡିଆ ୨୦୨୩'ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବା କଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ବୈଦେଶୀକ କମ୍ପାନୀ ସହାୟତାରେ ଉନ୍ନତ ଜ୍ଞାନକୌଶଳରେ ବିକଶିତ କରିଥିବା ଉପକରଣ ଓ ନୂଆ ଟେକ୍ନୋଲୋଜି ସବୁକୁ ଏଥିରେ ଫୋକସ୍ କରାଯାଇଛି।

## ଶପଥ ନେଲେ ୨ ନୂଆ ବିଚାରପତି

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

### ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଲା ସୁପ୍ରିମକୋର୍ଟ



ଜଷ୍ଟିସ୍ ରାଜେଶ ବିନ୍ଦଲ ଜଷ୍ଟିସ୍ ଅରବିନ୍ଦ କୁମାର

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ସୋମବାର ସୁପ୍ରିମକୋର୍ଟରେ ଦୁଇ ନୂଆ ବିଚାରପତିଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତ ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିଛି ଅର୍ଥାତ୍ ବିଚାରପତି ସଂଖ୍ୟା ୩୪ ହୋଇଛି। ସୁପ୍ରିମକୋର୍ଟ ପରିସରରେ ଜଷ୍ଟିସ୍ ରାଜେଶ ବିନ୍ଦଲ ଏବଂ ଅରବିନ୍ଦ କୁମାର ଶପଥ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇବା ପୂର୍ବରୁ ଜଷ୍ଟିସ୍ ବିନ୍ଦଲ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ସେହିପରି ଜଷ୍ଟିସ କୁମାର ପୂର୍ବରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ଜାନୁୟାରୀ ୩୧ରେ ସୁପ୍ରିମକୋର୍ଟ କଲେଜିୟମ ସେମାନଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ। ସିଜେଆଇ ଗତ ୬ ତାରିଖରେ ଜଷ୍ଟିସ୍ ପଙ୍କଜ ମିଥାଲ, ସଞ୍ଜୟ କାରୋଲ, ପି.ଭି. ସଞ୍ଜୟ କୁମାର, ଆସାନୁଦ୍ଦିନ ଅମନୁଲ୍ଲା ଏବଂ ମନୋଜ ମିଶ୍ରଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ପାଠ କରାଇଥିଲେ।

## ଶୁଭେନ୍ଦୁ ଅଧିକାରୀ ବିଧାନସଭାରୁ ନିଲମ୍ବିତ

**କୋଲକାତା, ୧୩।୨**

ଆକ୍ଷେପମୂଳକ ମନ୍ତବ୍ୟ ପାଇଁ ନନ୍ଦିଗ୍ରାମର ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ସୋମବାର ନିଲମ୍ବନ କରିଥିଲେ। ତେବେ କିଛି ସମୟ ପରେ ସେ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଟିଏମ୍‌ସି ସଦସ୍ୟ ତାପସ ରାୟ ଶୁଭେନ୍ଦୁଙ୍କ ବିରୋଧରେ ପ୍ରସ୍ତାବ ପ୍ରତ୍ୟାହାର କରିନେବାରୁ ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ବାଚସ୍ପତି ଫେରାଇ ନେଇଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟ ବିଧାନସଭାରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ପ୍ରଥମ ଥର ପାଇଁ ଉଦ୍‌ବୋଧନ ଦେଉଥିବାବେଳେ ଶାସକ ଟିଏମ୍‌ସିର ଦୁର୍ନୀତି ପ୍ରସଙ୍ଗକୁ ନେଇ ଭାଜପା ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଶୁଭେନ୍ଦୁଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟପାଳଙ୍କ ଅଭିଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ। ଭାଜପା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ଟିଏମ୍‌ସି ମୁଖ୍ୟ ହ୍ୱିପ୍ ନିର୍ମଳ ଘୋଷ ଅଭିଯୋଗ କରିଥିଲେ।



ଶୁଭେନ୍ଦୁ ଅଧିକାରୀ

## ରାକ୍ଷୀଙ୍କ ସ୍ୱାମୀଙ୍କ ନାଁରେ ବଳାତ୍କାର ମାମଲା



ଆଦିଲ

**ମହୀଶୂର, ୧୩।୨**

ବଲିଉଡ୍ ଆଇଟମ୍ ଗର୍ଲ ରାକ୍ଷୀ ସାୱନ୍ତଙ୍କ ସ୍ୱାମୀ ଆଦିଲଙ୍କ ନାଁରେ ଜଣେ ଇରାନୀୟ ଛାତ୍ରୀ ମହୀଶୂର ଥାନାରେ ବଳାତ୍କାର ଅଭିଯୋଗ ଆଣିବା ପରେ ତାଙ୍କ ବରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗକାରିଣୀ ଛାତ୍ରୀଜଣକ ୫ ବର୍ଷ ପୂର୍ବେ ପାଠପଢ଼ିବା ପାଇଁ ମହୀଶୂର ଆସିଥିଲେ। ଆଦିଲ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ପୋଲିସ କହିଛି। କିନ୍ତୁ ଗତ ୫ ମାସ ତଳେ ଆଦିଲ ଉକ୍ତ ଯୁବତୀଙ୍କୁ ବାହାହେବେ ନାହିଁ ବୋଲି ମନା କରିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଆଦିଲଙ୍କ ବିରୋଧରେ ଏହା ଦ୍ୱିତୀୟ ଅଭିଯୋଗ । ପୂର୍ବରୁ ରାକ୍ଷୀ ସାୱନ୍ତ ଆଦିଲଙ୍କ ବିରୋଧରେ ଶାରୀରିକ ନିର୍ଯାତନା, ଟଙ୍କା ହେର୍‌ଫେର୍ ଅଭିଯୋଗ କରିବା ପରେ ଆଦିଲଙ୍କୁ ପୋଲିସ ଗିରଫ କରିଥିଲା।

## ଭୂକମ୍ପ ମୃତ୍ୟୁ ୩୭ ହଜାର ଟପିଲା

**ଆଡିୟାମାନ (ତୁର୍କୀ), ୧୩।୨**

### ସହାୟତା ପାଇବାକୁ ସିରିଆର ସଂଘର୍ଷ ଜାରି

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପକୁ ୧୭୪ ଘଣ୍ଟାରୁ ଅଧିକ ସମୟ ବିତିଥିବାବେଳେ ଏବେ ବି ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଉଛି। ଇତିମଧ୍ୟରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୩୭ ହଜାର ଅତିକ୍ରମ କରିଛି। କେବଳ ତୁର୍କୀରେ ମୃତ୍ୟୁସଂଖ୍ୟା ୩୧,୬୪୩ରେ ପହଞ୍ଚିଥିବାବେଳେ ସିରିଆରେ ୫,୭୧୪ ଜଣଙ୍କ ଜୀବନ ଯାଇଛି। ଭଗ୍ନାବଶେଷ ତଳୁ ଅଧିକ ମୃତଦେହ ମିଳୁଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ଭୂକମ୍ପରୁ ବର୍ତ୍ତିଯାଇଥିବା ଲୋକମାନେ ଶୂନ ଡିଗ୍ରୀ ତାପମାତ୍ରାରେ ଏବେ ଖାଦ୍ୟ ଓ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।

ଭୂକମ୍ପ ବିପର୍ଯ୍ୟୟ ଅଞ୍ଚଳରୁ ବିପନ୍ନମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଅନ୍ୟମାନେ ସେମାନଙ୍କ ନିଖୋଜ ଆତ୍ମୀୟଙ୍କୁ ଫେରିପାଇବା ଆଶାରେ ଭଙ୍ଗା ଘରେ ଅପେକ୍ଷା କରି ରହିଛନ୍ତି। ପ୍ରଥମ ଭୂକମ୍ପର ୧୭୪ ଘଣ୍ଟା ପରେ ସୋମବାର ଉଦ୍ଧାରକାରୀମାନେ ଜଣେ ୪୦ ବର୍ଷୀୟା ମହିଳାଙ୍କୁ ଗାଜିଆଣ୍ଟେପ୍ ପ୍ରଦେଶର ଏକ ୫ ମହଲା ବିଲ୍ଡିଂର ଭଗ୍ନାବଶେଷ ତଳୁ ବାହାର କରିଛନ୍ତି। ସେହିପରି ଅନ୍ୟ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କୁ ଆଡିୟାମେନ୍ ପ୍ରଦେଶରୁ ଉଦ୍ଧାର କରାଯାଇଛି। ସିରିଆକୁ ବିଶେଷ ସହାୟତା ମିଳୁ ନ ଥିବାବେଳେ ସେଠାର ବିପନ୍ନମାନେ ରିଲିଫ ପାଇବା ପାଇଁ ସଂଘର୍ଷ ଚଳାଇଛନ୍ତି।

ଭୂକମ୍ପର ସପ୍ତାହେ ପରେ ମଧ୍ୟ ଅନେକ ବାସହରା ଲୋକେ ରାସ୍ତାରେ ପଡ଼ିରହିଛନ୍ତି। କେତେଜଣ ସେମାନଙ୍କ ଆତ୍ମୀୟମାନଙ୍କୁ ଫେରିପାଇବା ଲାଗି ଭୁଶୁଡ଼ି ପଡ଼ିଥିବା ଘର ଆଗରେ ଅପେକ୍ଷା କରି ରହିଛନ୍ତି। ଭୂକମ୍ପ କେନ୍ଦ୍ରସ୍ଥଳଠାରୁ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ମାଲାତ୍ୟା ପ୍ରଦେଶର ପୋଲାଟ ଗ୍ରାମରେ ଗୋଟିଏ ବି ଘର ବର୍ତ୍ତିନାହିଁ। ସ୍ଥାନୀୟ ଲୋକେ ଭଙ୍ଗା ଘର ମଧ୍ୟରୁ ରେଫ୍ରିଜରେଟର, ୱାଶିଂ ମେଶିନ୍ ଆଦି ଆସବାବପତ୍ର ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ଯଥେଷ୍ଟ ଟେଣ୍ଟ ଯୋଗାଇ ଦିଆଯାଇ ନ ଥିବାରୁ ଗୋଟିଏ ଗୋଟିଏ ଟେଣ୍ଟରେ ୩ରୁ ୪ ପରିବାର ମୁଣ୍ଡ ଗୁଞ୍ଜିଛନ୍ତି।

## କଶ୍ମୀରରେ ସୀମା ନିର୍ଦ୍ଧାରଣ କମିଶନ ଗଠନ ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୧୩।୨ :** ଜମ୍ମୁ-କଶ୍ମୀରରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଲାଗି କମିଶନ ଗଠନକୁ ବିରୋଧ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଭଳି କମିଶନ ଗଠନ କରିବା କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ତେଣୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଆବଶ୍ୟକ ପଡ଼ିଛି। ଏଥିପାଇଁ କେନ୍ଦ୍ର ସରକାର କମିଶନ ଗଠନ ନିଷ୍ପତ୍ତି ନେଇଥିବାବେଳେ ଏହାକୁ କେତେଜଣ ସ୍ଥାନୀୟ ନେତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କେନ୍ଦ୍ରର ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।



## 'ଯବାନ'ରେ ଅଲ୍ଲୁଙ୍କ ଏଣ୍ଟ୍ରି ନେଇ ଚର୍ଚ୍ଚା

**ମୁମ୍ବାଇ**

ବଲିଉଡ୍ ବାଦଶାହ ଶାହରୁଖ ଖାନ୍‌ଙ୍କ ସହ ସ୍କ୍ରିନ ଶେୟାର କରିବେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଅଭିନେତ୍ରୀ ନୟନତାରା ଓ ବିଜୟ ସେଥୁପତିଙ୍କ ପରେ ଏବେ ଶାହରୁଖଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ଅଲ୍ଲୁ ଏଣ୍ଟ୍ରି କରିବାକୁ ନେଇ ଚର୍ଚ୍ଚା ହେଉଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଟଲି କୁମାର ଫିଲ୍ମର ଏକ ଅଂଶ ପାଇଁ ଅଲ୍ଲୁଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ହେଲେ ଅଲ୍ଲୁ ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଗ୍ରହଣ କରିଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଫିଲ୍ମରେ କିଛି ଦୃଶ୍ୟ ପାଇଁ ନିର୍ଦ୍ଦେଶକ ଅଟଲି ଅଲ୍ଲୁଙ୍କୁ ବାଛିଛନ୍ତି। ତେବେ କିଛି ଦିନ ମଧ୍ୟରେ ଅଲ୍ଲୁ ହଁ କରିବେ ବୋଲି ଅଟଲି ଆଶା ରଖିଛନ୍ତି। ଫିଲ୍ମଟି ଥ୍ରିଲର ଆଧାରିତ ହୋଇଥିବାବେଳେ ଶାହରୁଖ ଏଥିରେ ଯୁଗ୍ମ ରୋଲରେ ନଜରକୁ ଆସିବେ। ଶାହରୁଖଙ୍କ ଏହି ଫିଲ୍ମରେ ଦୀପିକା ପାଦୁକୋନ୍, ସନାୟା ମାଲହୋତ୍ରା, ସୁନିଲ ଗ୍ରୋଭର, ଯୋଗୀ ବାବୁଙ୍କ ସମେତ ଅନେକଙ୍କୁ ଦେଖିବାକୁ ମିଳିବ। ଉକ୍ତ ସିନେମା ଚଳିତ ବର୍ଷ ୨ ଜୁନ୍‌ରେ ରିଲିଜ୍ ହେବାର ସମୟ ଧାର୍ଯ୍ୟ ହୋଇଛି। ଅନ୍ୟପଟେ ଶାହରୁଖଙ୍କ ଫିଲ୍ମ 'ପଠାନ୍'ର ସଫଳତା ପରେ 'ଯବାନ' ମଧ୍ୟ ସୁପରହିଟ୍ ହେବ ବୋଲି ଫିଲ୍ମ ନିର୍ମାତା ଆଶା ରଖିଛନ୍ତି।

## ଫୁଟ୍‌ପାଥ୍‌ରେ ୧୯ ହଜାର ପିଲା

**ନୂଆଦିଲ୍ଲୀ, ୧୩।୨**



ଭାରତର ୧୯ ହଜାରରୁ ଊର୍ଦ୍ଧ୍ୱ ପିଲା ଫୁଟ୍‌ପାଥରେ ସେମାନଙ୍କ ମାଆବାପାଙ୍କ ସହ କିମ୍ବା ଏକାକୀ ରହୁଛନ୍ତି। ୮୮୨ ଶିଶୁ ଏକା ଏକା ରାସ୍ତା କଡ଼ରେ ଜୀବନ ପାଇଁ ସଂଗ୍ରାମ କରୁଛନ୍ତି। ଏକାକୀ ରହୁଥିବା ଶିଶୁଙ୍କ ମଧ୍ୟରୁ ଅଧିକାଂଶ ଉତ୍ତରପ୍ରଦେଶର ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ରାସ୍ତା ପାର୍ଶ୍ୱରେ ମୋଟ ୧୯,୫୪୬ ପିଲା ରହୁଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୫,୧୫୩ ଜଣ ଫୁଟ୍‌ପାଥ୍‌ରେ ଜୀବନ ଯାପନ କରୁଥିବାବେଳେ ଗୁଜରାଟରେ ୧,୯୯୦, ଦିଲ୍ଲୀରେ ୧,୮୫୩, ତାମିଲନାଡୁରେ ୧,୭୧୯, ମଧ୍ୟପ୍ରଦେଶରେ ୧,୪୯୧, କର୍ଣ୍ଣାଟକରେ ୧,୨୨୦ ଏବଂ ଉତ୍ତରପ୍ରଦେଶରେ ୧,୦୩୮ ଜଣ ଶିଶୁ ରାସ୍ତା ପାର୍ଶ୍ୱରେ ରହିଛନ୍ତି। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ଏହି ଶିଶୁମାନଙ୍କ ଯତ୍ନ ନେବା ଆବଶ୍ୟକ ବୋଲି ବାଲ୍ ସ୍ୱରାଜ ପୋର୍ଟାଲ ପକ୍ଷରୁ କୁହାଯାଇଛି।

ମୋଟ ୧୯,୫୪୬ ଜଣଙ୍କ ମଧ୍ୟରୁ ୧୦,୪୦୧ ଜଣ ରାସ୍ତା ପାର୍ଶ୍ୱରେ ସେମାନଙ୍କ ପରିବାର ସହ ରହୁଥିବାବେଳେ

### ବାଲ୍ ସ୍ୱରାଜ ପୋର୍ଟାଲ ତଥ୍ୟ

୮,୨୬୩ ଜଣ ଦିନ ବେଳା ଫୁଟ୍‌ପାଥରେ ଏବଂ ରାତିରେ ସେମାନଙ୍କ ବସ୍ତିରେ ରହୁଛନ୍ତି। ଯୁପିର ୨୭୦ ପିଲା ବିନା ପରିବାର ଓ ମାଆବାପାଙ୍କ ସହାୟତାରେ ରାସ୍ତା ପାର୍ଶ୍ୱରେ ଜୀବନ ବିତାଉଛନ୍ତି। ଏହା ପଛକୁ ତାମିଲନାଡୁର ୧୨୪ ଥିବାବେଳେ କର୍ଣ୍ଣାଟକର ୧୦୫, ଦିଲ୍ଲୀର ୬୧, ମଧ୍ୟପ୍ରଦେଶର ୪୫ ଏବଂ ମହାରାଷ୍ଟ୍ରର ୩୯ ପିଲା ରହିଛନ୍ତି। ଏହି ପିଲାମାନେ ମୁଖ୍ୟତଃ ଭିକ୍ଷା ମାଗି, ଛୋଟମୋଟ କାମ କରି କିମ୍ବା ରାସ୍ତା କଡ଼ରେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଜୀବନ ବଞ୍ଚାଇଥାନ୍ତି ବୋଲି ଏନ୍‌ସିପିସିଆର୍ କହିଛି। ସେମାନଙ୍କ ମଧ୍ୟରୁ କେତେଜଣ ଭିନ୍ନକ୍ଷମ, ମାଆବାପା ଛେଉଣ୍ଡ ଯୋଗୁ ଏକୁଟିଆ ଫୁଟ୍‌ପାଥରେ ରହିବାକୁ ବାଧ୍ୟ ହୋଇଛନ୍ତି।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ



ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫–ଟି ସଚିବ ଭି.କେ . ପାଣ୍ଡିଆନ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁ।

- ୪୭୦୩ କୋଟିର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
- ମହିଳାଙ୍କୁ ଉଦ୍ୟୋଗୀ କରିବା ମୋର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୩।୨(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କେନ୍ଦୁଝର ଜିଲାରେ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ମାନ୍ୟତାପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା୧୫ରେ କେନ୍ଦୁଝର ସହର ହେଲିପ୍ୟାଡ୍‌ରେ ଓହ୍ଲାଇ କବିଗ୍ରାମସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚି ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ର ଓ ଅଧାପକଙ୍କ ସହିତ ଆଲୋଚନା କରିଥିଲେ। ପରେ ସେଠାରେ ଆୟୋଜିତ ସଭାସ୍ଥଳକୁ ଯାଇ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପଣ କରିଥିଲେ। ଆରମ୍ଭରୁ ଆପଣମାନେ ଖୁସି ତ.. ମୁଁ ବି ବହୁତ ଖୁସି ବୋଲି ସମ୍ବୋଧନକରି ଖୁସି ଜାହିର କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଭିତ୍ତିଭୂମି ଦେଇଥିବା କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏହାଦ୍ୱାରା ଡାକ୍ତର ସମସ୍ୟା ଦୂରହେବା ସହ ଜିଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ। ଜିଲାବାସୀଙ୍କୁ ଆଉ କଟକ ଓ ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡ଼ିବ ନାହିଁ। ସବୁ ଜୀବନ ମୋ ପାଇଁ ମୂଲ୍ୟବାନ୍। ଏଣୁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାରା ରାଜ୍ୟରେ ୮, ୩୦, ୭୭୩ ଲୋକ ଉପକୃତ ହେଉଥିବା ବେଳେ ଏଥିପାଇଁ ୧୮୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ କେନ୍ଦୁଝର ଜିଲାରେ ୨୪ ହଜାର ଲୋକ ଉପକାର ପାଇଛନ୍ତି। ସେ ବାବଦକୁ ୪୭ କୋଟିରୁ ଅଧିକ ଖର୍ଚ୍ଚ କରାଯାଇଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ପାଇଁ ସମୁଦାୟ ୪୭୦୩ କୋଟିର ୨୫୯ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିଲେ। ଏଥିରେ ୧୧୦୩ କୋଟି ୫ ଲକ୍ଷ ଟଙ୍କାର ୧୩୮ ଟି ପ୍ରକଳ୍ପ ଭିତ୍ତିଭୂମି ଦିଆଯାଇଥିବା ବେଳେ ୮୬୮ କୋଟି ୩୩ ଲକ୍ଷ ଟଙ୍କାର ୯୮ ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ସେହିପରି ୨୭୩୧ କୋଟି ୮୬ ଲକ୍ଷ ଟଙ୍କାର ୨୩ ଟି ନୂଆ ପ୍ରକଳ୍ପ ଘୋଷଣା କରିଥିଲେ। ଏଥିସହ ଜିଲାର ୧୪ ହଜାର ୩୭୨ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ୧.୬୦ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କ ପାଇଁ ୩୭୮ କୋଟି ଟଙ୍କାର ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ଏହି ଅବସରରେ ବାଂଶପାଳ ବ୍ଲକ୍‌ର ବଣପୁଷ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଋଣ ଚେକ୍ ଓ ଘସିପୁରା ବ୍ଲକ୍‌ର ବିଜୟା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୨୫,୭୫୭ ଟଙ୍କାର ସୁଧ ରିହାତି ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତିର ମା'ମାନଙ୍କୁ ଉଦ୍ୟୋଗୀ କରିବା ମୋ ଲକ୍ଷ୍ୟ। ଚାଷୀ, ମହିଳା ଓ ଯୁବସମାଜ ରାଜ୍ୟ ପ୍ରଗତିର ତ୍ରିଶକ୍ତି। ଏହି ତ୍ରିଶକ୍ତି ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ।

କାର୍ଯ୍ୟ ଆରମ୍ଭରେ ଭୂୟାଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇ ମା' ତାରିଣୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଜଗନ୍ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ବିଧାୟକ ମୋହନ ଚରଣ ମାଝି, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲା ଉନ୍ନୟନ କାଉନ୍‌ସିଲର ଅଧକ୍ଷା ଲକ୍ଷ୍ମୀ ନାଏକ, ଜିଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲାପାଳ ଆଶିଷ ଠାକ୍‌ରେଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ସଦର ବିଧାୟକ ମାଝି ପରୋକ୍ଷରେ ମେଡିକାଲ କଲେଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ବିଷୟରେ ଉତ୍‌ଥାପନ କରିଥିଲେ। ଏଥିସହ ଜିଲାରେ ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ, ଓଏମ୍‌ସି ଜରିଆରେ ଶିଳ୍ପ କ୍ଷେତ୍ରର ବିକାଶ ଉପରେ ପ୍ରାଧାନ୍ୟ ଦେଇ ଜିଲାକୁ ବିକାଶ କରିବାରେ ସହାୟକ ହେବାକୁ ସେ ନିବେଦନ କରିଥିଲେ।

### ଛାତ୍ରୀଛାତ୍ରଙ୍କ ହାତରେ ବିଶ୍ୱବିଦ୍ୟାଳୟର ଅନୁମୋଦନ ପତ୍ର

ସଭାରେ ୫–ଟି ସଚିବ ଭି.କେ.ପାଣ୍ଡିଆନ ଧରଣୀଧର ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଛନ୍ତି ବୋଲି ଘୋଷଣା କରିଥିଲେ। ମାନ୍ୟତାପତ୍ର ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଦେବା ପାଇଁ ଚାହୁଁଥିବା କହିଥିଲେ। ପରେ ଛାତ୍ରୀଛାତ୍ର ମଞ୍ଚକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଏହାକୁ ଗ୍ରହଣ କରିଥିଲେ। ପ୍ରତିବଦଳରେ ଛାତ୍ରୀଛାତ୍ର ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧରଣୀଧର ନାଏକଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ।




DSPL-451




OIPR-01102/13/0024/2223

**ଆଜିର ମନ୍ତବ୍ୟ**

"ସେନା ପାଇଁ ଭାରତ କେବଳ 'ଆସେମ୍ବଲି ୱାର୍କଶପ୍' ହୋଇ ରହିବାକୁ ଚାହେଁ ନାହିଁ। ଏହା ଏବେ ଅତ୍ୟାଧୁନିକ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ଲକ୍ଷ୍ୟ ରଖିଛି।
–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା କରିବାକୁ ସାହା ନାହିଁ କେହି**
**କା' ଆଗେ କହିବି ଦୁଃଖ?**
**ବାହା କରିବାକୁ ଯାହାକୁ ଡାକିଲି**
**ତାକୁ ନ ଲାଗଇ ସୁଖ।**

ଜୀବନରେ ଦୁଃଖ ଶୁଣିବାକୁ ଯେମିତି କେହି ନାହିଁ, ସୁଖର ମର୍ମ ବୁଝିବାକୁ ବି କାହାର ସ୍ପୃହା ନାହିଁ। ନିଃସଙ୍ଗ ନିଃସ୍ୱ ବ୍ୟକ୍ତି ସବୁକ୍ଷେତ୍ରରେ ନିଜକୁ ଅସହାୟ ମଣିବା ସହ ନିରାଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଡ଼ ନୟନ, ବଙ୍କା ଭ୍ରୁ,**
**ତାଙ୍କୁ ଜାଣିବ ଠକଙ୍କ ଗୁରୁ।**

ସାଧାରଣତଃ ଟେରା ଆଖିଥିବା ବ୍ୟକ୍ତି ଓ ଭ୍ରୁ ବଙ୍କା ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହିଧରଣର ବ୍ୟକ୍ତି ଅନ୍ୟକୁ ଚିତା କାଟିବାରେ ବା ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଉଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ହାଇକୋର୍ଟରେ ରାଜ୍ୟର ୩ ଡଙ୍ଗାବୁଡ଼ି ମାମଲା
# ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ

**କଟକ ଅଫିସ,୧୩।୨**

ହାଇକୋର୍ଟରେ ବିଚାରାଧୀନ ଥିବା ଓଡ଼ିଶାରେ ସଂଘଟିତ ୩ଟି ଡଙ୍ଗାବୁଡ଼ି ମାମଲାର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଗୋଟିଏ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପାଇଁ ଫେବୃଆରୀ ୨୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ ୨୪ରେ ଏକ ଡଙ୍ଗାବୁଡ଼ି ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଚିତଳପଡ଼ା ଗ୍ରାମର କେତେଜଣ ଲୋକ ନଦୀ ପାର ହୋଇ ଆନ୍ଧ୍ରପ୍ରଦେଶର ଏକ ହାଟକୁ



ଯାଇଥିଲେ। ହାଟ ସାରି ସେମାନେ ଡଙ୍ଗାରେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା।

ସେହିପରି ୨୦୧୪ ଫେବୃଆରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଆଉ ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୨୦୧୩ ମାମଲାର ଶୁଣାଣି ଆଗାମୀ ୨୧ ତାରିଖରେ ହେବାର ଥିଲା। ତେବେ ଆବେଦନକାରୀ ପ୍ରବୀର ଦାସ ଏହି ୩ଟି ଯାକ ମାମଲାକୁ ଏକତ୍ର ଶୁଣାଣି କରିବା ନିମନ୍ତେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରିବା ସହ ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରିମାଣ୍ଡ ଶେଷ, ଜେଲ ଗଲେ ଗୋପାଳ

**ନବ ଦାସ ହତ୍ୟା ମାମଲା**

**ବ୍ରଜରାଜନଗର, ୧୩।୨(ଡି.ଏନ.ଏ.)**

ରିମାଣ୍ଡ ଅବଧି ସରିବା ପରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶରେ ଝାରସୁଗୁଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

ବହୁଚର୍ଚ୍ଚିତ ଏହି ହତ୍ୟା ଘଟଣାକୁ ଇତିମଧ୍ୟରେ ୧୬ଦିନ ବିତିଲାଣି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ତିନୋଟି ପର୍ଯ୍ୟାୟରେ ୧୩ଦିନ ରିମାଣ୍ଡରେ ନେଇ ଅଭିଯୁକ୍ତ ଗୋପାଳଙ୍କୁ ପଚରାଉଚୁରା କରିଛି। ଏପରି କି ଗୁଜରାଟର ଗାନ୍ଧୀନଗରକୁ ନେଇ ପଲିଗ୍ରାଫ, ନାର୍କୋ ଟେଷ୍ଟ କରିଛି। ତଥାପି ହତ୍ୟାର ରହସ୍ୟ ବିଶେଷ କରି କାହିଁକି ଗୋପାଳ ମନ୍ତ୍ରୀଙ୍କୁ ଗୁଳି ମାରିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତୃତୀୟ ପର୍ଯ୍ୟାୟର ଶେଷଦିନ ଅର୍ଥାତ୍ ସୋମବାର ରିମାଣ୍ଡ ଅବଧି ସରିବା ପରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ କୋର୍ଟରେ ହାଜର କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲା। ପରେ କୋର୍ଟ ତାଙ୍କୁ ଜେଲକୁ ପଠାଇ ଦେଇଛନ୍ତି। ନାର୍କୋ ଓ ପଲିଗ୍ରାଫ ଟେଷ୍ଟ ରିପୋର୍ଟ ଆସିବାକୁ ଏକସପ୍ତାହ ଲାଗିବ ବୋଲି କ୍ରାଇମବ୍ରାଞ୍ଚ ତରଫରୁ ସୂଚନା ଦିଆଯାଇଛି।

# ମାଗଣାରେ ବ୍ୟବହାର କରିହେବ ସରକାରୀ ଶୌଚାଳୟ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ରାଜ୍ୟର ସବୁ ସହରରେ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସରକାରୀ ଶୌଚାଳୟଗୁଡ଼ିକୁ ଲୋକମାନେ ଏଣିକି ମାଗଣାରେ ଉପଯୋଗ କରିପାରିବେ। ଏଥିପାଇଁ ଲୋକଙ୍କୁ ଆଉ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ। ରାଜ୍ୟର ସମସ୍ତ ପବ୍ଲିକ ଓ କମ୍ୟୁନିଟି ଟଏଲେଟଗୁଡ଼ିକ ସମ୍ମୁଖରେ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ଡିସପ୍ଲେ ବୋର୍ଡ ଅବା କାନ୍ଥଲେଖା ରହିବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ସହ 'ମାଗଣା ଶୌଚାଳୟ ଉପଯୋଗ' ଲେଖିବା ନିମନ୍ତେ ରାଜ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି। ଆଉ ଶୌଚାଳୟ ପରିଚାଳନା ଓ ଡିସପ୍ଲେ ବୋର୍ଡ ବାବଦ ଅର୍ଥ ସ୍ୱଚ୍ଛ ଭାରତ ମିଶନ(ସହରାଞ୍ଚଳ) ପାଣ୍ଠିରୁ ଭରଣା କରାଯିବ। ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଥିବା ଶୌଚାଳୟ ଉପଯୋଗ ନିମନ୍ତେ କୌଣସି ଅର୍ଥ ବା ଫି' ଦେବାକୁ ପଡ଼ିବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ମ୍ୟୁନିସିପାଲ କର୍ପୋରେସନର କମିଶନର, ମ୍ୟୁନିସିପାଲିଟି ଏବଂ ଏନ୍‌ଏସିର ଏକଜିକ୍ୟୁଟିଭ ଅଫିସରଙ୍କୁ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଯଦି କେହି ଶୌଚାଳୟ ଉପଯୋଗ ପାଇଁ ୟୁଜର୍ସ ଫି ଦାବି କରୁଛନ୍ତି, ତା'ହେଲେ ନଗର ଉନ୍ନୟନ ବିଭାଗର 'ମୋ ସହର ସରକାର' ହେଲପଲାଇନ ନମ୍ବର–୦୬୭୪ ୨୩୯୧୩୯୫ରେ ଅଭିଯୋଗ କରିପାରିବେ। ୟୁଜର୍ସ ଫି' ନ ନେବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ବିଡିଏ କର୍ତ୍ତୃପକ୍ଷ ଓ ସୁଲଭ ଇଣ୍ଟରନ୍ୟାସନାଲ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

# ଟ୍ରାକ୍ଟର–ବାଇକ ଧକ୍କା, ନବଦମ୍ପତି ମୃତ

**ଗୋପାଳପୁର,୧୩।୨(ଡି.ଏନ.ଏ.)**

ବିବାହର ତିନି ଦିନ ପରେ ପରମ୍ପରା ଅନୁସାରେ ଝିଅ ଓ ଜ୍ୱାଇଁ ବାପ ଘରକୁ ଆସୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗୋଳନ୍ଥରା ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ବାଇକ ସହ ଟ୍ରାକ୍ଟର ଧକ୍କା ହେବାରୁ ନବଦମ୍ପତି ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକା ଓ ତାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ୍ ଅଞ୍ଚଳର ଜି.ବେଣୁଙ୍କ ମୃତ୍ୟୁ ଘଟିଛି।

ସୂଚନାନୁସାରେ, ଗତ ୧୦ ତାରିଖରେ ବ୍ରହ୍ମପୁର ଅଞ୍ଚଳର ସି.ଏଚ.ପ୍ରବଣିକାଙ୍କ ସହ ଇଚ୍ଛାପୁରମ୍ ଅଞ୍ଚଳର ଜି.ବେଣୁଙ୍କ ବିବାହ ହୋଇଥିଲା। ବିବାହର ତୃତୀୟ ଦିନ ଝିଅ ଓ ଜ୍ୱାଇଁ ବାଇକ ଯୋଗେ ବ୍ରହ୍ମପୁର ଆସୁଥିବା ବେଳେ ସନ୍ଧ୍ୟାରେ ଗୋଳନ୍ଥରା ଥାନା ସମ୍ମୁଖରେ ଏକ ଟ୍ରାକ୍ଟର ବେଣୁଙ୍କ ବାଇକକୁ ଧକ୍କା ଦେଇଥିଲା। ଉଭୟ ରାସ୍ତା କଡ଼ରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଓ ବାଇକକୁ ପୋଲିସ ଜବତ କରିଛି। ପୋଲିସ ୯୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ୩ ବର୍ଷରେ ୧.୧୨ ଲକ୍ଷ ଦିନ ମଜୁରିଆ ଆତ୍ମହତ୍ୟା କରିଛନ୍ତି

**ନୂଆଦିଲ୍ଲୀ, ୧୩।୨**

ଦେଶରେ ୨୦୧୯ରୁ ୨୦୨୧ ଭିତରେ ୧.୧୨ ଲକ୍ଷ ଦିନ ମଜୁରିଆ ଆତ୍ମହତ୍ୟା କରିଥିବା କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋମବାର ଲୋକ ସଭାରେ କହିଛନ୍ତି। ଏହାବାଦ୍ ୬୬,୯୧୨ ଗୃହିଣୀ, ୫୩,୬୬୧ ଜଣ ସେଲ୍ଫ ଏମ୍ପ୍ଲଏଡ୍, ୪୩,୪୨୦ ବେତନଧାରୀ ଏବଂ ୪୩,୩୮୫ ବେକାରି ବ୍ୟକ୍ତିବିଶେଷ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ୩୫,୯୫୦ ଛାତ୍ରଛାତ୍ରୀ, ୩୧,୮୩୯ କୃଷିକାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ୨୦୧୯–୨୧ ଭିତରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା କେନ୍ଦ୍ରମନ୍ତ୍ରୀ ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋକୁ ଆଧାର କରି ଏହି ସୂଚନା ପ୍ରଦାନ କରିଛନ୍ତି।

# ସିବିଆଇ ତଦନ୍ତ ଦାବି କଲେ ସୁରେଶ ପୂଜାରୀ

**ଲୋକ ସଭାରେ ଉଠିଲା ନବ ଦାସ ହତ୍ୟା ପ୍ରସଙ୍ଗ**

**ନୂଆଦିଲ୍ଲୀ/ସମ୍ବଲପୁର,୧୩।୨**

ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ପ୍ରସଙ୍ଗ ସୋମବାର ଲୋକ ସଭାରେ ଉଠିଛି। ବରିଷ୍ଠ ଭାଜପା ନେତା ତଥା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଶୂନ୍ୟକାଳରେ ନବ ଦାସ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ହତ୍ୟାକାଣ୍ଡର କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ସେ ନିନ୍ଦା କରିବା ସହ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି, ଗତ ମାସ ୨୯ ତାରିଖରେ ବ୍ରଜରାଜନଗରରେ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏହା ଏକ ସଙ୍ଗୀନ ବିଷୟ। ନବବାବୁ ମୋ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ବିଧାୟକ ଥିଲେ। ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୫ ଦିନ ବିତିଥିବାବେଳେ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ କ୍ରାଇମ୍ ବ୍ରାଞ୍ଚ ଖୋଜି ବାହାର କରିପାରି ନାହିଁ। ଓଡ଼ିଶା ସରକାର ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ଏବଂ ପଲିଗ୍ରାଫ୍ ପରୀକ୍ଷା ପାଇଁ କେନ୍ଦ୍ରର ସହାୟତା ନେଉଥିବାବେଳେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ କୁଣ୍ଠାବୋଧ କରୁଛନ୍ତି କାହିଁକି ବୋଲି ପୂଜାରୀ ପ୍ରଶ୍ନ କରିଥିଲେ। କ୍ରାଇମ୍ ବ୍ରାଞ୍ଚ ତଦନ୍ତରୁ କିଛି ମିଳିବ ନାହିଁ। ତେଣୁ ପୋଲିସ କ'ଣ ପାଇଁ ମନ୍ତ୍ରୀଙ୍କୁ ଗୁଳିକରି ହତ୍ୟା କଲେ ତାହାର କାରଣ ଜାଣିବା ପାଇଁ ସିବିଆଇ ତଦନ୍ତ କରାଇବାକୁ ଭାଜପା ନେତା କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ଗତ ମାସ ୨୯ରେ ମନ୍ତ୍ରୀ ନବ ଦାସ ବ୍ରଜରାଜନଗର ଗସ୍ତରେ ଯାଇଥିବାବେଳେ ଗାନ୍ଧୀଛକରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମନ୍ତ୍ରୀ ଦାସ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଅଭିଯୁକ୍ତ ଗୋପାଳ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆସନ୍ତା ୧୫ରୁ କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ

**ମହାନଦୀ ଜଳ ବିବାଦ ମାମଲା**

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ମହାନଦୀ ଜଳ ବିବାଦ ମାମଲାର ଫଇସଲା ପାଇଁ ଆସନ୍ତା ମାର୍ଚ୍ଚ ୧୫ରୁ ସପ୍ତାହେ ଧରି କ୍ଷେତ୍ର ପରିଦର୍ଶନରେ ଯିବେ ଟ୍ରିବ୍ୟୁନାଲ। ଏନେଇ ସୋମବାର ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଟ୍ରିବ୍ୟୁନାଲ ସଦସ୍ୟଙ୍କ ପରିଦର୍ଶନ ବେଳେ ଟେକ୍ନିକାଲ ଟିମ୍ ଏବଂ ଆସେସର ସ୍ଥାନ ନିରୂପଣ କରିବେ। କ୍ଷେତ୍ର ପରିଦର୍ଶନ ପରେ ବିଚାର ପ୍ରକ୍ରିୟା ଓ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ମାର୍ଚ୍ଚ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ସ୍ଥିର ହୋଇଛି। ସେପଟେ ଟ୍ରିବ୍ୟୁନାଲରର କାର୍ଯ୍ୟକାଳ ମାର୍ଚ୍ଚରେ ସରୁଥିବାରୁ ରାଜ୍ୟଗୁଡ଼ିକ ଅବଧି ବଢ଼ାଇବା ସମ୍ବନ୍ଧରେ ସରକାରଙ୍କୁ ଟ୍ରିବ୍ୟୁନାଲ ପକ୍ଷରୁ କୁହାଯାଇଛି। ଏନେଇ ଛତିଶଗଡ଼ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ଭିତରେ ଥିବା ଏହି ସମସ୍ୟା ସମାଧାନ କରିବାକୁ ୨ ପକ୍ଷଙ୍କ ଯୁକ୍ତିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନକୁ ଯାଞ୍ଚ କରାଯିବ। ମହାନଦୀର ଉତ୍ପତ୍ତି ସ୍ଥଳରୁ ଶେଷ ସ୍ଥଳ ପର୍ଯ୍ୟନ୍ତ ସବୁ ସ୍ଥାନକୁ ଯାଞ୍ଚରେ ନିଆଯିବ। ଛତିଶଗଡ଼ ଓ ଓଡ଼ିଶା ଭିତରେ ନଦୀର ଗତିପଥ ଯାଞ୍ଚ କରିବାରୁ ୪ଦିନ ଲେଖାଏ ସମୟ ଲାଗିପାରେ। ଆବଶ୍ୟକ ପଡ଼ିଲେ ଏରିଏଲ୍ ସର୍ଭେ ମଧ୍ୟ ହୋଇପାରେ। ଏହା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ।

# ଛାତ୍ରୀଙ୍କୁ ବଳାତ୍କାର କରି ଶିକ୍ଷକ ଗିରଫ

**ରେୱା, ୧୩।୨**

ମଧ୍ୟପ୍ରଦେଶ ଗ୍ୱାଲିଅରରେ ୧୦ ବର୍ଷର ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ସରକାରୀ ସ୍କୁଲ ଶିକ୍ଷକଙ୍କୁ ସୋମବାର ପୋଲିସ ଗିରଫ କରିଛି। ଶନିବାର ଛାତ୍ରୀଜଣକ ସ୍କୁଲକୁ ଆସିବା ପରେ ଶିକ୍ଷକ ତାଙ୍କୁ ଏକ ନିଛାଟିଆ ଜାଗାକୁ ନେଇଯାଇ ବଳାତ୍କାର କରିଥିବା ପୋଲିସ କହିଛି। ଏସମ୍ପର୍କରେ ଛାତ୍ରୀଜଣକ ଘରକୁ ଫେରି ପରିବାର ଆଗରେ ସମସ୍ତ କଥା କହିଥିଲେ। ଏହାପରେ ତାଙ୍କ ଘରଲୋକ ଜିଲା ମହିଳା ଥାନାରେ ସମ୍ପୃକ୍ତ ଶିକ୍ଷକଙ୍କ ନାଁରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସ ଉକ୍ତ ଶିକ୍ଷକଙ୍କୁ ଗିରଫ କରିଛି।

ପ୍ରଥମ ପୃଷ୍ଠାରୁ...

## 'ପିର୍‌ଭାକରନ ଜୀବିତ'...

ବେଳେ ପିର୍‌ଭାକରନ୍ ନିହତ ହୋଇଥିବା ଘୋଷଣା କରାଯାଇଥିଲା। ସେତେବେଳେ ମହିନ୍ଦା ରାଜପାକ୍ସେ ଶ୍ରୀଲଙ୍କା ରାଷ୍ଟ୍ରପତି ଥିଲେ। ତାଞ୍ଜାଭୁର୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇ ନେଡୁମାରାନ କହିଛନ୍ତି, ଆମେ ଖୁସିର ସହ ସାରା ବିଶ୍ୱକୁ ଜଣାଉଅଛୁ ଯେ ଏଲ୍‌ଟିଟିଇ ମୁଖ୍ୟ ପିର୍‌ଭାକରନ ଜୀବିତ ଓ ସୁସ୍ଥ ଅଛନ୍ତି। ତାମିଲ ଇଲମ ପାଇଁ ସେ ଖୁବ୍‌ଶୀଘ୍ର ନିଜର ଯୋଜନା ସମ୍ପର୍କରେ ଘୋଷଣା କରିବେ। ଶ୍ରୀଲଙ୍କାରେ ସିଂହଳୀମାନଙ୍କ ଆନ୍ଦୋଳନ ଯୋଗୁ ରାଜପାକ୍ସେ ସରକାରଙ୍କ ପତନ ଅନୁକୂଳ ସ୍ଥିତି ସୃଷ୍ଟି କରିଛି। ପିର୍‌ଭାକରନ୍‌ଙ୍କ ଆତ୍ମପ୍ରକାଶ ପାଇଁ ଏହା ଉପଯୁକ୍ତ ସମୟ ବୋଲି ନେଡୁମାରାନ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ପିର୍‌ଭାକରନଙ୍କୁ ସରକାର ମୃତ ଘୋଷଣା କରିବା ସମୟରେ ଏକ ମୃତଦେହର ଏକାଧିକ ଫଟୋ ଓ ଭିଡିଓ ଶେୟାର କରାଯାଇଥିଲା। ଏଥିରେ ଜାଲିଆତି କରାଯାଇଥିବା ସେତେବେଳେ ଅନେକେ ଅଭିଯୋଗ କରିଥିଲେ। ଏକ ଚୁକ୍ତିନାମା ଅନୁଯାୟୀ ପିର୍‌ଭାକରନ ଆତ୍ମସମର୍ପଣ ଲାଗି ଆସୁଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା, ଯାହା ଅନ୍ତର୍ଜାତୀୟ ଚୁକ୍ତି ନିୟମର ଉଲ୍ଲଂଘନ ବୋଲି କେତେଜଣ କହିଥିଲେ।

୧୯୯୧ରେ ଶ୍ରୀପେରୁମ୍ବୁଦୁରଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ଘଟଣାରେ ପିର୍‌ଭାକରନ ମୁଖ୍ୟ ଅଭିଯୁକ୍ତ। ଏହି ହତ୍ୟାକାଣ୍ଡ ପରେ ତାଙ୍କୁ କୋର୍ଟ ଅପରାଧୀ ଘୋଷଣା କରିଥିଲେ। ଏଥିସହିତ ସେ ଶ୍ରୀଲଙ୍କାରେ ଅନେକ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିଲେ। ଏଲ୍‌ଟିଟିଇକୁ ବେଆଇନ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କାରେ ତାମିଲମାନଙ୍କ ପ୍ରତି ବର୍ଷବର୍ଷ ଧରି ପକ୍ଷପାତ କରାଯାଇ ଆସୁଥିବାବେଳେ କେତେକ ସଂଗଠନ ସହ ମିଶି ପିର୍‌ଭାକରନ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ। ପରେ ଏଲ୍‌ଟିଟିଇ ମୁଖ୍ୟ ଗେରିଲା ଯୁଦ୍ଧକୌଶଳ ଏବଂ ଆତ୍ମଘାତୀ ଆକ୍ରମଣ ସହିତ ସଶସ୍ତ୍ର ସଂଘର୍ଷରେ ସାମିଲ ହୋଇଥିଲେ। ଏଲ୍‌ଟିଟିଇ ପ୍ରଥମ ଆତଙ୍କବାଦୀ ସଂଗଠନ ଯାହାର ଏକ ବାୟୁସେନା ରହିଥିଲା। ଏଲ୍‌ଟିଟିଇକୁ ଦମନ କରିବା ପାଇଁ ଶ୍ରୀଲଙ୍କା ସେନା ଏହା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା, ଯେଉଁଥିରେ ଲକ୍ଷାଧିକ ତାମିଲ ନାଗରିକ ନିହତ ହୋଇଥିଲେ। ଜାତିସଂଘର ଏକ କମିଶନ ଏନେଇ ତଦନ୍ତ କରିଥିଲେ ମଧ୍ୟ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଏହାର ଜବାବ ଦେଇନାହିଁ।

## ୩.୪ କୋଟିରେ...

ବିଦେଶୀ ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ନାଟାଲି ସ୍କିଭର ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର ସର୍ବାଧିକ ୩.୨କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍ସକୁ ଯାଇଥିଲେ। ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ୧.୮ କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଥିଲେ। ତେବେ ହରମନପ୍ରୀତଙ୍କ ମୂଲ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଷଷ୍ଠ ସର୍ବାଧିକ ରହିଥିଲା। ଦୀପ୍ତି ଶର୍ମା ୨.୬ କୋଟି ଟଙ୍କା ମୂଲ୍ୟରେ ୟୁପି ୱାରିୟର୍ସରେ ସାମିଲ ହୋଇଥିଲେ। ଜେମିମା ରୋଡ୍ରିଗୁଏଜ୍ ୨.୨ କୋଟି ଓ ଶେଫାଳି ବର୍ମା ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଥିଲେ। ଅଲ୍‌ରାଉଣ୍ଡର ପୂଜା ବସ୍ତ୍ରକାର ଓ ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍ ସମାନ ୧.୯ କୋଟି ଟଙ୍କା ମୂଲ୍ୟରେ ଯଥାକ୍ରମେ ମୁମ୍ବାଇ ଇଣ୍ଡିଆନ୍ସ ଓ ଆରସିବିରେ ସାମିଲ ହୋଇଥିଲେ। ମନ୍ଧାନାଙ୍କ ବ୍ୟତୀତ ଆରସିବି ୧.୭ କୋଟି ଟଙ୍କାରେ ଏଲିସ୍ ପେରୀଙ୍କୁ ଓ ସୋଫି ଡିଭାଇନଙ୍କୁ ୫୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସରେ କିଣିଥିଲା। ଏହି ୩ ଖେଳାଳିଙ୍କ ପ୍ରତିବଦ୍ଧତା ଆମକୁ ଫାଇଦା ପ୍ରଦାନ କରିବ ବୋଲି କହିଛନ୍ତି ଆର୍‌ସିବିର ଡାଇରେକ୍ଟର ଅଫ୍ କ୍ରିକେଟ ମାଇକ ହସନ୍। ଭାରତୀୟ ଉପମହାଦେଶରେ ସ୍ମୃତିଙ୍କ ଅଭିଜ୍ଞତା କାରଣରୁ ସେ ଆମ ଦଳର ଅଧିନାୟିକା ରହିବାର ସମ୍ଭାବନା ଅଧିକ। ଅଷ୍ଟ୍ରେଲିଆର ସଫଳ ଅଧିନାୟିକା ମେଗ୍ ଲାନିଙ୍ଗଙ୍କୁ ୧.୧ କୋଟି ଟଙ୍କାରେ କ୍ରୟ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଏକେଲଷ୍ଟୋନଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ୟୁପି। ତେବେ ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟ୍ଟାପଟ୍ଟୁ ଓ ଦକ୍ଷିଣ ଆଫ୍ରିକାର ଲୌରା ଓଲ୍ଭାର୍ଡଟଙ୍କ ପରି ଖେଳାଳିଙ୍କୁ କିଣିନାହାନ୍ତି କୌଣସି ଫ୍ରାଞ୍ଚାଇଜ୍।

## ହାଇସ୍କୁଲ ପାଇଁ ୬,୦୨୫...

(ପେନ୍‌ସନ) ନିୟମାବଳୀ– ୧୯୯୨ର ସଂଶୋଧନ କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଉକ୍ତ ନିୟମ ସଂଶୋଧନ ହେବା ପରେ ୨୦୨୦ ଜାନୁୟାରୀ ୧୦ ଅଥବା ଏହାପରେ ମୃତ୍ୟୁ ଘଟିଥିବା ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ସାଥୀହୀନ କିନ୍ନରଙ୍କୁ ଅବିବାହିତ କନ୍ୟା ଭାବେ ବିବେଚନା କରାଯିବ। ଯଦି ମୃତ କର୍ମଚାରୀଙ୍କର ଅନ୍ୟ କୌଣସି ବଡ଼ ଅବିବାହିତା ଅଥବା ଦିବ୍ୟାଙ୍ଗ କନ୍ୟା ନ ଥିବେ ତେବେ କିନ୍ନର ସନ୍ତାନଙ୍କୁ ପରିବାର ପେନ୍‌ସନ ମିଳିବ। ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନ (ନିୟମାନୁଯାୟୀ ପରିବାର ପେନ୍‌ସନ ପାଇବାକୁ ହକଦାର ହେଉଥିଲେ) ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କ ଉପରେ ନିର୍ଭରଶୀଳ ହୋଇଥିଲେ ପରିବାର ପେନ୍‌ସନ ପାଇପାରିବେ। ଏଥିସହିତ ପରିବାର ପେନ୍‌ସନ ପାଇବା ପାଇଁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତା, ବିଧବା, ସ୍ୱାମୀ ପରିତ୍ୟକ୍ତା କନ୍ୟାଙ୍କ କ୍ଷେତ୍ରରେ ମାସିକ ଆୟ ସୀମା ୪,୪୪୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଓଡ଼ିଶା ବେସାମରିକ ସେବା (ପେନ୍‌ସନ) ନିୟମାବଳୀ–୧୯୯୨ରେ ଟ୍ରାନ୍ସଜେଣ୍ଡରମାନଙ୍କୁ ସନ୍ତାନ ଭାବେ ବିବେଚନା କରାଯାଉ ନ ଥିଲା। ଫଳରେ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ ଭୋଗୀଙ୍କର ମୃତ୍ୟୁ ହେଲେ, ସେମାନଙ୍କର ଟ୍ରାନ୍ସଜେଣ୍ଡର ସନ୍ତାନ ପରିବାର ପେନ୍‌ସନ ପାଇବାରୁ ବଞ୍ଚିତ ହେଉଥିଲେ।

## ୟୁଏଫ୍‌ଓ: ଆମେରିକା...

ଲେଖାଏ ଉଡ଼ନ୍ତା ବସ୍ତୁକୁ ତଳକୁ ଖସାଇଥିଲା। ଗ୍ଲେନ୍‌ଙ୍କ ମତରେ ୟୁନାଇଟେଡ୍ ଷ୍ଟେଟ୍ ନର୍ଦ୍ଦର୍ନ କମାଣ୍ଡରେ ଉଡ଼ନ୍ତା ବସ୍ତୁ ପ୍ରଥମ ଥର ଲାଗି ଦୃଷ୍ଟିଗୋଚର ହୋଇଛି। ଏ ନେଇ ଟୁଇଟର ସିଇଓ ଏଲନ୍ ମସ୍କ ସୋମବାର ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, 'ବ୍ୟସ୍ତ ହୁଅ ନାହିଁ, ମୋ ଏଲିଅନ୍ ବନ୍ଧୁମାନେ ଏହି ଉଡ଼ନ୍ତା ବସ୍ତୁକୁ ଅଟକାଇ ରଖିଛନ୍ତି।'

ଅନ୍ୟପକ୍ଷେ ୨୦୨୨ ଜାନୁୟାରୀ ପରଠୁ ଅଦ୍ୟାବଧି ଚାଇନା ଆକାଶକୁ ଆମେରିକା ୧୦ଟି ବେଲୁନ ପଠାଇଥିବା ନେଇ ବେଜିଂ ଅଭିଯୋଗ ଆଣିଛି। ବେଆଇନ୍ ଭାବେ ଅନ୍ୟ ରାଷ୍ଟ୍ରର ଏୟାରସ୍ପେସ୍‌ରେ ପ୍ରବେଶ କରିବା ଆମେରିକା ପାଇଁ କୌଣସି ନୂଆ କଥା ନୁହେଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ଚାଇନାର ଏଭଳି ଅଭିଯୋଗକୁ ଆମେରିକା ଖଣ୍ଡନ କରିଛି। ଚାଇନାର ଅଭିଯୋଗ ଭିତ୍ତିହୀନ। ୫ ମହାଦେଶ ଓ ଆମେରିକା ସମେତ ୪୦ ଦେଶର ଗୋଇନ୍ଦା ସୂଚନା ହସ୍ତଗତ କରବା ଲାଗି ଚାଇନା ବେଲୁନ୍ ପ୍ରୋଗ୍ରାମ ଆରମ୍ଭ କରିଥିବା ନ୍ୟାଶନାଲ ସିକ୍ୟୁରିଟି କାଉଂସିଲ୍‌ର ମୁଖପାତ୍ର ଆଡ୍ରିନ୍ ୱାଟସନ୍ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। କୃତ୍ତିକା ନକ୍ଷତ୍ର ଆଶା କରିଥିବା ଜିନିଷଟି ଆଜି ଅପରାହ୍ନେ ପାଇପାରନ୍ତି। ବନ୍ଧୁଙ୍କ ମନୋଭାବରେ ପରିବର୍ତ୍ତନ କାରଣରୁ ଭୁଲ୍ ବୁଝାମଣା ହୋଇପାରେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ, ଯୋଗାଯୋଗ କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟବନ୍ଧୁ ସାହାଯ୍ୟ କରିବେ। ଅତୀତର ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ମୃଗଶିରା ନକ୍ଷତ୍ର ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** – ଆଜି ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ। ଆର୍ଥିକ ସଙ୍କଟ ରହିବ ନାହିଁ, ଜଣେ ବନ୍ଧୁଙ୍କଠାରୁ ଉଧାରି ଟଙ୍କା ଆଣି ଆବଶ୍ୟକତା ପୂରଣ କରିବେ। ପଡ଼ୋଶୀ ପ୍ରତିବାଦ କଲେ ମଧ୍ୟ ଅନ୍ୟମାନେ ସପକ୍ଷରେ ମତ ଦେବେ। ଆରଦ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**କର୍କଟ** – ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ। ଅଶ୍ଳେଷା ପରୋକ୍ଷ ଶତ୍ରୁତା ପ୍ରତି ସାବଧାନ ରହିବା ଭଲ ହେବ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** – ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ବିବ୍ରତ ରହିବ। ସ୍ଥଗିତ କାମ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଉଜ କରିବାକୁ ଅବସର ପାଇବେ ନାହିଁ। ମଘା ନକ୍ଷତ୍ର ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା** – ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ହସ୍ତା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** – କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଚିତ୍ରା ନକ୍ଷତ୍ରର ପରିବାରରେ ବିଭିନ୍ନ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ। କରୁଥିବା ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ସାଧାରଣ କଥାକୁ ନେଇ ଉତ୍ତେଜନା କାରଣରୁ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ବିଛା** – ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶକରି ସଫଳତା ପାଇବେ। ବିଶାଖା ନକ୍ଷତ୍ରର ପରିବାର ଭିତରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସୂଚନା ରହିଛି।

**ଧନୁ** – ଆରମ୍ଭ କରିଥିବା ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ମନ ବୁଝିଲାଭଳି କଥା କହି ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** – ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିପାରେ। ଅନ୍ୟର ମନ ଅନୁଯାୟୀ କାମକରି ବାହାବା ନେଇପାରନ୍ତି ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** – ଆର୍ଥିକ ପ୍ରଗତି କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଶତଭିଷା ନକ୍ଷତ୍ର ଯାହା ଖୋଜୁଛନ୍ତି ତାହା ଅବଶ୍ୟ ଲାଭକରି ଉପକୃତ ହେବେ। ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ପେଟ ଗୋଳମାଳ ଓ ଅଜୀର୍ଣ୍ଣ ଜନିତ ବ୍ୟାଧି ଦେଖାଦେଇପାରେ। ଭ୍ରମଣ ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** – ବହୁ ପରିଶ୍ରମ କରିବା କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅବହେଳା ଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ନୂତନ କାମଟିର ଆରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ରେବତୀ ନକ୍ଷତ୍ର ପାରିବାରିକ ବ୍ୟତିକ୍ରମକୁ ସୁଧାରିନେବାର ପ୍ରଯତ୍ନ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର, ଫେବୃଆରୀ ୧୪ ତାରିଖ, ଭାଲେଣ୍ଟାଇନ୍ସ ଦିବସ। ରାଶି ନକ୍ଷତ୍ର–ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୦ ଗତେ, ଘ.୧୦।୫୨ ମଧ୍ୟେ,ଘ.୦୧।୦୯ ଗତେ,ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୫ ଗତେ, ଘ.୦୯।୧୦ ମଧ୍ୟେ ରାହୁକାଳ।

"ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ

# ଭାରତରେ ଲିଥିୟମ୍

ଖବର ମିଳିଛି ଜମ୍ମୁ ଓ କଶ୍ମୀରର ରିଆସି ଜିଲାରେ ଥିବା ଖଣିରେ ୫.୯ ନିୟୁତ ଟନ୍ ଲିଥିୟମ୍ ଅଛି। ଏହା ଏକ ଅଣ-ଲୌହଯୁକ୍ତ ପଦାର୍ଥ। ଏହି ତେଜସ୍କ୍ରିୟ ଖଣିଜ ପଦାର୍ଥ ସ୍ୱଚ୍ଛ ଶକ୍ତି ଭାବେ ପରିଗଣିତ ହୋଇଥାଏ ଓ ସ୍ୱଳ୍ପ ସ୍ଥାନରେ ପ୍ରଚୁର ପରିମାଣର ଶକ୍ତିକୁ ଗଚ୍ଛିତ କରି ରଖାଯାଇପାରୁଥିବାରୁ ବ୍ୟାଟେରିରେ ଏହାକୁ ପ୍ରମୁଖ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ। ମୋବାଇଲ, ଲାପ୍‌ଟପ୍ ଓ ଇଲେକ୍ଟ୍ରିକ୍ ଭେହିକିଲ୍ସ (ଇଭି) ସକାଶେ ଏହାର ଯଥେଷ୍ଟ ଆବଶ୍ୟକତା ଥିବାରୁ ଏହି ଶକ୍ତି ଉତ୍ସ ପଛରେ ସାରା ବିଶ୍ୱ ପଡ଼ି ରହିଛି। ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ତଥ୍ୟ ଅନୁଯାୟୀ ବିଶ୍ୱରେ ୮୦ ନିୟୁତ ଟନ୍ ପରିମାଣର ଲିଥିୟମ୍ ଖଣି ଚିହ୍ନଟ ହୋଇଥିବା ବେଳେ ସେଥିରୁ ମାତ୍ର ୨୨ ନିୟୁତ ଟନ୍ ଖଣି ଉତ୍ତୋଳନ ଉପଯୋଗୀ ହୋଇପାରିଛି। ବିଶ୍ୱରେ ଗଚ୍ଛିତ ଲିଥିୟମର ଅଧାରୁ ଅଧିକ ଦକ୍ଷିଣ ଆମେରିକୀୟ ଦେଶରେ ରହିଛି। ତେବେ ଲିଥିୟମ୍-ଆୟନ୍ ବ୍ୟାଟେରି ଉତ୍ପାଦନରେ ଚାଇନା ଆଗରେ ରହିଛି। ଭାରତ ଏହି ଖଣିଜ ପଦାର୍ଥର ବହୁଳ ପରିମାଣ ଆମଦାନୀ କରି ଚାହିଦା ମେଣ୍ଟାଉଛି।

ଏବେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ବିପଦ ଭାବେ ଉଭା ହୋଇଛି। ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥରୁ ରକ୍ଷାପାଇବା ଲାଗି ମଣିଷ ବିକଳ୍ପ ଶକ୍ତି ଉତ୍ସ ସନ୍ଧାନ କରିଚାଲିଛି। ଲିଥିୟମ୍ ପରିବେଶ ଅନୁକୂଳ ଧାତୁ ଓ ଅଳ୍ପ ପରିମାଣରୁ ଅଧିକ ଶକ୍ତି ଏଥିରୁ ମିଳିପାରୁଥିବାରୁ ଯେଉଁ ଦେଶରେ ଏହାକୁ ଠାବ କରାଯାଉଛି, ସେହି ରାଷ୍ଟ୍ର ଧନୀ ହେଉଛନ୍ତି ବୋଲି କୁହାଯାଉଛି। କିନ୍ତୁ ଭାରତରେ ଲିଥିୟମ୍ ଖନନରୁ ଆସିବାକୁ ଥିବା ଧନ ଦେଶବାସୀଙ୍କ ପାଖରେ ପହଞ୍ଚିବ ନାହିଁ। କ୍ଷମତାସୀନ ବ୍ୟକ୍ତିଙ୍କ ନିକଟତର ଘରୋଇ କମ୍ପାନୀକୁ ସୁନିଶ୍ଚିତ ଉତ୍ତୋଳନ ଦାୟିତ୍ୱ ମିଳିବ ଏବଂ ବିନା ଦ୍ୱନ୍ଦ୍ୱରେ କହିହେବ ଯେ, ଦେଶର ଦୁଇରୁ ଚାରିଟି ପରିବାର ଅପର୍ଯ୍ୟାପ୍ତ ଧନର ମାଲିକ ପାଲଟିବେ। ଏଥିସହିତ ଲିଥିୟମ୍ ଉତ୍ତୋଳନ ଏକ କଠିନ ବ୍ୟାପାର। ଉପଯୁକ୍ତ ପ୍ରଯୁକ୍ତି ବ୍ୟବହାର କରାଯାଇ ଦକ୍ଷତାର ସହିତ ଉତ୍ତୋଳନ କରାଯାଇ ନ ପାରିଲେ ତାହା ଅର୍ଥନୈତିକ ଓ ପରିବେଶଗତ କ୍ଷତି ପହଞ୍ଚାଇଥାଏ। ଜମ୍ମୁ ଓ କଶ୍ମୀର କଥା ଦେଖିଲେ ରିଆସି ଅଞ୍ଚଳ ହିମାଳୟ ପରିବେଷ୍ଟିତ ହୋଇଥିବାରୁ ତାହା ପରିବେଶ ଦୃଷ୍ଟିକୋଣରୁ ଭଙ୍ଗୁର ବା ନରମା ରହିଛି। ତେଣୁ ସେଠାରୁ ବୈଜ୍ଞାନିକ ଉପାୟରେ ଖନନ ନ ହେଲେ ଅଧିକ କ୍ଷତି ଘଟାଇବ। ଭାରତ ଗବେଷଣା ଓ ବିକାଶ (ଆର୍ ଅଣ୍ଡ୍ ଡି)କୁ ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ ହୁଣ୍ଡା ଭାବେ ସେହି ଇଲାକାକୁ ଖୋଳିଚାଲିଲେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେବା ଥୟ। ୨୦୨୧ରେ କର୍ନାଟକରେ ସ୍ୱଳ୍ପ ପରିମାଣର ଲିଥିୟମ୍ ଗଚ୍ଛିତ ଥିବା ଭଣ୍ଡାରର ସନ୍ଧାନ ମିଳିଥିଲା। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ ସ୍ତରକୁ ଅଣାଯାଇପାରି ନାହିଁ। ପୁନଶ୍ଚ କୁହାଯାଇପାରେ ଯେ, ଜମ୍ମୁ ଓ କଶ୍ମୀରରେ ପ୍ରଚୁର ପରିମାଣର ଲିଥିୟମ ଗଚ୍ଛିତ ଥିବା ଜଣାପଡ଼ିବା ପରେ ଦେଶର ବୃହତ୍ କର୍ପୋରେଟ୍ ସଂସ୍ଥା ତାହାକୁ ହାତେଇବା ପାଇଁ ଲାଗିପଡ଼ିପାରନ୍ତି। ଭାରତରେ ବଡ଼ ଶିଳ୍ପ ସଂସ୍ଥା ସହ ସରକାରଙ୍କ ସମ୍ପର୍କ ଉତ୍ତମ ଥିବାରୁ ଏ ଦିଗରେ ଅନୁମତି ମିଳିବା ସହଜ ହୋଇପାରେ। କିନ୍ତୁ ସରକାର ସେହି ଭୁଲ୍ କରିବସିଲେ ପରିବେଶଗତ ବିପଦ ଅଧିକ ଘନୀଭୂତ ହେବ। ଘରୋଇ ସଂସ୍ଥାଗୁଡ଼ିକ ମନଇଚ୍ଛା ଉତ୍ତୋଳନ କରିବା ପାଇଁ ଲାଗିପଡ଼ି ସମ୍ପୃକ୍ତ ଅଞ୍ଚଳକୁ ଛାରଖାର କରିଦେବେ। ତେଣୁ ସରକାର ଏଭଳି ମୂଲ୍ୟବାନ ଧାତୁକୁ ନିଜ ନିୟନ୍ତ୍ରଣ ଭିତରେ ରଖି ଉତ୍ତୋଳନ କରିବା ଦରକାର। ପ୍ରଥମେ ଏହାର ଖନନ ଲାଗି ଆର୍ ଆଣ୍ଡ୍ ଡି ବ୍ୟବସ୍ଥା କରାଯାଉ। ଲିଥିୟମ୍ ସମୃଦ୍ଧ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବଲିଭିଆ, ଆର୍ଜେଣ୍ଟିନା ଓ ଚିଲି ସହ ଭାରତ ଯୋଗାଯୋଗ କରିବା ଦରକାର। ଚିଲି ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଫଣ୍ଟ୍ ଲିଥିୟମ୍ ଗଚ୍ଛିତ ଅଞ୍ଚଳକୁ ସରକାରୀ ନିୟନ୍ତ୍ରଣାଧୀନ କରିଛନ୍ତି। ଏଥିଲାଗି ଏକ ଜାତୀୟ ଲିଥିୟମ୍ ସଂସ୍ଥା ପ୍ରତିଷ୍ଠା କରିବାକୁ ରାଷ୍ଟ୍ରପତି ପ୍ରସ୍ତାବ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଘରୋଇ କମ୍ପାନୀକୁ କ୍ଷୁଦ୍ର ଭାଗୀଦାରି ଭାବେ ଗ୍ରହଣ କରାଯାଇପାରେ ବୋଲି ସେ କହିଛନ୍ତି। କାରଣ ପରିବେଶ ସଂରକ୍ଷଣ ତାଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରୁଥିବା ଫଣ୍ଟ୍ ଦର୍ଶାଇଛନ୍ତି। ଚିଲି ରାଷ୍ଟ୍ରପତିଙ୍କ ଚିନ୍ତାଧାରାକୁ ଭାରତ ଗ୍ରହଣ କରିବା ଦରକାର। କାରଣ ଏହି ଧାତୁ ପ୍ରତି ପ୍ରବଳ ଲୋଭ ରହୁଥିବାରୁ ଘରୋଇ କମ୍ପାନୀଙ୍କ ହସ୍ତକ୍ଷେପ ବିଡ଼ମ୍ବନା ସୃଷ୍ଟି କରିପାରେ। ଏଠାରେ ଆହୁରି ମନେରଖିବାକୁ ହେବ ଯେ, ଜମ୍ମୁ ଓ କଶ୍ମୀର ଏଭଳି ଏକ ପ୍ରାନ୍ତ ଯାହାକୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନା କରିହେବ ନାହିଁ। କେବଳ ପରିବେଶ ସୁରକ୍ଷାରେ ସମସ୍ୟା ସୀମିତ ରହିବ ନାହିଁ। ଲିଥିୟମ୍ ଖନନ ବେଳେ ଅନେକ ରାଜନୈତିକ ସମସ୍ୟା ଉପୁଜିବା ସୁନିଶ୍ଚିତ ମନେହେଉଛି।

ମଣିଷର ଲୋଭ ଉତ୍ତରାଖଣ୍ଡର ଜୋଶୀମଠକୁ କେଉଁଭଳି ସ୍ତରକୁ ନେଇ ଆସିଛି ତାହା ଦେଶବାସୀ ଦେଖିଲେ। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ରୋକିବା ଲାଗି ସ୍ୱଚ୍ଛ ଶକ୍ତିର ବ୍ୟବହାର ଆବଶ୍ୟକ ହୋଇପଡ଼ିଲାଣି। କିନ୍ତୁ ବିକଳ୍ପ ଉପଯୋଗିତା ପାଇଁ ଧାଇଁ ଯଦି ତରବରିଆ ଭାବେ ପଦକ୍ଷେପ ନିଆଯିବ, ତେବେ ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଲିଥିୟମ୍ ଭଣ୍ଡାର ଠାବ ହେବା ଦେଶ ପାଇଁ ଶୁଭ ଖବର। କିନ୍ତୁ ତାହାକୁ ବ୍ୟବହାର ଉପଯୋଗୀ କରିବା ସ୍ତରକୁ ଆଣିବା ସକାଶେ ସରକାରଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 5 | | | |
| | | 3 | | | 6 | | | |
| 9 | | | | | 4 | 6 | | |
| | | | | | | | | |
| | 5 | | | 2 | | 3 | 7 | 4 |
| 8 | | 9 | | | 1 | | 6 | |
| 7 | | | | | | | | 5 |
| | 3 | | | 4 | | | | 8 |
| 2 | 8 | | 5 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 3 | 8 | 2 | 1 | 5 | 4 | 6 |
| 1 | 2 | 6 | 4 | 5 | 9 | 8 | 7 | 3 |
| 8 | 4 | 5 | 6 | 3 | 7 | 1 | 2 | 9 |
| 3 | 1 | 7 | 9 | 4 | 5 | 2 | 6 | 8 |
| 4 | 8 | 9 | 7 | 6 | 2 | 3 | 5 | 1 |
| 5 | 6 | 2 | 3 | 1 | 8 | 7 | 9 | 4 |
| 9 | 5 | 4 | 2 | 8 | 3 | 6 | 1 | 7 |
| 6 | 3 | 1 | 5 | 7 | 4 | 9 | 8 | 2 |
| 2 | 7 | 8 | 1 | 9 | 6 | 4 | 3 | 5 |

ଗତକାଲିର ଉତ୍ତର

# ଅମୃତକାଳରେ ଚାଷୀ କେଉଁଠି



ବିଚିତ୍ର ବିଶ୍ୱାଳ

୨୦୨୩ର ବଜେଟ ଯଦି ଆସନ୍ତା ୨୫ବର୍ଷ ମଧ୍ୟରେ ଆସିବାକୁ ଥିବା ଅମୃତକାଳକୁ ଏକ ରାସ୍ତା, ତେବେ ବୁଝିବାକୁ ହେବ ଯେ, ଏହି ଈପ୍ସିତ ଅମୃତକାଳର ପରିକଳ୍ପନାରେ ଚାଷ ଓ ଚାଷୀ ନାହାନ୍ତି। ଦେଶରେ ଥିବା ବିଷମତାକୁ ନେଇ ଯେଉଁ ଇଣ୍ଡିଆ ଓ ଭାରତର ତତ୍ତ୍ୱ ବ୍ୟବହାର କରାଯାଏ, ସେହି ଅନୁସାରେ ଅମୃତକାଳ କେବଳ ଇଣ୍ଡିଆ ପାଇଁ, ଭାରତ ପାଇଁ ନୁହେଁ। କାରଣ ଭାରତ ଜନସଂଖ୍ୟାର ସିଂହଭାଗ ଚାଷୀମାନଙ୍କର ପରିସ୍ଥିତି ବଦଳିବା ପରି ବଜେଟରେ ବିଶେଷ କିଛି ନାହିଁ। ଏହି ବଜେଟରେ ପୁଞ୍ଜି ଖର୍ଚ୍ଚ, ଆର୍ଥିକ ଐକୀକରଣ, ନିରନ୍ତର ଅଭିବୃଦ୍ଧି ଆଦି ପ୍ରତିଶ୍ରୁତିକୁ ନେଇ ହୋହଲ୍ଲା ଶୁଣାଯାଉଥିବାବେଳେ ଅପରପାର୍ଶ୍ୱରେ ଚାଷୀଙ୍କ ପରିସ୍ଥିତିର ପରିବର୍ତ୍ତନ ବିଷୟରେ ବଜେଟ ନୀରବତା ଅବଲମ୍ବନ କରୁଛି।

ଗ୍ରାମାଞ୍ଚଳର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ କାହିଁକି ସେମାନଙ୍କ ରୋଜଗାର ବୃଦ୍ଧି ବିଷୟରେ ବଜେଟରେ କିଛି କୁହାଯାଇନାହିଁ, ତାହା ବୁଝିବା ବାହାରେ। ଯେତେବେଳେ ନିରନ୍ତର ଆର୍ଥିକ ଅଭିବୃଦ୍ଧି କଥା କୁହାଯାଉଛି, ସେତେବେଳେ ଜନସଂଖ୍ୟାର ସିଂହଭାଗ ଲୋକଙ୍କୁ ଛାଡ଼ି ଏହା କିପରି ସମ୍ଭବ ହେବ? ଗ୍ରାମାଞ୍ଚଳ ଭାରତ, ଯେଉଁଠି ଚାଷୀମାନେ ବସବାସ କରନ୍ତି, ସେମାନେ ଏହି ଅଭିବୃଦ୍ଧିର ବାହାରେ ରହିଯିବେ।

ଚାଷକ୍ଷେତ୍ରରେ ଆଖିଦୃଶିଆ ପୁଞ୍ଜିନିବେଶ ଓ ଚାଷୀଙ୍କ ରୋଜଗାର ସୁରକ୍ଷା ବିନା ଚାଷୀମାନଙ୍କର ଭାଗ୍ୟରେ ପରିବର୍ତ୍ତନ ହୋଇପାରିବ ନାହିଁ। ଚାଷ କ୍ଷେତ୍ରରେ ପୁଞ୍ଜି ନିବେଶର କଥା ଯେତେବେଳେ କୁହାଯାଉଛି, ତାହା କେବଳ ଚାଷୀମାନଙ୍କୁ ଋଣ ଯୋଗାଇଦେବା ନୁହେଁ। କାରଣ ଚାଷ ଉପକରଣ ତଥା ଯନ୍ତ୍ରପାତି ପାଇଁ ଯୋଗାଇ ଦିଆଯାଉଥିବା ଋଣର ଅସଲ ଲାଭ ନେଉଛନ୍ତି ଉପକରଣ ବିକ୍ରେତା କମ୍ପାନୀଗୁଡ଼ିକ। ତେଣୁ ସେସବୁ ବ୍ୟୟ ଅଟକଳକୁ ଚାଷୀଙ୍କ ପାଇଁ ତଥା ଚାଷ କ୍ଷେତ୍ରରେ ବ୍ୟୟ ବରାଦ ବୋଲି କହିବା ସତ୍ୟର ଅପଳାପ। ଗତ କିଛି ବର୍ଷର ବଜେଟକୁ ଲକ୍ଷ୍ୟକଲେ ଦେଖାଯାଏ , ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜି ନିବେଶ ନିୟମିତ ଭାବେ କମି ଚାଲିଛି ନ ହେଲେ ସ୍ଥିର ଅଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ୨୦୧୧-୧୨ରୁ ୨୦୧୭-୧୮ମଧ୍ୟରେ ସର୍ବସାଧାରଣ କ୍ଷେତ୍ରରେ ପୁଞ୍ଜିନିବେଶ ଜିଡିପିର ୦.୩ ରୁ ୦.୪ ପ୍ରତିଶତ ମଧ୍ୟରେ ଥିବା ବେଳେ ଏହି ସମୟ ମଧ୍ୟରେ ଶିଳ୍ପସଂସ୍ଥାଗୁଡ଼ିକୁ ଯେତିକି ଆର୍ଥିକ ଛାଡ଼ ଦିଆଯାଇଛି ତାହା ଜିଡିପିର ୫.୫ ପ୍ରତିଶତ। ଏହି ଗୋଟିଏ ପରିସଂଖ୍ୟାନରୁ ଅନୁମାନ କରାଯାଇପାରେ ଚାଷ କ୍ଷେତ୍ର ଯେଉଁଥିରେ ପାଖାପାଖି ୫୦% ଶ୍ରମଶକ୍ତି ନିୟୋଜିତ ତାହା କାହିଁକି ଅବହେଳିତ। ଏଥିସହ ୨୦୨୩ର ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି, ୨୦୨୦-୨୧ରେ କୃଷିକ୍ଷେତ୍ରରେ କରାଯାଇଥିବା ପୁଞ୍ଜି ଏ ଦଶନ୍ଧିରେ ସର୍ବନିମ୍ନ।



ଏଥିରୁ ବୁଝିହେଉଛି ଯେ, ଚାଷ ଓ ଚାଷୀ ସରକାରଙ୍କ ପ୍ରାଥମିକତା ତାଲିକାରେ ନାହାନ୍ତି। ଚଳିତ ବର୍ଷ ବଜେଟରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ର ପାଇଁ ଯେତିକି ବ୍ୟୟ ବରାଦ ହୋଇଛି, ତାହା ପ୍ରମାଣ କରୁଛି ଯେ ସରକାରଙ୍କ ଅମୃତକାଳରେ ଚାଷ ଓ ଚାଷୀ ନାହାନ୍ତି। ଦେଶକୁ ଯଦି ସତରେ ଅମୃତକାଳକୁ ନେବାର ଅଛି ତେବେ କୃଷିକ୍ଷେତ୍ରର ଅର୍ଥନୈତିକ ବିକାଶ ପାଇଁ ବ୍ୟବସ୍ଥା କରିବାକୁ ହେବ।

ଚଳିତ ବର୍ଷ ବଜେଟରେ କୃଷିକ୍ଷେତ୍ରର ଭାଗକୁ ସମୁଦାୟ ବଜେଟର ୩.୨୦ ପ୍ରତିଶତକୁ କମେଇ ଦିଆଯାଇଛି। ପୂର୍ବ ବର୍ଷ ଏହା ୩.୮ପ୍ରତିଶତ ଥିଲା। ଚଳିତ ବର୍ଷ କୃଷି କ୍ଷେତ୍ର ପାଇଁ ୧.୨୫ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଗତ ବର୍ଷ ସଂଶୋଧିତ ବଜେଟରେ ଏହାର ପରିମାଣ ୧.୫୧ ଲକ୍ଷ କୋଟି ଟଙ୍କା ଥିଲା। ୨ ବର୍ଷ ତଳେ ୨୦୨୧ ବଜେଟରେ କୃଷିକ୍ଷେତ୍ର ପାଇଁ ବ୍ୟୟ ବରାଦର ପରିମାଣ ଥିଲା ୧.୪୮ ଲକ୍ଷ କୋଟି ଟଙ୍କା। ପରିସଂଖ୍ୟାନରୁ ଜଣାପଡୁଛି, କୃଷିକ୍ଷେତ୍ରର ବଜେଟକୁ ସ୍ଥିର ରଖାଯାଉଛି ନ ହେଲେ କମ୍ କରାଯାଉଛି। ବର୍ଷକୁ ବର୍ଷ ହେଉଥିବା ମୁଦ୍ରାସ୍ଫୀତିକୁ ଦେଖିଲେ ନିୟମ ଦୃଷ୍ଟିରୁ ପରବର୍ତ୍ତୀ ବର୍ଷର ବଜେଟର ପରିମାଣ ପୂର୍ବବର୍ତ୍ତୀ ବର୍ଷଠାରୁ ଅଧିକ ହେବା କଥା। କିନ୍ତୁ କୃଷି କ୍ଷେତ୍ରରେ ଏହାର ଓଲଟା ଦେଖାଯାଉଛି। ଧୀରେ ଧୀରେ ବଜେଟକୁ କମେଇ ଦିଆଯାଉଛି। ତା'ହେଲେ ଚାଷୀମାନେ କ'ଣ ସରକାରଙ୍କ ବିକାଶ ଯୋଜନାର ହିତାଧିକାରୀ ନୁହନ୍ତି? ଏଥିସହ ଚଳିତ ବର୍ଷ ବଜେଟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପରିମାଣକୁ ୧୨% କମେଇ ଦିଆଯାଇଛି। ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ବଢୁଛି ଓ ସେହି ହିସାବରେ ଫସଲ ହାନିର ପରିମାଣ ବି ବଢୁଛି। କିନ୍ତୁ ସରକାର ଫସଲ ବୀମା ଯୋଜନାରେ ବଜେଟ କମ୍ କରିଛନ୍ତି। ସେହିପରି ପିଏମ୍ କିଷାନ ଯୋଜନାର ପରିମାଣକୁ ମଧ୍ୟ ୧୩% କମେଇ ଦିଆଯାଇଛି। ଚାଷୀମାନଙ୍କୁ ଫସଲର ମୂଲ୍ୟ ଯୋଗାଇବାକୁ ନିଶ୍ଚିତ କରୁଥିବା ପିଏମ୍ ଆଶା ଯୋଜନା ଯାହା ଚାଷୀମାନଙ୍କୁ ତୈଳବୀଜ ଓ ଡାଲିଜାତୀୟ ଫସଲର ଉଚିତ ମୂଲ୍ୟ ମିଳିବାକୁ ନିଶ୍ଚିତ କରୁଥିଲା ଏବଂ ପିଏସ୍‌ଏସ୍-ଏମ୍‌ଆଇଏସ୍ ଯୋଜନା, ଯାହା ଚାଷୀମାନଙ୍କୁ ବଜାର ସହାୟତା ପ୍ରଦାନ କରୁଥିଲା, ସେଥିରେ ବ୍ୟୟ ବରାଦ ବହୁତ କମ୍ ରଖାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବଜେଟ ନୀରବତା ଅବଲମ୍ବନ କରୁଛି। ଦିଲ୍ଲୀର ଚାଷୀ ଆନ୍ଦୋଳନ ଯୋଗୁ ତିନୋଟି କଳା ଆଇନକୁ ହଟେଇ ଦିଆଯିବା ପରେ ଚାଷୀମାନେ ସମସ୍ତ ପ୍ରକାର ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ ନିଶ୍ଚିତ କରିବା ପାଇଁ ଦାବିକରି ଆସୁଛନ୍ତି। ଯଦିଓ ସରକାର ପ୍ରତି ବର୍ଷ ୨୩ଟି ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି, କିନ୍ତୁ ତାହା କାଗଜରେ ସୀମିତ ରହିଯାଉଛି। ବଜେଟରେ ଏହାର କିଛି ଝଲକ୍ ନାହିଁ। କୃଷକ ପରିବାରର ପରିସ୍ଥିତି ଆକଳନ ସର୍ଭେ-୨୦୧୯ ଅନୁସାରେ ଉଭୟ କୃଷି ଓ ଅଣକୃଷି କାର୍ଯ୍ୟକୁ ମିଶାଇ ଗୋଟିଏ ଚାଷୀ ପରିବାରର ହାରାହାରି ବାର୍ଷିକ ଆୟ ମାତ୍ର ୧୦,୨୧୮ ଟଙ୍କା। ବର୍ତ୍ତମାନର ଦରଦାମ ବୃଦ୍ଧି ସମୟରେ ଗୋଟିଏ ଚାଷୀ ପରିବାର ପାଇଁ ଏହି ପରିମାଣ କିଛି ବି ନୁହେଁ। ଏପରି ପରିସ୍ଥିତିରେ ଯଦି ଚାଷୀମାନଙ୍କ ଫସଲର ଉଚିତ ମୂଲ୍ୟ ମିଳିବା ଉପରେ ଗୁରୁତ୍ୱ ଦିଆ ନ ଯାଏ, ତେବେ ଏହା ସେମାନଙ୍କର ଅବସ୍ଥାକୁ ଆହୁରି ବିପନ୍ନ କରିଦେବ।

ଏଥର ବଜେଟରେ ୧୦ ହଜାରଟି ଜୈବିକ ସମ୍ବଳ କେନ୍ଦ୍ର ପାଇଁ ବ୍ୟବସ୍ଥା ହୋଇଛି ଏବଂ ଆସନ୍ତା ୩ବର୍ଷରେ ୧ କୋଟି ଚାଷୀ ପରିବାରଙ୍କୁ ରାସାୟନିକ ଚାଷରୁ ଜୈବିକ ଚାଷକୁ ଫେରେଇ ଆଣିବାର ପ୍ରତିଶ୍ରୁତି ଦିଆଯାଇଛି। ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ଷୁଦ୍ର ଶସ୍ୟର ବର୍ଷ ହୋଇଥିବାରୁ ସରକାର ଅଧିକ ପୋଷକତତ୍ତ୍ୱଯୁକ୍ତ ଓ ପରିବେଶ ଦୃଷ୍ଟିରୁ ସୁରକ୍ଷିତ କ୍ଷୁଦ୍ରଶସ୍ୟ ଚାଷକୁ ପ୍ରାଧାନ୍ୟ ଦିଆଯିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏସବୁ ପାଇଁ ପ୍ରଥମେ ଚାଷୀର ଉତ୍ପାଦନକୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ହେବ। ଯେପର୍ଯ୍ୟନ୍ତ ସରକାର ଭିନ୍ନ ଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ଭାବେ କଡ଼ାକଡ଼ି ପାଳନ କରିନାହାନ୍ତି, ସେପର୍ଯ୍ୟନ୍ତ ଯାହା ଯୋଜନା କଲେ ବି ତାହା କାର୍ଯ୍ୟରେ ରୂପାନ୍ତରିତ ହେବା କଷ୍ଟକର । ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଓ ପରିବେଶ ଦୃଷ୍ଟିରୁ ଉପଯୋଗୀ କରିବା ହିଁ ଏକ ଭବିଷ୍ୟତମୁଖୀ ଚାଷ ବ୍ୟବସ୍ଥାର ପ୍ରଥମ ପାହାଚ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଏ ଉଭୟ ଏହି ବଜେଟରେ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ଭଲମଣିଷଙ୍କ ନିୟତି



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଏବେ ଏକ ବିଚିତ୍ର ପରିବେଶ ଆଉ ପରିସ୍ଥିତି ମଧ୍ୟରେ ଆଗେଇ ଚାଲିଛି ଏଇ ଦୁନିଆ। ଏଇଠି ଭଲ ମଣିଷଟିଏ ବାରମ୍ବାର ଅବହେଳିତ ତଥା ଅପମାନିତ ହୋଇ ଚାଲିଥିବା ବେଳେ, 'ବିଷକୁମ୍ଭଂ ପୟୋମୁଖମ୍' ପ୍ରକୃତିର କୁଟିଳ ମଣିଷମାନେ ପାଇ ଚାଲିଛନ୍ତି ସାମାଜିକ ପ୍ରତିଷ୍ଠା ଆଉ ସମ୍ମାନ। ଆଜିକାର ସମୟ ହେଉଛି ସ୍ୱାର୍ଥସର୍ବସ୍ୱ ମଣିଷମାନଙ୍କର, ପରଛିଦ୍ରାନ୍ୱେଷଣକାରୀ ମାମଲତକାରମାନଙ୍କର। 'ଅନାହୁତଃ ପ୍ରବିଶତି, ଅପୃଷ୍ଟୋ ବହୁ ଭାଷତେ' ହେଉଛି ସେମାନଙ୍କର ମାନସିକତା। କମ୍ ଶୁଣିବେ, ବେଶି କଥା ହାଙ୍କିବେ। ଅଯଥାରେ ମୁଣ୍ଡ ପୂରେଇବେ ପରକଥାରେ। ସଜ ମାଉଁସରେ ଅଂଶେଇ ପକେଇ ପାରୁଥିବା ଏଇ ଅମଣିଷମାନେ ପ୍ରତିଟି ଘଟଣାକୁ ଏପରି ମାଲ୍‌ମସଲା ଦେଇ ବର୍ଣ୍ଣନା କରିବେ, ଯେପରିକି ସେମାନେ ହିଁ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ। ତା' ଉପରେ ପୁଣି ଅବିଚାରିତ ଭାବେ ଦେଇଚାଲିଥିବେ ଏଣୁତେଣୁ ବାଜେ ମତ ଓ ମନ୍ତବ୍ୟ, ଯାହାର କିଛି ଆଦର୍ଶଗତ କି ସାମାଜିକ ଭିତ୍ତିଭୂମି ହିଁ ନଥିବ। ସେଥିରେ କାହାର ମାନସିକ ଏବଂ/ଅଥବା ପାରିବାରିକ କି ସାମାଜିକ ଜୀବନ ଉପରେ କି ପ୍ରକାର ପ୍ରଭାବ ପଡୁଛି, ସେସବୁ ବିଚାର କରିବାକୁ ସେମାନଙ୍କ ପାଖରେ କୋଉଠି ସମୟ ଅଛି ଯେ ସେମାନେ ଦେଖିବେ କି ଜାଣିବେ? ଏଇ ଟାଉଟରମାନେ ଆଜିକାଲି ଗାଆଁରୁ ସହର ସବୁଠି ମିଳିଯାଉଛନ୍ତି ବହୁ ପରିମାଣରେ, ଯେଉଁମାନଙ୍କ ଜୀବନାଦର୍ଶ ହିଁ ହେଉଛି ନେଗେଟିଭିଟି। ଏମିତି ଲୋକମାନଙ୍କ ଆଖିକୁ କେବେହେଲେ ଦେଖାଯାଏନାହିଁ ଭଲକଥା କି ଭଲକାମ କିଛି ହେଲେ। ଏମାନେ ସବୁ ହେଉଛନ୍ତି ଜଣେ ଜଣେ ବର୍ଣ୍ଣାନ୍ଧ, ଯାହାଙ୍କ ଆଖିକୁ ଦେଖାଯାଏ ନାହିଁ ସୁନ୍ଦର ପୃଥିବୀ। ଅନ୍ୟର ଜୀବନରେ ବିଷ ଗୋଳିଦେବା ଏମାନଙ୍କ ପାଇଁ ଏକ ସାଧାରଣ କଥା। ତାଙ୍କ କୁମନ୍ତ୍ରଣାର ଫଳଶ୍ରୁତି ହେଉଛି ଯାବତୀୟ ସାମାଜିକ ବିଭ୍ରାଟ। ଏମିତି ହୀନକର୍ମା ମଣିଷଠାରୁ ସମ୍ବେଦନା କି ସହାନୁଭୂତି ଆଶା କରିବା ବୃଥା। ଠିକେ ଠିକେ କହିବାକୁ ଗଲେ ମାନବିକତା ଏବଂ ମାନବ ଜାତି ପାଇଁ ଏମାନେ ସମସ୍ତେ ହେଉଛନ୍ତି ଶତ୍ରୁ। ଏମାନଙ୍କୁ ଭସ୍ମାସୁର କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆହୁରି ମଧ୍ୟ ଦ୍ୱେଷଦର୍ଶୀ ହୋଇ ଗଲେଣି ଆଜିକାର ଲୋକଙ୍କ ମଧ୍ୟରୁ ଅନେକେ। ସର୍ବାଧିକ କହିଲେ ବି ଅତ୍ୟୁକ୍ତି ହେବନାହିଁ। ସ୍ଥାନ-କାଳ-ପାତ୍ର କିଛି ହିଁ ଭେଦାଭେଦ ନରଖି ସଦାବେଳେ ସେମାନେ ଏମିତି ହେଉଥା'ନ୍ତି, ଯେମିତି ହୁଏ ମାଛି। ସେଇଠି ଅମୃତତୁଲ୍ୟ ଖାଦ୍ୟ ଦରବରେ ବସି ରସ ଆସ୍ୱାଦନ କରୁଥିବ ମାଛି, ହେଲେ ସୁଯୋଗ ପାଇଲେ ଚଟାପଟ୍ ଉଡ଼ିଯାଇ ବସି ପଡ଼ିବ ଘାଆରେ। ଏଥିରୁ କି ସ୍ୱର୍ଗୀୟ ସୁଖ ପାଏ ମାଛି? ତାହା କେବଳ ମାଛିକୁ ହିଁ ଜଣା। କିନ୍ତୁ ଆଜିକାଲି ଆମ ସମାଜରେ ଏମିତି ମାଛି ପ୍ରକୃତିର ମଣିଷମାନଙ୍କର ପ୍ରାବଲ୍ୟ ବେଶି। ନିଜର କୁଟିଳେ ମାମଲତକାରୀ ବୁଦ୍ଧିବିଦ୍ୟାରେ ପରଘର ଭାଙ୍ଗିବାରେ ଖୁବ୍ ଓସ୍ତାଦ୍ ଏଇ ନରାଧମମାନେ। କୌରବର ଖାଇ ପାଣ୍ଡବର ମଙ୍ଗଳ ଚିନ୍ତା କରୁଥିବା ଜଣେ ଜଣେ ଘରଭଙ୍ଗା ଶକୁନିଏମାନେ ସମସ୍ତେ। ଆପଣାର ନିହିତ ସ୍ୱାର୍ଥ ସାଧନ ପାଇଁ ଏମାନେ ଅଚିରେ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରନ୍ତି ଗୋଟିଏ ସୁଖଶାନ୍ତି, ଧନବୈଭବ ପରିପୂର୍ଣ୍ଣ ସମୃଦ୍ଧ ସାମ୍ରାଜ୍ୟକୁ, ସମୁନ୍ନତ ସଭ୍ୟତାକୁ,



ମହାନ୍ ସଂସ୍କୃତିକୁ। ଏଇମାନେ ଦେଶ ଦୁନିଆରୁ ନିରନ୍ତର ନଷ୍ଟଭ୍ରଷ୍ଟ କରି ଚାଲିଥା'ନ୍ତି ଶାନ୍ତିମୈତ୍ରୀ, ସାମାଜିକ ସଂହତି ଓ ସୌହାର୍ଦ୍ଦ୍ୟ। ଲଜ୍ଜାର ବିଷୟ ହେଲା, ସଦାବେଳେ ମାନବ ସମାଜର ଆଗଧାଡ଼ିରେ ରହି ଆସୁଛନ୍ତି ଏଇ ଘରଭାଙ୍ଗୁ, ଦ୍ୱେଷଦର୍ଶୀ, ପରଶ୍ରୀକାତର ମଣିଷମାନେ, ଯେଉଁମାନଙ୍କ ଜୀବନର ଆଦର୍ଶ ହେଉଛି କେବଳ ଅନ୍ୟର ଅମଙ୍ଗଳ ତଥା ଅନିଷ୍ଟ ଚିନ୍ତା। ଧାନରୁ ଚାଉଳ ବାହାର କରିବା କି ଚାଉଳରୁ ଗୋଡ଼ି ବାଛି ବାହାର କରିବାଟା ଗୋଟେ ସାଧାରଣ କଥା। କିନ୍ତୁ ସମାଜରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଚାଉଳରୁ ମଧ୍ୟ ଧଡ଼ାଧଡ଼ ବାହାର କରିପକେଇବେ ମଞ୍ଜି। ଧିକ୍ ସେମାନଙ୍କ ପାରିବାପଣକୁ। ହଇହୋ ବାବୁ, ଚାଉଳରେ କ'ଣ ମଞ୍ଜି ଥାଏ? ସତ୍ୟାସତ୍ୟ, ଭଲମନ୍ଦ କିଛି ନ ଦେଖି କି ନପରଖି ଯେଉଁମାନେ ନିରନ୍ତର ଦେଇ ଚାଲିଥା'ନ୍ତି ପ୍ରତି ଘଟଣା/ଦୁର୍ଘଟଣା ଉପରେ କିଛିନା କିଛି ପ୍ରତିକୂଳ ମତ ଓ ମନ୍ତବ୍ୟ, ସେମାନେ ସବୁ ଗୋଟେ ଗୋଟେ ନାରକୀୟ କୀଟ। ଅନେକ ସମୟରେ ଏପରି ଦୁଷ୍ଟ ମାନସିକତା ଅତିଶୟ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ସୁସ୍ଥ ସମାଜ ପାଇଁ। ହେଲେ ଏହା ଦେଖୁଛି କିଏ? ଏଇ ଶ୍ରେଣୀର ଅସାମାଜିକ ମଣିଷମାନଙ୍କ ଦୃଷ୍ଟିରେ ତ ସ୍ୱୟଂ ସେଇମାନେ ହିଁ ଖାଣ୍ଟି ସୁନା, ପୂରାପୂରି ଚବିଶ କ୍ୟାରେଟ୍। ଆଉ ବାକି ସମସ୍ତେ ଚୋର ଖଣ୍ଟ ମିଛୁଆ ରାଧୁଆ। ଅନ୍ୟକୁ ଗାଳିମନ୍ଦ କରିବାଟା ସେମାନଙ୍କ ମୌଳିକ ଅଧିକାର ଯେମିତି। ଜଣେ ଭଲ ମଣିଷର ହୃଦୟକୁ ଖୁବ୍‌କଷ୍ଟ ଦେଇଥାଏ ନିନ୍ଦା, ଅପମାନ ତଥା ବଦନାମ ସୂଚକ ଅପଶବ୍ଦ ସବୁ। ଏପରିକି ତା'ର ମନୋବଳ ଭାଙ୍ଗି ଦେଇଥାଏ ଅତ୍ୟନ୍ତ ନିର୍ଦ୍ଦୟ ଭାବେ। ବେଳେବେଳେ ଗୋଟେ ଦୋଦୁଲ୍ୟମାନ ସ୍ଥିତିରେ ରହିବାକୁ ବାଧ ହୋଇଥାଏ ସତ୍‌ପଥର ପଥିକଟିଏ। କ'ଣ କରିବ/ନ କରିବ ସ୍ଥିର କରି ପାରେନାହିଁ ସେ। ଜଣେ ଭଲମଣିଷ ପାଇଁ ଏଇ ସ୍ଥିତି ସବୁଠୁ ଯନ୍ତ୍ରଣାଦାୟକ।

ଏହା ଅବଶ୍ୟ ସତ ଯେ ଆପଣା ଆପଣାର ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ନେଇ ଦୁନିଆକୁ ଦେଖିବାକୁ ଭଲ ପାଇଥାଆନ୍ତି ମଣିଷମାନେ, ଯାହା ହୋଇଥାଏ ମୁଖ୍ୟତଃ ସ୍ୱାର୍ଥସର୍ବସ୍ୱ ତଥା ଆତ୍ମକୈନ୍ଦ୍ରିକ। ଆପଣାର ଲକ୍ଷ୍ୟ ହାସଲରେ ସାମାନ୍ୟ କିଛି ଅସୁବିଧା ଦେଖାଦେଲେ କି ସ୍ୱାର୍ଥରେ ଆଘାତ ଲାଗିଲେ, ସଙ୍ଗେସଙ୍ଗେ ଆରମ୍ଭ ହୋଇଯାଏ ତୁମ୍ବିତୋଫାନ, ନିନ୍ଦା ବଦନାମ। ଏହା ହିଁ ବଡ଼ଲଜ୍ଜାର ବିଷୟ। ହେଲେ ଏହା କାହାକୁ କହିବା? ନିନ୍ଦା ଅପମାନ ହେଉଛି ଭଲ ମଣିଷଙ୍କ ନିୟତି। ଅନେକ ମହାମନୀଷୀଙ୍କ ଜୀବନରେ ଏହା ହିଁ ନିଷ୍ଠୁର ଉପଲବ୍ଧି। କିନ୍ତୁ ଏହା ମଧ୍ୟ ସତ ଯେ ନିତିଦିନ ଭଲମନ୍ଦ, ନିନ୍ଦାସ୍ତୁତି, ଯଶ ଅପଯଶ ପ୍ରତିଟି ଆଚାର ବ୍ୟବହାରର ଠିକ୍ ହିସାବ ରଖୁଥାଏ କାଳ। ଧର୍ମନିକିତିରେ ତଉଲି ଦେଖୁଥାଏ ମଧ୍ୟ। ଉପଯୁକ୍ତ ସମୟରେ ଉପଯୁକ୍ତ ବିଚାର କରିବା ହେଉଛି ତାର ପରମଧର୍ମ। ତେଣୁ ନିନ୍ଦା କି ସ୍ତୁତି ପ୍ରତି ଦୃଷ୍ଟି ନ ଦେଇ, ଆପଣାର କର୍ମପଥରେ ଅବିଚଳିତ ଭାବେ ଆଗେଇଯିବା ହେଉଛି ବୁଦ୍ଧିମାନର କାର୍ଯ୍ୟ। ବାକି କଥା ସମୟ ହିଁ କହିବ।

**ଭାରତୀ କୁଟୀର, ଢୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ: ୮୨୪୯୮୦୭୨୬୭**

## ଏଇ ଭାରତରେ

ବିବିଧତାର ଦେଶ ଭାରତ। ଏଠାରେ ବିଭିନ୍ନ ଜାତି କିମ୍ବା ବର୍ଗର ଲୋକଙ୍କ ସଂସ୍କୃତି ଓ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳେ। ଏଥିମଧ୍ୟରେ ବସନ୍ତ ଋତୁର ଆଗମନ ପୂର୍ବରୁ କଶ୍ମୀରରେ ପାଳିତ ବାସ୍କେଟ ଫିଶିଂ ଫେଷ୍ଟିଭାଲ ଅନ୍ୟତମ। ଏହା ଏକ ନିଆରା ମାଛଧରା ପର୍ବ। ଲୋକମାନେ ସ୍ଥାନୀୟ ଝରଣା କିମ୍ବା ନଦୀକୂଳରେ ଏକାଠି ହୁଅନ୍ତି। ପୁରୁଷ, ମହିଳା ଏପରି କି ପିଲାମାନେ ଏହି ମାଛଧରା ପର୍ବରେ ସାମିଲ ହୋଇଥା'ନ୍ତି। ସେମାନେ ଟୋକେଇ ଧରି ମାଛ ଧରିବାକୁ ପ୍ରସ୍ତୁତ ହୋଇ ରହିଥାଆନ୍ତି। 'ଯାଅ' କହିବା କ୍ଷଣି ସେମାନେ ପାଣିରେ ପଶି ଟୋକେଇରେ ମାଛ ଧରିବା ଆରମ୍ଭ କରିଦିଅନ୍ତି। ଟୋକେଇକୁ ପାଣିରେ ବୁଡ଼ାଇ ଉଠାଇବା ପରେ ସେଥିରେ ଦଳ, ଶିଉଳି ଓ ଘାସ ସହ ମାଛ ବି ଥାଏ। ଏଭଳି ମାଛ ଧରିବା ସେମାନଙ୍କ ଭାଗ୍ୟକୁ ଦର୍ଶାଇଥାଏ। ଅର୍ଥାତ୍ ଯେଉଁମାନଙ୍କ ଟୋକେଇରେ ଦଳ ମଧ୍ୟରେ ଅଧିକ ମାଛ ରହେ, ସେମାନେ ଭାଗ୍ୟଶାଳୀ ବୋଲି ବିବେଚିତ ହୁଅନ୍ତି। ଲୋକମାନେ ଧରୁଥିବା ମାଛକୁ ସେମାନଙ୍କ ମୁଣ୍ଡରେ ବନ୍ଧା ହୋଇଥିବା ବ୍ୟାଗରେ ରଖନ୍ତି। ଉକ୍ତ ପର୍ବ ପାଳନ କରିବା ପଛରେ ଥିବା ଆଉ କାହାଣୀ କହେ ଯେ, ଏଭଳି ମାଛଧରା ଯୋଗୁ ଝରଣା ଓ ନଦୀରୁ ଘାସ ଓ ଶିଉଳି ସଫା ହୋଇଯାଏ ; ଯାହା ବ୍ୟବହାର ଉପଯୋଗୀ ହୋଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଫେବୃୟାରୀ ୧୯୯୮**

- ପ୍ରତିଦିନ ୭୦୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ବ୍ୟାପକ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ନେଇ ଢାକାର ଜାୟାରିଆଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ।
- ଆସାମର ସିଲଚର ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପିର ମଣ୍ଡଳ ଉପସଭାପତି ନରେଶ ଗୋଆଲାଙ୍କୁ ଅଜ୍ଞାତ ଦୁର୍ବୃତ୍ତମାନେ ଅପହରଣ କରିନେଇ ହତ୍ୟା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରକାଳୀନ ପ୍ରାପ୍ୟ ଦିଆଯାଉ

ମହାଶୟ,

ମୁଁ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ୨୦୧୮ ନଭେମ୍ବରରେ ମୁଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଧର୍ମଦାସପୁର ଖୋର୍ଦ୍ଧାରୁ ଅବସର ନେଇଛି। ଅବସର ନେବାର ୨୦ଦିନ ଭିତରେ ସମସ୍ତ କାଗଜପତ୍ର ଠିକ୍ କରି ୩ଟି ପେନ୍‌ସନ ପେପର ଦାଖଲ କରିଥିଲି। ଜିଲା ଶିକ୍ଷାଧିକାରୀଙ୍କ ଅଫିସକୁ ବାରମ୍ବାର ଯାଉଥିଲେ ବି ମୋ କଥା କୌଣସି କିରାଣି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କ ପାଖରେ ଗୁହାରି କରିବାରୁ ସେ କିରାଣିମାନଙ୍କୁ ପଚାରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଲେ। ମୁଁ ଜିଲାପାଳଙ୍କୁ ଜଣାଇଲି। ସେ କହିଲେ, ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇ ମୁଁ ଏକଥା କହିଛି ବୋଲି କହିବାକୁ । ପୁଣି ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କଲି। ସେ ପୁନର୍ବାର କିରାଣିମାନଙ୍କୁ ଡକାଇ ସମସ୍ୟା ସମାଧାନ କରିବାକୁ କହିଲେ। ସବୁ କାଗଜପତ୍ର ଠିକ୍ ଥାଇ ମୁଁ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛି। ମୁଁ ଏବେ କର୍କଟ ରୋଗରେ ପୀଡ଼ିତ। ଡାକ୍ତରଙ୍କ କଥାନୁସାରେ ଚିକିତ୍ସା ହୋଇପାରୁନି। ୨ୟରେ ଅବସରକାଳୀନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ମୋ କଥା ବିଚାରକୁ ନେଲେ ମୁଁ ହୁଏତ କର୍କଟ ରୋଗ ଚିକିତ୍ସା କରିପାରନ୍ତି।

**-ମାଧବ ଚନ୍ଦ୍ର ରାଉତ, ଧର୍ମଦାସପୁର, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏସ୍‌ପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ

- ବଲାଙ୍ଗୀରରେ ବଢ଼ୁଛି ଅପରାଧ, ଭଗବାନ ଭରସାରେ ଲୋକେ
- ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ଅଭିନବ ପ୍ରତିବାଦ
- ଏକ ମାସ ଭିତରେ ସ୍ଥିତି ସୁଧାର ଦାବି

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ସହର ଏବଂ ଜିଲାରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଘଟଣାକୁ ନେଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୋମବାର ଏସ୍‌ପି ଅଫିସ ସମ୍ମୁଖରେ ଏକ ଅଭିନବ ପ୍ରତିବାଦ କରାଯାଇଥିଲା। ଏସ୍‌ପି ଅଫିସ ସମ୍ମୁଖରେ ପୋଲିସର ଦକ୍ଷତାକୁ ପ୍ରଶ୍ନ କରି ସ୍ୱେଚ୍ଛାସେବୀମାନେ ଭଗବାନ ହିଁ ଏକମାତ୍ର ଭରସା ଏହି ମର୍ମରେ ସେଠାରେ ଶାନ୍ତିଯଜ୍ଞ କରିଥିଲେ। ବର୍ଦ୍ଧିତ ଅପରାଧକୁ ପୋଲିସ ରୋକିପାରୁନି। ଏଣୁ ବ୍ୟସ୍ତବିବ୍ରତ ଜନତା ଏବେ ଭଗବାନ ଭରସାରେ ବୋଲି ଅଭିନବ ଢ଼ଙ୍ଗରେ ଏସ୍‌ପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ କରିଥିଲେ। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲା ସଚେତନ ନାଗରିକ ମଣ୍ଡଳୀ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, କାଉନସିଲର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ଶାନ୍ତି ରାଲିରେ ବାହାରି ଜିଲାପାଳ କାର୍ଯ୍ୟାଳୟ, ଭାଗିରଥି ଛକ ଦେଇ ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଏସପି ଅଫିସ ସମ୍ମୁଖ ଟାଉନ୍ ହଲ ନିକଟରେ ଶାନ୍ତିଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା।

ପୂର୍ବରୁ ବଲାଙ୍ଗୀର ଏକ ଶାନ୍ତିପ୍ରିୟ ସହର ଥିଲା। ଏବେ ଅପରାଧ, ନିଶା କାରବାର, ଖଣ୍ଡା, ବନ୍ଧୁକ, ଗୁଳିର ସହର ପାଲଟି ଯାଇଛି। ଅପରାଧିମାନେ ନିର୍ଭୟରେ ଅପରାଧ କରୁଛନ୍ତି। ପୋଲିସକୁ ଅପରାଧିମାନେ ଭୟ କରୁନାହାନ୍ତି। ସହର ଚାରିଆଡେ ନିଶା କାରବାର ହେଉଛି। ନାବାଳକ, ଯୁବକ ନିଶା ସେବନ କରି ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି। ଏଭଳି ପିରିସ୍ଥିତିରେ ପୋଲିସ ଅପରାଧିଙ୍କୁ କାବୁ କରିବା ପରିବର୍ତ୍ତେ ମୂକ ଦର୍ଶକ ସାଜିଛି ବୋଲି ଅଭିଯୋଗ କରିଥିଲେ। ବଲାଙ୍ଗୀର ପୋଲିସକୁ ବଳ ପ୍ରଦାନ କରିବା, ଜନସାଧାରଣଙ୍କୁ ଏକତାବଦ୍ଧ କରିବା ଏବଂ ସହରରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏସପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ କରାଯାଇଥିଲା। ପୂଜକମାନେ ହୋମଯଜ୍ଞ, ମନ୍ତ୍ରୀ ଉଚ୍ଚାରଣ କରି ପୂଜାପାଠ କରିଥିଲେ। ଏହାପରେ ଏସ୍‌ପି ନୀତିନ କୁଶଲକରଙ୍କୁ ସାକ୍ଷାତ କରି ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ବଲାଙ୍ଗୀରରେ ଅପରାଧ ଓ ଅପରାଧି ଦମନ, ବେଆଇନ ନିଶା କାରବାର ବନ୍ଦ କରିବା, ପୋଲିସ ପାଟ୍ରୋଲିଂକୁ ଜୋରଦାର କରିବା, କୁଚିଆ ମଦ ଓ କଫ୍ ସିରପ କାରବାର ବନ୍ଦ କରିବା, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଉପରେ ନଜର ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିନିଧି ମଣ୍ଡଳରେ ସ୍ୱେଚ୍ଛାସେବୀ କାହ୍ନା ଶତପଥୀ, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ବିବେକାନନ୍ଦ ପଟେଲ, ନାରୀ ସଙ୍ଗଠନର ନୂତନ ଦାସ, ବିଜେଡିର ରାଜେନ୍ଦ୍ର ହୋତା, କାଉନସିଲର ଶମ୍ଭୁ ନାଗ, କଂଗ୍ରେସର ଅଜୟ ବାଲି, ବିଧୁଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରିବା ପରେ ଏସପି କୁଶଲକର ୯୦ ପ୍ରତିଶତ ଅପରାଧର ଅଭିଯୁକ୍ତଙ୍କୁ ପୋଲିସ କାବୁ କରିସାରିଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୋଲିସ ଟାକ୍ସଫୋର୍ସ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସେମାନେ ଧରାପଡିବେ ବୋଲି କହିଥିଲେ।



ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶାନ୍ତିଯଜ୍ଞ କରାଯାଉଛି।

## ଦୋମୁହାଁ ନୀତି ଚଳିବନି: ଏସ୍‌ପି


ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଆନ୍ଦୋଳନକାରୀଙ୍କୁ ପ୍ରଶ୍ନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୩।୨:** ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲା ସଚେତନ ନାଗରିକ ମଣ୍ଡଳୀ ପକ୍ଷରୁ ସୋମବାର ଏସପିଙ୍କୁ ଦାବିପତ୍ର ଦିଆଯାଇଥିଲା। ୭ ଦଫା ଦାବି ଶୀଘ୍ର ପୂରଣ କରିବା ଏବଂ ସହରରେ ଶାନ୍ତି ପ୍ରତିଷ୍ଠା କରିବାକୁ ଏସପିଙ୍କୁ ଆନ୍ଦୋଳନକାରୀମାନେ ଅନୁରୋଧ କରିଥିଲେ। ଆଲୋଚନା ଚାଲିଥିବାବେଳେ ହଠାତ୍ ଏସ୍‌ପି କୁଶଲକର ଆପଣମାନଙ୍କ ଭିତରୁ ଶମ୍ଭୁ କିଏ ବୋଲି ପ୍ରଶ୍ନ କରିଥିଲେ। କିଛିଦିନ ତଳେ ପୋଲିସ ଜଣେ କଫ୍ ସିରପ ବେପାରୀଙ୍କୁ ଗିରଫ କରିଥିଲା। ଉକ୍ତ ଅଭିଯୁକ୍ତଙ୍କୁ ଛାଡି ଦେବା ପାଇଁ ଶମ୍ଭୁ ବାବୁ ଥାନାକୁ କାହିଁକି ଯାଇ ଆଇଆଇସିଙ୍କୁ କହିଥିଲେ। ଏଭଳି ଭାବେ ରାଲିରେ ଗୋଟିଏ କଥା କହି ପୁଣି ଫୋନ୍‌ରେ ଗୋଟିଏ କଥା କହିଲେ କିଭଳି ପୋଲିସ କାମ କରିବ ବୋଲି ପ୍ରଶ୍ନ କରିଥିଲେ। ଆନ୍ଦୋଳନକାରୀଙ୍କ ଭିତରେ ଥିବା ବିଜେଡି କାଉନସିଲର ଶମ୍ଭୁ ନାଗ ଏସ୍‌ପି କୁଶଲକରଙ୍କୁ ନିଜର ପକ୍ଷ ରଖିବା ପାଇଁ ଚେଷ୍ଟା କରିଥିଲେ। ଯେଉଁ ଯୁବକଙ୍କୁ ପୋଲିସ ଗିରଫ କରିଥିଲା ସେ ପୂର୍ବରୁ ସେହି ଲାଇନ୍‌ରେ ଥିଲେ। ଏବେ ସେ ସୁଧରି ଯାଇଥିବାରୁ ସେ ଥାନାକୁ ଯାଇଥିଲେ ବୋଲି କହିଥିଲେ।ଆଇଆଇସି ତାହା ପୁରୁଣା କେଶ୍ ବୋଲି କହିବା ପରେ ସେଠାରୁ ଫେରି ଆସିଥିଲେ ବୋଲି କହିଥିଲେ। ଏହା ପରେ ଏସପି କୁଶଲକର ସେଦିନ ଆପଣ ଥାନାକୁ ଯାଇଥିଲେ କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ରାଲିରେ ଆସି ଗୋଟିଏ କଥା ଫୋନ୍‌ରେ ଗୋଟିଏ କଥା କହିଲେ ଚଳିବନି ବୋଲି ଏସପି କହିଥିଲେ। ଜଣେ ଆନ୍ଦୋଳନକାରୀ ଶମ୍ଭୁ ନାଗଙ୍କୁ ପଛକୁ ଚାଲିଯିବାକୁ କହିଥିଲେ। ଯିଏ ଏଭଳି ଦୋମୁହାଁ କଥା କହୁଛି ତା କଥା ଶୁଣନ୍ତୁ ନାହିଁ ବୋଲି ଏସପିଙ୍କୁ ଅନୁରୋଧ କରି ଅପରାଧ ନିୟନ୍ତ୍ରଣ ଏକମାତ୍ର ଲକ୍ଷ୍ୟ ହେଉ ବୋଲି କହିଥିଲେ।

## ସଂକ୍ଷେପରେ

### ଖବରଦାତାଙ୍କୁ ପିଇଓଙ୍କ ଆକ୍ରମଣ, ଥାନାର ଦ୍ୱାରସ୍ଥ

**କୋକସରା, ୧୩।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତରେ ସୋମବାର ଜନଶୁଣାଣି ଶିବିର ଚାଲିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଏକ ଦୈନିକ ଖବରକାଗଜର ଗଣମାଧ୍ୟମ ପ୍ରତିନିଧିଙ୍କୁ ପଞ୍ଚାୟତ ପିଇଓ ଅଶାଳୀନ ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଲଡୁଗାଁର ଖବରଦାତା କିଶନ କୁମାର ପଟ୍ଟନାୟକ ଜନଶୁଣାଣି ଶିବିରର ଖବର ସଂଗ୍ରହ କରିବାକୁ ଯାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଏକାଧିକ ମଦ ବୋତଲ ପଡ଼ିଥିବା ଦେଖି ଏ ସମ୍ପର୍କରେ ଉକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ସତୀଶ କୁମାର ରଥଙ୍କ ପ୍ରତିକ୍ରିୟା ପଚାରିଥିଲେ। ଏଥିରେ ପିଇଓ ରାଗି ଯାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ଗଣମାଧ୍ୟମ ପ୍ରତିନିଧି ସମ୍ପୃକ୍ତ ପିଇଓଙ୍କୁ ଗିରଫ ପାଇଁ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କ ପ୍ରତିକ୍ରିୟା ନେବାରୁ ଥାନାରେ ଏ ନେଇ ଏକ ମାମଲା (ନଂ.୧୪/୨୦୨୩) ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। କୋକସରା ବ୍ଲକର କାର୍ଯ୍ୟରତ ଖବରଦାତାମାନେ ଥାନା ଅଧିକାରୀଙ୍କୁ ଭେଟି ପିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

### ଗରିବଙ୍କ ବନ୍ଧୁ ଅର୍ଣ୍ଣଦା ଶଙ୍କର ଦାସଙ୍କ ମହାନତା

**ଖଡ଼ିଆଲ, ୧୩।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଦାବ୍ରି ଗ୍ରାମପଞ୍ଚାୟତ ଭାଲୁଡୁଙ୍ଗରି ଗ୍ରାମର ଆଦିବାସୀ ଦମ୍ପତିଙ୍କୁ ମାସିକ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ନିଷ୍ପତ୍ତି ନେଇଛନ୍ତି ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅର୍ଣ୍ଣଦା ଶଙ୍କର ଦାସ। କେନ୍ଦ୍ର ସରକାରଙ୍କ ଯକ୍ଷ୍ମା ମୁକ୍ତ ଭାରତ ଗଠନ ଆହ୍ୱାନକ୍ରମେ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଗ୍ରହଣ କରି ସେମାନଙ୍କୁ ମାସିକ ଖାଦ୍ୟ ସାମଗ୍ରୀ ଯୋଗାଣ ପାଇଁ ନିଷ୍ପତ୍ତି ନେଇଛନ୍ତି ନୂଆପଡ଼ା ଜିଲା ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅର୍ଣ୍ଣଦା ଶଙ୍କର ଦାସ। ଖଡ଼ିଆଲ ବ୍ଲକ ଦାବ୍ରି ଗ୍ରାମପଞ୍ଚାୟତ ଭାଲୁଡୁଙ୍ଗରି ଗ୍ରାମର ଆଦିବାସୀ ଦମ୍ପତିଙ୍କୁ ଛଅ ମାସ ଖାଦ୍ୟ ସାମଗ୍ରୀ ବଣ୍ଟନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ଡାକ୍ତର ଦାସ ସହଯୋଗ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ସମୟରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ଏ ନେଇ ଡାକ୍ତର ଦାଶଙ୍କୁ ପଚାରିବାରୁ ସେମାନେ ଯେତେ ଦିନ ପର୍ଯ୍ୟନ୍ତ ଯକ୍ଷ୍ମା ଔଷଧ ସେବନ କରିବେ ସେତେଦିନ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଜିଲାରେ ୬ଜଣ ଡାକ୍ତର ବିଭିନ୍ନ ଗ୍ରାମର ଯକ୍ଷ୍ମା ରୋଗୀମାନଙ୍କୁ ପୌଷ ଗ୍ରହଣ କରିଥିବା ବେଳେ ଖଡ଼ିଆଲ ବ୍ଲକରେ ଦାଶ ପୌଷ ଗ୍ରହଣ କରିଥିବା ଜଣାପଡ଼ିଛି।

# ବୁଢ଼ାରଜା କପ୍ କ୍ରିକେଟ: ଦିଆନମୁଣ୍ଡା ଚାମ୍ପିୟନ

**ନୂଆପଡ଼ା ଅଫିସ, ୧୩।୨**

ନୂଆପଡା ସଦର ବ୍ଲକ କେରମେଲି ଚେକଗେଟ ଖେଳପଡିଆରେ ଚାଲିଥିବା ଦଶମ ବୁଢାରଜା କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦିଆନମୁଣ୍ଡା ଓ ସାଇପଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ସାଇପଲାକୁ ହରାଇ ଦିଆନମୁଣ୍ଡା ଚାମ୍ପିୟନ ହୋଇଛି। ଦିଆନମୁଣ୍ଡା ଟସଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ୧୫୬ ରନର ପିଛା କରି ସାଇପଲା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୦ରନ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ମୁଖ୍ୟଅତିଥି, କେରମେଲି ସରପଞ୍ଚ ହିରାଲାଲ ମାଝି, ସମିତି ମଙ୍ଗଳ ସିଂ ମାଝି, ଦିଲେଶ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଦିଆନମୁଣ୍ଡା ଦଳର ଉମେଶ ଶବରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ କୁମାର ଦୁରିଆ, ଭାଳେଶ୍ୱର ମାଝି ଖେଳ ପରିଚାଳନା କରିଥିବା ବେଳେ ଜୟ କିଷନ ସୁନାନୀ, ପ୍ରମୋଦ ମାଝି, ଅଶୋକ ମାଝି ଧାରାବିବରଣି ପ୍ରଦାନ କରିଥିଲେ। ନରେଶ ମାଝି ସ୍କୋର ଦାୟିତ୍ୱ ତୁଲାଇଥିଲେ। ବୁଢାରଜା କ୍ଲବ ସଦସ୍ୟ ସୋମ୍ୟରଞ୍ଜନ ମାଝି, ଧରଣୀ ମାଝି, ସୁରେନ୍ଦ୍ର ମାଝି, ଗୁମାନ ମାଝି, ସୁରେନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବିବାଦ ଯୋଗୁ ଓହରିଲା ପନେସରା ଦଳ

**ଲୋଇସିଂହା, ୧୩।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାନଟିକା ଜଳେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ବି ଗ୍ରୁପର ସେମିଫାଇନାଲ ମ୍ୟାଚ ବେଳେ ଗଣ୍ଡଗୋଳ ଘଟିଛି। ବି ଗ୍ରୁପ ସେମିଫାଇନାଲ ମ୍ୟାଚ ଆୟୋଜକ ସାନଟିକା ଓ ପନେସରା ମଧ୍ୟରେ ହୋଇଥିଲା। ସାନଟିକା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ପନେସରା ଦଳ ବ୍ୟାଟିଂ କରିବା ବେଳକୁ ଅନ୍ୟତମ ଖେଳାଳି ନିତ୍ୟାନନ୍ଦ ପାଣ୍ଡେଙ୍କୁ ନେଇ ପ୍ରତିପକ୍ଷ ଦଳର ଖେଳାଳିମାନେ ଆପତ୍ତି ଉଠାଇଥିଲେ। ସେ ପନେସରା ଗ୍ରାମର ବାସିନ୍ଦା ନୁହେଁ ବୋଲି ଅଭିଯୋଗ ଆଣିବା ପରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଏହାକୁ ନେଇ ବଚସା ହୋଇଥିଲା। ସମ୍ପୃକ୍ତ ଖେଳାଳି ଜଣକ ପନେସରରା କି ନୁହେଁ ତାହାର ସ୍ପଷ୍ଟୀକରଣ ପାଇଁ ଆୟୋଜକମାନେ ସେଠାକାର ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷଙ୍କୁ ଫୋନ ଯୋଗେ ପଚାରିଥିଲେ। ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପନେସରାର ବାସିନ୍ଦା ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ମଧ୍ୟ ପନେସରା ଦଳକୁ ସେମିଫାଇନାଲ ଖେଳିବାକୁ ବାରଣ କରାଯାଇଥିଲା। ଶେଷରେ ପନେସରା ଦଳ ନିଜର ପ୍ରବେଶ ଶୁଳ୍କ ଫେରାଇବା ଦାବି କରି ଟୁର୍ନାମେଣ୍ଟରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ଆୟୋଜକ ପ୍ରବେଶ ଶୁଳ୍କ ଫେରାଇ ନ ଥିଲେ। ଫଳରେ ପନେସରା ଦଳ ନିରାଶ ହୋଇ ଫେରିଥିଲା ବୋଲି ଦଳର ରବି ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆୟୋଜକଙ୍କୁ ପଚାରିବାରୁ ଅଭିଯୋଗ ଆସିଥିବା ଖେଳାଳି ଜଣକ ପୂର୍ବରୁ ଲୁହୁରାପାଲି ଦଳରୁ ଖେଳି ଆସୁଥିବାରୁ ପ୍ରତିପକ୍ଷ ଦଳ ଆପତ୍ତି ଉଠାଇଥିଲେ। ଖେଳ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ହେବା କଥା। ଏଭଳି ଘଟଣା ଦୁର୍ଭାଗ୍ୟଜନକ ବୋଲି ଖେଳପ୍ରେମୀମାନେ କହିଛନ୍ତି।

**ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ**

**MILK UNION SAMBALPUR**
**VEHICLE REQUIRED ON HIRE**
1.Tata Ace or similar type of vehicle required on Hire for Birjupali to Prakashpur Milk Route running both morning & evening covering 110 K.M.
Interested Parties may purchase and submit Tenders by 27.02.2023.
Tender Paper cost- Rs.200/-+GST
EMD- Rs.2,000/-

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-70-22
କାର୍ଯ୍ୟର ବିବରଣୀ : ତିନି ବର୍ଷର ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଖୋର୍ଦ୍ଧା ରୋଡ଼ ଅଧିନସ୍ଥ ଖୋର୍ଦ୍ଧା ରୋଡ଼ - ଗଙ୍ଗାଧରପୁର - ମୋଟାରୀ - ନୂଆଗାଁ ରୋଡ଼ ସେକ୍ସନ, ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର - ରାଧାକିଶୋରପୁର - ରେତଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ପୁରୀ ଅଧିନସ୍ଥ ପୁରୀ - କଣାସ ରୋଡ଼ ସେକ୍ସନ ରେ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ପାଇଁ ବିବିଧ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 16,83,46,964.46, EMD (ଟଙ୍କାରେ) : ₹ 9,91,700/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.03.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-1000/N/22-23

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-CASHLIFTING-2023
କାର୍ଯ୍ୟର ନାମ : 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର 115 ଷ୍ଟେସନ (ଏକ ଶହ ଏବଂ ପନ୍ଦର) ଗୋଟି ଷ୍ଟେସନ / ସ୍ଥାନଗୁଡ଼ିକରୁ ଷ୍ଟେସନ ନଗଦ ଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ ପୂର୍ବ ତଟ ରେଳପଥର PFA ଆକାଉଣ୍ଟ୍‌ରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement)।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 2,04,71,947.20, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.03.2023ରିଖ 1100 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1001/N/22-23

# ମାହେଶ୍ୱରୀ ସଙ୍ଗଠନର ନିଆରା ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଙ୍ଗଠନ ସ୍ଥାନୀୟ ସାମ୍ବାଦିକ ଭବନଠାରେ ତିନୋଟି ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। କୋଶଳାଞ୍ଚଳର ଲୁପ୍ତପ୍ରାୟ ବେଶଭୂଷା ପାରମ୍ପରିକ ଆୟ-ଅଳଙ୍କାର ବୃତ୍ତି ବ୍ୟବସାୟକୁ ଲୋକଲୋଚନକୁ ଆଣିବା ପାଇଁ ଏକ ଅଭିନବ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୋଶଲୀ ପିନ୍ଧନ ନାମରେ ଆୟୋଜିତ କାର୍ଯ୍ୟକ୍ରମକୁ କଳାକାର, ଦର୍ଶକ, ସଂସ୍କୃତିପ୍ରେମୀ ତଥା ଗବେଷକ ପ୍ରଶଂସା କରିଥିଲେ। ଚଳିତ ବର୍ଷ ଶ୍ରୀ-କୋଶଳୀ ଭାବେ ଭୁବନେଶ୍ୱର ପ୍ରଧାନ ତଥା ସୁଶ୍ରୀ-କୋଶଲି ଭାବେ ସୀମା ମଲ୍ଲିକ ନିର୍ବାଚିତ ହୋଇଥିଲେ। ବିଚାରକ ଭାବେ ହରେକୃଷ୍ଣ ସାହୁ, ଯାଜ୍ଞସେନୀ ମହାପାତ୍ର ତଥା ସସ୍ମିତା ସାହୁ ଦାୟିତ୍ୱ ତୁଲାଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ କୋଶଲି ଲୋକସଂସ୍କୃତି ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ, ଗୋପାଳ ପଧାନ, ବାସୁଦେବ ସା ଉପସ୍ଥିତ ଥିଲେ। ଅପରାହ୍ଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରିପୋର୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଶୀର୍ଷକ ବିଷୟ ଉପରେ ବିଭିନ୍ନ କଲେଜର ୨୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଜେଏସ୍‌ଏମ୍ କଲେଜର ଅହିଂସା ଜୈନ ପ୍ରଥମ ଏବଂ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜର ତୃପ୍ତିମୟୀ ମହାପାତ୍ର ଦ୍ୱିତୀୟ ଏବଂ ଆଶୁତୋଷ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ବୀରେନ୍ଦ୍ର କୁମାର ଝାଙ୍କର, ଚନ୍ଦ୍ରଭାନୁ ମୋଲନା ଏବଂ ଜ୍ୟୋତ୍ସ୍ନାରାଣୀ ଦାଶ ଯୋଗଦାନ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ମନୋରଞ୍ଜନ ଯୋଷୀ ଦାୟିତ୍ୱ ତୁଲାଇଥିଲେ। ପରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ତନୁପ୍ରିୟା ଯାଦବ ବିଜୟୀ ଘୋଷିତ ହୋଇଥିଲେ। ପ୍ରୀୟଂସା ସାହୁ ଦ୍ୱିତୀୟ ଏବଂ ହର ଜେକସନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦଳୀୟ ନୃତ୍ୟରେ ଅପୁ ଏବଂ ଆକାଶ ପ୍ରଥମ ତଥା ସରକାରୀ ଆଇଟିଆଇ ଛାତ୍ରବୃନ୍ଦ ଦ୍ୱିତୀୟ ହୋଇଥିଲେ। ଅନୁଷ୍ଠାନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ଏବଂ ସଭାପତି ଶୋଭନ କୁମାର ଅଗ୍ରୱାଲ ନେତୃତ୍ୱରେ ମାହେଶ୍ୱରୀ ସଙ୍ଗଠନର ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବରେ ଏହି କୃତୀ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯାଇଥିଲା।



କୋଶଲୀ ପିନ୍ଧନ କାର୍ଯ୍ୟକ୍ରମରେ ପ୍ରତିଯୋଗୀଙ୍କ ସହ ବିଚାରକ ଓ ଆୟୋଜକ।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା: ୪୦୪ ତା୧୩।୦୨।୨୦୨୩ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସ (ବାଲିଘାଟ)ଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, ଟିଟିଲାଗଡ଼

**GOVT. OF ODISHA** No.A-1148:
**OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE**
Phone No. 06782-296500, e-Mail id: eebid1234@gmail.com
**'e'-Procurement Notice No. SEBID 03 of 2022-23**

| | | |
|---|---|---|
| 1. | Procurement Officer | Superintending Engineer, Balasore Irrigation Division, Balasore |
| 2. | Total No. of Works | 11 (Eleven) Nos. of Works |
| 3. | Estimated Cost | Varies from Rs.52.93 lakhs to Rs.96.81 lakhs approximately (details can be seen in the DTCN of bid documents of the respective works) |
| 4. | Class of Contractor | (Details can be seen in the DTCN of bid documents of the respective works) |
| 5. | Bid Security | Details can be seen in the DTCN of bid documents of the respective works. |
| 6. | Period of Completion | 03 (Three) Calendar Months. Details can be seen in the DTCN of bid documents respective works. |
| 7. | Date & time of availability of Bid Documents in the portal for Online bidding | From Dt.14.02.2023, 10.00 hours to 28.02.2023, upto 17.00 hours. |
| 8. | Last date/time for receipt of Bid only in online | 28.02.2023 upto 17.00 hours |
| 9. | Date/time of Opening Technical Bid (Cover-I) | 01.03.2023 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | eebid 1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-32110/11/0013/2223

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum-I to Notice Inviting Tender (NIT)**
Tender Notice No. TPWODL/SD/O/SER/ 140/ Corrigendum/ 001
Rate Contract for Civil work
at District Medical Sonepur at TPWODL
The time period is hereby extended for Submission of Tender Participation Fee and Authorization Letter through e-mail till 15th February 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR**
**"e" Procurement Notice No.07/2022-23**
No.KK-332: No.382, Date:10.2.23

| | | |
|---|---|---|
| 1. | Name of the Work | 03 number works of OUAT at Bhubaneswar |
| 2. | Estimated Cost | Rs.7.17 lakh to Rs. 71.32 lakh approximate |
| 3. | Period of Completion | 30 days to 180 days |
| 4. | Date and Time of availability of Bid documents in the portal | From Dt.16.02.2023 to 17.00 hrs of dt.02.03.2023 |
| 5. | Last date/time for receipt of bids in the portal | Dt.02.03.2023 upto 17.00 hrs. |
| 6. | Submission of Original documents (TP cost, EMD, Affidavit (Schedule-F) & joint venture agreement etc. as per DTCN | During office hours from dt.03.03.2023 to dt.04.03.2023 upto 17.00 hrs in the office of the undersigned. |
| 7. | Date of Opening of Bid through online | (a) Single Cover System- 1 No. (b) Double Cover syetem (Cover-I) 2 Nos. will be opened on Dt.06.03.2023 at 11.00 hrs in the Office of the undersigned. |

Further details can be seen from the e-Procurement portal https://tendersodisha.gov.in. N.B.:Subsequent corrigendum/addendum if required shall be available in the website as indicated above.
Sd./- Director of Physical Plants
OUAT, Bhubaneswar
OIPR-01036/11/0048/2223

## ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୧୩।୨(ସ୍ୱ.ପ୍ର.): ବୌଦ୍ଧ ଜିଲା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଦୁଇ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦିଆଯାଇଥିବା ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିବା ବେଳେ ଶିକ୍ଷା ସଚିବଙ୍କ ଦାବିପତ୍ରକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଗ୍ରହଣ କରିଥିଲେ। ୨୦୦୪ ମସିହାରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଗ କରି ଇନକ୍ରିମେଣ୍ଟ ପ୍ରଦାନ କରିବା ଓ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ତୁରନ୍ତ ନିୟମିତ କରିବାକୁ ଦାବି ହୋଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତାହାଲେ ଆସନ୍ତା ୧୫ ତାରିଖରେ ଜିଲାର ସମସ୍ତ ବିଧାୟକ ଓ ମନ୍ତ୍ରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଯଦି ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନ କରନ୍ତି ତାହେଲେ ଆସନ୍ତା ବିଧାନସଭା ସମୟରେ ଜିଲା ସଂଘ ରାଜ୍ୟ ସଂଘ ସହାୟତାରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଏମ.ଆର.ପୁରୋହିତ, ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନ, ଉପଦେଷ୍ଟା ଜୟନ୍ତ କୁମାର ପ୍ରଧାନ, କୋଷାଧକ୍ଷ ନିତ୍ୟାନନ୍ଦ ପ୍ରଧାନ, ରଞ୍ଜିନ ନାଏକ, ବିଜୟ ପ୍ରଧାନ, ଆନନ୍ଦ ବେହେରା, ସତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ଏସ୍‌ପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ

■ ବଲାଙ୍ଗୀରରେ ବଢୁଛି ଅପରାଧ, ଭଗବାନ ଭରସାରେ ଲୋକେ
■ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ଅଭିନବ ପ୍ରତିବାଦ
■ ଏକ ମାସ ଭିତରେ ସ୍ଥିତି ସୁଧାରିକୁ ଦାବି

ବଲାଙ୍ଗୀର ଅଫିସ, ୧୩।୨

ବଲାଙ୍ଗୀର ସହର ଏବଂ ଜିଲାରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଘଟଣାକୁ ନେଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୋମବାର ଏସ୍‌ପି ଅଫିସ ସମ୍ମୁଖରେ ଏକ ଅଭିନବ ପ୍ରତିବାଦ କରାଯାଇଥିଲା। ଏସ୍‌ପି ଅଫିସ ସମ୍ମୁଖରେ ପୋଲିସର ଦକ୍ଷତାକୁ ପ୍ରଶ୍ନ କରି ସ୍ୱେଚ୍ଛାସେବୀମାନେ ଭଗବାନ ହିଁ ଏକମାତ୍ର ଭରସା ଏହି ମର୍ମରେ ସେଠାରେ ଶାନ୍ତିଯଜ୍ଞ କରିଥିଲେ। ବର୍ଦ୍ଧିତ ଅପରାଧକୁ ପୋଲିସ ରୋକିପାରୁନି। ଏଣୁ ବ୍ୟସ୍ତବିବ୍ରତ ଜନତା ଏବେ ଭଗବାନ ଭରସାରେ ବୋଲି ଅଭିନବ ଢ଼ଙ୍ଗରେ ଏସ୍‌ପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ କରିଥିଲେ। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲା ସଚେତନ ନାଗରିକ ମଣ୍ଡଳୀ ମିଳିତ ଆନୁକୂଲରେ ସ୍ୱେଚ୍ଛାସେବୀ ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, କାଉନସିଲର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ଶାନ୍ତି ରାଲିରେ ବାହାରି ଜିଲାପାଳ କାର୍ଯ୍ୟାଳୟ, ଭାଗିରଥି ଛକ ଦେଇ ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଏସପି ଅଫିସ ସମ୍ମୁଖ ଟାଉନ୍ ହଲ ନିକଟରେ ଶାନ୍ତିଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା।

ପୂର୍ବରୁ ବଲାଙ୍ଗୀର ଏକ ଶାନ୍ତିପ୍ରିୟ ସହର ଥିଲା। ଏବେ ଅପରାଧ, ନିଶା କାରବାର, ଖଣ୍ଡା, ବନ୍ଧୁକ, ଗୁଳିର ସହର ପାଲଟିଯାଇଛି। ଅପରାଧିମାନେ ନିର୍ଭୟରେ ଅପରାଧ କରୁଛନ୍ତି। ପୋଲିସକୁ ଅପରାଧିମାନେ ଭୟ କରୁନାହାନ୍ତି। ସହର ଚାରିଆଡେ ନିଶା କାରବାର ହେଉଛି। ନାବାଳକ, ଯୁବକ ନିଶା ସେବନ କରି ଉନ୍ମତ୍ତ କାଣ୍ଡ ଭିଆଉଛନ୍ତି। ଏଭଳି ପିରିସ୍ଥିତିରେ ପୋଲିସ ଅପରାଧିଙ୍କୁ କାବୁ କରିବା ପରିବର୍ତ୍ତେ ମୂକ ଦର୍ଶକ ସାଜିଛି ବୋଲି ଅଭିଯୋଗ କରିଥିଲେ। ବଲାଙ୍ଗୀର ପୋଲିସକୁ ବଳ ପ୍ରଦାନ କରିବା, ଜନସାଧାରଣଙ୍କୁ ଏକତାବଦ୍ଧ କରିବା ଏବଂ ସହରରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏସପି ଅଫିସ ସମ୍ମୁଖରେ ଶାନ୍ତିଯଜ୍ଞ କରାଯାଇଥିଲା। ପୂଜକମାନେ ହୋମଯଜ୍ଞ, ମନ୍ତ୍ରୀ ଉଚ୍ଚାରଣ କରି ପୂଜାପାଠ କରିଥିଲେ। ଏହାପରେ ଏସ୍‌ପି ନୀତିନ କୁଶଳକରଙ୍କୁ ସାକ୍ଷାତ କରି ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ବଲାଙ୍ଗୀରରେ ଅପରାଧ ଓ ଅପରାଧି ଦମନ, ବେଆଇନ ନିଶା କାରବାର ବନ୍ଦ କରିବା, ପୋଲିସ ପାଟ୍ରୋଲିଂକୁ ଜୋରଦାର କରିବା, କୁଚିଆ ମଦ ଓ କଫ୍ ସିରପ କାରବାର ବନ୍ଦ କରିବା, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଉପରେ ନଜର ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିନିଧି ମଣ୍ଡଳରେ ସ୍ୱେଚ୍ଛାସେବୀ କାହ୍ନା ଶତପଥୀ, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ବିବେକାନନ୍ଦ ପଟେଲ, ନାରୀ ସଙ୍ଗଠନର ନୂତନ ଦାସ, ବିଜେଡିର ରାଜେନ୍ଦ୍ର ହୋତା, କାଉନସିଲର ଶମ୍ଭୁ ନାଗ, କଂଗ୍ରେସର ଅଜୟ ବାଲି, ବିଧୁଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରିବା ପରେ ଏସପି କୁଶଲକର ୯୦ ପ୍ରତିଶତ ଅପରାଧର ଅଭିଯୁକ୍ତଙ୍କୁ ପୋଲିସ କାବୁ କରିସାରିଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ପୋଲିସ ଟାକ୍ସଫୋର୍ସ ଗଠନ କରାଯାଇଛି। ଖୁବ୍ୟଶୀଘ୍ର ସେମାନେ ଧରାପଡିବେ ବୋଲି କହିଥିଲେ।



ବଲାଙ୍ଗୀର ଏସପି ଅଫିସ ସମ୍ମୁଖରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶାନ୍ତିଯଜ୍ଞ କରାଯାଉଛି।

# ଦୋମୁହାଁ ନୀତି ଚଳିବନି: ଏସ୍‌ପି


ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଆନ୍ଦୋଳନକାରୀଙ୍କୁ ପ୍ରଶ୍ନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୩।୨:** ବଲାଙ୍ଗୀର ସହର ସମେତ ଜିଲାରେ ବର୍ଦ୍ଧିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲା ସଚେତନ ନାଗରିକ ମଣ୍ଡଳୀ ପକ୍ଷରୁ ସୋମବାର ଏସପି ଅଫିସ ସମ୍ମୁଖରେ ଶାନ୍ତି ହୋମଯଜ୍ଞ କରାଯାଇ ଏସପିଙ୍କୁ ଦାବିପତ୍ର ଦିଆଯାଇଥିଲା। ୭ ଦଫା ଦାବି ଶୀଘ୍ର ପୂରଣ କରିବା ଏବଂ ସହରରେ ଶାନ୍ତି ପ୍ରତିଷ୍ଠା କରିବାକୁ ଏସପିଙ୍କୁ ଆନ୍ଦୋଳନକାରୀମାନେ ଅନୁରୋଧ କରିଥିଲେ। ଏହି ଆଲୋଚନା ଚାଲିଥିବାବେଳେ ହଠାତ୍ ଏସପି କୁଶଲକର ଆପଣମାନଙ୍କ ଭିତରୁ ଶମ୍ଭୁ କିଏ ବୋଲି ପ୍ରଶ୍ନ କରିଥିଲେ। କିଛିଦିନ ତଳେ ପୋଲିସ ଜଣେ କଫ୍ ସିରପ ବେପାରୀଙ୍କୁ ଗିରଫ କରିଥିଲା। ଉକ୍ତ ଅଭିଯୁକ୍ତଙ୍କୁ ଛାଡି ଦେବା ପାଇଁ ଶମ୍ଭୁ ବାବୁ ଥାନାକୁ କାହିଁକି ଯାଇ ଆଇଆଇସିଙ୍କୁ କହିଥିଲେ। ଏଭଳି ଭାବେ ରାଲିରେ ଗୋଟିଏ କଥା କହି ପୁଣି ଫୋନ୍‌ରେ ଗୋଟିଏ କଥା କହିଲେ କିଭଳି ପୋଲିସ କାମ କରିବ ବୋଲି ପ୍ରଶ୍ନ କରିଥିଲେ। ଏସପିଙ୍କ ଏଭଳି ପ୍ରଶ୍ନ ଶୁଣି ଆନ୍ଦୋଳନକାରୀମାନେ ଶଙ୍କିତ ହୋଇଯାଇଥିଲେ। ଆନ୍ଦୋଳନକାରୀଙ୍କ ଭିତରେ ଥିବା ବିଜେଡି କାଉନସିଲର ଶମ୍ଭୁ ନାଗ ଏସ୍‌ପି କୁଶଲକରଙ୍କୁ ନିଜର ପକ୍ଷ ରଖିବା ପାଇଁ ଚେଷ୍ଟା କରିଥିଲେ। ଯେଉଁ ଯୁବକଙ୍କୁ ପୋଲିସ ଗିରଫ କରିଥିଲା ସେ ପୂର୍ବରୁ ସେହି ଲାଇନ୍‌ରେ ଥିଲେ। ଏବେ ସେ ସୁଧରି ଯାଇଥିବାରୁ ସେ ଥାନାକୁ ଯାଇଥିଲେ ବୋଲି କହିଥିଲେ। ଥାନା ଆଇଆଇସି ତାହା ପୁରୁଣା କେଶ୍ ବୋଲି କହିବା ପରେ ସେଠାରୁ ଫେରି ଆସିଥିଲେ ବୋଲି କହିଥିଲେ। ଏତିକି କହିବା ପରେ ଏସପି କୁଶଲକର ସେଦିନ ଆପଣ ଥାନାକୁ ଯାଇଥିଲେ କି ନାହିଁ ସେତିକି କୁହନ୍ତୁ ବୋଲି ପ୍ରଶ୍ନ କରିଥିଲେ। ରାଲିରେ ଆସି ଗୋଟିଏ କଥା ଏବଂ ଫୋନ୍‌ରେ ଗୋଟିଏ କଥା କହିଲେ ଚଳିବନି ବୋଲି ଏସପି ଶୁଣାଇଥିଲେ।

# ବୌଦ୍ଧରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ବୌଦ୍ଧ,୧୩।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଶିବିର ହୋଇଥିଲା। ଶିବିରରେ ସମୁଦାୟ ୪୫ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ମାମଲା ଓ ୩ ଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଦିଆଯାଇଥିବା ବେଳେ ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୧ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ୧୩ ଗୋଟି ଅଭିଯୋଗର ତତ୍‌କାଳ ସାମଧାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଅଶ୍ୱନି କୁମାର ମେହେର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର କୁମାର ରାଉତ, ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ମଦ ବିରୋଧରେ ତାତିଲେ ଜନତା


ମଦ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ବରଗଡ଼ ଅଫିସ୍, ୧୩।୨

ବରଗଡ଼ ଜିଲାରେ ଚୋରାମଦ କାରବାର ବଢ଼ିଚାଲିଛି। ଏ ନେଇ ସ୍ଥାନୀୟ ଲୋକେ ପୋଲିସ, ଅବକାରୀ ବିଭାଗ ପାଖରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ମହୁଲପାଲି, ମାନପୁର, ସିଆଲଖଣ୍ଡହଥା ଆଦି ଅଞ୍ଚଳର ଲୋକେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ବିଭାଗୀୟ କିରାଣୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଉଦେପୁର ମଦଭାଟିରୁ ବେଆଇନ ଭାବେ ଉକ୍ତ ଅଞ୍ଚଳକୁ ମଦ ଚୋରାଚାଲାଣ କରାଯାଉଛି। ଗ୍ରାମର ଗଳିକନ୍ଦିରେ କୁଚିଆ ମଦ ଦୋକାନରେ ଅବାଧରେ ମଦ ବିକ୍ରି ଚାଲିଛି। ଫଳରେ ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷତି ମନେ କରୁଛନ୍ତି। ସେହିପରି ଅଞ୍ଚଳର ଶିଶୁଙ୍କଠାରୁ ଆରମ୍ଭ କରି ଯୁବକଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ମହିଳାମାନେ ଘରୁ ପଦାକୁ ବାହାରିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଭଳି ଚୋରାମଦ କାରବାର ରୋକିବା ପାଇଁ ସ୍ଥାନୀୟ ପୋଲିସ, ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କିନ୍ତୁ କିଛି ସୁଫଳ ମିଳି ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ମାରକପତ୍ରରେ କୃପାସିନ୍ଧୁ ମହାକୁର, ଅର୍ଜୁନ ନାଗ, ନିତିନ ମାଝିଙ୍କ ସମେତ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି ।

# ରକ୍ତଦାନ ଶିବିରରେ କୃଷ୍ଣ, ବଳରାମ

ବରଗଡ଼ ଅଫିସ୍/ଅମ୍ବାଭୋନା, ୧୩।୨

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲି ଧନୁଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବ କମିଟି ଏବଂ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ହୋଇଥିଲା। ଶିବିରରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରକୁ କୃଷ୍ଣ ଓ ବଳରାମ କଳାକାର ପରିଦର୍ଶନରେ ଆସିଥିଲେ। ଶିବିରରେ ୪୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଧନୁଯାତ୍ରା କମିଟି ସଭାପତି ହୀରାଧର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ନିଷ୍ଠା ପରିବାରର ଉପସଭାପତି ଆଶିଷ କର, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**MILK UNION SAMBALPUR**
**VEHICLE REQUIRED ON HIRE**
1.Tata Ace or similar type of vehicle required on Hire for Birjupali to Prakashpur Milk Route running both morning & evening covering 110 K.M.
Interested Parties may purchase and submit Tenders by 27.02.2023.
Tender Paper cost- Rs.200/-+GST
EMD- Rs.2,000/-

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-70-22
କାର୍ଯ୍ୟର ବିବରଣୀ : ତିନି ବର୍ଷର ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଖୋର୍ଦ୍ଧା ରୋଡ଼ ଅଧିନସ୍ଥ ଖୋର୍ଦ୍ଧା ରୋଡ଼ - ଗଙ୍ଗାଧରପୁର - ମୋଟାରୀ - ନୂଆଗାଁ ରୋଡ଼ ସେକ୍ସନ, ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର - ରାଧାକିଶୋରପୁର - ରେତଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ପୁରୀ ଅଧିନସ୍ଥ ପୁରୀ - କଣାସ ରୋଡ଼ ସେକ୍ସନ ରେ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ପାଇଁ ବିବିଧ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 16,83,46,964.46, EMD (ଟଙ୍କାରେ) : ₹ 9,91,700/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.03.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-1000/N/22-23

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-CASHLIFTING-2023
କାର୍ଯ୍ୟର ନାମ : 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର 115 ଷ୍ଟେସନ (ଏକ ଶହ ଏବଂ ପନ୍ଦର) ଗୋଟି ଷ୍ଟେସନ / ସ୍ଥାନଗୁଡ଼ିକରୁ ଷ୍ଟେସନ ନଗଦ ଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ ପୂର୍ବ ତଟ ରେଳପଥର PFA ଆକାଉଣ୍ଟ୍‌ରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement) ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 2,04,71,947.20, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.03.2023ରିଖ 1100 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1001/N/22-23

# ଅମ୍ବାଭୋନାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଅମ୍ବାଭୋନା,୧୩।୨(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଲଲାଟ କୁମାର ଲୁହା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚାରୁବାଳା ରଥ, ଏସ୍‌ପି ପି.ଏସ୍. ମୀନା, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ସୁନୀଲ କୁମାର କେର୍କେଟା, ଅମ୍ବାଭୋନା ବିଡ଼ିଓ ପ୍ରଣବ କୁମାର ଚାନ୍ଦ, ତହସିଲଦାର ପରୀକ୍ଷିତ ସାହୁ ଯୋଗଦେଇ ଅଭିଯୋଗ ଶୁଣିଥିଲେ ଏବଂ ତ୍ୱରିତ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭୁକ୍ତା, ପ୍ରକାଶପୁର ଅଞ୍ଚଳରେ ଚାଲିଥିବା ଅବାଧ ନିଶା କାରବାର ରୋକିବା ଦିଗରେ ପଦକ୍ଷେପ ନେବା, ଏକ ପୋଲିସ ଫାଣ୍ଡି ଖୋଲାଯିବା ପାଇଁ ସ୍ଥାନୀୟ ଅନ୍ନପୂର୍ଣ୍ଣା ବଣିକ ସଂଘ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଏବିଡିଓ ଅଧିକାରୀ ଟିକେଶ୍ୱର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା: ୪୦୪ ତା୧୩।୦୨।୨୦୨୩ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସ (ବାଲିଘାଟ)ଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, ଟିଟିଲାଗଡ଼

# ଜିଲାସ୍ତରୀୟ ହାକାଥନରେ ୩୦ପ୍ରକଳ୍ପ

ଅମରପାଲି,୧୩।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜିଲାସ୍ତରୀୟ ହାକାଥନ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ପୌରୋହିତ୍ୟର ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା କୃଷି ଅଧିକାରୀ ଡ.ବିଭୂତି ଭୂଷଣ ମିଶ୍ର ମୁଖ୍ୟବକ୍ତା ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଓ ମଞ୍ଜୁଲତା ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ପର୍ଶୁରାମ ମେହେର, ଗତିକୃଷ୍ଣ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଡ. ସ୍ମିତା ଭୋଇ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ୨୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩୦ ପ୍ରକଳ୍ପ ସ୍ଥାନ ପାଇଥିଲା। ଶ୍ରୀରାମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗାଇଡ ଶିକ୍ଷକ ଦିଲ୍ଲୀପ ସାହୁଙ୍କ ତତ୍ତାବଧାନରେ ଦାଦଶ ଶ୍ରେଣୀର ଛାତ୍ର ଲିଙ୍କନ କୁମ୍ଭାରଙ୍କ ପ୍ରକଳ୍ପ ପ୍ରଥମ, ରଥପୁର ଆଦର୍ଶ ବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ ଶାଶ୍ୱତୀ ନାୟକଙ୍କ ତତ୍ତ୍ୱାବଧାନରେ ଏକାଦଶ ଶ୍ରେଣୀର ଛାତ୍ର ଜୟରାମ ହୋତା ଓ ସାଥୀଙ୍କ ପ୍ରକଳ୍ପ ଦ୍ୱିତୀୟ ଓ ଗାଇଡ ଶିକ୍ଷକ ସୁବ୍ରତ ନାଏକଙ୍କ ତତ୍ତ୍ୱାବଧାନରେ ଏକାଦଶ ଶ୍ରେଣୀର ଛାତ୍ର ଜିତେନ୍ଦ୍ର ମହାପାତ୍ର ଓ ସାଥିଙ୍କ ପ୍ରକଳ୍ପ ତୃତୀୟ ବିବେଚିତ ହୋଇଥିଲା। ତିନି ଶ୍ରେଷ୍ଠ ବିବେଚିତ ପ୍ରକଳ୍ପକୁ ଯଥାକ୍ରମେ ୧୫ହଜାର, ୧୦ହଜାର ଓ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ, କୁଇଜ, ଇଂଲିଶ ବକ୍ତୃତା ଓ ପ୍ରବନ୍ଧ ଆଦିପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ୩ହଜାର, ୨ହଜାର ଓ ଏକ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ ପ୍ରବନ୍ଧରେ ରିଙ୍କି କରନ, ବକ୍ତୃତାରେ ସରିତା ନାଗ, ଇଂଲିଶ ପ୍ରବନ୍ଧରେ ପ୍ରିୟଙ୍କା ରଥ, କୁଇଜ ଓ ଇଂଲିଂଶ ବକ୍ତୃତାରେ ପ୍ରତୀକ୍ଷା ତ୍ରିପାଠୀ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ହାକାଥନରେ ଜୁରି ମେମ୍ବର ଭାବରେ ବୀରମହାରାଜପୁର ଆଇଟିଆଇର ମୋନାଲିସା ବିଶାଳ, ସୋନପୁର ପଲିଟେକନିକର ଅଧିକ୍ଷକ ବାଣେଶ୍ୱର ମୁଣ୍ଡା ଓ ରଥପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଡ, ସ୍ମିତା ଭୋଇ ଯୋଗ ଦେଇଥିଲେ। ସେହିଭଳି ଅନ୍ୟାନ୍ୟ ଆନସିଲେରୀ ପ୍ରତିଯୋଗିତାର ଜୁରୀ ମେମ୍ବର ଭାବରେ ଅଧ୍ୟାପକ ମଦନସୁନ୍ଦର କ୍ଷେତି, ବିଜୟ ପୁରୋହିତ, ପ୍ରକାଶ ସେଠ, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୋଗ୍ୟ ବିବେଚିତ ପ୍ରତିଯୋଗୀ ଆସନ୍ତା ୧୪ରୁ ୧୬ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**GOVT. OF ODISHA** No.A-1148:
**OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE**
Phone No. 06782-296500, e-Mail id: eebid1234@gmail.com
**'e'-Procurement Notice No. SEBID 03 of 2022-23**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 11 (Eleven) Nos. of Works |
| 3. | Estimated Cost | : | Varies from Rs.52.93 lakhs to Rs.96.81 lakhs approximately (details can be seen in the DTCN of bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works. |
| 6. | Period of Completion | : | 03 (Three) Calendar Months. Details can be seen in the DTCN of bid documents respective works. |
| 7. | Date & time of availability of Bid Documents in the portal for Online bidding | : | From Dt.14.02.2023, 10.00 hours to 28.02.2023, upto 17.00 hours. |
| 8. | Last date/time for receipt of Bid only in online | : | 28.02.2023 upto 17.00 hours |
| 9. | Date/time of Opening Technical Bid (Cover-I) | : | 01.03.2023 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : | eebid 1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-32110/11/0013/2223

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum-I to Notice Inviting Tender (NIT)**
Tender Notice No. TPWODL/SD/O/SER/ 140/ Corrigendum/ 001
Rate Contract for Civil work
at District Medical Sonepur at TPWODL
The time period is hereby extended for Submission of Tender Participation Fee and Authorization Letter through e-mail till 15th February 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR**
**"e" Procurement Notice No.07/2022-23**
No.KK-332: No.382, Date:10.2.23

| | | |
|---|---|---|
| 1. | Name of the Work | 03 number works of OUAT at Bhubaneswar |
| 2. | Estimated Cost | Rs.7.17 lakh to Rs. 71.32 lakh approximate |
| 3. | Period of Completion | 30 days to 180 days |
| 4. | Date and Time of availability of Bid documents in the portal | From Dt.16.02.2023 to 17.00 hrs of dt.02.03.2023 |
| 5. | Last date/time for receipt of bids in the portal | Dt.02.03.2023 upto 17.00 hrs. |
| 6. | Submission of Original documents (TP cost, EMD, Affidavit (Schedule-F) & joint venture agreement etc. as per DTCN | During office hours from dt.03.03.2023 to dt.04.03.2023 upto 17.00 hrs in the office of the undersigned. |
| 7. | Date of Opening of Bid through online | (a) Single Cover System- 1 No. (b) Double Cover syetem (Cover-I) 2 Nos. will be opened on Dt.06.03.2023 at 11.00 hrs in the Office of the undersigned. |

Further details can be seen from the e-Procurement portal https://tendersodisha.gov.in. N.B.:Subsequent corrigendum/addendum if required shall be available in the website as indicated above.
Sd./- Director of Physical Plants
OUAT, Bhubaneswar
OIPR-01036/11/0048/2223

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ୨ ଗୁରୁତର

**ସୁନ୍ଦରଗଡ,୧୩।୨(ଡି.ଏନ.ଏ.):** ସୁନ୍ଦରଗଡ-ହେମଗିର ରାସ୍ତାର ଛଟେନପାଲିଠାରେ ସୋମବାର ପୂର୍ବାହ୍ନରେ ଏକ ୧୮ଚକିଆ କୋଇଲା ବୋଝେଇ ଟ୍ରକ ଧକ୍କାରେ ୨ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଟ୍ରକ ଧକ୍କା ଦେବାରୁ ଉଭୟ ଟ୍ରକ ତଳେ ଫସି ରହିଥିଲେ। ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ବ୍ୟବସ୍ଥା କରିଥିଲେ। ଆହତ ଦୁଇ ଜଣ ହେଲେ ଶେଖର ପଟେଲ (୧୯) ଓ ସବୁ କିଷାନ (୨୦)। ଦୁହିଁଙ୍କ ଘର ଲେଫ୍ରିପଡା ଥାନା କୁରୁମକେଲ ଗ୍ରାମରେ। ସେମାନେ ସୁନ୍ଦରଗଡରୁ ଟ୍ରାକ୍ଟର ଟାୟାର କିଣି ଘରକୁ ଫେରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଶେଖରଙ୍କ ଅଜା ଭୋଲାମଣି ପଟେଲ ଲେଫ୍ରିପଡା ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ନାତି ପାଖରେ ଥିବା ୪୦ ହଜାର ଟଙ୍କା ଓ ଦୁଇଟି ମୋବାଇଲ ମିଳୁନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଛାତ୍ରୀଛାତ୍ର ହେଉଛନ୍ତି ଆଧୁନିକ ଭାରତର ସ୍ଥପତି

### ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁନ୍ଦରଗଡ,୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡା.ଦିଲିପ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଡା.ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ ଛାତ୍ରୀଛାତ୍ରମାନେ ହେଉଛନ୍ତି ଆଧୁନିକ ଭାରତର ସ୍ଥପତି। ନିଷ୍ଠାର ସହ ଅଧ୍ୟୟନରେ ବ୍ରତୀ ହୋଇ ସମାଜରେ ପ୍ରତିଷ୍ଠିତ ହେବା ସହ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭାବେ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ତଥା ଝାରସୁଗୁଡା ଏଲଏନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ଚିରବ୍ରତ ଦତ୍ତ ଯୋଗଦେଇ ବିଦ୍ୟାର୍ଥୀ ଜୀବନ ହିଁ ବ୍ୟକ୍ତିତ୍ୱ ବିକାଶ କରିବାର ପ୍ରକୃଷ୍ଟ ସମୟ ବୋଲି କହିଥିଲେ। ଏଥିସହ ସଂଘର୍ଷ ଜୀବନର ସର୍ବଶ୍ରେଷ୍ଠ ସାଧନା ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଉତ୍ସବରେ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ନିରନ୍ତର ପରିଶ୍ରମ ମାଧ୍ୟମରେ ଜୀବନରେ ସଫଳତା ହାସଲ କରିବାକୁ ଦିଗଦର୍ଶନ ଦେଇଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ତଥା ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧ୍ୟାପିକା ଡ.କୁମୁଦିନୀ ରାଉତରାୟ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦର ସହ ଉପଦେଷ୍ଟା ଡ.ଆଶୁତୋଷ ଝା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ପ୍ରଫେସର ଆଞ୍ଜେଲିନ କିଣ୍ଡୋ ଧନ୍ୟବାଦ ଦେଇଥିଲେ। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ପ୍ରିୟଦର୍ଶୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଭାକର ସେଠୀ ଓ ସହକାରୀ ପ୍ରଫେସର ଆର୍ଯ୍ୟ ବିଭାସ କୁମାର ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ ହୋଇଥିଲା।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି , ଅଧ୍ୟକ୍ଷ ଓ ଅଧ୍ୟାପକ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡ଼ା,୧୩।୨(ଡି.ଏନ.ଏ.):** କୋଇଡା ବ୍ଲକ ଅନ୍ତର୍ଗତ ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା,ସମ୍ମାନିତ ଅତିଥି ଡା.କମଳାକାନ୍ତ ମାହାନ୍ତ, ମୁଖ୍ୟବକ୍ତା ଭାବେ ଲହୁଣୀପଡ଼ା ଇଏମଆରଏସ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଙ୍ଗୁଳି ନାଗ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ଗଗନ କୁମାର ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସଞ୍ଜୀବ କୁମାର କିଷାନ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ନଳିନୀ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଦିବାସୀ ଛାତ୍ରୀଙ୍କ ସାଦ୍ରିର ଗୀତରେ ଗ୍ରୁପ ନୃତ୍ୟ ପରିବେଷଣ ଅତ୍ୟନ୍ତ ମନମୁଗ୍ଧକର ଥିଲା। ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ରାଉତ,ଲାଲୁ ମାହାନ୍ତ, ମୃତ୍ୟୁଞ୍ଜୟ ମାହାନ୍ତ,ଜଷ୍ଟିନ କୁମାର ନାଏକ, ଯୋଗିନ ରାଉତ, ସୁଜିତ ପଶାୟତ, ରଶ୍ମିରଞ୍ଜନ ମାହାନ୍ତ, ସୁପ୍ରଭା ମହାକୁଳ, ମଞ୍ଜୁଲତା କର,ଭାରତୀ ସିଂ, କୁନ୍ତିଲତା ମାଝୀ, ଲୋପିତା ମାହାନ୍ତଙ୍କ ସମେତ ବିଦ୍ୟାଳୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

# ଅଲେଇକେରା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

**ସୁନ୍ଦରଗଡ,୧୩।୨(ଡି.ଏନ.ଏ.)**

ଅଲେଇକେରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢାରେ ମନୋନିବେଶ କରି ଦୃଢ ଆତ୍ମବିଶ୍ୱାସ ରଖି ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରଙ୍ଗବତୀ ଗୀତର ପ୍ରସିଦ୍ଧ ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସମାଜରେ ପ୍ରତିଷ୍ଠିତ ହେବା ପାଇଁ ନିଜକୁ ଗଢିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଉତ୍ସବରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଶେଷଦେବ ନନ୍ଦ, କଳାଚାନ୍ଦ ପଟେଲ, ପ୍ରମୋଦ ପଟେଲ, ଶିକ୍ଷୟିତ୍ରୀ ସୁବାସିନୀ ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ହରିପାଲଙ୍କ ରଙ୍ଗବତୀ ଗୀତର ତାଳରେ ସମସ୍ତେ ଝୁମିଥିଲେ।



ଉତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

**ସୁନ୍ଦରଗଡ଼/ସବଡେଗା, ୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସବଡେଗା ବ୍ଲକରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଏବଂ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଯୋଗଦେଇ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୧୬୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଜନଶୁଣାଣି ସ୍ଥଳରେ ହିଁ ୭୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ବିଚାର କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସବଡେଗା ବ୍ଲକର ବିଭିନ୍ନ ଗାଁରୁ ଆସିଥିବା ଲୋକେ ବିଭିନ୍ନ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ଜମିଜମା ସଂକ୍ରାନ୍ତୀୟ ମାମଲା, ନିଯୁକ୍ତି, ଜଳସେଚନ, ଭୂମିହୀନଙ୍କୁ ଜମି ପ୍ରଦାନ, ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ହାଇସ୍କୁଲ ରୂପାନ୍ତରଣରେ ସାମିଲ କରିବା, ସୁଖାନାଳାରେ ବ୍ରିଜ ନିର୍ମାଣ ଆଦି ଦାବି ରହିଥିଲା। ସେହିପରି କେତେକ ହିତାଧିକାରୀ ଜମିପଟ୍ଟା, ରାଶନ କାର୍ଡ ଏବଂ ଆବାସ ଯୋଜନାରେ ଘର ପାଇଁ ଦାବି କରିଥିଲେ। ଏହି ଜନଶୁଣାଣିରେ ୫ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଜନଶୁଣାଣିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ପରିଷଦର ଅତିରିକ୍ତ ପ୍ରୋଗ୍ରାମ ମ୍ୟାନେଜର ବିଭୂତି ରାଉଳ (ଏମଆଇଏମ ବିଭାଗ), ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଡେପୁଟି କଲେକ୍ଟର କୁନ୍ତୀରାଣୀ ନାଏକ, ସବଡେଗା ଭାରପ୍ରାପ୍ତ ବିଡିଓ ସଚ୍ଚିଦାନନ୍ଦ ପଟେଲ, ତହସିଲଦାର ସୁମନ ମିଞ୍ଜଙ୍କ ସହ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ।


ଶିବିରରେ ଜିଲାପାଳ, ଏସ୍‌ପି, ଓ ଜିଲାସ୍ତରୀୟ ଅଧିକାରୀ।

# ଭାଜପା ଘେରିଲା ପୌର କାର୍ଯ୍ୟାଳୟ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

**ରାଜଗାଙ୍ଗପୁର, ୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପା ପକ୍ଷରୁ ସୋମବାର ଦିନ ରାଜଗାଙ୍ଗପୁର ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଘେରାଉରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜ, ସୁନ୍ଦରଗଡ ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ମଧୁସ୍ମିତା ରାଉତ,ବରିଷ୍ଠ ଭାଜପା ନେତା ଉପେନ୍ଦ୍ର ପ୍ରଧାନ,ମହେନ୍ଦ୍ର ମାଝୀ,ଶେଖର ଦଧିଚି,ଟାଉନ ସଭାପତି ଶଙ୍କର ସିଂ ପ୍ରମୁଖ ସାମିଲ ହୋଇଥିଲେ।

**MILK UNION SAMBALPUR**
**VEHICLE REQUIRED ON HIRE**
1.Tata Ace or similar type of vehicle required on Hire for Birjupali to Prakashpur Milk Route running both morning & evening covering 110 K.M.
Interested Parties may purchase and submit Tenders by 27.02.2023.
Tender Paper cost- Rs.200/-+GST
EMD- Rs.2,000/-

# ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ନେଇ ବିଡିଓଙ୍କୁ ଦାବିପତ୍ର

**କୁତ୍ରା,୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡ଼ାକଟାଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିକୁ ନେଇ ସୋମବାର ବିଡ଼ିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଏହି ଆଦର୍ଶ ବିଦ୍ୟାଳୟ ପ୍ରଥମେ ଝାନପାଲିଠାରେ ନିର୍ମାଣ ହେବାର ଥିଲା । କିନ୍ତୁ ସେଠାରେ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିବାରୁ ନିର୍ମାଣ କାର୍ଯ୍ୟ ହୋଇ ପାରି ନ ଥିଲା। ପରେ ଏହାକୁ ବୁଡାକଟାରେ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସେଠାରେ ମଧ୍ୟ ବିରୋଧ କରାଯାଇଥିଲା। ବିରୋଧ କରିବାରୁ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଗ୍ରାମବାସୀଙ୍କ ପକ୍ଷରୁ କିଛି ସର୍ତ୍ତ ରଖାଯାଇଥିଲା। ସର୍ତ୍ତଗୁଡିକ ହେଲା ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ୧୦ ପ୍ରତିଶତ ପିଲାଙ୍କୁ ଅଗ୍ରାଧିକାର, ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଏବଂ ଖେଳପଡିଆର ଉନ୍ନତି କରଣ କରିବା। ଏହି ସର୍ତ୍ତରେ ଜିଲା ପ୍ରଶାସନ ସହମତି ପ୍ରକାଶ କରିବା ସହିତ ଲିଖିତ ପ୍ରତିଶ୍ରୁତି ଦେଇଥିଲା। ପରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏବେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବିଦ୍ୟାଳୟ ଅନ୍ୟତ୍ର ଚାଲିଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ବାହାର ଲୋକଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଉଥିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନଚେତ ଆଗାମୀ ଦିନରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଧମକ ଦେଇଛନ୍ତି। ଏ ନେଇ ବିଡ଼ିଓଙ୍କୁ ପଚାରିବାରେ ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ସହିତ ଆଲୋଚନା ହୋଇଛି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ବିଡିଓ ସୂଚନା ଦେଇଛନ୍ତି।


ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-70-22
**କାର୍ଯ୍ୟର ବିବରଣୀ :** ତିନି ବର୍ଷର ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଖୋର୍ଦ୍ଧା ରୋଡ଼ ଅଧିନସ୍ଥ ଖୋର୍ଦ୍ଧା ରୋଡ଼ - ଗଙ୍ଗାଧରପୁର - ମୋଟାରୀ - ନୂଆଗାଁ ରୋଡ଼ ସେକ୍ସନ, ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ଭୁବନେଶ୍ୱର ଅଧିନସ୍ଥ ଭୁବନେଶ୍ୱର - ରାଧାକିଶୋରପୁର - ରେତଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର / ପୁରୀ ଅଧିନସ୍ଥ ପୁରୀ - କଣାସ ରୋଡ଼ ସେକ୍ସନ ରେ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ପାଇଁ ବିବିଧ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 16,83,46,964.46, EMD (ଟଙ୍କାରେ) : ₹ 9,91,700/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.03.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-1000/N/22-23

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-CASHLIFTING-2023
**କାର୍ଯ୍ୟର ନାମ :** 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର 115 ଷ୍ଟେସନ (ଏକ ଶହ ଏବଂ ପନ୍ଦର) ଗୋଟି ଷ୍ଟେସନ / ସ୍ଥାନଗୁଡ଼ିକରୁ ଷ୍ଟେସନ ନଗଦ ଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ ପୂର୍ବ ତଟ ରେଳପଥର PFA ଆକାଉଣ୍ଟ୍‌ରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement)।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 2,04,71,947.20, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.02.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.03.2023ରିଖ 1100 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1001/N/22-23

**ତହସିଲଦାରଙ୍କ କାର୍ଯ୍ୟାଳୟ, ଟିଟିଲାଗଡ଼**
**ଲଘୁ ଖଣିଜ ଲିଜ୍ ନିମନ୍ତେ**
ସଂଖ୍ୟା: ୪୦୪ ତା୧୩।୦୨।୨୦୨୩ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତ ଉତ୍ସ (ବାଲିଘାଟ)ଗୁଡ଼ିକ ଆଗାମୀ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟରେ ସାହାଯ୍ୟ ପାଇଁ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, ଟିଟିଲାଗଡ଼

**GOVT. OF ODISHA** No.A-1148:
**OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE**
Phone No. 06782-296500, e-Mail id: eebid1234@gmail.com
**'e'-Procurement Notice No. SEBID 03 of 2022-23**

| | | |
|---|---|---|
| 1. | Procurement Officer | : Superintending Engineer, Balasore Irrigation Division, Balasore |
| 2. | Total No. of Works | : 11 (Eleven) Nos. of Works |
| 3. | Estimated Cost | : Varies from Rs.52.93 lakhs to Rs.96.81 lakhs approximately (details can be seen in the DTCN of bid documents of the respective works) |
| 4. | Class of Contractor | : (Details can be seen in the DTCN of bid documents of the respective works) |
| 5. | Bid Security | : Details can be seen in the DTCN of bid documents of the respective works. |
| 6. | Period of Completion | : 03 (Three) Calendar Months. Details can be seen in the DTCN of bid documents respective works. |
| 7. | Date & time of availability of Bid Documents in the portal for Online bidding | : From Dt.14.02.2023, 10.00 hours to 28.02.2023, upto 17.00 hours. |
| 8. | Last date/time for receipt of Bid only in online | : 28.02.2023 upto 17.00 hours |
| 9. | Date/time of Opening Technical Bid (Cover-I) | : 01.03.2023 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : eebid 1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-32110/11/0013/2223

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum-I to Notice Inviting Tender (NIT)**
Tender Notice No. TPWODL/SD/O/SER/ 140/ Corrigendum/ 001
Rate Contract for Civil work
at District Medical Sonepur at TPWODL
The time period is hereby extended for Submission of Tender Participation Fee and Authorization Letter through e-mail till 15th February 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR**
**"e" Procurement Notice No.07/2022-23**
No.KK-332: No.382, Date:10.2.23

| | | |
|---|---|---|
| 1. | Name of the Work | 03 number works of OUAT at Bhubaneswar |
| 2. | Estimated Cost | Rs.7.17 lakh to Rs. 71.32 lakh approximate |
| 3. | Period of Completion | 30 days to 180 days |
| 4. | Date and Time of availability of Bid documents in the portal | From Dt.16.02.2023 to 17.00 hrs of dt.02.03.2023 |
| 5. | Last date/time for receipt of bids in the portal | Dt.02.03.2023 upto 17.00 hrs. |
| 6. | Submission of Original documents (TP cost, EMD, Affidavit (Schedule-F) & joint venture agreement etc. as per DTCN | During office hours from dt.03.03.2023 to dt.04.03.2023 upto 17.00 hrs in the office of the undersigned. |
| 7. | Date of Opening of Bid through online | (a) Single Cover System- 1 No. (b) Double Cover syetem (Cover-I) 2 Nos. will be opened on Dt.06.03.2023 at 11.00 hrs in the Office of the undersigned. |

Further details can be seen from the e-Procurement portal https://tendersodisha.gov.in. N.B.:Subsequent corrigendum/addendum if required shall be available in the website as indicated above.
Sd./- Director of Physical Plants
OUAT, Bhubaneswar
OIPR-01036/11/0048/2223

## ସଂକ୍ଷେପରେ

### ମନ୍ଦିରରୁ ଚୋରି ଘଟଣା: ୧୦ ଦିନ ପରେ ବି ପୋଲିସ ହାତ ଖାଲି

ଖଡ଼ିଆଳ,୧୩।୨(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ସହର ରାମସ୍ୱାମୀ ଓ ମା' ଅର୍ଣ୍ଣପୂର୍ଣ୍ଣା ମନ୍ଦିରରୁ ଚୋରି ଘଟଣାକୁ ୧୦ ଦିନ ପରେ ବି ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇନାହିଁ। ଗତ ୪ ତାରିଖରେ ଦ୍ୱିପ୍ରହରରେ ଭଗବାନଙ୍କ ପ୍ରତିମୂର୍ତ୍ତିରେ ପିନ୍ଧାଇ ଥିବା ସାତ ଗୋଟି ରୁପା ମୁକୁଟ, ଗୋଟିଏ ସୁନା ନଥ ଓ ଗୋଟିଏ ରୁପା ବଂଶୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ମଧ୍ୟରେ ପୂଜା ପାଉଥିବା ରାମ ଲକ୍ଷ୍ମଣ, ସୀତାଙ୍କ ରୁପା ମକୁଟ, ଦୁର୍ଗାଙ୍କ ମକୁଟ, ଓ ରାଧା କୃଷ୍ଣ ମନ୍ଦିରର ଦୁଇ ପ୍ରତିମାଙ୍କ ମକୁଟ ଚୋରି ହୋଇଛି। ରାମସ୍ୱାମୀ ମନ୍ଦିରରେ ପୂଜା ପାଉଥିବା ୩ଟି ମନ୍ଦିରରୁ ୬ଟି ରୁପା ମକୁଟ ଗୋଟିଏ ନଥ ଓ ଗୋଟିଏ ବଂଶୀ ଚୋରି ହୋଇଥିବା ବେଳେ ମା' ଅର୍ଣ୍ଣପୁର୍ଣ୍ଣା ମନ୍ଦିରରୁ ଗୋଟାଏ ରୁପା ମୁକୁଟ ଚୋରି ହୋଇଛି। ଆଜକୁ ୧୦ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସହ ଯୋଗାଯୋଗ କରିବାରୁ ବହୁ ଶୀଘ୍ର ଚୋର ଧରା ପଡିବ ବୋଲି କହିଛନ୍ତି।

### ବନ୍ଧୁ ମିଳନ କାର୍ଯ୍ୟକ୍ରମ

କେସିଙ୍ଗା,୧୩।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଅର୍ତ୍ତଳ ଗ୍ରାମପଞ୍ଚାୟତ ଅଧୀନସ୍ଥ କାନ୍ଦୁଲଝର ଗ୍ରାମଠାରେ ପୂର୍ବତନ ବିଧାୟକ ଅନାମ ନାଏକଙ୍କ ନେତୃତ୍ୱରେ ଏକ ବିରାଟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଏସସି ସେଲର ସଭାପତି ପ୍ରଶାନ୍ତ କୁମାର ନାଏକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଥର ବିଜୟ ହୋଇ ରାଜ୍ୟର ୩୦ଟି ଜିଲାରେ ମିଶନ ଶକ୍ତିକୁ ସୁଦୃଢ କରି ନାରୀର ସମ୍ମାନ ରଖି ପ୍ରତ୍ୟେକ ଗରିବ ପରିବାରକୁ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ୍ ସଂଯୋଗଠାରୁ ଆରମ୍ଭ କରି ମାଗଣା ଚାଉଳ, ଗହମ ଆଦି ଯୋଗାଇ ଦେଇ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିତାଇବା ପାଇଁ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଂକଳ୍ପ କରିବା ପାଇଁ ଉପସ୍ଥିତ ସମସ୍ତ ତୃଣମୁଳସ୍ତରରେ ଥିବା ଜନସାଧାରଣ ତଥା ସରପଞ୍ଚ, ୱାର୍ଡମେମ୍ବର, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟମାନଙ୍କୁ ପୂର୍ବତନ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ବିଧାୟକ ଅନାମ ନାଏକ ସଂକଳ୍ପ କରାଇଥିଲେ। କେସିଙ୍ଗା ଏନ୍ଏସିରେ ଗସ୍ତରେ ଆସି ନାଏକ ବିଭିନ୍ନ ଯୋଜନା ମଧ ଉଦ୍‌ଘାଟନ କରିଥିଲେ।

# ଅର୍ଥକରୀ ଫସଲ, ପନିପରିବା ଚାଷକୁ ଗୁରୁତ୍ୱ

## କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଭବାନୀପାଟଣା,୧୩।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଓୟୁଏଟି କୃଷି ମହାବିଦ୍ୟାଳୟ କ୍ରୀଡା ପଡିଆରେ କୃଷି ଓ କୃଷି ଯନ୍ତ୍ରପାତି ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଓ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ମେଳାରେ ଜିଲାର ବିଭିନ୍ନ ପ୍ରାନ୍ତରୁ କୃଷି ଯନ୍ତ୍ରପାତି ବିକ୍ରୟକାରୀ ତଥା ନିର୍ମାଣକାରୀ ତାଙ୍କର ଆଧୁନିକ ଫାର୍ମ ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ। ସରକାରଙ୍କ କୃଷି ଓ କୃଷକ ସମ୍ବନ୍ଧୀୟ ବିଭିନ୍ନ ହିତକାରୀ ଯୋଜନାର ଷ୍ଟଲ ମଧ ଖୋଲାଯାଇଥିଲା। ଏହି ଅବସରରେ ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ କୃଷି ଯନ୍ତ୍ରପାତି ବାହନ ରାଲିକୁ ଜିଲା ପରିଷଦ ଅଧ୍ୟକ୍ଷ ଓ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମେଳାରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ବିତରଣ ସହ କୃଷି ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଏହି ମେଳା ଜରିଆରେ ରିହାତି ଦରରେ କୃଷି ଯନ୍ତ୍ରପାତି ବିକ୍ରୟ ବ୍ୟବସ୍ଥା ରହିଛି। ଗୋ ସୁଗମ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ଓ


ଉଦ୍‌ଘାଟନୀରେ ଜିଲା ପରିଷଦ ଅଧ୍ୟକ୍ଷ, ଜିଲାପାଳ ଏବଂ ଅନ୍ୟମାନେ।

କୃଷକ ପରିଚୟପତ୍ର ପ୍ରାପ୍ତ ଚାଷୀ ଭାଇ ଓ ଭଉଣୀମାନେ ହିଁ ଯୋଜନାର ଲାଭ ପାଇପାରିବେ। ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପଞ୍ଜୀକୃତ ଚାଷୀ ଏହି ଲାଭ ପାଇପାରିବେ। କଳାହାଣ୍ଡିରେ ଚାଷର ଅଗ୍ରଗତି, ଜଳ ସେଚନ, ଧାନ ସହିତ ମିଶ୍ରିତ ଚାଷର ବ୍ୟାପକତା ଓ ସରକାରଙ୍କ କୃଷକ ହିତକାରୀ ଯୋଜନା ଯୋଗୁ ଜିଲା ଆଜି ଏକ ଅଗ୍ରଣୀ କୃଷି ଜିଲା ରୂପେ ସାରା ରାଜ୍ୟରେ ନାମ କରିଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ କହିଥିଲେ। ଚାଷୀମାନେ ଉନ୍ନତ ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଧାନ ଚାଷ ସହ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଓ ପନିପରିବା ଉପରେ ଧାନ ଦେବାକୁ ଜିଲାପାଳ ରେଡ୍ଡୀ କହିଥିଲେ। ବର୍ତ୍ତମାନ ଧାନ ଚାଷ ଛଡ଼ା କ୍ଷୁଦ୍ର ଶସ୍ୟ, ଡାଲି, ତୈଳ ବୀଜ, ପନିପରିବାକୁ ଗୁରୁତ୍ୱ ଦେଇ ମିଶ୍ରିତ ଚାଷ କରିବାକୁ ମତ ପ୍ରକାଶ ପାଇଥିଲା। ସୋମବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ବୁକିଂ କରି ରିହାତି ପାଇବା ପାଇଁ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଗୋଲାମୁଣ୍ଡା ବ୍ଲକ ସାନଚେର ଗାଁର ପ୍ରତିଷ୍ଠିତ ଚାଷୀ ଶ୍ରୀକୃଷ୍ଣ ଚନ୍ଦ୍ର ନାଗ ଚାଷରେ କିଭଳି ଆର୍ଥିକ ଉନ୍ନତି ଲାଭ କରି ଆଜି ସେ ବର୍ଷକୁ ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଲାଭ କରୁଛନ୍ତି ତା ଉପରେ ପ୍ରତ୍ୟକ୍ଷ ଅନୁଭୂତି ସମସ୍ତଙ୍କୁ ବାଣ୍ଟିଲେ। ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ଉଦ୍ୟାନ ଉପନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ଏପିକଲ ସ୍କିମଲିଡ ଶରତ ପାତ୍ର ସହ କୃଷି, ମତ୍ସ୍ୟ, ପଶୁପାଳନ ଓ ଉଦ୍ୟାନ ବିଭାଗୀୟ ଅଧିକାରୀ, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଚାଷୀ ଭାଇଭଉଣୀ, ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ପ୍ରତିବାଦ

ଖଡ଼ିଆଳ,୧୩।୨(ଡି.ଏନ.ଏ.)

**୫ କେଜି ଚାଉଳ ଯୋଗାଣ ବନ୍ଦ**

କେନ୍ଦ୍ର ସରକାର ୫ କେଜି ଚାଉଳ ଯୋଗାଣ ବନ୍ଦ କରିବା ନିଷ୍ପତ୍ତିକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ ବିଜେଡି ଆସନ୍ତା ୧୫ ତାରିଖରେ ନୂଆପଡ଼ା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳୀର ପ୍ରତେକ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା ଆୟୋଜନ କରି ବିରୋଧ କରିବ ବୋଲି ଦଳ ନିଷ୍ପତ୍ତି ନେଇଛି। ଏହାକୁ ନେଇ ଖଡିଆଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ସଭାପତିତ୍ୱରେ ବୈଠକରେ ନିଷ୍ପତ୍ତି ହୋଇଛି। ୧୬ ତାରିଖରେ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟଠାରେ କେନ୍ଦ୍ର ବିରୋଧରେ ପ୍ରତିବାଦ ସଭା ଓ ଗଣଧାରଣା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ପରିଷଦ ମାଲ୍ୟାବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ମହିଳା ଜିଲା ସଭନେତ୍ରୀ ସରସ୍ୱତୀ ବାଗ, ଉପସଭାପତି ମନୋଜ ଦୀପ, ନଗର ସଭାପତି ଦୀପକ ଖମାରିଙ୍କ ସମେତ ଖଡ଼ିଆଳ ବ୍ଲକ ୩ଟି ଜୋନର ବିଜେଡି ପଞ୍ଚାୟତ ସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ମହିଳା ସଭାନେତ୍ରୀ, ଜିଲା କାର୍ଯ୍ୟକର୍ତ୍ତା ତଥା ବିଜେଡି କର୍ମୀମାନେ ନିଜ ମତ ରଖିଥିଲେ।

# ବିଜୁ ଛାତ୍ର ଜନତା ଦଳର ପ୍ରତିବାଦ



ଭବାନୀପାଟଣାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଉଛି।

## ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣା

ଭବାନୀପାଟଣା,୧୩।୨(ସ୍ୱ.ପ୍ର.)

ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ପିଜି କାଉନ୍‌ସିଲ ବୈଠକ ହଲ୍‌ରେ ରବିବାର ସିଟିଜେନ୍ସ ଫୋରମ୍ ପକ୍ଷରୁ ସେମିନାର ଚାଲିଥିବାବେଳେ କିଛି ଅଣ ଛାତ୍ର ଓ ଏବିଭିପି ସଦସ୍ୟ ଗଣ୍ଡଗୋଳ କରିବା ସହ ଜଣେ ପ୍ରଫେସରଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ କଳାହାଣ୍ଡି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଏହା ଶୈକ୍ଷିକ ବାତାବରଣକୁ ନଷ୍ଟ କରିବା ସହିତ ଛାତ୍ର ସମାଜକୁ ଆଘାତ ଦେଇଛି। ଏପରିସ୍ଥଳେ ସୋମବାର କଳାହାଣ୍ଡି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭବାନୀପାଟଣାସ୍ଥିତ ବିଶ୍ୱ ବିଦ୍ୟାଳୟ ପରିସରରେ ପ୍ରତିବାଦ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ପ୍ରତିବାଦରେ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଛାତ୍ର ସଭାପତି ଅଜିତ କୁମାର ସାହୁ, ଜିତେନ୍ଦ୍ର ବେହେରା, ଲଲବହାଦୁର୍ ନାଏକ, କାମାକ୍ଷା ପ୍ରସାଦ ସିଂଦେଓ, ଛାତ୍ର ନେତା ଜ୍ୟୋତି ବେହେରା, ରୁଦ୍ର ମଣ୍ଡଳ, ହଂଶରାଜ ବେହେରା, ରୋମଞ୍ଚଳ ମେହେର, ଯଶୋବନ୍ତ ସାହୁ, ହିତେଶ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣାଣି ଶିବିର, ୯୩୨ ଅଭିଯୋଗ ପଞ୍ଜୀକରଣ

ରୁପ୍ରା ରୋଡ଼,୧୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ଼ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଜିଲାସ୍ତରୀୟ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ମାହାନ୍ତି, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଏବିଡିଓ ଦେବେନ୍ଦ୍ର ସାମଲ, ତହସିଲଦାର ଶଙ୍କର ବାଗ, ସିଡିପିଓ ନିସିନୀ ନାଏକ ଶିବିରରେ ଯୋଗଦେଇ ଲୋକଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମାଧାନ କରିଥିଲେ। ଶିବିରରେ ୯୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ଦରଖାସ୍ତ, ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଆପତ୍ତି ଅଭିଯୋଗ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ସରପଞ୍ଚ ହେମନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲିଧର ମୁଣ୍ଡ, ଯୋଗାଣ ସହାୟକ ପ୍ରମୋଦ ଶର୍ମା, ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିବା ବେଳେ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# କୋକସରା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋକସରା,୧୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆବେଗ ୫ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଦିନବନ୍ଧୁ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଇଂରାଜୀ ମିଡିୟମରେ ଶିକ୍ଷା ଗ୍ରହଣ କରି ଆଗକୁ ନିଜ ସ୍କୁଲର ନାଁ ଉଜ୍ଜଳ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁଣାକାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଇରୀ ନାସନ ଚିନ୍ଦା ଯୋଗଦେଇ ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଶିକ୍ଷା



ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

କ୍ଷେତ୍ରରେ ଆଗକୁ ବଢ଼ିବାରେ ବିକଶିତ ଓ ସ୍ୱାଭିମାନୀ କରିଛି ବୋଲି କହିଥିଲେ। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ବିଭିନ୍ନବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆଦର୍ଶ ବିଦ୍ୟାଳୟର ଇଂଲିଶ ଶିକ୍ଷୟିତ୍ରୀ ରଞ୍ଜିତା କାନୁନଗୋ ମଞ୍ଚ ପରିଚାଳନା ଏବଂ ଓଡ଼ିଆ ଶିକ୍ଷକ ଶଙ୍କର ରାଉତ ଧନ୍ୟବାଦ ଦେଇଥିଲେ। କମଳାକାନ୍ତ ସାହୁ, ଅମୁଲ୍ୟ କୁମାର ସିଂ, ବିଜୟ କୁମାର ବାଗ, ଧୀରେନ୍ଦ୍ରନାଥ ଠାକୁର, କିଶନ କୁମାର ତାଣ୍ଡି, ବିଶ୍ୱ ରଞ୍ଜନ ସାହୁ, ପଦ୍ମମୁଖ ଚଳାନ, ସୁରେନ୍ଦ୍ର କୁମାର ଦାଶ, ନଳିନୀପ୍ରଭା ନାଏକ, ଅଞ୍ଜଳୀ ମହାପାତ୍ର, ଅସୀମ ଅଜିତାଭ ସାହୁ, ମଳୟ କୁମାର ସରାବୁ, ସୁପ୍ରଭା ବିଶ୍ୱାଳ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ହାକାଥନ: ଲାଞ୍ଜିଗଡ଼ ଓଏଭିର ୨ ଛାତ୍ର

ଲାଞ୍ଜିଗଡ଼,୧୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶନାଥପୁର ପଞ୍ଚାୟତ ଅନ୍ତର୍ଗତ ଧରାଭଟା ଲାଞ୍ଜିଗଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରୀଛାତ୍ରମାନେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଓଡ଼ିଆ ଓ ଇଂଲିଶ ପ୍ରବନ୍ଧ, ତର୍କ କୁଇଜ ଓ ହାକାଥନ ପ୍ରକଳ୍ପ ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକସ୍ତରରେ ଅଧ୍ୟୟନରତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୩୩ଟି ହାକାଥନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଇଂଲିଶ ପ୍ରବନ୍ଧରେ ଲାଞ୍ଜିଗଡ ଆଦର୍ଶ ବିଦ୍ୟାଳୟର ସୋହନ ତୁଳ ପ୍ରଥମ ସ୍ଥାନ


ଚୈତନ୍ୟ ବାଣୁଆ


ସୋହନ ତୁଳ

ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ହାକାଥନ ପ୍ରକଳ୍ପରେ ଲାଞ୍ଜିଗଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଚୈତନ୍ୟ ବାଣୁଆ ପ୍ରଥମ ସ୍ଥାନ ଅଧିକାର କରି ଲାଞ୍ଜିଗଡ଼ ଅଞ୍ଚଳ ଓ ବିଦ୍ୟାଳୟ ପାଇଁ ଗୌରବର ଆଣିଥିବା ଚର୍ଚ୍ଚା ହେଉଛି। ଏହି ଦୁଇ ଛାତ୍ରଙ୍କ ସଫଳତାକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରତର କାମନା କରାଯାଇଛି।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ,୧୩।୨

ନୂଆପଡା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସନବାହାଲି ଗାଁର ଜଣେ ଦାଦନ ଶ୍ରମିକଙ୍କ ରବିବାର ରାତିରେ ତାମିଲନାଡୁରେ ମୃତ୍ୟୁ ଘଟିଛି। ମୃତକ ହେଲେ ସନବାହାଲି ଗାଁର ଯବାନ ନାଏକ (୨୧)। ତାମିଲନାଡୁ ତ୍ରିପୁରାରୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ମୃତଦେହ ଅଣାଯାଉଥିବା ଜଣାପଡ଼ିଛି। ଗତ କିଛି ମାସ ତଳେ ଦାଦନ ଶ୍ରମିକ ଯବାନ ଅଞ୍ଚଳର କିଛି ଯୁବକଙ୍କ ସହ ତାମିଲନାଡୁର ତ୍ରିପୁରାକୁ କାମ ଅନ୍ୱେଷଣରେ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ରବିବାର ରାତିରେ ହଠାତ ରକ୍ତବାନ୍ତି କରି ଅସୁସ୍ଥ ହୋଇ ମୃତ୍ୟୁ ହୋଇଥିବା ସାଥୀ ଶ୍ରମିକମାନେ ପ୍ରକାଶ କରିଛନ୍ତି। ମୃତଦେହ


ଯବାନ ନାଏକ

ଆଣିବା ପାଇଁ ପରିବାର ଲୋକେ ଅସମର୍ଥ ହେବାରୁ ସହାୟତା ଲୋଡିଥିଲେ। ଭାଜପା ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର କପଡା କମ୍ପାନୀ ମ୍ୟାନେଜରଙ୍କ ସହିତ ଫୋନ ଯୋଗେ କଥା ହୋଇ ମୃତଦେହ ପଠାଇବା ପାଇଁ କହିଥିଲେ। ମ୍ୟାନେଜର ରାଜି ହୋଇ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ପଠାଇଛନ୍ତି। ସାଥୀ ଶ୍ରମିକ ଈଶ୍ୱର ଝାଙ୍କର ମୃତଦେହ ଧରି ଆମ୍ବୁଲାନ୍ସରେ ଆସୁଛନ୍ତି। ସୋମବାର ରାତି ସୁଦ୍ଧା ସନବାହାଲି ଗାଁରେ ପହଞ୍ଚିବ ବୋଲି ଈଶ୍ୱର ସୂଚନା ଦେଇଥିଲେ। ମୃତକ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ଥିବାରୁ ସରକାରୀ ସହାୟତା ପାଇଁ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ପରିବାର ଲୋକେ ନିବେଦନ କରିଛନ୍ତି।

# ତୁଲାଗାଁକୁ ହରାଇ ଶଙ୍କରମାଲ ଚାମ୍ପିୟନ

## ସ୍ୱର୍ଣ୍ଣଲତା-ଗୋଲକବିହାରୀ ମେମୋରିଆଲ କ୍ରିକେଟ୍

ଲାଞ୍ଜିଗଡ଼,୧୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗୋପାଳପୁର ଚଞ୍ଚରାପଡା ଖେଳପଡିଆରେ ଚାଲିଥିବା ସ୍ୱର୍ଣ୍ଣଲତା-ଗୋଲକବିହାରୀ ମେମୋରିଆଲ କ୍ରିକେଟ କପ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତା ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ହିମାଦ୍ରୀ ପେସନିଆ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଚନ୍ଦ୍ରଶେଖର ମହାପାତ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝି, ସିକେରକୁପା ଫାଣ୍ଡି ଅଧିକାରୀ ସୁବାସଚନ୍ଦ୍ର ଗୁରୁ, ବରିଷ୍ଠ ନାଗରିକ ବିଜୟ କୁମାର ପାଢୀ, ଅଶୋକ ପାଢୀ, ସୁଲୋଚନା କରୁଆଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅନୀଲ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ସୁଶୀଲ କୁମାର ବାଗ ପରିଚାଳନା କରିଥିବାବେଳେ ଭକ୍ତରାମ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ମ୍ୟାଚ ନର୍ଲା ବ୍ଲକ ତୁଲାଗାଁକୁ ହରାଇ ଶଙ୍କରମାଲ ଦଳ ବିଜୟୀ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ସହିତ ତୁଲାଗାଁ ଦଳର ମୂରଲୀ ମ୍ୟାନ ଅଫ ଦ ସିରିଜ ଓ ଶଙ୍କରମାଳ ଦଳର ଭବାନୀ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍ ମୋହନ ବାଗ ଓ ମାନସ ଗଉଡ ପରିଚାଳନା କରିଥିବାବେଳେ ଭକ୍ତରାମ ପୁଟେଲ, ବିଶ୍ୱରଞ୍ଜନ ପାଢୀ, ନୀଲେଶ କୁମାର ପାଢୀ, ହେମନ୍ତ ପୁଟେଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଅମରଜିତ ସୁନା, ବିକ୍ରମ ବାଗ, ଜିତୁ ଗଉଡ, ଗୋପୀ ଗଉଡ ସ୍କୋରର ଦାୟିତ୍ୱ ତୁଲାଇଥିଲେ।


ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଯୋଗଦେଇଥିବା ଅତିଥିମାନେ।

# ମିଳିନାହିଁ ପାଉଣା, ଶ୍ରମିକ ଜିଲାପାଳଙ୍କ ଦ୍ୱାରସ୍ଥ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍

ନୂଆପଡ଼ା ଅଫିସ,୧୩।୨

ନୂଆପଡା ସଦର ବ୍ଲକ କୋଟେନଚୂଆ ପଞ୍ଚାୟତ ସିଆଲଟି ଗାଁର ଶ୍ରମିକମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ପାଉଣା ପାଇନାହାନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସିଆଲଟି ଗ୍ରାମର ୧୦ଜଣ ଚାଷୀଙ୍କ ଜମି ମରାମତି ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ପ୍ରତ୍ୟେକ ଚାଷୀଙ୍କ ଜମି ମରାମତି ପରିମାଣ ୯୦ ହଜାର ଟଙ୍କା ଲେଖାଏ ଥିଲା। ସବୁ ଚାଷୀଙ୍କୁ ଦୁଇ ସପ୍ତାହ ମଧ୍ୟରେ କାମ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୧୦ଜଣ ଚାଷୀ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରି ଠିକ ସମୟରେ କାମ ସାରି ଦେଇଥିଲେ। ହେଲେ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ଶ୍ରମିକମାନେ ପାଉଣା ପାଇନାହାନ୍ତି। ସରକାରୀ କାର୍ଯ୍ୟ କରି ଠିକ ସମୟରେ


ଜିଲାପାଳଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନେ।

ପାଉଣା ମିଳୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ଦାଦନ ଯିବାକୁ ପଡୁଛି। ଏଠାକାର ଶ୍ରମିକଙ୍କୁ କାମ ମିଳୁନାହିଁ। କାମ ମିଳିଲେ ଠିକଣା ସମୟରେ ପାଉଣା ମିଳୁ ନାହିଁ। ସରକାରୀଙ୍କ ମାଳ ମାଳ ଯୋଜନା ରହିଛି। ସରକାରୀ କର୍ମଚାରୀଙ୍କ ଅବହେଳା ଓ ଉଦାସୀନତା ଯୋଗୁ ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେବା ସହ ଭୋକ ଉପବାସରେ କାଳାତିପାତ କରିବାକୁ ପଡୁଛି। ଶ୍ରମିକମାନଙ୍କ ସୁଖ କେଉଁଠାରେ ନାହିଁ। ବାହାର ରାଜ୍ୟକୁ ଦାଦନ ଗଲେ ମାଲିକମାନଙ୍କ ଦ୍ୱାରା ନିର୍ଯାତିତ ହେବାକୁ ପଡେ। ଏହି ପ୍ରକାର ଅଭିଯୋଗ କେତେ ଆସି ସାରିଲାଣ। ଏହି ଶ୍ରମିକମାନଙ୍କ ମଧ୍ୟରୁ କେତେଜଣ ଦାଦନ ଖଟିଯାଇଥିବା ମଧ୍ୟ ସୂଚନା ମିଳିଛି। ୭ ଦିନ ମଧରେ ପାଉଣା ନ ମିଳିଲେ ବଧ୍ୟ ହୋଇ ଦାନ ଯିବୁ ବୋଲି ମନୁ ମାଝି, ଚନ୍ଦ୍ରଧ୍ୱଜ ଭୋଇ, ଡମ୍ବରୁ ମାଝି, ନରେଶ ମାଝି, ସକନୁ ମାଝି, ଦେଓରାମ ରାଉତ, ମୋତିରାମ ମାଝି, ରୂପସିଂ ମାଝି, ତ୍ରିଲୋଚନ ଭୋଇ ପ୍ରମୁଖ ଜିଲାପାଳ ପାଖରେ ଲିଖିତ ଭାବେ ଜଣାଇଛନ୍ତି।

## ସଂକ୍ଷେପରେ

### ପ୍ରଭୁଭକ୍ତି ଆଶ୍ରମରେ କୁମ୍ଭ ସଂକ୍ରାନ୍ତି

**ଜାମଟିକ୍ରା, ୧୩।୨(ଡି.ଏନ.ଏ.):** ଅତାବିରା ବ୍ଲକ ଗୋଡଭଗା ସ୍ଥିତ ପ୍ରଭୁଭକ୍ତି ଆଶ୍ରମରେ ସୋମବାର କୁମ୍ଭ ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଯଜ୍ଞକାର୍ଯ୍ୟରେ ପ୍ରଦୀପ କର୍ଣ୍ଣ ଓ ସ୍ତ୍ରୀ ଇତିଶ୍ରୀ କର୍ଣ୍ଣ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ବେଦାନନ୍ଦ ଶାସ୍ତ୍ରୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବେଶ ମହାରାଜଙ୍କ ଅଧକ୍ଷତାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାନପ୍ରସ୍ଥିଗଣ, ଲାୟନ୍ସ କ୍ଲବ, ବଜରଙ୍ଗ ଦଳ, ଶିଶୁ ମନ୍ଦିର ପରିଚାଳନା କମିଟି, ଆଶ୍ରମ ପରିଚାଳନା କମିଟି, କଳାମାଟି ସରପଞ୍ଚ ସୁଷମା ସାହୁ, ସମିତି ସଭ୍ୟା ରୀନା ତରିଆ, ପୂର୍ବତନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ ସହଯୋଗ କରିଥିଲେ। ଆଶ୍ରମର ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ।

### ଇଲେକ୍ଟ୍ରିକ୍ ଅଫିସ ଘେରିଲେ ଉପଭୋକ୍ତା

**ବରପାଲି, ୧୩।୨(ଡି.ଏନ.ଏ.):** ବରଗଡ ଜିଲା ଭେଡେନ ବ୍ଲକର ରେଶମ, ପଧାନପାଲି, ଅରେଗୁଡ଼ି, ସିଗେନପାଲି ସମେତ ଆଖପାଖ ଗ୍ରାମର ଉପଭୋକ୍ତାମାନେ ବିଭିନ୍ନ ଦାବି ନେଇ ସୋମବାର ବରପାଲି ବିଦ୍ୟୁତ୍ ବିଭାଗ ଅଫିସକୁ ଘେରାଉ କରିଥିଲେ। ତୁରନ୍ତ ଦାବିଗୁଡିକର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଥିଲେ ଏବଂ ବିଭାଗୀୟ ଏସ୍‌ଡିଓ ଗୁରୁଚରଣ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଏସ୍‌ଡିଓ ସାହୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ନିଶା କାରବାର, ଜଣେ ଗିରଫ

**ବରଗଡ଼ ଅଫିସ୍, ୧୩।୨ :** ବରଗଡ଼ ସଦର ଥାନା ପୋଲିସ ନିଶା କାରବାର ଅଭିଯୋଗରେ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସହରାପାଲି ଗ୍ରାମର ସୁମନ୍ତ ନାଗ(୨୭)। ତାଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୪୮/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ସଦର ଥାନାର ଏକ ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସୁମନ୍ତଙ୍କୁ ଅଟକାଇଥିଲେ। ଯାଞ୍ଚ କରିବା ସମୟରେ ତାଙ୍କ ପାଖରୁ ୧୦ଟି ଏସ୍‌କଫ୍ ସିରପ୍, ନିଶା ବଟିକା, ଗୋଟିଏ ମୋବାଇଲ ଏବଂ ନଗଦ ୬ ହଜାର ଟଙ୍କା ମିଳିଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ମନ୍ଦିରରୁ ଚୋରି ଘଟଣା: ପୋଲିସ ହାତ ଖାଲି

**ଖଡ଼ିଆଳ, ୧୩।୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସହର ରାମସ୍ୱାମୀ ଓ ମା' ଅର୍ଣ୍ଣପୂର୍ଣ୍ଣା ମନ୍ଦିରରୁ ଚୋରି ଘଟଣାକୁ ୧୦ ଦିନ ପରେ ବି ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇନାହିଁ। ଆଜକୁ ୧୦ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ସହ ଯୋଗାଯୋଗ କରିବାରୁ ବହୁ ଶୀଘ୍ର ଚୋର ଧରା ପଡିବ ବୋଲି କହିଛନ୍ତି।

# ଜମାଟଙ୍କା ନ ଫେରାଇଲେ ଆନ୍ଦୋଳନ

**ବରଗଡ଼ ଅଫିସ୍, ୧୩।୨**

ଚିଟଫଣ୍ଡ୍ ସଂସ୍ଥା ଦ୍ୱାରା ଅନେକ ଜମାକାରୀ ଠକାମୀର ଶୀକାର ହୋଇଛନ୍ତି। ସରକାରଙ୍କ ପାଖରେ ବାରମ୍ବାର ଦାବି ସତ୍ତ୍ୱେ ସେମାନେ ସେମାନଙ୍କ ଜମାଟଙ୍କା ଫେରି ପାଇ ନାହାନ୍ତି। ଏହାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ବରଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହାସହିତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତୁରନ୍ତ ଜମାଟଙ୍କା ଫେରାଇବାକୁ କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଦାବି କରିଛି।

ସୋମବାର ସକାଳେ କ୍ଷତିଗ୍ରସ୍ତ ଜମାକାରୀମାନେ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ତହସିଲ ଅଫିସ ଅଭିମୁଖେ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ବରଗଡ଼ ଜିଲାରେ ୧ଲକ୍ଷ ୬୦ହଜାର ଜମାକାରୀ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ପ୍ରାୟ ୩ଲକ୍ଷ କୋଟି ଟଙ୍କା କ୍ଷତିଗ୍ରସ୍ତ ହୋଇଛନ୍ତି। ଏଭଳି ସ୍ଥିତିରେ ଜମାକାରୀଙ୍କୁ ଚିହ୍ନଟ କରି



ବରଗଡ଼ ତହସିଲ ଅଫିସ ସମ୍ମୁଖରେ ଜମାକାରୀଙ୍କ ବିକ୍ଷୋଭ।

#### ଚିଟଫଣ୍ଡ୍ ଜମାକାରୀଙ୍କ ଚେତାବନୀ

ସେମାନଙ୍କ ଜମାଟଙ୍କା ଫେରାଇବା ପାଇଁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥା ଏହାର ବିଧିବଦ୍ଧ ତଦନ୍ତ କରିବା ସହ ଜମାକାରୀଙ୍କୁ ସେମାନଙ୍କ ଜମାଟଙ୍କା ତୁରନ୍ତ ଫେରସ୍ତ କରିବାକୁ ଦାବି ହୋଇଛି। ଜମାଟଙ୍କା ଫେରସ୍ତ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ମିଳିତ ମଞ୍ଚର ସଭ୍ୟ ରମେଶ ମହାପାତ୍ର, ଜିଲା ସଂଯୋଜକ ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଜମାକାରୀମାନେ ତହସିଲ କାର୍ଯ୍ୟାଳୟକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ୫-ଟି ସ୍କୁଲରେ ଅବ୍ୟବସ୍ଥା ନେଇ ଅଭିଯୋଗ

**ବରପାଲି, ୧୩।୨(ଡି.ଏନ.ଏ.)**

ବରପାଲି ବ୍ଲକ ଅଧୀନ କାଇଁଶିର ହାଇସ୍କୁଲ ୫-ଟି ଯୋଜନାରେ ସାମିଲ ହୋଇଥିଲେ ମଧ ଏଠାରେ ନାନା ଅବ୍ୟବସ୍ଥା ସାମ୍‌ନାକୁ ଆସିଛି। ସ୍କୁଲରେ କମ୍ପ୍ୟୁଟର, ଅତ୍ୟାଧୁନିକ ବ୍ଲାକ ବୋର୍ଡ, ପରୀକ୍ଷାଗାର ଆଦି ରହିଛି। ହେଲେ ଦୀର୍ଘ ୫ମାସ ହେଲା ସ୍କୁଲରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଏ ସମ୍ପର୍କରେ ଅଭିଯୋଗ କରିବା ପରେ କୌଣସି ସୁଫଳ ନ ମିଳିବାରୁ ଅଭିଷେକ ସେଠଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର ସ୍ଥାନୀୟ ବିଡିଓ ପ୍ରସନ୍ନ କୁମାର ପାଣ୍ଡେଙ୍କୁ ସାକ୍ଷାତ କରିଥିଲେ। ତେବେ ଉକ୍ତ ସ୍କୁଲକୁ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରାଯିବା ନେଇ ପଦକ୍ଷେପ ନେବେ ବୋଲି ବିଡିଓ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସରୋଜ ଭୋଇ, ବରୁଣ ସାଗର, ସଦାନନ୍ଦ ମହାନନ୍ଦ, ଧର୍ମେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଧନରେ ରହିଛି ଔଷଧୀୟ ଭଣ୍ଡାର

**ପାଇକମାଳ, ୧୩।୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକର ଗନ୍ଧମାର୍ଦ୍ଧନ ପର୍ବତ ପାଦଦେଶରେ ଥିବା ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନରେ ୬ଦିନିଆ ଦ୍ରବ୍ୟଗୁଣ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ନ୍ୟାଶନାଲ କମିଶନ ଅଫ୍ ଇଣ୍ଡିଆନ ସିଷ୍ଟମ ଅଫ୍ ମେଡିସିନର ଅଧକ୍ଷ ପ୍ରଫେସର ଡା. ରଘୁରାମ ଭଟ୍ଟ ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ. ଭଟ୍ଟ ମହାବିଦ୍ୟାଳୟର ଲୁମ୍ବିନୀ ଉଦ୍ୟାନ ବୁଲି ଦେଖିବା ସହ ଗନ୍ଧମାର୍ଦ୍ଧନ ପର୍ବତରେ ଔଷଧୀୟ ଭଣ୍ଡାର ଭରି ରହିଛି ବୋଲି ମତ ଦେଇଥିଲେ। ବୁର୍ଲା ସ୍ଥିତ ଭିମ୍‌ସାରର ପ୍ରଫେସର ଭାଗିରଥି ରଥ, ଅନୁଷ୍ଠାନର ସଭାପତି ସତ୍ୟଭୂଷଣ ସାହୁ ଓ ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ତ୍ରିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ, ବିହାର, ତାମିଲନାଡୁ, ହରିୟାଣା, ଗୁଜରାଟ ଆଦି ରାଜ୍ୟରୁ ପ୍ରାୟ ୨୨ ଜଣ ସହକାରୀ ପ୍ରଫେସର ଟ୍ରେନିଂ ନେବେ। ଅନୁଷ୍ଠାନର ଅଧକ୍ଷା ଡାକ୍ତର କ୍ଷିରାବ୍ଧୀ ତନୟା ରାଉତରାୟଙ୍କ ତତ୍ତ୍ୱାବଧାନ ଏବଂ ଦ୍ରବ୍ୟଗୁଣ ବିଭାଗର ମୁଖ୍ୟ ଡାକ୍ତର ଶିବ ପ୍ରସାଦ ମହାନ୍ତି, ସହକାରୀ ପ୍ରଫେସର ଡାକ୍ତର ଯୋଗାନ୍ସ ବର୍ମାଙ୍କ ସହଯୋଗରେ ଏହି କର୍ମଶାଳା ପରିଚାଳିତ ହେବ ବୋଲି କୁହାଯାଇଛି।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି।

**ଦ୍ରବ୍ୟଗୁଣ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ**

## ଦିନ୍‌ଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ

**ପାଇକମାଳ, ୧୩।୨(ଡି.ଏନ.ଏ.)**

ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ବରଗଡ ଜିଲା ପାଇକମାଳ ଭାଜପା କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ମଣ୍ଡଳ ସଭାପତି କୈଳାସ ଦିଶ୍ରୀଙ୍କ ସଭାପତିତ୍ୱରେ ଦଳୀୟ କର୍ମକର୍ତ୍ତା ଯୋଗଦେଇ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ ଜିଲା ଭାଜପା ଉପସଭାପତି ସରୋଜ ସାମଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦିନଦୟାଲଙ୍କ ସ୍ମୃତିଚାରଣ କରିଥିଲେ। ବ୍ଲକ ଏମ୍‌ପି ପ୍ରତିନିଧି ବଳରାମ ସାହୁ, ସରପଞ୍ଚ ତୁଳାବତୀ ତାଣ୍ଡି, ସମିତି ସଭ୍ୟା ନିରୁପମା ନାଗ, ଜିଲା ମହିଳା ମୋର୍ଚ୍ଚା ଉପସଭାପତି ସୁବାଷିନୀ ପ୍ରଧାନ, ଯୁବନେତା ସୁଶାନ୍ତ ନାଗ, ଜିଲା କୃଷକ ମୋର୍ଚ୍ଚା ସଂଯୋଜକ ଯୋଗେନ୍ଦ୍ର ଭୋଇ, ଶୁକଦେବ ପ୍ରଧାନ, ଏମଡି ରାଜା, ହରେକୃଷ୍ଣ ସୁନା, ରାଜେନ୍ଦ୍ର ସେଠ, ପାଇକମାଳ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିକି ଅଗ୍ରୱାଲ, ରକ୍ସଣ ସେଠ, ଡୋଲାମଣି ବଢେଇଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ

**ପଦ୍ମପୁର, ୧୩।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ପ୍ରତିନିଧି ମଣ୍ଡଳୀ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଉପଜିଲାପାଳ ସଦାକାର କୁମ୍ଭାରଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଫସଲବୀମା, ଇନପୁଟ ସବ୍‌ସିଡି, ଋଣଗ୍ରସ୍ତଚାଷୀଙ୍କ କୃଷିଋଣ ଛାଡ, ବକେୟା ବିଦ୍ୟୁତ୍ ବିଲ୍ ଛାଡ କରି ଜଳସେଚନ ଅନୁସାରେ ବିଲ୍ ପ୍ରଦାନ, ମାର୍କେଟ ୟାର୍ଡରେ ଥିବା ସମସ୍ତ ଧାନକୁ ଶିଘ୍ର କିଣିବା, ପଦ୍ମପୁରକୁ ଜିଲା ମାନ୍ୟତା ଆଦି ସ୍ଥାନିତ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଙ୍ଗଠନର ପଞ୍ଚାନନ ସାହୁ, ରୋହିତ ପ୍ରଧାନ, ଉପଦେଷ୍ଟା ଅଜିତ ଶତପଥି, କୈଳାସ ବାରିକ, ଚିତ୍ତ ପାଣ୍ଡେ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ: ସରକଣ୍ଡା ଚାମ୍ପିୟନ


ମୁଖ୍ୟ ଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

**ବରଗଡ଼ ଅଫିସ୍, ୧୩।୨**

ବରଗଡ଼ ବ୍ଲକ ବଗେଇବିରାଠାରେ ଚାଲିଥିବା ପଞ୍ଚମ ଗଣେଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ଫାଇନାଲକୁ ଜଟର୍ଲା ଏବଂ ସରକଣ୍ଡା ଉନ୍ନୀତ ହୋଇଥିଲେ। ଏଥିରେ ସରକଣ୍ଡା ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଆର୍ଥିକ ରାଶି ସହିତ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଜଟର୍ଲା ଦଳକୁ ପୁରସ୍କୃତ କରିଥିଲେ। ସଦାନନ୍ଦ ତାଣ୍ଡି ଏବଂ ବିରେନ୍ଦ୍ର ବିଭାର ଖେଳ ପରିଚାଳନା କରିଥିଲେ। ଯୁବନେତା ସୁରେନ୍ଦ୍ର ତାଣ୍ଡି, ହୃଷି କୁଅଁର, ରୋହନ ପାତ୍ର, ପୁରନ୍ଦର ଭୋସାଗର ସହଯୋଗ କରିଥିଲେ।

## ବ୍ଲାକ୍ ବେଲ୍ଟ ପରୀକ୍ଷା, ଆତ୍ମରକ୍ଷା ଶିବିର


ଶିବିରରେ କୃତିତ୍ୱ ହାସଲ କରି ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରଗଣ।

**ପଦ୍ମପୁର, ୧୩।୨(ଡି.ଏନ.ଏ.)**

ବରଗଡ଼ ଜିଲା କରାଟେ ଡୁ ଆସୋସିଏଶନ ତରଫରୁ ପଦ୍ମପୁରରେ ଏକଦିବସୀୟ ବ୍ଲାକ ବେଲ୍ଟ ପରୀକ୍ଷା ଓ ଆତ୍ମରକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ପ୍ରଶାନ୍ତ କୁମାର ମାଝୀ, ଶୈଳେଶ ତ୍ରିପାଠୀ, ବିନିତା ମିଶ୍ର ସମ୍ମାନିତ ଅତିଥି, ଡାଇରେକ୍ଟର ବିଶ୍ୱଜିତ ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ଓ କରାଟେର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ହୋଇଥିବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶୌଗନ୍ତିକା ତ୍ରିପାଠୀ ଓ ଖୁସ୍‌ବୁ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କଲର ବେଲ୍ଟ ପରୀକ୍ଷାରେ ୩୫ ଜଣ କୃତକାର୍ଯ୍ୟ ହୋଇଥିଲେ। ବରଗଡ଼ ଜିଲା କରାଟେ ଡୁ ସମ୍ପାଦକ ତଥା ପ୍ରଶିକ୍ଷକ ସିହାନ କାବୁଲି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୫-ଟି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ପାଇକମାଳ, ୧୩।୨(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚ ଦିବସୀୟ ୩୦ତମ ୫-ଟି ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ପାଇକମାଳ ଓ ଝାରବନ୍ଧ ବ୍ଲକର ୬୦ ଜଣ ଶିକ୍ଷୟତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଯୋଗଦାନ କରିଛନ୍ତି। ପ୍ରଶିକ୍ଷକ ଭାବେ ପାଇକମାଳ ବିଇଓ ଚୂଡାମଣି ବାରିକ ଯୋଗଦେଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ତୈଳିକ ବୈଶ୍ୟ ସମାଜ ସଭା

**ପଦ୍ମପୁର, ୧୩।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଭେଉଁରିଆରେ ତୈଳିକ ବୈଶ୍ୟ ସମାଜର ପଞ୍ଚାୟତସ୍ତରୀୟ ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ସଭାପତି ହଳଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଶ୍ୱିନୀ କୁମାର ସାହୁ ମୁଖ୍ୟ ଅତିଥି, ଝସକେତନ ସାହୁ, ରାଜକିଶୋର ସାହୁ, ରୁକଧର ସାହୁ, ମୀନକେତନ ସାହୁ, ଡୋଲାମଣି ସାହୁ, ଅନିତା ସାହୁ, ତେଜବାଲି ସାହୁ, ସ୍ୱର୍ଣ୍ଣକାନ୍ତି ସାହୁ, ସରସ୍ୱତୀ ସାହୁ ସମ୍ମାନିତ ଅତିଥି, ଡ. ଭକ୍ତ ପୂରଣ ସାହୁ ମୁଖ୍ୟବକ୍ତା, ଜୀବର୍ଦ୍ଧନ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ତୈଳିକ ବୈଶ୍ୟ ସମାଜର ଇତିହାସ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ରମେଶ ଚନ୍ଦ୍ର ସାହୁ ଓ ଦୀନେଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ସୁବ୍ରତ କୁମାର ସାହୁଙ୍କ ପରିଚାଳନାରେ ଭେଉଁରିଆ ଓ ବୁଧାପାଲିର ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶାନ୍ତନୁ କୁମାର ସାହୁ ଓ ସଚ୍ଚିଦାନନ୍ଦ ସାହୁ ସହଯୋଗ କରିଥିଲେ।

## ୯ ବଟୁଙ୍କ ସାମୂହିକ ବ୍ରତୋପନୟନ

**ପଦ୍ମପୁର, ୧୩।୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରେ ସୋମବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପୂଜା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ୯ଜଣ ବଟୁଙ୍କୁ ଉପବୀତ ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ହୋଇଥିବା ବ୍ରତୋପନୟନ କାର୍ଯ୍ୟକ୍ରମରେ ସମାଜର ସଭ୍ୟାସଭ୍ୟମାନେ ବଟୁମାନଙ୍କୁ ଆଶୀର୍ବାଦ ଦେଇଥିଲେ। ଗାଇସିଲେଟ, ପାଇକମାଳ, କନସିଂହା, ଟାଲ ଆଞ୍ଚଳିକ ବ୍ରାହ୍ମଣ ସମାଜର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ଅବସରରେ ସଚ୍ଚିଦାନନ୍ଦ ପାଣିଗ୍ରାହୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦେଢ଼ ଲକ୍ଷ ଟଙ୍କା ଦାନ କରିଥିଲେ। ମେଜର ଡୋଲାମଣି ପୁରୋହିତ ରୋଷେଇ ଘରକୁ ଉଦ୍‌ଘାଟନ କରିଥିଲେ। ବ୍ରାହ୍ମଣ ସମାଜ, ଗାୟତ୍ରୀ ବାହିନୀ ଓ ପର୍ଶୁରାମ ବାହିନୀର ସଭ୍ୟାସଭ୍ୟ ସହଯୋଗ କରିଥିଲେ।


ବ୍ରତୋପନୟନ ହୋଇଥିବା ବଟୁଗଣ।

## ବିକାଶରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୧୩।୨**

ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପାପା କେହେତେ ହେ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ପୁଣ୍ୟତିଥି ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସ୍ମୃତିଚାରଣ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ମାନସିକ ମୂଲ୍ୟବୋଧ ଏବଂ ସଂଯମ ଶୃଙ୍ଖଳା ସହିତ ଛାତ୍ର ଜୀବନର ପ୍ରତି ମୁହୂର୍ତ୍ତକୁ ଅବିସ୍ମରଣୀୟ ସ୍ମୃତିରେ ପରିଣତ କରିବା ପାଇଁ ପରାମର୍ଶ ଦେଇଥିଲେ। ବିକାଶ ଲ ସ୍କୁଲ ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ନିଜ ମତ ରଖିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିତା ସବୁବେଳେ ନିଜର ସ୍ୱାର୍ଥକୁ ଅଣଦେଖା କରି ନିଜ ସନ୍ତାନର ଆଶା, ଆକାଂକ୍ଷାକୁ ପରିପୂରଣ ପାଇଁ ସର୍ବଦା ପ୍ରସ୍ତୁତ ରହନ୍ତି ବୋଲି କହିଥିଲେ। ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ବିକାଶ ଗ୍ରୁପ୍ ଅଫ ମ୍ୟାନେଜମେଣ୍ଟ ଛାତ୍ରୀ ମମତା ଗିରି, ବିକାଶ ଡିଗ୍ରୀ କଲେଜର ଅନ୍ୱେଷା ପୁରୋହିତ, ହିମାଂଶୁ ଜୈନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରିଲ୍ ପ୍ରତିଯୋଗିତାରେ ସୁଜସ୍ମିତା ଭୋଇ ପ୍ରଥମ, ଭୋଲା ସାହୁ ଦ୍ୱିତୀୟ ହୋଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଛାତ୍ରମାନେ ପ୍ରଥମ, ବିକାଶ ଲ ସ୍କୁଲର ଛାତ୍ରମାନେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷେ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ସଂକ୍ଷେପରେ

### ବରେଇପାଲି ଅଞ୍ଚଳରେ ରାସ୍ତା, ଡ୍ରେନ୍ ସମସ୍ୟା

**ସମ୍ବଲପୁର,୧୩।୨(ବ୍ୟୁରୋ):** ରାସ୍ତା ଓ ଡ୍ରେନ୍ ସମସ୍ୟା ନେଇ ସୋମବାର ସମ୍ବଲପୁର ବରେଇପାଲି ବିହାରିପଡା ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗ କ୍ରମେ ସେମାନେ ବିହାରିପଡାରେ ୫୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଡ୍ରେନ୍ ଓ ରାସ୍ତା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବର୍ଷା ଦିନରେ ଡ୍ରେନ୍ ନ ଥିବାରୁ ଘରେ ପାଣି ପଶୁଛି। ଏହି ସମସ୍ୟା ନେଇ ପୂର୍ବରୁ ମହାନଗର ନିଗମଠାରେ ଜଣାଇଥିବା ସତ୍ତ୍ୱେ ସୁଫଳ ମିଳିନାହିଁ। ଶୀଘ୍ର ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ।

### ପ୍ରଦୂଷଣ: ଆନ୍ଦୋଳନ ଚେତାବନୀ

**ସମ୍ବଲପୁର,୧୩।୨(ବ୍ୟୁରୋ):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର କତରବଗା ପଞ୍ଚାୟତରେ ଥିବା ଏକ କାରଖାନା ପ୍ରଦୂଷଣ କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। କତରବଗା ପଞ୍ଚାୟତ ଅନ୍ତର୍ଗତ ଗୋଳାମାଳ, ପଧାନପାଲି, କର୍ମାଟିକ୍ରା ଓ ସହରାପଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି, କାରଖାନାରୁ ବାହାରୁଥିବା ଲୁହାଗୁଣ୍ଡର ମଇଳା ପାଣି, କୋଇଲା ଗୁଣ୍ଡ ଓ କଳା ରଙ୍ଗର ଧୂଆଁ ରୟତି ଜମି ଉପରେ ପଡୁଥିବାରୁ ଫସଲ ନଷ୍ଟ ହେଉଛି। ଏହାର ସମାଧାନ ନ ହେଲେ ୨୧ ତାରିଖରେ କମ୍ପାନୀ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

### 'ନଳସେ ଜଳ' ପାଇଁ ଭୂମି ପୂଜନ



**ପଡ଼ିଆବାହାଲ, ୧୩।୨(ଡି.ଏନ.ଏ.):** ଝାରସୁଗୁଡ଼ା ବ୍ଲକ ମେଘପାଲ ପଞ୍ଚାୟତର ପ୍ରତି ଗାଁର ଘରକୁ ଘର ନଳ ମାଧ୍ୟମରେ ପାନୀୟ ଜଳ ପହଞ୍ଚାଇବାକୁ ଯୋଜନା କରାଯାଇଛି। ତଦନୁଯାୟୀ ସୋମବାର ମେଘପାଳଠାରେ 'ନଳସେ ଜଳ' ଯୋଜନାର ଭୂମି ପୂଜନ ହୋଇଛି। ଏହି ଯୋଜନାରେ ଟାମ୍ପରସିଙ୍ଗାଠାରେ ପାଣିଟାଙ୍କି କରାଯାଇ ସମଗ୍ର ପଞ୍ଚାୟତକୁ ଜଳ ଯୋଗାଣ କରାଯିବ। ଟାମ୍ପରସିଙ୍ଗାଠାରେ ସରପଞ୍ଚ ମମତା ପ୍ରଧାନ, ସମିତି ସଦସ୍ୟା ଲିଲିମା ଧରୁଆ, କେଇସି ଇଣ୍ଟରନ୍ୟାଶନାଲ ଲିମିଟେଡ ପରିଚାଳକ ସନ୍ତୋଷ ପ୍ରଧାନ, ଇଂ କେଶବ ରାଓ ପ୍ରମୁଖଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଯୋଜନାର ଶୁଭାରମ୍ଭ କରାଯାଇଛି।

### ପ୍ରସ୍ତାବିତ ନୂତନ ରାଜସ୍ୱ ଗ୍ରାମକୁ ନେଇ ବିବାଦ

**କୁଚିଣ୍ଡା,୧୩।୨(ଡି.ଏନ.ଏ.):** କୁଚିଣ୍ଡା ତହସିଲ ଅନ୍ତର୍ଗତ ଟାଇଁସର ପଞ୍ଚାୟତର ଟାଇଁସର ଗ୍ରାମରୁ ପଡାଗ୍ରାମ କଦୋପଡାକୁ ନୂତନ ରାଜସ୍ୱ ଗ୍ରାମ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଦେଖାଦେଇଛି । ରାଜସ୍ୱ ଗ୍ରାମ ଦାବିରେ କଦୋପଡା ଗ୍ରାମର ଶତାଧିକ ମହିଳାପୁରୁଷ ସୋମବାର କୁଚିଣ୍ଡା ତହସିଲଦାରଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୧୦ତାରିଖରେ କୁଚିଣ୍ଡା ତହସିଲ ପକ୍ଷରୁ ଟାଇଁସରଠାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ତହସିଲଦାର ପ୍ରସନ୍ନ ଟେଟେଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଟାଇଁସର ଗ୍ରାମବାସୀ କୁଆଡେ ଆପତ୍ତି କରିଥିଲେ। ତହସିଲଦର ଟେଟେ କଦୋପଡା ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରି ଏ ସମ୍ପର୍କରେ ଆଉଥରେ ଗ୍ରାମସଭା ପାଇଁ ନୋଟିସ କରାଯିବ ଓ ଉଭୟ ଗ୍ରାମର ମତାମତକୁ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଛନ୍ତି ।

### ଜନ ଅଭିଯୋଗ ଶୁଣାଣି

**ଜମନକିରା,୧୩।୨(ଡି.ଏନ.ଏ.):** ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ରାଜୀବ ଭବନ ଠାରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚକୁଲିଆବାହାଲ, ଫାଶୀମାଲ, ସୁବର୍ଣ୍ଣପାଲି, ଧୂଡିପାଲି, ଗୁଣ୍ଡୁରୁଚୂଆଁ, କେନାଡିପା, ମହଦା ଆଦି ୭ ପଞ୍ଚାୟତର ଜନସାଧାରଣ ଅଭିଯୋଗ ଆଣିଥିଲେ। ଜମନକିରା ତହସିଲଦାର ବ୍ରଜକିଶୋର ସାହୁ, ଏବିଡିଓ ରବୀନ୍ଦ୍ର ରଣା, ବ୍ଲକ କୃଷି ଅଫିସର ଲୋଚନ ମାଝି, ଗୋଷ୍ଠୀ ଉଦ୍ୟାନ ଅଧିକାରୀ ହିତେଶ କୁମାର ବଡେଇ, କେନାଡିପା ସରପଞ୍ଚ କଲ୍ୟାଣୀ ନାଏକ, ସମିତିସଭ୍ୟା ଶାନ୍ତିଲତା ଧୂରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୮ ଅଭିଯୋଗର ଶୁଣାଣି ହୋଇଥିଲା। ତହସିଲଦାର ସାହୁ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ।

# ମନ୍ତ୍ରୀଙ୍କ ଚା ଖଟିରେ ଦୁଇ ଆଶାୟୀଙ୍କୁ ନେଇ ଚର୍ଚ୍ଚା

**ସମ୍ବଲପୁର,୧୩।୨(ବ୍ୟୁରୋ)**

କିଛିଦିନର ବ୍ୟବଧାନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଶନିବାର ସମ୍ବଲପୁର ଗସ୍ତ କରିଥିଲେ। ଏହି ସମୟରେ ରେଢ଼ାଖୋଲଠାରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ରେଢ଼ାଖୋଲ ଛକର ଏକ ଚା ଦୋକାନରେ ଏକ ଖଟି ଆୟୋଜନ ହୋଇଥିଲା। ଏଥିରେ ମନ୍ତ୍ରୀ ପ୍ରଧାନଙ୍କ ସମେତ ଦଳୀୟ ନେତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ରେଢ଼ାଖୋଲ ବିଧାନସଭା ପାଇଁ ଆଶାୟୀ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ଓ ଗୋବିନ୍ଦ ଅଗ୍ରୱାଲ ମନ୍ତ୍ରୀ ପ୍ରଧାନଙ୍କ ସହ ଏକାଠି ଛିଡାହୋଇ ଖୁସି ଜାହିର କରୁଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀ ପ୍ରଧାନ ଉଭୟଙ୍କ ମନୋମାଳିନ୍ୟ ଦୂର ପାଇଁ ଏଭଳି ଯୋଜନା କରିଥିବା ଆଲୋଚନା ହୋଇଥିଲା। ଆଶାୟୀ ଦୁଇ ନେତା ପୁଣି ଆଗାମୀ ନିର୍ବାଚନ ସମୟରେ ଟିକେଟ ହାତେଇବାକୁ ଚେଷ୍ଟା କରୁଥିବା ମଧ୍ୟ ଦଳରେ ଚର୍ଚ୍ଚା ହେଉଛି।

ଗତ ନିର୍ବାଚନରେ ଉଭୟ ଆଶାୟୀ



ଚା ଖଟିରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଦୁଇ ଆଶାୟୀ ।

ରହିଥିବା ବେଳେ ଶେଷ ସମୟରେ ଦେବେନ୍ଦ୍ରଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଗୋବିନ୍ଦ ଏହାକୁ ନେଇ ମନ ଉଣା କରିଥିଲେ ହେଁ ଜାହିର କରିପାରି ନ ଥିଲେ ବୋଲି କୁହାଯାଉଛି। ଏବେ ମଧ୍ୟ ଗୋବିନ୍ଦ ଟିକେଟ ଆଶାରେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଭେଟି ଆଲୋଚନା କରୁଛନ୍ତି। ଅନ୍ୟ ଆଶାୟୀ ଦେବେନ୍ଦ୍ର ମଧ୍ୟ ବିଭିନ୍ନ ସ୍ଥାନରେ ସଭାସମିତି ଆୟୋଜନ କରିବା ସହ ଲୋକଙ୍କ ସମସ୍ୟାକୁ ନେଇ କାମ କରୁଛନ୍ତି।

ଦେଖିବାକୁ ଗଲେ ୨୦୧୯ ସାଧାରଣ ନିର୍ବାଚନ ସମୟରେ ସମ୍ବଲପୁର ଜିଲାର ୪ ବିଧାନସଭା ଆସନ ମଧ୍ୟରୁ ରେଙ୍ଗାଲି ଓ ସମ୍ବଲପୁରକୁ ଭାଜପା ଅକ୍ତିଆର କରିଥିବା ବେଳେ କୁଚିଣ୍ଡା ଓ ରେଢାଖୋଲ ବିଜେଡି ଖାତାକୁ ଯାଇଥିଲା। ସେହିପରି ଜିଲାପରିଷଦ ନିର୍ବାଚନରେ ରେଢାଖୋଲ ନିର୍ବାଚନ ମଣ୍ଡଳୀର ୭ ଜିଲାପରିଷଦ ମଧ୍ୟରୁ ଭାଜପା ଗୋଟିଏ ଆସନରେ ବିଜୟୀ ହୋଇଥିଲା। ମାନେଶ୍ୱର ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ରେଢାଖୋଲ ଏନ୍ଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଭାଜପା ଅକ୍ତିଆର କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ଦେବେନ୍ଦ୍ରଙ୍କୁ ୪୨ ହଜାର ୩ ଶହ ଭୋଟ ମିଳିଥିଲା। ହେଲେ ୨୦୨୨ ଜିଲାପରିଷଦ ଭୋଟ ସମୟରେ ଭୋଟ ହାର ବୃଦ୍ଧି ପାଇ ୪ ବ୍ଲକରେ ଭାଜପାକୁ ୫୩ ହଜାର ୪୫୦ ଭୋଟ ମିଳିଛି। ହାରାହାରି ୧୦ ହଜାର ଭୋଟ ଅଧିକ ମିଳିଥିଲା। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଗାମୀ ସାଧାରଣ ନିର୍ବାଚନରେ ସମ୍ବଲପୁର ନ ହେଲେ ଢେଙ୍କାନାଳ ଲୋକ ସଭା ଆସନରୁ ସିଧାସଳଖ ନିର୍ବାଚନ ଲଢିବେ ବୋଲି ଆଲୋଚନା ହେଉଛି। ତେଣୁ ସମ୍ବଲପୁର ଲୋକ ସଭା ଅଧୀନ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଭାଜପା କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଝୁଝୁମୁରାଠାରେ ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ମହାପାତ୍ର କହିଛନ୍ତି, ମନ୍ତ୍ରୀଙ୍କ ଗସ୍ତ ସମୟରେ ରେଢାଖୋଲ ଛକରେ ରହଣି କରିଥିଲେ। ତୃଣମୂଳ ସ୍ତରରେ ଦଳୀୟ ସଂଗଠନ ସୁଦୃଢ଼ କରିବାକୁ କହିଥିଲେ। ଟିକେଟ ଦଳ ହାତରେ ରହିଥାଏ, ଆମେ ଦଳ ପାଇଁ କାମ କରିବୁ ବୋଲି କହିଥିଲେ। ଅନ୍ୟପଟେ ଅଗ୍ରୱାଲ କହିଛନ୍ତି, କେନ୍ଦ୍ରୀୟ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଲୋକମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଦଳ ଯାହା ନିଷ୍ପତ୍ତି ନେବ ସେ ନେଇ କାମ କରିବାକୁ ପଡିବ ବୋଲି କହିଥିଲେ।

**ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ**

### ସିଏସ୍‌ବି ଜିଲା ସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୩।୨(ବ୍ୟୁରୋ)**

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ (ସିଏସବି)ର ୧୫୯ତମ ବାର୍ଷିକ କ୍ରୀଡା ଉତ୍ସବ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋରେନ କୁମାର ପ୍ରଧାନ ପରିଚାଳନା କରିଥିଲେ। ପୁରାତନ ଛାତ୍ର ପ୍ରମୋଦ କୁମାର ଅଗ୍ରୱାଲ, ପୁରାତନ ଛାତ୍ରସଂସଦ ସଭାପତି ଶଶାଙ୍କ ଶେଖର ପୁରୋହିତ, ପରିଚାଳନା କମିଟିର ପଦ୍ମାସିନୀ ପାଢୀ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରି ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସବ୍‌ଜୁନିୟର ବର୍ଗରେ ରିଚାର୍ଡ ବାର୍ଲା, ଜୁନିୟର ବର୍ଗରେ ରାହୁଲ କୁସୁମ, ବାଳିକାରେ ସବିନା ତବସୁମ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ସିନିୟର ବାଳକ ବିଭାଗରେ ମହମ୍ମଦ ସୋହେବ ଓ ବାଳିକାରେ ଗୌର ମୁଣ୍ଡା ଚାମ୍ପିୟନ ହୋଇଥିଲେ। କ୍ରୀଡା ଶିକ୍ଷକ ମଣି ବେଜି, ସୁମିତ୍ରା ଛତର, ଚାନ୍ଦିନୀ ଓରାମ, ସୁଦିପ ଡୁଙ୍ଗଡୁଙ୍ଗ, ଜୟନ୍ତ ପିଙ୍ଗ ଖେଳ ପରିଚାଳନା କରିଥିଲେ।

# ଶିବିରରେ ୧୧୭ ଅଭିଯୋଗ ପଞ୍ଜୀକୃତ

**ନାକଟିଦେଉଳ,୧୩।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ଲକ ପ୍ରଶାସନ ପକ୍ଷରୁ କ୍ଲଷ୍ଟରସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସିଣ୍ଡା, ପାଣିମୁରା ଓ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ପଞ୍ଜୀକୃତ ୧୧୭ ଅଭିଯୋଗ ମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଓ ଗୋଟିଏ ଗୋଷ୍ଠୀଗତ ରହିଥିଲା। ଗିରିଶ୍ଚନ୍ଦ୍ରପୁର ମନ୍ଦିର ସାହି ନିକଟରେ ଥିବା କେନାଲରେ ଆଉ ଗୋଟିଏ ବ୍ରିଜ କରି ଚାଷ ଜମିକୁ ଜଳସେଚିତ କରିବାକୁ ଦାବି କରାଯାଇଥିଲା। ସେହିପରି ଆବାସ ଯୋଜନାରେ ଘର, ରାଶନକାର୍ଡ଼, ପାନୀୟ



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

ଜଳ ଆଦି ସମ୍ପର୍କରେ ଅଭିଯୋଗ ଦାଖଲ ହୋଇଥିଲା। ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ବିଦ୍ୟାଧର ରାଉତରାୟ, ଜିପିଇଓ ଅଶୋକ କୁମାର ଟାଲି, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, କିସିଣ୍ଡା ସରପଞ୍ଚ ରୀନା ନାଏକଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଆନ୍ତଃ ବିଭାଗୀୟ ଖେଳ ପ୍ରତିଯୋଗିତା

**ସମ୍ବଲପୁର,୧୩।୨(ବ୍ୟୁରୋ)**

ପୂର୍ବତଟ ରେଳପଥ କ୍ରୀଡା ସଂଗଠନ ପକ୍ଷରୁ ରେଳବାଇ ଷ୍ଟାଡିୟମରେ ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି, ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଆନନ୍ଦ ସିଂ, ଇକୋରୋ ଅଧ୍ୟକ୍ଷା ଅଞ୍ଜନି ସିଂ ଓ ଉପାଧ୍ୟକ୍ଷା ରୁଚିକା ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭଲିବଲରେ ଆର୍‌ପିଏଫ୍ ଚାମ୍ପିୟନ ହୋଇଥିବା ବେଳେ ଇଞ୍ଜିନିୟରିଂ ଦଳ ରନର୍ସ ଅପ ହୋଇଥିଲା। ଚନ୍ଦନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ସନ୍ଦିପ ବେହେରା ମ୍ୟାନ ଅଫ ଦି ସିରିଜ ଟ୍ରଫି ହାସଲ କରିଥିଲେ। ବ୍ୟାଡ୍‌ମିଣ୍ଟନ ଡବଲରେ ପୁରୁଷ ବିଭାଗରେ ତନ୍ମୟ ମୁଖୋପାଧ୍ୟାୟ ଓ ଚନ୍ଦନ ମିଶ୍ର ଏବଂ ମହିଳା ବର୍ଗରେ ରିନି ମୀନା, ସଞ୍ଜୁ ସିଂ ଯୋଡି ବିଜୟୀ ହୋଇଥିଲେ। କ୍ରୀଡା ଅଧିକାରୀ ଡ. ମନୋଜ କୁମାର ବେହେରା ପରିଚାଳନା କରିଥିଲେ।

# ତଲାବିରା କୋଇଲାଖଣିରେ କାର୍ଯ୍ୟବନ୍ଦ ଆନ୍ଦୋଳନ



ତଲାବିରା କୋଇଲାଖଣିରେ ଆନ୍ଦୋଳନରତ ସଂଘ କର୍ମକର୍ତ୍ତା।

**ରେଙ୍ଗାଲି,୧୩।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍ଏଲ୍‌ସି ଓ ଠିକା ସଂସ୍ଥା ଆଦାନୀ ବିରୋଧରେ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ କର୍ମକର୍ତ୍ତା। ସେମାନେ ଅଭିଯୋଗ କରିଛନ୍ତି, ଖଣି ଖନନ କାର୍ଯ୍ୟ ଆରମ୍ଭ ଦିନଠାରୁ କମ୍ପାନୀ ଶ୍ରମିକମାନଙ୍କୁ ଠକି ଚାଲିଛି। କ୍ୟାଣ୍ଟିନ ସୁବିଧା, ଖିଣ୍ଡା ଗ୍ରାମ ପଞ୍ଚାୟତରେ ସିଏସ୍‌ଆର୍‌ରୁ କାର୍ଯ୍ୟ ହେଉଥିବା ପ୍ରକଳ୍ପଗୁଡିକ ଯଥାଶୀଘ୍ର ସମ୍ପୂର୍ଣ୍ଣ, ସ୍ଥାନୀୟ ନିଯୁକ୍ତି, ଖିଣ୍ଡା ଛକରୁ ପିଡବ୍ଲୁଡି ରୋଡ୍‌ର ସମ୍ପ୍ରସାରଣ, ଖଣିରେ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ୩୦୦୦ ଟଙ୍କା ପ୍ରଦାନ, ଖିଣ୍ଡା ହସ୍ପିଟାଲକୁ ଉନ୍ନତୀକରଣ ପ୍ରଭୃତି ଦାବି ନେଇ ଶ୍ରମିକ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛି। ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲ ରାଉତ, ସମ୍ପାଦକ ହିମାଂଶୁ ମଲ୍ଲିକ, ରୁଦ୍ର ପ୍ରଧାନ, ଦୁର୍ଗା ଭୋଇ, ପ୍ରଦିପ ପାତ୍ର, ରୋହିତ ରାଉତ, ଦେବାନନ୍ଦ ସେଟ, ସରପଞ୍ଚ ସନ୍ଧ୍ୟାରଣୀ ପଧାନ ଓ ସମିତି ସଭ୍ୟା ଅନିତା ସିଂ ପ୍ରମୁଖଙ୍କ ନେତୃତ୍ୱରେ ନେଇ ଶତାଧିକ ଲୋକ ସାମିଲ ହୋଇଥିଲେ।

# ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି



ବିଧାୟକଙ୍କୁ ନକଲ ପ୍ରଦାନ କରୁଛନ୍ତି ଶିକ୍ଷକ ସଂଘ କର୍ମକର୍ତ୍ତା।

**କୁଚିଣ୍ଡା,୧୩।୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ମିଳିତ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନ୍ ଯୋଜନା ଅନ୍ତର୍ଗତ) ପକ୍ଷରୁ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବୈଠକ କରାଯାଇ ଆଗାମୀ ଆନ୍ଦୋଳନ ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଛି। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସରକାରଙ୍କ ଚାଳଚୁଲ ନୀତିର ତୀବ୍ର ନିନ୍ଦା କରାଯାଇ ଆନ୍ଦୋଳନ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ପ୍ରକ୍ରିୟା ବାତିଲ କରିବା, ୬ବର୍ଷର ଠିକା କାର୍ଯ୍ୟପରେ ୬ଗୋଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ବିଧାନସଭା ପୂର୍ବରୁ ଦାବିଗୁଡିକ ପୂରଣ କରା ନ ଗଲେ ଶିକ୍ଷକମାନେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ଓ ଏଥିପାଇଁ ସରକାର ହିଁ ଦାବି ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶିକ୍ଷୟିତ୍ରୀ କଲ୍ୟାଣୀ ପଟେଲ, ଶିକ୍ଷକ ଅରୁଣ ପଟେଲ, ହେଲେନ ଜେମସ, ସଞ୍ଜୀବ କୁମାର ପଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ଶିକ୍ଷକ ସଂଘ କର୍ମକର୍ତ୍ତା କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସହ ଆଲୋଚନା କରି ଗୃହୀତ ପ୍ରସ୍ତାବର ନକଲ ପ୍ରଦାନ କରିଥିଲେ। ସେହିପରି ବାମରା ଓ ଜମନକିରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ କୁଚିଣ୍ଡା ବିଧାୟକ ନାଏକଙ୍କୁ ଗୃହୀତ ପ୍ରସ୍ତାବର ନକଲ ପ୍ରଦାନ କରାଯାଇଛି। ନକଲ ପ୍ରଦାନ ବେଳେ ବାମରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସୁଜଳ କିଶୋର ଭଇଁଷା, ସଞ୍ଜୟ ପଟେଲ, ରାଜକିଶୋର ପଟେଲ, ଭାଗିରଥି ଦାସ ଏବଂ ଜମନକିରା ବ୍ଲକରୁ ସଭାପତି ଶ୍ରୀକାନ୍ତ ପଟେଲ, ଅଭିମନ୍ୟୁ ବୁଡା, କାର୍ତ୍ତିକ କିଷାନ, ସୁଧାଂଶୁ ଶେଖର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ | ଲିଓ ୟୁଥ୍, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ବେଲପାହାଡ,୧୩।୨(ଡି.ଏନ.ଏ.)**

ବେଲପାହାଡ଼ ଟିଆର୍‌ଏଲ୍ ଷ୍ଟାଡିୟମରେ ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ ପେଣ୍ଟର କ୍ଲବ କ୍ରିକେଟର ସୋମବାର ୨ୟ ଦିନ ମ୍ୟାଚରେ ଲିଓ ୟୁଥ ବେଲପାହାଡ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ବେଲପାହାଡ ୟୁଥ ଆସୋସିଏଶନ ଓ ପଶ୍ଚିମବଙ୍ଗର ଶ୍ରୀଲତା ଏକାଡେମୀ ମଧ୍ୟରେ ହୋଇଥିଲା। ଶ୍ରୀଲତା ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୬ ରନ କରିଥିଲା। ଜବାବରେ ଲିଓ ୟୁଥ୍ ଦଳ ୧୨.୫ ଓଭରରେ ୧ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ୨ୟ ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଫରେଷ୍ଟ ଏକାଦଶ ଛତିଶଗଡ ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଫରେଷ୍ଟ ଏକାଦଶ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୧୬ ରନ କରି ମ୍ୟାଚ ହାରିଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଦଳର ସୌଭାଗ୍ୟ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅନିରୁଦ୍ଧ କେବର୍ତ୍ତ, ବିଭୂତି ପାତ୍ର, ପ୍ରଜଳ ପଟେଲ ଓ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିଲେ। ଅତିଥି ଭାବରେ ସ୍ମୃତି ରଞ୍ଜନ ପ୍ରଧାନ ଓ ପ୍ରଜ୍ୱଳ ପଟେଲ ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ।




ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ୧୯୬୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଜମନକିରା,୧୩।୨(ଡି.ଏନ.ଏ.)**

ଜମନକିରା ନିକଟ ବାବା ମୁକ୍ତେଶର ମନ୍ଦିର ପରିସରରେ ସୋମବାର ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ୧୯୬୬ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଆଠଆଁ ଆଶ୍ରମର ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମହାରାଜ ଉପସ୍ଥିତ ରହି ସନାତନ ଧର୍ମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ମନ୍ଦିର ମୁଖ୍ୟ ପରିଚାଳକ କାନ୍ହାପାନ ଜୀ ଓ କମିଟି ସଦସ୍ୟ ଯୋଗଦେଇ ଅଭିଭାଷଣ ରଖିଥିଲେ। ସହପାଠୀ ସ୍ୱର୍ଗତ ସନ୍ତୋଷ କୁମାର ପଟ୍ଟନାୟକ ଓ ହଟମିହିର ଦେବଙ୍କ ବିୟୋଗରେ ନୀରବପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ଶାନ୍ତନୁ କୁମାର ସାହୁ ବିବରଣୀ ପଠନ କରିଥିଲେ। ସଭାପତି ଡା. ବିଳାସିନୀ ଦ୍ୱିବେଦୀ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଗରେ ପୀଡ଼ିତ ବନ୍ଧୁମାନଙ୍କ ଆଶୁ ଆରୋଗ୍ୟ କାମନା କରି ମୁକ୍ତେଶର ବାବାଙ୍କଠାରେ ଜଳାଭିଷେକ ହୋଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରାତନ ଛାତ୍ରୀଛାତ୍ର।

# ଗୋଁଣ୍ଡୱନା ମହାସଭାର ଜାତୀୟ ଅଧିବେଶନ ଉଦ୍‌ଯାପିତ

**ବ୍ରଜରାଜନଗର,୧୩।୨(ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ୧୫ତମ ଜାତୀୟ ମହାଅଧିବେଶନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଓ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଆସାମର କୁକ୍ରାଝର ଏମ୍‌ପି ନବକୁମାର ସରନିଆ, ନବରଙ୍ଗପୁର ଝରିଗାଁ ବିଧାୟକ ପ୍ରକାଶ ମାଝି, ଗୋଁଣ୍ଡୱନା ମହାସଭାର ରାଷ୍ଟ୍ରୀୟ ସଭାପତି ତଥା ଛତିଶଗଡ଼ କାଂକେର ବିଧାୟକ ଶିଶୁପାଲ ସୋରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କାଂକେର ବିଧାୟକ ସୋରୀଙ୍କୁ ପୁଣି ଥରେ ସଭାପତି ଭାବରେ ଚୟନ କରାଯାଇଛି। ଓଡ଼ିଶାର ଖାମସିଂହ ମାଝି କାର୍ଯ୍ୟକାରୀ ସଭାପତି, ଓଡିଶାରୁ ସଚିବ ଭାବରେ ହେମନ୍ତ ଧୁରୁଆ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବରେ ଡମ୍ବରୁଧର କାଲୋ ଓ ଗଣେଶ ମାଝି ନର୍ବାଚିତ ହୋଇଛନ୍ତି। ରାଷ୍ଟ୍ରୀୟ




ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇଥିବା ଅତିଥିବୃନ୍ଦ।

ମହିଳା ସଂଗଠନର ସଭାନେତ୍ରୀ ଭାବରେ ହୀରାସେନ ଉଇକେଙ୍କ ସହିତ ଓଡ଼ିଶାରୁ ଉପସଭାନେତ୍ରୀ ଭାବେ ସୁନ୍ଦରଗଡର ବୁଦ୍ଧେଶ୍ୱରୀ ମାଝି ଚୟନ ହୋଇଛନ୍ତି।

ସଭାରେ ମହାସଭା ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଝାରସୁଗୁଡା ବିଧାନସଭା ଆସନକୁ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରଖିବା, ରାଜ୍ୟରେ ପେଶା ଆଇନ ଲାଗୁ, ରାଜ୍ୟ ଆଦିବାସୀ କମିଶନ ଗଠନ, ମହାଅଧିବେଶନ ଅନୁଷ୍ଠିତ ହୋଇଥିବା ଝାରସୁଗୁଡ଼ାର ଏଚ୍ କଣ୍ଟାପାଲି ରତ୍ନାକର ହାଇସ୍କୁଲ ସମ୍ମୁଖ ପଡିଆକୁ ଗୋଁଣ୍ଡୱନା ମୈଦାନ ନାମରେ ନାମିତ, ଝାରସୁଗୁଡା ଜିଲାର କୋଲାବିରା ଗଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ବୀର କରୁଣାକର ସିଂହ ନାଏକ, ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କୁ ଶହୀଦ ମାନ୍ୟତା ଦେଇ ତାଙ୍କର ପ୍ରତିମୂର୍ତ୍ତି ଗୋଁଣ୍ଡୱନା ଛକରେ ସ୍ଥାପନ ଆଦି ଅନ୍ୟତମ। ଏହି ସଭାକୁ ରାଷ୍ଟ୍ରୀୟ ସଚିବ ଆର୍.ଏନ୍. ଧ୍ରୁବ, ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ମହିଳା ସଭାନେତ୍ରୀ ସୁକାନ୍ତିବାଲା ନାୟକ, ମହାସଚିବ ସୁଜାତା ନାଏକ, ଦମୟନ୍ତି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# କାର୍‌ରୁ ମିଳିଲା ୪ ବୋମା, ୧୧୦ କେଜି ଗଞ୍ଜେଇ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ଠେଲକୋଲି ଥାନା ଅନ୍ତର୍ଗତ ଖିଣ୍ଡା ଛକରେ ରବିବାର ରାତିରେ ପୋଲିସ ଏକ କାର୍ ଭିତରୁ ୪ ଗୋଟି ବୋମା (ସୁତୁଲି ଗୁଡାହୋଇଥିବା) ଓ ୧୧୦କେଜି ଗଞ୍ଜେଇ ଜବତ କରିଛି। ଏହାସହ ଉତ୍ତରପ୍ରଦେଶ ବିଧାନସଭା ପ୍ରବେଶ ପାଇଁ ପାସ୍ ଓ ଏକାଧିକ ନମ୍ବରପ୍ଲେଟ ଜବତ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ସହ ଗାଡିକୁ ଯାଞ୍ଚ କରାଯାଇଥିଲା। ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ବୋମାଗୁଡିକୁ ନିଷ୍କ୍ରିୟ କରିଥିଲେ।

ମିଳିଥିବା ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଖିଣ୍ଡା ନିକଟରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ସେ ସମୟରେ ଓଆର୍‌୦୨ବିଆର-୭୦୭୦ ନମ୍ବରବିଶିଷ୍ଟ ଏକ କାର୍ ସେହି ରାସ୍ତା ଅତିକ୍ରମ କରୁଥିଲା। ହେଲେ ପୋଲିସ ଟିମ୍‌କୁ ଦେଖି କାର୍ ଭିତରେ ଥିବା ଦୁଇଜଣ ଦୁର୍ବୃତ୍ତ ଗାଡି ଛାଡି ଫେରାର ହୋଇଯାଇଥିଲେ। ପୋଲିସ ସନ୍ଦେହ କରି ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ୫କେଜି ଲେଖାଏ ଗଞ୍ଜେଇ ଥିବା ୨୨ଟି ପ୍ୟାକେଟ ମିଳିଥିଲା। ଅଧିକ ଯାଞ୍ଚ କରି ପୋଲିସ ବୋମା, ନମ୍ବରପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅନ୍ୟପଟେ ଉକ୍ତ ଗାଡି ଭିତରୁ ୟୁପି ବିଧାନସଭାର ପାସ୍ ମିଳିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁର୍ବୃତ୍ତମାନେ ଭୟଭୀତ କରିବା ପାଇଁ ବୋମା ରଖିଥିଲେ ନା ଚାଲାଣ କରୁଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ପୋଲିସ ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ରାତିରେ ପୋଲିସ ଟିମ୍ ଯାଞ୍ଚ କରୁଥିଲେ। ଏହି ସମୟରେ ଗାଡିକୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଯାଞ୍ଚ କରିବା ପରେ ଗଞ୍ଜେଇ ସହ ବୋମା ଜବତ କରିଥିଲା। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ।


ଗାଡି ଭିତରୁ ଜବତ ଗଞ୍ଜେଇ।

**ୟୁପି ବିଧାନସଭାର ପାସ୍, ଏକାଧିକ ନମ୍ବରପ୍ଲେଟ ଜବତ**


ଜବତ ବୋମା।

## ସଂକ୍ଷେପରେ

### ରବି ନନ୍ଦ ଅସୁସ୍ଥ

**ଜୟପୁର, ୧୩।୨ (ନି.ପ୍ର.):** ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ରବି ନାରାୟଣ ନନ୍ଦ ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ବରିଷ୍ଠ ବିଜେଡି ନେତ୍ରୀ ତଥା ରବି ନନ୍ଦଙ୍କ ସ୍ତ୍ରୀ ଡ. ଇନ୍ଦିରା ନନ୍ଦ ସୂଚନା ଦେଇଛନ୍ତି। ରବି ନନ୍ଦ ଦକ୍ଷିଣ ଓଡ଼ିଶାର ଜଣେ ଅନ୍ୟତମ ଟାଣୁଆ ନେତା। ସେ ବିଧାୟକ ଭାବେ ଜୟପୁର ନିର୍ବାଚନମଣ୍ଡଳୀରୁ ୨୦୦୦, ୨୦୦୪ ଓ ୨୦୦୯ରେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ରବି ନନ୍ଦ ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଥିଲେ। ସେହିପରି ୨୦୦୯ରେ ସେ ଗଣଶିକ୍ଷା ମନ୍ତ୍ରୀ ହୋଇଥିଲେ।



### ମ. ରାମପୁର ସବ୍‌ଜେଲରୁ ବିଚାରାଧୀନ କଏଦୀ ଫେରାର

**କର୍ଲାମୁଣ୍ଡା/ରୁପ୍ରାରୋଡ, ୧୩।୨ (ଡି.ଏନ.ଏ.) :** କଳାହାଣ୍ଡି ଜିଲା ମ. ରାମପୁର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ପାଚେରି ଡେଇଁ ଫେରାର ହୋଇଥିବା ଜଣାପଡିଛି। ଫେରାର୍ କଏଦୀ ଜଣକ ନର୍ଲା ଥାନା ରୁପ୍ରାରୋଡ ଅଞ୍ଚଳର ବିଶ୍ୱାମିତ୍ର ମାଝି। ଏକ ଘରୋଇ ଗଣ୍ଡଗୋଳ କେସ୍‌ରେ ନର୍ଲା ପୋଲିସ ବିଶାମିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ପରିବାର ଲୋକେ ଅଭିଯୁକ୍ତଙ୍କ ଜାମିନ ଆବେଦନ କରି ନ ଥିଲେ। ଫଳରେ ସେ ଗତ ଡିସେମ୍ବରରୁ ମ. ରାମପୁର ସବ୍‌ଜେଲରେ ରହୁଥିଲେ। ରବିବାର କୌଶଳକ୍ରମେ ଜେଲରୁ ସେ ଫେରାର ହୋଇଛନ୍ତି। ପୋଲିସ କଏଦୀଙ୍କ ଗାଁକୁ ଯାଇ ବୁଝାବୁଝି କରିଥିଲେ ହେଁ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡିଛି। ପରେ ମ. ରାମପୁର ଥାନାରେ ଅଭିଯୋଗ କରାଯାଇଛି। କଏଦୀ ଫେରାର ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ଭୁବନେଶ୍ୱର ଏମ୍ସକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ପଙ୍ଗୁପ୍ରାୟ ମହିଳାଙ୍କ ଏକକାଳୀନ ଦୁଇ ଆଣ୍ଠୁ, ଦୁଇ ହିପ୍‌ର ସଫଳ ପ୍ରତିରୋପଣ ଘଟଣା**

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ଏମ୍ସ ଭୁବନେଶ୍ୱରରେ ଜଣେ ପଙ୍ଗୁପ୍ରାୟ ମହିଳା ରୋଗୀଙ୍କ ଦୁଇ ଆଣ୍ଠୁ ଓ ଦୁଇ ହିପ୍ (ନିତମ୍ବ ଗଣ୍ଠି)ର ଏକକାଳୀନ ପ୍ରତିରୋପଣ କରାଯାଇଥିଲା। ଭୁବନେଶ୍ୱର ଏମ୍ସର ଏହି ସଫଳ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସୋମବାର ଟୁଇଟ୍ କରି କହିଛନ୍ତି, ଚିକିତ୍ସା କ୍ଷେତ୍ରରେ ଆମ ଡାକ୍ତରମାନେ ସବୁବେଳେ ପରିବର୍ତ୍ତନ ଏବଂ ନୂଆ କିଛି କରିବା ପାଇଁ ଉଦ୍ୟମ କରୁଛନ୍ତି। ତାହା ପ୍ରଶଂସନୀୟ। ସେମାନଙ୍କର ଏହି ଅଭିନବତ୍ୱ ଆମକୁ ଗର୍ବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେହିଭଳି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏଭଳି ବିରଳ ଅସ୍ତ୍ରୋପଚାର କରିଥିବା ଏମ୍ସର ଡାକ୍ତରୀ ଟିମ୍‌କୁ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଆଳି ବ୍ଲକ୍‌ର ଜଣେ ୩୭ ବର୍ଷୀୟ ମହିଳା ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡ଼ିତ ହୋଇ ପଙ୍ଗୁପ୍ରାୟ ଅବସ୍ଥାରେ ଯନ୍ତ୍ରଣାର ସହ ବଞ୍ଚୁଥିଲେ। ଏମ୍ସ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗକୁ ଚିକିତ୍ସା ପାଇଁ ଆସିବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲା। ମହିଳାଙ୍କ ଦୁଇ ଆଣ୍ଠୁ ଏବଂ ଦୁଇ ହିପ୍‌ର ପ୍ରତିରୋପଣ ଏକକାଳୀନ କରାଯିବାର ଆବଶ୍ୟକତା ଥିବା ଡାକ୍ତରୀ ଦଳ ଅନୁଭବ କରିବା ପରେ ଏଥିପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିଲେ। ଡାକ୍ତରୀ ଦଳ ପ୍ରଥମେ ମହିଳାଙ୍କ ଦୁଇ ହିପ୍ ଓ ପରେ ଦୁଇ ଆଣ୍ଠୁର ପ୍ରତିରୋପଣ କରିଥିଲେ। ରୋଗୀ ଜଣକ ଦୁଇଦିନ ଆଇସିୟୁରେ ରହିବା ପରେ ତୃତୀୟ ଦିନରେ ଚାଲିବା ଆରମ୍ଭ କରିଥିଲେ। ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗର ଡା. ସୁଜିତ କୁମାର ତ୍ରିପାଠୀ ଏବଂ ଡା. ମଣ୍ଟୁ ଜୈନଙ୍କ ନେତୃତ୍ୱରେ ଏକ ଯୁବ ତଥା ଦକ୍ଷ ଡାକ୍ତରୀ ଦଳ ଏହି ବିରଳ ପ୍ରତିରୋପଣକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ। ଏମ୍ସ ଭୁବନେଶ୍ୱରରେ ହୋଇଥିବା ଏହି ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ଓ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ବୋଲି କୁହାଯାଉଛି।

# 'ଜାତୀୟ ପତାକା ଭାରତର ଆତ୍ମା'

**ପୁରୀ ପ୍ରବେଶ ପଥରେ ଉଡ଼ିଲା ୧୦୮ ଫୁଟ ଉଚ୍ଚରେ ତ୍ରିରଙ୍ଗା**

**ପୁରୀ ଅଫିସ, ୧୩।୨**

ଜାତୀୟ ପତାକା ଭାରତର ଆତ୍ମା। ଏହା ଭାରତର ପ୍ରକୃତ ଚରିତ୍ର ଓ ପରିଚୟ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଦେଶପ୍ରେମରେ ଉଦବୁଦ୍ଧ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ପୁରୀ ପ୍ରବେଶ ପଥ ବୀରହରେକୃଷ୍ଣପୁର ଛକଠାରେ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୧୦୮ ଫୁଟ ଉଚ୍ଚ ସ୍ତମ୍ଭରେ ୩୬ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ଜାତୀୟ ପତାକା ସ୍ଥାପନ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ତ୍ରିରଙ୍ଗା ତଳେ ସମାନ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି କାର୍ଯ୍ୟର ପ୍ରଶଂସା କରିବା ସହ ସେଠାରେ ଥିବା ଜୟୀ ରାଜଗୁରୁଙ୍କ ମୂର୍ତ୍ତି ଓ ସ୍ଥାନର ରକ୍ଷଣାବେକ୍ଷଣ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜିନ୍ଦଲ ନିର୍ବାହ କରିବା ପାଇଁ ମତ ଦେଇଥିଲେ। କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ଚେତନା ଓ ଦେଶପ୍ରେମ ଗଠନରେ ଏହା ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରି ବିଶିଷ୍ଟ ଶିଳ୍ପପତି ତଥା ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଥିଲେ, 'ହର୍ ଘର୍ ତ୍ରିରଙ୍ଗା ହର୍ ଦିନ୍ ତ୍ରିରଙ୍ଗା' ଉଦ୍ଦେଶ୍ୟରେ ଏହା ସ୍ଥାପନ ହୋଇଛି। ବଡ଼ ଜାତୀୟ ପତାକା ସ୍ଥାପନ ଦ୍ୱାରା ଲୋକେ ଏହାକୁ ଦୂରରୁ ଦେଖି ଗର୍ବିତ ଅନୁଭବ କରିପାରିବେ। ୨୨ବର୍ଷ ବୟସରେ ସେ ଆମେରିକାରୁ ପାଠପଢା ସାରି ଫେରିବା ପରେ ଭାରତରେ କେବଳ ଜାନୁୟାରୀ ୨୬ ଓ ଅଗଷ୍ଟ ୧୫ରେ ଜାତୀୟ ପତାକା ଉଡ଼ାଇବା ପାଇଁ ଅନୁମତି ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଦୀର୍ଘ ୧୦ବର୍ଷ ଧରି ଆଇନଗତ ଲଢେଇ କରିବା ପରେ ବିଜୟୀ ହୋଇଥିବା କହିଥିଲେ। ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଉପସଭାପତି ଶାଲୁ ଜିନ୍ଦଲ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଜିନ୍ଦଲ କମ୍ପାନୀର ସିଏସ୍ଆର ପ୍ରେସିଡେଣ୍ଟ ଓ ଗ୍ରୁପ ହେଡ୍ ପ୍ରଶାନ୍ତ କୁମାର ହୋତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଶିଳ୍ପପତି ନବୀନ ଜିନ୍ଦଲ ଏବଂ ଅନ୍ୟ ଅତିଥିବୃନ୍ଦ।

# ଜେଲରେ ମୃତ୍ୟୁ ହେଲେ ସମ୍ପର୍କୀୟଙ୍କୁ ମିଳିବ କ୍ଷତିପୂରଣ

**କ୍ୟାବିନେଟ ନିଷ୍ପତ୍ତି**

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ଜେଲ ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ। ହାଇକୋର୍ଟ ଏବଂ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କ୍ଷତିପୂରଣ ପ୍ରଦାନ ରୁଲ୍ସ-୨୦୨୩ ପ୍ରଣୟନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଏଭଳି କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ଜାତୀୟ ମାନବାଧିକାର କମିଶନ କିମ୍ବା ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ ଆଧାରରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ। ଏକ ରିଟ୍ ପିଟିସନ ଉପରେ ହାଇକୋର୍ଟ ୨୦୨୧ ଡିସେମ୍ବର ୨୩ରେ କାରାଗାରରେ ବନ୍ଦୀମାନଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ଦେବା ସକାଶେ ସ୍କିମ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ମାନବାଧିକାର କମିଶନ ମଧ୍ୟ କ୍ଷତିପୂରଣ ପାଇଁ ଏକ ସ୍ୱତନ୍ତ୍ର ପଲିସି ଆଣିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

# ଆଉ ଏକ ଦନ୍ତାର ସନ୍ଦେହଜନକ ମୃତ୍ୟୁ

**ଆଠଗଡ଼ ବନଖଣ୍ଡ**

**ଆଠଗଡ, ୧୩।୨ (ସ୍ୱ.ପ୍ର.)**

କଟକ ଜିଲା ଆଠଗଡ ବନଖଣ୍ଡ ଅଧୀନ ୬୫ ନଂ-ରାଜ୍ୟ ରାଜପଥର ୨୦ ମିଟର ଦୂର ନୂଆବନ୍ଧ ଗ୍ରାମ ନୂଆତଇଲା କାଜୁ ଜଙ୍ଗଲରୁ ସୋମବାର ଏକ ଦନ୍ତା ହାତୀର ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଛି। ଏହି ହାତୀର ବୟସ ୨୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତା'ର ଶୁଣ୍ଢ ପଛ ଡାହାଣ ଗୋଡ଼ରେ ଗଭୀର କ୍ଷତଥିବା ଜଣାପଡ଼ିଛି। ଏହି କ୍ଷତସ୍ଥାନରୁ ପୂଜ ଓ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ଖବରପାଇ ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ଓ ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ନାୟକ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି।

# ଗଞ୍ଜାମର ବ୍ରଜବନ୍ଧୁ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ

- **ଇମ୍ପେରିଆଲ କ୍ଲାସିକ-୨୩ ଉଦ୍‌ଯାପିତ**
- **ବଲାଙ୍ଗୀରର କଲ୍ୟାଣୀ ମିସ୍ ଇମ୍ପେରିଆଲ କ୍ଲାସିକ୍**

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ଟାଉନ ହଲରେ କଳିଙ୍ଗ ବଡି ବିଲ୍ଡିଂ ସଂଘ ଦ୍ୱାରା ଆୟୋଜିତ ଇମ୍ପେରିଆଲ କ୍ଲାସିକ ୨୦୨୩ ଉଦ୍‌ଯାପିତ ହୋଇଛି। ଏଥିରେ ଗଞ୍ଜାମର ବ୍ରଜବନ୍ଧୁ ସୁଆର ପୁରୁଷ ବିଭାଗରେ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବିବେଚିତ ହୋଇଛନ୍ତି। ବଲାଙ୍ଗୀରର କଲ୍ୟାଣୀ ଦାସ ମିସ ଇମ୍ପେରିଆଲ କ୍ଲାସିକ ଆଖ୍ୟା ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ପୋଲିସ ବଳ କମାଣ୍ଡାଣ୍ଟ ପବନ କୁମାର ତିୱାରି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କଳିଙ୍ଗ ବଡି ବିଲ୍ଡିଂ ଓ ଫିଟନେସ ସଂଘ ସାଙ୍ଗଠନିକ ସମ୍ପାଦକ ବାଳକୃଷ୍ଣ ବାଗଙ୍କ ପରିଚାଳନା ତଥା ଜିଲା ସଭାପତି ଗୋପାଳ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୧୧ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋମବାର ଦ୍ୱିତୀୟ ଦିନ ସକାଳୁ ସଂଘ ପକ୍ଷରୁ ପ୍ରତିଯୋଗୀମାନେ ଏକ ଶୋଭାଯାତ୍ରାରେ ବାହାରି ସମାଜକୁ ସୁସ୍ଥ ଶରୀରର ବାର୍ତ୍ତା ଦେଇଥିଲେ। ପରେ ସମସ୍ତ ପ୍ରତିଯୋଗୀଙ୍କ ଓଜନ ଓ ଉଚ୍ଚତା ମାପ କରି ପୁରୁଷ ବିଭାଗରେ ୯ଟି ଭେଟେରାନଙ୍କ ପାଇଁ ଗୋଟିଏ ବର୍ଗ ନିର୍ଦ୍ଧାରିତ କରାଯାଇଥିଲା। ମହିଳାମାନଙ୍କ ପାଇଁ ଫିଟନେସ ଟେଷ୍ଟ ହୋଇଥିଲା। ତନ୍ମଧ୍ୟରୁ ଗଞ୍ଜାମର ବ୍ରଜବନ୍ଧୁ ସୁଆର ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ, ସମ୍ବଲପୁରର ଶଙ୍କର ମେହେର ରନର୍ସ ଅପ, ସମ୍ବଲପୁରର ଅନୀଲ ବାଗ ମୋଷ୍ଟ ମସ୍କୁଲାର ଓ କଳାହାଣ୍ଡିର ଦେବେନ ନାଏକ ମୋଷ୍ଟ ଇମ୍ପେରିଆଲ ବିବେଚିତ ହୋଇଥିଲେ। ସେହିପରି ମହିଳା ବିଭାଗରେ ବଲାକକଙ୍ଗୀରର କଲ୍ୟାଣୀ ଦାସ ମିସ ଇମ୍ପେରିଆଲ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଟ୍ରକ ସଂଘ ସଭାପତି ବୀରେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ଉପସଭାପତି ଏମ.କେ.ସ୍ୱାଇଁ, ଜିଲା ସମ୍ପାଦକ ସନ୍ତୋଷ ମହାନ୍ତି, ସହସମ୍ପାଦକ ନିଶାନ୍ତ ବହିଦାର, ଅମିତାଭ ପରିଡା, ରାକେଶ ପରିଡା, ସୌରଭ ସାହୁ, ରାଜୀବ ମହାନ୍ତି, ଦେବାଶିଷ ପାତ୍ର, ଦୀପୁ ସାହୁ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ବ୍ରଜବନ୍ଧୁ ସୁଆର ଓ ବଲାଙ୍ଗୀରର କଲ୍ୟାଣୀ ଦାସଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।


**OFFICE OF THE PANCHAYAT SAMITI, BHADRAK**
Email ID: ori-bbhadrak@nic.in
Order No. 496 Date: 13.02.2023
**SHORT QUOTATION CALL NOTICE**

No. i-426: Block Development Officer, Bhadrak invites sealed quotation/bid for supply of 40 Nos. of Smart Interactive Display 65 Inch (Make LG) and 20 Nos. of 55 Inch Smart TV (make LG) for 5T Transformation High School under Bhadrak Block (3rd Phase). The rate should be furnished in each quotation paper including transformation, installation, demo & training. The vendor must produce OEM authorization. The sealed quotation must reach to the undersigned on or before 20.02.2023 by 1.00 P.M. through Speed Post/Regd. Post. The quotation paper will be opened on 20.02.2023 at 5.00 P.M. in presence of interested parties or their authorized agents. The authority reserve all the right to reject all quotation without assigning any reason thereof. For detailed specification and other term and conditions bidders can refer to **www.bhadrak.nic.in** or contact Bhadrak Panchayat Samiti on Mobile No. 7894012355.

**Sd./- Block Development Officer, Bhadrak**
OIPR-19031/11/0004/2223

GOVERNMENT OF ODISHA No. O-1820
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
email: serwsbd2003@yahoo.com
**e-Procurement Notice for Buildings Works**

1. Name of the work : Construction of Court Building at Dasamantapur in the District of Koraput
2. Class of Contractor : "A" Class of (Odisha PWD) or relevant class of other licensing authority
3. Estimated Cost : Estimated Cost of Rs.408.90 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 49/2022-23 | 16.02.2023 at 11.00 A.M. | 02.03.2023 upto 5.30 P.M. | 01.03.2023 upto 1.00 P.M. | 03.03.2023 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0063/2223 **Sd./- Chief Construction Engineer, Rural Works Circle, Sunabeda**

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER EASTERN CIRCLE-I, CANTONMENT ROAD, CUTTACK**
E-mail Id: seeccuttack@gmail.com
No.A-1154: **'e' Procurement Notice No.ACE,EC-I/13 of 2022-23 (Online)**

| | | | |
|---|---|---|---|
| 1 | Name of Work | : | Protection to scoured bank of Nuna right near village Pakshyot, Srutipur, Sathilo and Sisua. Bid Identification No. ACE, EC-I MND 04 of 2022-23 |
| 2 | Tender paper Cost (Non-refundable) | : | Rs.10,000.00 (Online) |
| 3 | EMD | : | Rs.6,79,900.00 (Online) |

4. Bid details are as follows:

| Procurement Officer | Bid Identification No. | Tender Amount (Rs.in Lakh) (Approx.) | Class of Contractor | Period of Completion | Availability of Tender online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|
| | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 04 of 2022-23 | 679.89 | 'A' & 'Special' | 6 (Six) Calendar Months | 15.02.2023 at 10.00 Hrs. | 01.03.2023 upto 17.30 Hrs. | 02.03.2023 at 11.30 Hrs. |

Other terms and conditions can be seen from the Govt. website www.tendersodisha.gov.in.
All Corrigendum/Cancellation of tender if any, will only be uploaded in the above website.

**Sd./- Additional Chief Engineer, Eastern Circle-I, Cuttack**
OIPR-32370/11/0017/2223

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Bid Identification Number- E.E.(A), DSC & WD (O), C/Z-02 of 2022-23
File No.DSCWD-SCHI-I-MISC-0015/2022
No.L-131: Tender Call Notice No:1304 Date:13.02.2023

| | |
|---|---|
| Name of the Work | Construction of Infrastructure Works, 2022-23 |
| Total No. of Projects | 08 (Eight) numbers |
| Estimated Cost of Projects | Varies from Rs.05.00 lakh to Rs.45.00 lakh |
| Class of Contractor | "B", "C", "D" Class (of Odisha PWD) or relevant Class of other licensing authorities. |
| Period of Completion | As per DTCN |

Other details:

| Procurement Officer | Bid Identification Number | Availability of Tender online for bidding | | Submission of Original documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, (Agril.), DSC & WD (O), Central Zone, Bhubaneswar | E.E.,(A), DSC & WD (C/Z), Bhubaneswar-02 of 2022-23 | 16.02.2023 from 11.00 A.M. | 01.03.2023 upto 5.00 P.M. | During office hours of working days from dt.02.03.2023 11.00 A.M. to 03.03.2023 upto 05.00 PM in the O/o. Director of Soil Conservation and Watershed Development, Krushi Bhavan, Keshari Nagar, Odisha, PIN-751001 (To be dropped in the sealed Box) | Dt.04.03.2023 at 11 AM in the Conference Hall of Krushi Bhavan, Keshari Nagar, Odisha, PIN-751001 |

Further details can be seen from the website www.tendersodisha.gov.in.
OIPR-01032/11/0007/2223 **Sd./- Executive Engineer (Agril.) DSC & WD, Central Zone, Bhubaneswar**

GOVERNMENT OF ODISHA
**e-Procurement Notice**
**Superintending Engineer, M.I. Division, Angul**
Bid Identification No.- 09 OF 2022-23
e-mail ID- eemidivision_angul@yahoo.com
No.A-1151: Letter No.173 Date:-07.02.2023

1. Number of Works : 6 (Six) numbers of Civil works
2. Approximate estimated cost : Varies from Rs.57.69 lakh to 84.75 lakh
3. Cost of Tender Paper : Rs.10000/-
4. Period of completion : 06 (Six) Calendar Months
5. Date & Time of availability of bid document In the portal : Dt.15.02.2023 at 10.00 A.M. to Dt.21.02.2023 upto 5.00 P.M.
6. Last date / Time for receipt of bid in the portal : Dt.21.02.2023 upto 5.00 P.M.
7. Date of opening of technical bid documents for double cover bid : Dt.22.02.2023 at 11.00 A.M.
8. Date of opening of financial bid documents for double cover bid : On dt.27.02.2023 at 11.00 A.M. in the Office of the Superintending Engineer,M.I.Division,Angul
9. Date of lottery if required : Dt.03.03.2023 At 11.00 A.M.
10. Name and address of the Office Inviting Bid : Superintending Engineer, Minor Irrigation Division, Angul At/Po- Hakimpada, College square District:Angul, PIN-759143 Ph.No.06764-236522 Email Id: eemidivision_angul@yahoo.com
11. The bidders have to participate in ONLINE bidding only.

Further details can be seen from the e-procurement portal http://tendersorissa.gov.in

**Sd./- Superintending Engineer, M.I. Division, Angul**
OIPR-32284/11/0012/2223

GOVERNMENT OF ODISHA
**OFFICE OF THE SUPERINTENDING ENGINEER M.I. DIVISION, GANJAM NO-I, BERHAMPUR**
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
No.A-1157: (WORLD BANK PROJECT ID : P163533)
NATIONAL OPEN COMPETITIVE PROCUREMENT FOR SMALL WORKS
**E-PROCUREMENT NOTICE**
**Bid Identification No: OIIPCRA-W2-GM-I-4/2022-23**

Name of Work : Civil Construction in Minor Irrigation Projects
No. of Work : 07 (Seven)
Estimated Cost of works : Varies from Rs.16.00 lakh to Rs.38.20 lakh
Cost of Bid document : Free of Cost
Time for Completion : 210 Days
Date of Pre-Bid Meeting : On dt.28.02.2023 11.30 Hrs.
Period of receipt of Bid : From 15.02.2023 at 10.00 Hours to 15.03.2023 upto 15.00 hours online
Payment of bid cost/ bid security : Shall be paid Online through the E-procurement portal of Govt.of Odisha.
Date of Opening of Technical Bids : On dt.15.03.2023 at 15.30 hours onwards.
Details about the tender : Available in website of www.tendersodisha.gov.in. and www.dowrodisha.gov.in. Any addendum/Corrigendum/ Cancellation of can also be seen in the said website.
Name & Address of the OIT : Superintending Engineer, M.I.Division Ganjam-I, Berhampur.

**Sd./-Superintending Engineer M.I.Divn., Ganjam-I, Berhampur**
OIPR-32104/11/0025/2223

**ଦେଓଗାଁରେ ଉଚ୍ଛେଦ ପ୍ରକ୍ରିୟା ପାଇଁ ଚିହ୍ନଟ ଆରମ୍ଭ**

ଦେଓଗାଁ, (ଡି.ଏନ.ଏ.): ଦେଓଗାଁ ବସ୍‌ଷ୍ଟାଣ୍ଡରୁ ଗାଁମୁଣ୍ଡ ପର୍ଯ୍ୟନ୍ତ ମେନରୋଡରେ ଉଚ୍ଛେଦ ପ୍ରକ୍ରିୟା ପାଇଁ ଜମି ଚିହ୍ନଟ ଆରମ୍ଭ ହୋଇଛି। ବସ୍‌ଷ୍ଟାଣ୍ଡରୁ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ ଯାଏ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ହୋଇଛି। ଏଥିପାଇଁ ଉଭୟ ପାର୍ଶ୍ୱରେ ଜବରଦଖଲରେ ଥିବା ଘର ତଥା ଜାଗାକୁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କ ଉପସ୍ଥିତିରେ କର୍ମଚାରୀ ଚିହ୍ନଟ କରିଥିଲେ। କିଛି ଦିନ ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟା କରାଯିବ। ଆଗକୁ ବଙ୍ଗଳା ଛକରେ ଜବରଦଖଲ ସରକାରୀ ଜମିକୁ ମଧ୍ୟ ଉଚ୍ଛେଦ କରାଯିବ।



## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି

ଲୋଇସିଂହା,୧୩।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ପରିସରରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏବଂ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଏସ୍‌ପି ସୁରେଶ ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଡିଏଫଓ, ସିଡିଏମଓ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୭୦ ଅଭିଯୋଗ ଆସିଥିଲା। ଏହି ଉପଲକ୍ଷେ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦ ଅଢେଇ ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ ଅତିରିକ୍ତ ଜିଲାପାଳ। ସେହିପରି ୨ଟି ମହିଳା ଏସ୍‌ଏଚ୍‌ଜିକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା, ୨ ଜଣ ବିଧବା ଏବଂ ଭିନ୍ନକ୍ଷମଙ୍କୁ ଭତ୍ତା, ୩ ଜଣ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା।

### ଜବରଦଖଲ ହଟାଇବ ତହସିଲ ପ୍ରଶାସନ

**ଖବର ପ୍ରକାଶ ପରେ ଚେଇଁଲା ଗ୍ରାମ୍ୟ ଉନ୍ନୟନ ବିଭାଗ**

ଲୋଇସିଂହା,୧୩।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ବଡଟିକା ଯାଏ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କାମ କରାଯାଉଛି। ୨୦୨୨ ସେପ୍ଟେମ୍ବର ୭ ସୁଦ୍ଧା ରାସ୍ତା କାମ ସାରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟର ୪ ମାସ ବିତି ଯାଇଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡି ରହିଛି। ଏନେଇ ଅବଧି ସରିଲା, କାମ ସରିଲାନି ଶୀର୍ଷକ ଖବରଫେବୃୟାରୀ ୧୨ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଚେଇଁଛି। ରାସ୍ତା ନିର୍ମାଣ ପାଇଁ ଜବରଦଖଲ ବାଧକ ସାଜି ଥିବା ଅଭିଯୋଗ କହିଛି। ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ କଡା ଅଭିମୁଖ୍ୟ ଗ୍ରହଣ କରାଯାଇଛି। ସୋମବାର ଅପରାହ୍ନରେ ଆଗଲପୁର ତହସିଲ ଷ୍ଟାଫ ନଅଗାଁ(ଖ) ଏବଂ ବୁରୋଭାଡି ଅଞ୍ଚଳରେ ଶନିବାର ଜବର ଦଖଲ ଉଚ୍ଛେଦ କରାଯିବ। ରାସ୍ତା ସୀମାରେ ଥିବା ଅବରୋଧକୁ ହଟାଯିବ ବୋଲି କୁହାଯାଇଛି। ଏଥିପୂର୍ବରୁ ଜବରଦଖଲକାରୀ ହଟିଯିବାକୁ ଚେତାବନୀ ଦିଆଯାଇଛି।

# ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ରଖ


ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

■ ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକ
■ ବ୍ଲକ ସଭାଗୃହ ଉଦ୍‌ଘାଟିତ

ଖପ୍ରାଖୋଲ, ୧୩।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପରିସରରେ ନିର୍ମିତ ନୂତନ ସଭାଗୃହର ଉଦ୍‌ଘାଟନ ସହ ସୋମବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ସଭାଗୃହକୁ ଉଦଘାଟନ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ପାଟଣାଗଡ ବିଧାୟକ ମେହେର, ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ପ୍ରମିଳା ପଥାର ଯୋଗ ଦେଇଥିଲେ। ବିଡ଼ିଓ ରଶ୍ମି ରଞ୍ଜନ ରାଉତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥାରେ ଥଇବା ସମସ୍ୟା ଓ ତାହାର ନିରାକରଣ ଉପରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ର କମ୍ ଦର୍ଶାଇ ବିଦ୍ୟାଳୟ ଉଚ୍ଛେଦକୁ ନେଇ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଖରାଦିନ ଆସୁଥିବାରୁ ସବୁ ଗାଁରେ ଥିବା ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥଇସହିତ ନିର୍ମାଣାଧୀନ ଜଳ ପ୍ରକଳ୍ପଗୁଡ଼ିକ ତୁରନ୍ତ ଶେଷ କରିବାକୁ ସଦସ୍ୟମାନେ ଦାବି କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପୁରୋହିତ, ହରିଶଙ୍କର ରେଞ୍ଜର ଗିରିଧାରୀ ନାଗ, ଲାଠୋର ରେଞ୍ଜର ପ୍ରଭାତୀ ସେଠ, ସିଡିପିଓ ସୁଜାତା ଦୋରା, ଆର ଡବ୍ଲୁଏସଏସ ଜେଇ ଚିନ୍ମୟ ପାଧାନ, ଜେଇ ଶ୍ୟାମ ହରିଜନ, ବ୍ଲକ କୃଷି ଅଧିକାରୀ ସୁଜିତ ଭୋଇ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ତାଲିମ ନେଲେ ସରପଞ୍ଚ, ପିଇଓ, ଜିଆର୍‌ଏସ୍


ଶିବିରରେ ଉପସ୍ଥିତ ସରପଞ୍ଚ, ପିଇଓ ଓ ଜିଆରଏସ।

ମୁରିବାହାଲ, ୧୩।୨(ଡି.ଏନ.ଏ.)

**ଇ-ପଞ୍ଚାୟତ ସଭା ତାଲିମ ଶିବିର**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଇ-ପଞ୍ଚାୟତ ସଭା ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୨ପଞ୍ଚାୟତର ସରପଞ୍ଚ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଓ ଗ୍ରାମ ରୋଜଗାର ସେବକ(ଜିଆରଏସ୍)ମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଗ୍ରାମପଞ୍ଚାୟତ ଅଧିକାରୀ ଏନ.ଜେ. ଥିଓଫିଲ, ଏଇଇ ଅବିନାଶ ମୋଡି ଉପସ୍ଥିତ ଥିଲେ। ତାଲିମଦାତାଭାବେ କମ୍ପ୍ୟୁଟର ପ୍ରୋଗ୍ରାମର ସୁନୀଲ କୁମାର ଜୈନ ଯୋଗଦେଇ ଇ-ପଞ୍ଚାୟତ ସଭାର ଉଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ସରକାରୀ କାମ ଅନଲାଇନରେ କରିବା, ଗ୍ରାମ ପଞ୍ଚାୟତର ୧୧ଗୋଟି ଏଜେଣ୍ଡାକୁ ଇ-ପଞ୍ଚାୟତ ସଭା ଅନୁସାରେ କରିବା, ନୋଟିସ, ସହ ଗ୍ରାମ ସଭା, ପଲ୍ଲୀସଭା କାର୍ଯ୍ୟକ୍ଷମ କରାଯିବ ବୋଲି ତାଲିମଦାତା ଶିବିରରେ ଅବଗତ କରାଇଥିଲେ। ଉକ୍ତ ବ୍ୟବସ୍ଥା ଆସନ୍ତା ଏପ୍ରିଲରୁ କାର୍ଯ୍ୟକାରୀ ହୋଇ ପାରିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀ, ଜିଆରଏସ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

## ବାଞ୍ଜିପଦରରେ ଖୋଲିବ ନୂଆ କୃଷି ସମିତି

ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବାଞ୍ଜିପଦର ଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ସ୍ଥାନୀୟ କୃଷକ ନେତା ତଥା ଚାଷୀ ମହଲରେ ଉତ୍ସାହ ଖେଳି ଯାଇଛି। ମାଥନପଲା କ୍ଷୁଦ୍ରଜଳସେଚନ ପ୍ରକଳ୍ପ ତଳି ଅଞ୍ଚଳ ବିଜେପୁର ପ୍ରାଥମିକ କୃଷି ସମବାୟ ସମିତ ଦୁଇ ଭାଗ ହୋଇ ବାଞ୍ଜିପଦରଠାରେ ନୂତନ କୃଷି ସମିତି ଖୋଲିବ। ଚାଷୀଙ୍କ ଦୀର୍ଘ ଦିନର ଦାବି ସଫଳ ହୋଇଥିବାରୁ ବାଞ୍ଜିପଦର ସରପଞ୍ଚ ନିରୂପମା ପାଣିଗ୍ରାହୀ, ଜୟ କିଷାନ କୃଷକ ସଂଗଠନ ସଭାପତି ରଜନି ଗଡତିଆ, ଉପଦେଷ୍ଟା ବିକାଶ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଡାକେଶ୍ୱର ମାଝୀ, ଦେବସିଂ ମାଝୀ, କ୍ଷୀରସିନ୍ଧୁ ମାଝୀ, ଟଙ୍କଧର ମାଝି ପ୍ରମୁଖ ରାଜ୍ୟ ସରକାରଙ୍କଠାରେ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହା ସହ ଟିଟିଲାଗଡ ବ୍ଲକ ଅଦାବାହାଲରେ ମଧ୍ୟ ଏକ ନୂତନ କୃଷି ସମିତି ଗଠନ ପାଇଁ ରାଜ୍ୟ ସରକାର ମଞ୍ଜୁରି ଦେଇଥିବା ଜଣାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଚିତ୍ରାନନ୍ଦ


@ ସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟିଟିଲାଗଡ଼ ପଞ୍ଚାୟତ ସମିତି ବୈଠକ

ଟିଟିଲାଗଡ଼, ୧୩।୨(ଡି.ଏନ.ଏ.)

୧୦ ମାସ ପରେ ସୋମବାର ଟିଟିଲାଗଡ ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଥିଲା। ସିଲୁଆଁ ଗ୍ରାମରେ ନବନିର୍ମିତ ଓଭରହେଡ ପାଣି ଟାଙ୍କିରୁ ପାଣି ଗଳୁଛି। ୩ ବର୍ଷ ହେଲା ଅଙ୍ଗନବାଡି କେନ୍ଦ୍ର ଅସମ୍ପୂର୍ଣ୍ଣ ପଡିଛି ବୋଲି ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା ଅଭିଯୋଗ କରିଥିଲେ। ୩୯ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ ଫେଲ ହୋଇ ଲୋକେ ଜଳରୁ ବଞ୍ଚିତ ହୋଇରହିଥିବା ବିଜେପୁର ସରପଞ୍ଚ ହୃଷୀକେଶ ବାଗ ଅଭିଯୋଗ କରିଥିଲେ। ସୁର୍ଡା ପଞ୍ଚାୟତ ମହଗାଁରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନହେବା ଯୋଗୁଁ କାର୍ଯ୍ୟକ୍ଷମ ହୋଇ ନ ଥିବା ସରପଞ୍ଚ ଚିନ୍ତାମଣୀ ସୁନା ଅଭିଯୋଗ କରିଥିଲେ। ସିକେର ଗ୍ରାମରେ ୫ ବର୍ଷ ହେଲା ଅଙ୍ଗନବାଡି କେନ୍ଦ୍ର ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ରାଜ୍ୟ ସରକାର ଟିଟିଲାଗଡ ବ୍ଲକକୁ ଦାଦନ ବ୍ଲକ ଭାବରେ ଚିହ୍ନିତ କରି ବାର୍ଷିକ ୩୦୦ ଦିନର କାମ ସୁନିଶ୍ଚିତ କରିଛନ୍ତି। ଏଭଳି ସ୍ଥଳେ ବେଳେ କେନ୍ଦ୍ର ସରକାରଙ୍କ ଅନୁଦାନର ଲାଭ ପ୍ରକୃତରେ କିଏ ନେଉଛି ସେ ନେଇ ନିର୍ବାଚିତ ସଭ୍ୟ ପ୍ରଶ୍ନ କରିଥିଲେ। ଏମ୍‌ପି ପ୍ରତିନିଧି ମୁକେଶ ଜୈନ ଏମ୍‌ଜିଏନ୍‌ଆରଇଜିଏସରେ ଦୁର୍ନୀତି ହେଉଥିବା କହିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟା ଗିତା ବିଶି, ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ନରେଶ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଟିଙ୍କି ପୋଢ ପ୍ରମୁଖ ଉପସ୍ଥିତ ଥିଲେ।


ଲିଆ ଜୁଗାରକୁ ଶୋଭାଯାତ୍ରାରେ ନିଆଯାଉଛି।

## ଅଧିବାସ ସହ ଶିବରାତ୍ରି ମେଳା ଆରମ୍ଭ

ଲୋଇସିଂହା,୧୩।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମର ପ୍ରସିଦ୍ଧ ଶିବରାତ୍ରି ମେଳା ସୋମବାର ଆରମ୍ଭ ହୋଇଯାଇଛି। ୧୮ ତାରିଖ ମଧ୍ୟରାତ୍ରରେ ମହାଦୀପ ଉଠିବ ଏବଂ ମେଳା ଆସନ୍ତା ୧୯ ତାରିଖରେ ଉଦ୍‌ଯାପିତ ହେବ। ମେଳା ଅବସରରେ ସୋମବାର ୧୦୮ନ୍‌କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା ବେଳେ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ୍ୟ ଦଳ ସହ ବରଗଡ ଜିଲା ଘେଁସର ସମଲେଶ୍ୱରୀ ଆଦିବାସୀ ନୃତ୍ୟ ବେଶ ଆକର୍ଷଣଥିଲା। ୩ଫୁଟ ଗୋଲେଇ ଏବଂ ୧୨ ଫୁଟ ଉଚ୍ଚର ଲିଆ ଜୁଗାର ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥିଲା। ବ୍ୟାସ ସୁଯୋଗ ମିଶ୍ର ଭାଗବତ ପରାୟଣ କରୁଛନ୍ତି। ଟୁନୁଚନ୍ଦ୍ର ଷଡଙ୍ଗୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ମଙ୍ଗଳବାରୁ ଶିବଯଜ୍ଞ ଓ ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ମେଳା ଉପଲକ୍ଷେ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ ପାଇଁ ଜଳନ୍ଧର ଦରବାର ଆୟୋଜିତ ହେଉଥିବା ମେଳା କମିଟି ସଭାପତି ଅଶୋକ କୁମାର ମିଶ୍ର କହିଛନ୍ତି।

## ଏସ୍‌ସି,ଏସ୍‌ଟି ରେଳବାଇ ଏମ୍ପ୍ଲୋଇଜ ଆସୋସିଏଶନ ବୈଠକ

ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)

ଟିଟିଲାଗଡ ରେଳବାଇ ଇନଷ୍ଟିଚ୍ୟୁଟ ପରିସରରେ ସମ୍ବଲପୁର ଡିଭିଜନ ଟିଟିଲାଗଡ ଶାଖା ପକ୍ଷରୁ ରେଳବାଇ ରାଷ୍ଟ୍ରୀୟ ଏସଏଟି ଏମ୍ପ୍ଲୋଇଜ ଆସୋସିଏଶନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଭିରାମ ମଲ୍ଲିକ ମୁଖ୍ୟଅତିଥି, ମୁରିବାହାଲ କଲେଜ ଅଧ୍ୟକ୍ଷ ରମେଶ ମହାନନ୍ଦ, ସଂଗଠନର ଡିଭିଜନାଲ ଅଧ୍ୟକ୍ଷ ପି.କେ.ଲୁହା ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ପି.କେ.ଦାଶ ସଂଘ ସଦସ୍ୟଙ୍କ ବିଭିନ୍ନ ସମସ୍ୟା ଉପରେ ନେଇ ଆଲୋକପାତ କରିଥିଲେ। ଟିଟିଲାଗଡ ଷ୍ଟେଶନ ମାଷ୍ଟର ପ୍ରଭାତ ବେହେରା ସଭା ପରିଚାଳନା, ସମ୍ପାଦକ ସଞ୍ଜିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

**ଅଲ୍ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା**

## ଅମ୍ଲାନ-ଅଭିମନ୍ୟୁ ଯୋଡ଼ି ଚାମ୍ପିୟନ

ଲାଠୋର, ୧୩।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଇନଡ଼ୋର ଷ୍ଟାଡ଼ିୟମରେ ଚାଲିଥିବା ଅଲ ଓଡ଼ିଶା ବ୍ୟାଡମିଣ୍ଟନ ପ୍ରତିଯୋଗୀତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭୁବନେଶ୍ୱରର ପ୍ରସାଦ-ଅନିର୍ବାଣ ଏବଂ ଅନୁଗୋଳର ଅମ୍ଲାନ-ଅଭିମନ୍ୟୁ ଯୋଡିଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଅମ୍ଲାନ-ଅଭିମନ୍ୟୁ ଯୋଡି ୨-୦ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଜୟପୁର ଡ଼ି.ମଣିକାନ୍ତ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଭୁବନେଶ୍ୱରର ପ୍ରସାଦ-ଅନିର୍ବାଣ ଯୋଡିକୁ ଟ୍ରଫି ସହ ନଗଦ ୨୧ ହଜାର ଟଙ୍କା ଓ ରନର୍ସ ଅପ ଅମ୍ଲାନ ଓ ଅଭିମନ୍ୟୁ ଯୋଡିଙ୍କୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅନନ୍ତ ବେହେରା ଏବଂ ହେମନ୍ତ ଶତପଥୀ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ସଭାପତି ଶୀତଲ ଅଗ୍ରୱାଲ, ସମ୍ପାଦକ ସନ୍ଦିପ ଅଗ୍ରୱାଲ ଏବଂ ସଦସ୍ୟ ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।


ଅତିଥି, ଆୟୋଜକଙ୍କ ଗହଣରେ ଚାମ୍ପିୟନ, ରନର ଅପ୍ ଦଳ।

## ଉନ୍ନୟନ କାର୍ଯ୍ୟ ବ୍ୟାହତ, ଜନପ୍ରତିନିଧିଙ୍କ ଧାରଣା

ଦେଓଗାଁ ,୧୩।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାର ପ୍ରତିବଦ କରି ସୋମବାର ଜନପ୍ରତିନିଧିମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଜନପ୍ରତିନିଧିଙ୍କ ଦାବି ଅନୁସାରେ ବ୍ଲକର ସମସ୍ତ କର୍ମଚାରୀ ବ୍ଲକ ମୁଖ୍ୟାଳୟରେ ରହିବେ। ଗସ୍ତ ଡାଏରୀ ଠିକଭାବେ ପରିଚାଳନା କରାଯାଉ। ଯନ୍ତ୍ରୀ ଗୋଲକ ବିହାରୀ ମାରାଣ୍ଡି ଓ ଜୟନାରାୟଣ ବାଗଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମ୍ପୃକ୍ତ ଯନ୍ତ୍ରୀ ପଞ୍ଚାୟତକୁ ଆସୁ ନ ଥିବାରୁ ଉନ୍ନୟନ କାମ ତ୍ୱରାନ୍ୱିତ ହୋଇପାରୁନାହିଁ ବୋଲି ହାତିସରା ପଞ୍ଚାୟତ ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଓ ସରପଞ୍ଚ କେଲୋ ଡାଙ୍ଗ କ୍ଷୋଭ ପ୍ରକାଶ କରିଥିଲେ। ମହଲାଇରେ ବର୍ଷାଧିକ କାଳ ଧରି ଅମୃତ ସରୋବରରେ କାମ କରିଥିବା ଲୋକେ ପ୍ରାପ୍ୟ ପାଇନାହାନ୍ତି।


ବ୍ଲକ କାର୍ଯ୍ୟାଳୟ ପରିସରରେ ଜନପ୍ରତିନିଧିମାନେ ଧାରଣା ଦେଇଛନ୍ତି।

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରି ପ୍ରାପ୍ୟ ମିଳୁ ନ ଥିବା ସରପଞ୍ଚ ଚିତ୍ତରଞ୍ଜନ ସାହୁ ଅଭିଯୋଗ ଉଠାଇଥିଲେ। ବ୍ଲକ କର୍ମଚାରୀମାନେ ଠିକ ସମୟରେ ଆସୁ ନ ଥିବାରୁ କୌଣସି କାମ ଠିକ ସମୟରେ ହେଉ ନ ଥିବା ଅନେକ ଜନପ୍ରତିନିଧି ଅଭିଯୋଗ କରିଥିଲେ। ସମସ୍ୟାର ସମାଧାନ ପାଇଁ ଧାରଣାରେ ବସିଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ଦାବି କରିଥିଲେ। ବିଡିଓ ସୁରେନ୍ଦ୍ର କୁମାର ମେହେର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ରାସ୍ତା ପ୍ରଶସ୍ତୀକରଣରେ କଟିବ ୩୧୫୮ ଗଛ

ସୋନପୁର, ୧୩।୨ (ନି.ପ୍ର.)

- ଅର୍ଜୁନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତାପାର୍ଶ୍ୱ ହେବ ବୃକ୍ଷଶୂନ୍ୟ
- ଗଛ ନ କାଟି ଜୀବନ୍ତ ସ୍ଥାନାନ୍ତରଣ ପାଇଁ ଆନ୍ତରିକତା ନାହିଁ
- ବିଫଳ ହେଉଛି ଗ୍ରୀନ ସୁବର୍ଣ୍ଣପୁର ଯୋଜନା


ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶାଳ ଗଛଗୁଡିକୁ କାଟି ଟ୍ରକ୍‌ରେ ନିଆଯାଉଛି ।

ସୁବର୍ଣ୍ଣପୁର ଜିଲାର ଲାଇଫଲାଇନ କୁହାଯାଉଥିବା ଅର୍ଜୁନପୁର-ବିନିକା-ରାମପୁର-ଡୁଙ୍ଗୁରପାଲି ମେଜର ଡିଷ୍ଟ୍ରିକ୍ଟ ରୋଡ(ଏମଡିଆର) ଓସାରିଆ ହେବ। ଅର୍ଜୁନପୁରରୁ ଡୁଙ୍ଗୁରିପାଲି ୫୪.୨୦୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା ପାଇଁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୪୫ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଛି। ୨ ଥାକିଆ ରାସ୍ତା କାମ ଏବେ ଜୋରସୋରରେ ଚାଲିଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୩୧୫୮ ଗଛ କଟାଯିବା ପାଇଁ ଚିହ୍ନଟ କରାଯାଇଛି। କଟା ହେବାକୁ ଥିବା ଶତାଧିକ ଗଛ ବହୁ ବର୍ଷର ପୁରୁଣା । ଏଗୁଡିକ ରାଜାରାଜୁଡା ଅମଳରୁ ଲଗା ଯାଇଥିଲା। ଓଡିଶା ବନ ଉନ୍ନୟନ ନିଗମ ଏବେ ସେହି ଗଛ ଗୁଡିକୁ ମେସିନ ଦ୍ୱାରା କାଟିବା ଆରମ୍ଭ କରିଛି । ପରେ ଏହି ରାସ୍ତା ୪ ଥାକିଆ ହେବାର ଯୋଜନା ରହିଛି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱ ଆଉ କିଛି ଦିନ ପରେ ବୃକ୍ଷ ଶୂନ୍ୟ ହେବ। ଉତ୍ତାପ ଆହୁରି ବୃଦ୍ଧି ପାଇବ । ଏହା ଜିଲାର ବୁଦ୍ଧିଜୀବୀ ଓ ପରିବେଶବିତଙ୍କ ଚିନ୍ତା ବଢାଇଛି।

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ସୋନପୁର ବନକ୍ଷେତ୍ର ଅଞ୍ଚଳର ଅର୍ଜୁନପୁରରୁ ଅଙ୍ଗନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ୯୦୬ ଗଛ କଟିବ। ସେହିପରି ବିନିକା ବନକ୍ଷେତ୍ର ଅଞ୍ଚଳର ଅଙ୍ଗନଦୀ ବ୍ରିଜ୍‌ରୁ ବିନିକା-ରାମପୁର-ଡୁଙ୍ଗୁରିପାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୨୨୫୨ ଗଛ ବଳି ପଡିବ। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାସ୍ତା ପ୍ରଶସ୍ତୀକରଣ ପାଇଁ ବର, ଅଶ୍ୱତଥ୍, ଶାଳ, ତେନ୍ତୁଳି, ଅର୍ଜୁନ, ମହୁଲ, ଶାଗୁଆନ, ମହୁଲ, କୁମ୍ଭି, ଚାର, ଛେନା, ସୀମାରୁଆ, ନୀଳଗିରି, ଚାକୁଣ୍ଡା, ସାହାଜ, ନିମ୍ବ, ଆମ୍ବ, କରଞ୍ଜ, ଛତିଆନ ଓ ଜାମୁ ଆଦି ବଡ ଗଛ କଟାଯିବ। ଏହି ପୁରୁଣା ଗଛ ଗୁଡିକ ଯୋଗୁଁ ବାଟୋଇଙ୍କୁ ଛାଇ ମିଳିବା ସହିତ, ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି ହୋଇଥିଲା।

ସୁବର୍ଣ୍ଣପୁର ଏକ ଉତ୍ତପ୍ତ ଜିଲା ଭାବେ ପରିଚିତ। କିଛି ବର୍ଷ ଧରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ସୁବର୍ଣ୍ଣପୁର ୨୦୨୨ରେ ଦେଶର ସବୁଠୁ ଉତ୍ତପ୍ତ ସହରଭାବେ ରେକର୍ଡ ହୋଇ ଚର୍ଚ୍ଚାକୁ ଆସିଥିଲା। ଏହି ଜିଲାରେ ୪୨୮.୭୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହା ଜିଲା ଆୟତନର ମାତ୍ର ୧୮.୩୪%। ଗତ କିଛି ବର୍ଷ ଧରି ପୁରାତନ ଜଙ୍ଗଲର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି, ଗ୍ରୀନ୍ ମହାନଦୀ ମିଶନ, ସହରୀ ବନୀକରଣ ଓ ପଥପାର୍ଶ୍ୱ ବନୀକରଣ ପାଇଁ ଉଦ୍ୟମ ହୋଇଥିଲା। ତେବେ ଏହି ଗ୍ରୀନ୍ ସୁବର୍ଣ୍ଣପୁର ଯୋଜନାକୁ ବିଶେଷ ସଫଳତା ମିଳିପାରିନି। ସଚେତନତା ଅଭାବରୁ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ପ୍ରତିବର୍ଷ ନିଆଁ ଲାଗିବା ଦ୍ୱାରା ବୃକ୍ଷଲତା ପୋଡି ପାଉଁଶ ହୋଇଯାଉଛି। ପଥପାର୍ଶ୍ୱ ବନୀକରଣ ଯୋଜନାରେ ଯେଉଁ ଗଛ ଲଗାଯାଉଛି, ସେଗୁଡିକର ଠିକ୍ ଭାବେ ଯତ୍ନ ନିଆଯାଉନି । ଯେଉଁ ଅଳ୍ପ କିଛି ଗଛ ବଞ୍ଚି ରହୁଛି ରାସ୍ତା ପ୍ରଶସ୍ତୀକରଣରେ ପୁଣି କଟାଯାଉଛି। ଗଛ ଲଗାଇବା ଓ ତାକୁ ସୁରକ୍ଷା ଦେବାରେ ସଫଳତା ମିଳୁନି। ଏଭଳି ସ୍ଥିତିରେ ଗଛ କାଟିବାକୁ ବିଶେଷ ତତ୍ପରତା ଦେଖିବାକୁ ମିଳୁଛି। ବଡ ଗଛଗୁଡିକୁ ନ କାଟି ମେଶିନ ଦ୍ୱାରା ଟ୍ରାନ୍ସଲୋକେସନ(ଜୀବନ୍ତ ସ୍ଥାନାନ୍ତରଣ) ପଦ୍ଧତିରେ ଅନ୍ୟତ୍ର ଲଗାଇବା ପାଇଁ ବନ ବିଭାଗ କିମ୍ବା ପୂର୍ତ୍ତ ବିଭାଗର ଆନ୍ତରିକତା ନାହିଁ । ଏଥିପାଇଁ ଜନଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି ।

## ସଂକ୍ଷେପରେ

### ନାମଯଜ୍ଞ କୁଣ୍ଡ ସ୍ଥାନକୁ ନେଇ ବୀରମହାରାଜପୁର ବନ୍ଦ

**ଅମରପାଲି, ୧୩।୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୋଳ ପୂର୍ଣ୍ଣିମା ପାଇଁ ୨୪ ପ୍ରହର ନାମଯଜ୍ଞ ଦୀର୍ଘ ସତୁରି ବର୍ଷ ଧରି ପାଳନ ହୋଇ ଆସୁଛି। ବର୍ତ୍ତମାନ ଉକ୍ତ ଯଜ୍ଞକୁଣ୍ଡ ସ୍ଥାନରେ ନିର୍ମାଣାଧୀନ ପ୍ରାଚୀରକୁ ନେଇ ପ୍ରଶାସନ ଓ ନାମଯଜ୍ଞ କମିଟି ମଧ୍ୟରେ ଆପୋଷ ବୁଝାମଣା ହୋଇ ନ ପାରିବାରୁ ସୋମବାର ୧୨ ଘଣ୍ଟିଆ ବୀରମହାରାଜପୁର ବନ୍ଦ ପାଳନ କରାଯାଇଥିଲା। ବୀରମହାରାଜପୁରର ଦୋଳ ପୂର୍ଣ୍ଣମୀ ଅବସରରେ ବସ୍‌ଷ୍ଟାଣ୍ଡ ନିକଟ ଜଗନ୍ନାଥ ମନ୍ଦିର ପାଖରେ ୨୪ପ୍ରହର ନାମଯଜ୍ଞ ହୋଇଥାଏ। ନାମମଣ୍ଡପ ସମ୍ମୁଖରେ ଥିବା ଯଜ୍ଞକୁଣ୍ଡକୁ ନେଇ ବିବାଦ ଦେଖାଯାଇଥିଲା। ଯେଉଁସ୍ଥାନରେ ଯଜ୍ଞକୁଣ୍ଡ ଥିଲା ସେଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାରୁ ଯଜ୍ଞକୁଣ୍ଡପାଇଁ ସମସ୍ୟା ଦେଖା ଯାଇଥିଲା। ଏନେଇ ଅଞ୍ଚଳବାସୀ ଓ ନାମଯଜ୍ଞ କମିଟିକୁ ନେଇ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଏହାର ସମାଧନା ହୋଇପାରି ନ ଥିଲା। ଫଳରେ ସୋମବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପ୍ରଭାବରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ହେଲେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ସରକାରୀ ଅଫିସ, ସ୍କୁଲ,କଲେଜ, ବ୍ୟାଙ୍କ ଖୋଲା ରହିଥିଲା। ଜିଲାପାଳ ଆବୋଲି ସୁନିଲ ନରୱଣେ ଓ ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ତହସିଲଦାର ବିବୁଧ ଗଣନାୟକ, ବିଡିଓ ମୋତିଲାଲ ସୁଲିଆ ନାମଯଜ୍ଞ କମିଟି କର୍ମକର୍ତ୍ତାଙ୍କ ସହିତ ଭେଟି ଆଲୋଚନା କରିଥିଲେ। ଯଜ୍ଞ ମଣ୍ଡପ ନିର୍ମାଣ ପାଇଁ ଆବଶ୍ୟକ ଜମି ପାଇଁ ମାପ କରାଯାଇଥିଲା। କମିଟିର ଦାବି ଅନୁସାରେ ଯଜ୍ଞ ମଣ୍ଡପ ପାଇଁ ଆବଶ୍ୟକ ସ୍ଥାନ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଛି।

### କାଉନସିଲରଙ୍କ ପିତୃ ବିୟୋଗ

**ତରଭା, ୧୩।୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ



ନମ୍ବର ୬ର କାଉନସିଲର ଅକବର ଅଲ୍ଲୀଙ୍କ ପିତା ସୟଦ ହାଜି ଅନୱର ଅଲ୍ଲୀ (୮୦)ଙ୍କ ରବିବାର ପରଲୋକ ହୋଇଯାଇଛି। ଅନୱର ଗୁରୁତର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନା ଚିକିତ୍ସା ପାଇଁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ହାଜି ଜମିଲା ବିବି, ପୁତ୍ର ଅକବର, ଅସଗର, ପୁତ୍ରବଧୂ, ପୂର୍ବତନ କାଉନସିଲର ୱାଜିଦା ବେଗମ, ସଇଦା ବେଗମ, ହୁସ୍ନଆରା ବେଗମ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ତରଭା ଫକୀର ବାବାଙ୍କ ସେବାକାରୀ ଭାବେ ନିଜକୁ ନିୟୋଜିତ କରିଥିବା ସ୍ୱର୍ଗତ ଅନୱର ଜଣେ ସୁନାମ୍ୟଧନ୍ୟ ଦର୍ଜୀ ଥିଲେ। ସ୍ଥାନୀୟ କବରଗାହରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

# ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କର

ତରଭା, ୧୩।୨ (ଡି.ଏନ.ଏ.)


ଦାବିପତ୍ର ଦେବାକୁ ଆସିଥିବା ଭାଜପା ନେତୃବୃନ୍ଦ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଇଛି। ଫଳରେ ବହୁ ପ୍ରକୃତ ଗରିବ ଯୋଗ୍ୟ ହିତାଧିକାରୀ ଏହି ତାଲିକାରୁ ବାଦ୍ ପଡିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହିତାଧିକାରୀଙ୍କୁ ଠିକ ଭାବେ ଚୟନ କରାଯାଇ ଗୃହ ଆବଣ୍ଟନ କରିବା ସହିତ ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀ ତୁରନ୍ତ ତାଲିକାଭୁକ୍ତ କରାଯାଉ ବୋଲି ଦାବି କରିଛି ଭାଜପା। ସୋମବାର ଦଳ ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ବିଡ଼ିଓ ବିନୟ କୁମାର ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ଦାବିଗୁଡିକ ହେଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହେଉଥିବା କାମରେ ମେସିନ ବ୍ୟବହାର ବନ୍ଦ କରାଯାଉ। ସମସ୍ତ ଜମିକୁ ମେଗା ଏବଂ ଉଠା ଜଳସେଚନ ଦ୍ୱାରା ଜଳସେଚନ, ବ୍ଲକ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ, ମଣ୍ଡିରେ କଟନିଛଟନିକୁ ବନ୍ଦ କରିବା, ମେଣ୍ଢା ଅଞ୍ଚଳରେ ପ୍ରବାହିତ ସୁକତେଲ ଓ ଅଙ୍ଗିରା ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମକୁ କଲ୍ୟାଣ ନାଏକ ପରିଚାଳନା କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର, ଉପସଭାପତି ରାମନାରାୟଣ ବେଜ, ନର୍ମଦା ମିଶ୍ର, ମୁତୁରାମ ମେଣ୍ଡିଲି, ଜୟ ମିଶ୍ର, ସୁରେଶ ମହଲା,ରାଜକିଶୋର ମେଣ୍ଡିଲିଙ୍କ ସମେତ ଏକ ହଜାରରୁ ଅଧିକ ଜନସାଧାରଣ ସାମିଲ ଥିଲେ।

# ଜବରଦଖଲ ହଟାଇବ ତହସିଲ ପ୍ରଶାସନ

ଲୋଇସିଂହା, ୧୩।୨ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ବଡଟିକା ଯାଏ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କାମ କରାଯାଉଛି। ୨୦୨୨ ସେପ୍ଟେମ୍ବର ୭ ସୁଦ୍ଧା ରାସ୍ତା କାମ ସାରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ନିର୍ଦ୍ଧାରିତ ସମୟର ୪ ମାସ ବିତି ଯାଇଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡି ରହିଛି । ଏନେଇ ଅବଧି ସରିଲା, କାମ ସରିଲାନି ଶୀର୍ଷକ ଖବରଫେବୃୟାରୀ ୧୨ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଚେଇଁଛି। ରାସ୍ତା ନିର୍ମାଣ ପାଇଁ ଜବରଦଖଲ ବାଧକ ସାଜି ଥିବା ଅଭିଯୋଗ କହିଛି । ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ କଡା ଅଭିମୁଖ୍ୟ ଗ୍ରହଣ କରାଯାଇଛି। ସୋମବାର ଅପରାହ୍ନରେ ଆଗଲପୁର ତହସିଲ ଷ୍ଟାଫ ନଅଗାଁ(ଖ) ଏବଂ ବୁରୋଭାଡି ଅଞ୍ଚଳରେ ଶନିବାର ଜବର ଦଖଲ ଉଚ୍ଛେଦ କରାଯିବ। ରାସ୍ତା ସୀମାରେ ଥିବା ଅବରୋଧକୁ ହଟାଯିବ ବୋଲି କୁହାଯାଇଛି।

# ବଲାଙ୍ଗୀର ରୟାଲ ସ୍ପୋର୍ଟିଂ ଚାମ୍ପିୟନ

## ରାମଧୁନ କପ୍ ନାଇଟ୍ ସାର୍କିଲ କ୍ରିକେଟ୍ ଟୁର୍ନାମେଣ୍ଟ

ସୋନପୁର, ୧୩।୨ (ନି.ପ୍ର.)



ଅତିଥି ବୃନ୍ଦ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ସୋନପୁର ମଝିପଡା ସ୍ଥିତ ରାମଧୁନ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ରାମଧୁନ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ହାତୀଶାଳ କଲ୍ୟାଣ ମଣ୍ଡପରେ ଏହି ଟୁର୍ନାମେଣ୍ଟ ୩ ଦିନ ଧରି ଚାଲିଥିଲା। ଟୁର୍ନାମେଣ୍ଟରେ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରୁ ମୋଟ ୩୬ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସୋନପୁର ରାମଧୁନ କ୍ଲବ ଓ ରୟାଲ ସ୍ପୋର୍ଟିଂ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୟାଲ ସ୍ପୋର୍ଟିଂ ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାମଧୁନ କ୍ଲବର ସଭାପତି ରାଜୀବ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର ସମ୍ପାଦକ ପୀୟୁଷ କୁମାର ପଣ୍ଡା, ଯୁବ ବିଜେଡି ନେତା ସୀତାରାମ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ରାଇନୁ ଅଲ୍ଲି, ଏମ୍ ବି ରେହେମଦ, କୁନା ନାୟକ ଓ ସୁଦାମ ପୁଟେଲ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।


@ ବିଚିତ୍ରାନନ୍ଦ


@ ସାରଥି

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରମେଶଙ୍କର ଲାଗିଲା କୃତ୍ରିମ ଗୋଡ଼

## ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ

ବିନିକା ୧୩।୨ (ଡି.ଏନ.ଏ.)


କୃତ୍ରିମ ଗୋଡ ଲାଗିବା ପରେ ରମେଶ ନାୟକ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିନ୍ଧୁରପୁର ଗ୍ରାମର ରମେଶ ନାଏକ ଦେଢ଼ବର୍ଷ ତଳେ ଏକ ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇଥିଲେ। ବହୁ ଦିନର ଚିକିତ୍ସା ପରେ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ସେ ତାଙ୍କର ଡାହଣ ଗୋଡ଼ ହରାଇଥିଲେ। ଏଡାପରେ ଚଳପ୍ରଚଳ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ ରମେଶ। ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନଷ୍ଠାନ ହେଲ୍ପ ଟୁ ଅଦର୍ସର ସକ୍ରିୟ ସଦସ୍ୟ ଦେବଦତ୍ତ ପଣ୍ଡାଙ୍କ ନିଜସ୍ୱ ଉଦ୍ୟମ ଓ କେତେକ ବଦାନ୍ୟ ବ୍ୟକ୍ତି ରମେଶଙ୍କ କୃତ୍ରିମ ଗୋଡ଼ ଲଗାଇବା ଦିବସରେ ପ୍ରାରମ୍ଭିକ ଉଦ୍ୟମ କରିଥିଲେ। ପଣ୍ଡା ଭୁବନେଶ୍ୱର ସ୍ଥିତ ବ୍ରଦର୍ ହୁଡ ଫାଉଣ୍ଡେଶନ ପ୍ରତିଷ୍ଠାତା ସଭ୍ୟ ସତ୍ୟଜିତ ସେନାପତିଙ୍କୁ ଏକ କୃତ୍ରିମ ଗୋଡ ଯୋଗାଇବା ପାଇଁ ଅନୁରୋଧ କରିଥିଲେ। ଏଥିରେ ସେନାପତି ରାଜି ହୋଇ ରମେଶଙ୍କୁ ରବିବାର ଭୁବନେଶ୍ୱର ଆସିବା ପାଇଁ କହିଥିଲେ। ରମେଶ ଭୁବନେଶ୍ୱର ଯାଇ ସେଠାରେ ଏକ କୃତ୍ରିମ ଗୋଡ ଲଗାଇ ଖୁସିରେ ଘରକୁ ଫେରଛନ୍ତି।

# ସଚେତନତାରେ ନିରାକରଣ

ଅମରପାଲି, ୧୩।୨ (ଡି.ଏନ.ଏ.)

ସୁବରର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା କୁଷ୍ଠ ନିରାକରଣ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ସଚେତନତା କୁଷ୍ଠ ନିରାକରଣର ପ୍ରମୁଖ କାରଣ ହୋଇପାରିବ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ଯୋଗଦେଇ କୁଷ୍ଠରୋଗର ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।



ବାହାରି ଥିବା କୁଷ୍ଠ ନିରାକରଣ ସଚେତନତା ଶୋଭାଯାତ୍ରା।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଅମରପାଲି, ୧୩।୨ (ଡି.ଏନ.ଏ)


ଶିବିରରେ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ ଓ ଏସ୍‌ପି ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୪ଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୩୮ଟି ବ୍ୟକ୍ତିଗତ ଦରଖାସ୍ତ ଓ ୬ ଟି ସାମୂହିକ ଦରଖାସ୍ତ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ୪୩ ଅଭିଯୋଗର ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଶିବିରରେ ଚମ୍ପାମାଳର ଦିବ୍ୟାଜ୍ୟୋତି ଥନାପତି ଓ ରଥପୁର ନିବାସୀ ଦେବକୀ ବଘାରଙ୍କୁ ବିଧବା ଭତ୍ତା ସହାୟତା ଯୋଜନାରେ ସାମିଲ କରାଯାଇ ମାସିକ ୫ ଶହ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ପତି, ଆର ଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିଭୁ ପ୍ରସାଦ ପଣ୍ଡା, ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ , ଡିଇଓ ଲକ୍ଷ୍ମଣ ଭୋଇ, ସିଏସଓ ସୁରେଶ ପାଣିଗ୍ରାହୀ, ଡ଼ିଏସଏସଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ଉପାଧ ନାରାୟଣ ଲୁହା, ତହସିଲଦାର ବିବୁଧ ଗଣନାୟକ, ବ୍ଲକସ୍ତରୀୟ କର୍ମଚାରୀ, ଖବରଦାତା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଶୋଭାଯାତ୍ରା

**ଦେବଗଡ଼, ୧୩।୨(ଡି.ଏନ.ଏ.):** ଦେବଗଡ଼ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଏକ ଜନସଚେତନା ରାଲି ଓ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ, ଡେପୁଟି ରେଞ୍ଜର ରମେଶ ଚନ୍ଦ୍ର ତ୍ରିପାଠୀ, ଫରେଷ୍ଟ ଗାର୍ଡ ମାମାଲି ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଜିଆର୍‌ଏସ ହୃଅଂଶ ମହାକୁଲ, ବିପିନ ପୃଷ୍ଟି, ପଞ୍ଚାନନ ଭୋଇ ଓ ଜଙ୍ଗଲ ବିଭାଗ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଆର୍‌ଏସ୍‌ପିରୁ ଚୋରି, ଜଣେ ଗିରଫ

**ରାଉରକେଲା ଅଫିସ,୧୩।୨:** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଭିତରୁ ବ୍ରାସ ତାର ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଫଟାପାଇପ ଉତ୍ତମ ବସ୍ତିର କାର୍ତ୍ତିକ ରାଉତିଆ(୨୭)। ତାଙ୍କଠାରୁ ଚୋରି ତାର ଜବତ କରି ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ.୨୩।୨୩) ରୁଜୁ ହୋଇଛି। କାର୍ତ୍ତିକ ରବିବାର ବିଳମ୍ବିତ ରାତିରେ ଆର୍‌ଏସ୍‌ପିର ପାଚେରି ଡେଇଁ କାରଖାନା ଷ୍ଟକ୍‌ୟାର୍ଡରୁ ୪୦ କେଜି ବ୍ରାସ୍ ତାର ଚୋରି କରୁଥିଲେ। ଏହି ସମୟରେ ସିଆଇଏସ୍‌ଏଫ୍ ତାଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ।

### ୯୯ ମୋବାଇଲ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୧୩।୨:** ରାଉରକେଲା ରେଳ ଷ୍ଟେଶନରୁ ଜିଆରପି ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଦା ଅଞ୍ଚଳର ଏମ୍‌ଡି. ସକିଲ ଅନସାରୀ(୨୨)। ତାଙ୍କଠାରୁ ୯୯ ମୋବାଇଲ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ରାଉରକେଲା ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରେ ସକିଲ ଏକ ବ୍ୟାଗ ଧରି ମାଲଦା ଯିବା ପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ପୋଲିସ ଖବର ପାଇ ତାଙ୍କ ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ୯୯ଟି ସ୍ମାର୍ଟଫୋନ ବାହାରିଥିଲା।

### ବ୍ରହ୍ମାକୁମାରୀ ଆଶ୍ରମର ନୂତନ ଗୃହ ଉଦ୍‌ଘାଟନ

**ହେମଗିର,୧୩।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ହେମଗିରଠାରେ ରବିବାର ବ୍ରହ୍ମାକୁମାରୀ ଆଶ୍ରମର ନୂତନ ଗୃହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ବିକେ ପାବତୀ ଦିଦି , ମୁଖ୍ୟବକ୍ତା ଭାବେ ବିକେ ବିମଳା ଦିଦି ଓ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗଦେଇ ଥିଲେ। ଅତିଥିମାନେ ଆଶ୍ରମର ନୂତନ ଗୃହ ଉଦ୍‌ଘାଟନ କରିବା ସହିତ ଜୀବନ ଶୈଳୀରେ ଦିବ୍ୟବାଣୀର ଆବଶ୍ୟକତା ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିକେ ବାଣେଶ ଭାଇ,ବିକେ ଜୋସ୍ନା ଦିଦି,ହେମଗିର ସଞ୍ଚାଳିକା କିରଣ ଦିଦି ପ୍ରମୁଖ ଉପସ୍ଥିତ ଥିଲେ ।

# ପରେଡ୍ ଗ୍ରାଉଣ୍ଡ ବନ୍ଦ, ଖେଳକୁଦରେ ସମସ୍ୟା

**ରାଉରକେଲା ଅଫିସ,୧୩।୨**

ରାଉରକେଲା ଉଦିତନଗର ସ୍ଥିତ ପରେଡ୍ ଗ୍ରାଉଣ୍ଡ ଖେଳ ପଡିଆକୁ ବନ୍ଦ ରଖାଯାଇଥିବାରୁ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଏବଂ କ୍ରୀଡାବିତ୍‌ଙ୍କ ଖେଳକୁଦରେ ଅସୁବିଧା ହେଉଛି। ଫଳରେ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ହକି ବିଶ୍ୱକପ୍ ପୂର୍ବରୁ ଉଦିତନଗର ସ୍ଥିତ ପରେଡ୍ ଗ୍ରାଉଣ୍ଡକୁ ସୌନ୍ଦର୍ଯ୍ୟକରଣ କରାଯିବା ପରେ ସେଠାରେ ଖେଳକୁଦ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଗଲା। ଗତ ଜାନୁୟାରୀ ୨୬ରେ ଗ୍ରାଉଣ୍ଡରେ ଜିଲାସ୍ତରୀୟ ପରେଡ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ଗ୍ରାଉଣ୍ଡକୁ ବନ୍ଦ କରିଦିଆଗଲା। ଏଯାଏ ଏହି ଗ୍ରାଉଣ୍ଡ ଖୋଲାଯାଇ ନ ଥିବାରୁ ସ୍ଥାନୀୟ ଶିକ୍ଷାନୁଷ୍ଠାନ, କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡାବିତ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ସ୍ତରୀୟ କବାଡି, ଫୁଟବଲ, ବେସବଲ ଖେଳାଳିଙ୍କ ଅଭ୍ୟାସ ବନ୍ଦ ରହିଛି। ସେହିପରି ବରିଷ୍ଠ ନାଗରିକଙ୍କ ମର୍ନିଂ ୱାକ୍, ପୋଲିସ, ରେଲୱେ କର୍ମଚାରୀଙ୍କ ଫିଟନେସ ୱାର୍କ ସହିତ ଉଦିତନଗରର


ଉଦିତନଗର ପରେଡ ଗ୍ରାଉଣ୍ଡ।

ଶିକ୍ଷାନୁଷ୍ଠାନ ଛାତ୍ରାବାସର ଅନ୍ତେବାସୀଙ୍କ କ୍ରୀଡ଼ା ଅଭ୍ୟାସ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବାରିକ କୁହନ୍ତି, ଆମ ସ୍କୁଲରେ ଖେଳପଡିଆ ବହୁତ ଛୋଟ ଏବଂ ପିଲାସଂଖ୍ୟା ୧୫ଶହରୁ ଊର୍ଦ୍ଧ୍ୱ। ପଡିଆରେ ପାଦ ଥାପିବାକୁ ଜାଗାନାହିଁ। ପୂର୍ବରୁ ସ୍କୁଲ ପିଲାଙ୍କୁ ଉଦିତନଗର ପରେଡ ଗ୍ରାଉଣ୍ଡରେ ଖେଳିବାକୁ ଅନୁମତି ମିଳୁଥିଲା। ମାତ୍ର ଏବେ ଗ୍ରାଉଣ୍ଡଟି ବନ୍ଦ ହୋଇଥିବାରୁ ପିଲାଙ୍କ ଖେଳକୁଦରେ ସମସ୍ୟା ହେଉଛି ବୋଲି ବାରିକ କହିଥିଲେ। ସେହିପରି ମ୍ୟୁନିସିପାଲ କଲେଜର ଖେଳ ଶିକ୍ଷକ ସତ୍ୟନାରାୟଣ ରାଉତ ମତ ଦେଇଥିଲେ, ମ୍ୟୁନିସିପାଲ କଲେଜର ଆଥଲେଟିକ ମିଟ୍ ସବୁବର୍ଷ ପରେଡ ଗ୍ରାଉଣ୍ଡରେ ହୁଏ। ମାତ୍ର ଏବର୍ଷ ଗ୍ରାଉଣ୍ଡରେ ଖେଳ ପାଇଁ ରାଉରକେଲା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ରୋକଟୋକ୍ ମନା କରିଦେଲେ। ଆମର ନିଜସ୍ୱ ଖେଳ ପଡିଆ ନାହିଁ। ତେଣୁ ସ୍ପୋର୍ଟସ ଇଭେଣ୍ଟ ଆୟୋଜନ କରିବାକୁ ସମସ୍ୟା ହେଉଛି ବୋଲି ରାଉତ କହିଥିଲେ। ବରିଷ୍ଠ କ୍ରୀଡା ସମୀକ୍ଷକ ସୁଶାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ପରେଡ ଗ୍ରାଉଣ୍ଡ ଅନେକ ଜାତୀୟ ଫୁଟବଲ, ବେସବଲ ଓ ସଫ୍ଟବଲ ଖେଳାଳି ତିଆରି କରିଛି। ପଡିଆ ବନ୍ଦ ରହିବାରୁ ସ୍ଥାନୀୟ ଖେଳାଳିଙ୍କ ଅଭ୍ୟାସ ବନ୍ଦ ରହିଛି। ଆଗକୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ହେବାକୁ ରହିଛି। ତେଣୁ ଖେଳାଳିମାନଙ୍କ ନିୟମିତ ଅଭ୍ୟାସ ପାଇଁ ପରେଡ ଗ୍ରାଉଣ୍ଡ ନିହାତି ଆବଶ୍ୟକ ବୋଲି ବେହେରା କହିଥିଲେ। ଏ ସମ୍ପର୍କରେ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ରାଉରକେଲା ସ୍ମାର୍ଟସିଟି ବିଭାଗ ଏଯାଏ ମହାନଗର ନିଗମକୁ ଉକ୍ତ ଗ୍ରାଉଣ୍ଡ ହସ୍ତାନ୍ତର କରିନାହିଁ। ହସ୍ତାନ୍ତର ନେଇ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ପରେଡ ଗ୍ରାଉଣ୍ଡ ଖୋଲାଯିବ ବୋଲି ସେ କହିଥିଲେ।

**ଖୁବ୍‌ଶୀଘ୍ର ଗ୍ରାଉଣ୍ଡ ଖୋଲାଯିବ: ଡେପୁଟି କମିଶନର**

### କେନ୍ଦ୍ର ବଜେଟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା ଅଫିସ,୧୩।୨**

ରାଉରକେଲା ବିଶ୍ରା ଛକରେ ସିପିଆଇଏମ୍ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଦଳର ଶତାଧିକ କର୍ମକର୍ତ୍ତା ମୋଦି ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ବଜେଟ ବିରୋଧରେ ପ୍ରତିବାଦ କରିଥିଲେ। ଏହି ଜନବିରୋଧୀ ବଜେଟକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଦଳ ପକ୍ଷରୁ ଦାବି ହୋଇଥିଲା। ଏହି ବିକ୍ଷୋଭରେ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଜକିଶୋର ପ୍ରଧାନ, ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ଚନ୍ଦ୍ରଭାନୁ ଦାସ, ଭଗବାନ କୁଣ୍ଡୁ, ଏନ୍. କେ. ରାଉତ, ମମତା ବେହେରା, ପ୍ରମୋଦ ପରିଡା, ସାଲୋମି ମିଞ୍ଜଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ମ୍ୟୁଜିକ୍ ସେଲିବ୍ରେଶନର ବାର୍ଷିକୋତ୍ସବ

**ରାଉରକେଲା ଅଫିସ, ୧୩।୨**

ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକ ସେଲିବ୍ରେଶନର ପ୍ରଥମ ବାର୍ଷିକୋତ୍ସବ ରାଉରକେଲା ସିଭିକ୍ ସେଣ୍ଟରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରଙ୍ଗାରଙ୍ଗ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ଅଫିସର ସଂଘର ପ୍ରାକ୍ତନ ସଭାପତି ବିମଳ ବିଶି ମୁଖ୍ୟଅତିଥି, ସମାଜସେବୀ କମଳ ଅଗ୍ରୱାଲ, ସତ୍ୟବ୍ରତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ହିମାଂଶୁ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ନନ୍ଦନ ମୁଖାର୍ଜୀ ଉପସ୍ଥିତ ଥିଲେ। ଉଦ୍‌ଘୋଷିକା ଜ୍ୟୋତ୍ସ୍ନାରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗୀତ ସାଗର-୨୦୨୩ର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସତ୍ୟଞ୍ଜୟ ତ୍ରିପାଠୀ, ରଜତ କୁମାର ସାହୁ, ବସନ୍ତ ତାଣ୍ଡି, ଜୀବନ ସାମାସୀ, ଝୁନୁ ନାୟକ, ପିଙ୍କି ପ୍ରିୟଦର୍ଶିନୀ ସ୍ୱାଇଁ, ଜଗନ୍ନାଥ ସାହୁ, ସୁସ୍ମିତା ମୁଖାର୍ଜୀ, ବିମଳସାହୁ, ଶୁଭେନ୍ଦୁସାହୁ, ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ।

### ଧାନମଣ୍ଡି ବ୍ୟବସ୍ଥା ଦାବି

**ସମ୍ବଲପୁର, ୧୩।୨(ବ୍ୟୁରୋ)**

ସମ୍ବଲପୁର ଧନକଉଡା କୃଷକ ଉତ୍ପାଦକ କମ୍ପାନୀ ଲିଃ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ଉତ୍ପାଦକ କମ୍ପାନୀର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଦୈନିକ କୃଷି ପଦ୍ଧତିରୁ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ବିକ୍ରି ପାଇଁ ୩ ଗୋଟି ଷ୍ଟଲ ଓ ଗୋଟିଏ ଧାନମଣ୍ଡିର ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଭାଗଲ ବସ୍ତିବାସୀଙ୍କୁ ଅପହଞ୍ଚ ମୌଳିକ ସୁବିଧା

**ରାଉରକେଲା ଅଫିସ,୧୩।୨**

ରାଉରକେଲା ପାନପୋଷ ଭାଗଲ ବସ୍ତିବାସୀଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ବସ୍ତିର ଜନସଂଖ୍ୟା ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ହେବ। ଜଗନ୍ନାଥ ମନ୍ଦିରରୁ ଭାଗଲପଡା ମଙ୍ଗଳା ମନ୍ଦିର ନଦୀଘାଟକୁ ଯାଇଥିବା ୧୦୦ ମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଜଗନ୍ନାଥ ମନ୍ଦିର ସାମ୍ନା ପୂଜା ମଣ୍ଡପ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ବସ୍ତିରେ ୪ଟି ଷ୍ଟ୍ରିଟ୍ ଲାଇଟରୁ ୨ଟି ଦୀର୍ଘମାସ ହେଲା ଅଚଳ ହୋଇପଡିଛି। ଭାଗଲବସ୍ତି ମଙ୍ଗଳା ମନ୍ଦିର ତଟ ନଦୀଘାଟ ପାହାଚ ଭାଙ୍ଗିରୁଜି ଗଲାଣି। ଫଳରେ ଲୋକେ ସ୍ନାନ ସମେତ ଅନ୍ୟ କାମ ପାଇଁ ଅସୁବିଧା ଭୋଗୁଛନ୍ତି। ଏ ନେଇ ଭାଗଲବସ୍ତିର ଅଶ୍ୱିନୀ କୁମାର ପଧାନ, ମନୋଜ କୁମାର ମଲ୍ଲିକ, ରତ୍ନାକର ନାୟକ, ଶ୍ୟାମ ତମାଙ୍ଗ, ନନ୍ଦ କୁମାର, ପ୍ରକାଶ ଚନ୍ଦ୍ର ମହାନ୍ତି, ସାବିତ୍ରୀ ଦାଶ, ସରସ୍ୱତୀ ସାହୁ ଓ ତିଲୋତ୍ତମା ମହାପାତ୍ର ପ୍ରମୁଖ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା କହିଛନ୍ତି। ଏହି ସମସ୍ୟାଗୁଡିକର ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ବାଧ୍ୟ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ରାଉରକେଲା ଷ୍ଟ୍ରିଟ୍ ଲାଇଟ୍ ପ୍ରୋଜେକ୍ଟ ଇଞ୍ଜିନିୟର ଦେବାନନ୍ଦ ରଣାଙ୍କୁ ପଚାରିବାରୁ ଭାଗଲ ବସ୍ତିରେ ୨ଟି ଷ୍ଟ୍ରିଟ୍ ଲାଇଟ୍ ଅଚଳ ହେବା ନେଇ ଅବଗତ ନ ଥିଲି। ତୁରନ୍ତ ଉକ୍ତ ଲାଇଟ୍ ବ୍ୟବସ୍ଥା ହୋଇଯିବ ବୋଲି ସେ କହିଥିଲେ। ତେବେ ରାଉରକେଲା ଆର୍‌ଆଣ୍ଡବି ଯନ୍ତ୍ରୀ ଭାଗିରଥି ସାହୁ ଫୋନ ରିସିଭ୍ ନ କରିବାରୁ ବସ୍ତିର ରାସ୍ତା ବିଷୟରେ ମତାମତ ମିଳିପାରିନାହିଁ।


ପାନପୋଷ ଭାଗଲ ବସ୍ତିବାସୀ।

### ଆଶ୍ରମ ନିର୍ମାଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୧୩।୨(ବ୍ୟୁରୋ)**

ସମଲେଇ ଯୋଜନାରେ ସମ୍ବଲପୁର କମଳି ବଜାରଠାରେ ଅଲେଖ ମହିମା ଆଶ୍ରମ ଭଙ୍ଗାଯାଇଛି। ନୂତନ ଆଶ୍ରମ ନିର୍ମାଣ ପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ସୋମବାର ଆଶ୍ରମର ବାବାମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସମଲେଇ ଯୋଜନାରେ ତାଙ୍କ ଆଶ୍ରମ ଭଙ୍ଗାଯାଇଥିବା ବେଳେ ପ୍ରଶାସନ ଦୁର୍ଗାପାଲିଠାରେ ଆଶ୍ରମ ନିର୍ମାଣ ପାଇଁ କେବଳ ଜମି ଦେଇଛି। ତେବେ ଆର୍ଥିକ ସହାୟତା କିମ୍ବା ସେଭଳି କିଛି ବ୍ୟବସ୍ଥା କରି ନ ଥିବାରୁ ଆଶ୍ରମ ତିଆରି ହୋଇ ପାରୁନାହିଁ ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଚିତ୍ରାନନ୍ଦ


@ ସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଣୀବିହାର ଘଟଣାକୁ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିନ୍ଦା



ଛାତ୍ର ସଂଗଠନର କର୍ମକର୍ତ୍ତା।

**ସୁନ୍ଦରଗଡ,୧୩।୨(ଡି.ଏନ.ଏ.)**

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରଠାରେ ରବିବାର ଘଟିଥିବା ଅଭାବନୀୟ ଘଟଣାକୁ ସୁନ୍ଦରଗଡ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲା ସଭାପତି ସୟଦ ସେହବାଜ ହୁସେନଙ୍କ ନେତୃତ୍ୱରେ ସୋମବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂଗଠନର କର୍ମକର୍ତ୍ତା ଏକାଠି ହୋଇ ଘଟଣାର ନିନ୍ଦା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେଉଁ ଅଭାବନୀୟ ଘଟଣା ଘଟିଛି ତାହା ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥିବା ସେମାନେ କହିଥିଲେ । ଏ ଦିଗରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟିର ସଂଯୋଜକ ନିତିଶ ମେହେର , ସହ ସଂଯୋଜକ ଶ୍ରୁତି ପ୍ରିୟଦର୍ଶିନୀ ମିଶ୍ର, ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ରତୁରାଜ ପୁରୋହିତ , ସୁଶାନ୍ତ ଦେବ, ନିଖିଳ ସାହୁ, ବିଶ ରାଉତ, ବିକାଶ ରାଉତରାୟ, ଏମ. ପଟେଲ , ଅମନ ହୁସେନ, ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ଜିଲା କ୍ଲବ କ୍ରିକେଟ | ବାମଣ୍ଡା କ୍ରିକେଟ କ୍ଲବ ବିଜୟୀ

**ଦେବଗଡ଼,୧୩।୨(ଡି.ଏନ.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ନବମ ଦିନରେ ରାଇଜିଂ ଷ୍ଟାର ଓ ବାମଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବାମଣ୍ଡା କ୍ରିକେଟ କ୍ଲବ ରାଇଜିଂ ଷ୍ଟାର ଦଳକୁ ୧୮ ରନରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବାମଣ୍ଡା ଦଳ ଟସ ଜିତି ବ୍ୟାଟିଂ କରି ୩୫ ଓଭରରେ ୫ ଉଇକେଟ ହରାଇ ୨୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର ଦଳ ୩୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୦୯ ରନ୍ କରି ପରାଜିତ ହୋଇଥିଲା। ଆଜିର ମ୍ୟାଚ୍‌ରେ ବାମଣ୍ଡା ଦଳର କିରନ ନାଏକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଏମ୍‌ଡି ଅବୁଜାର ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବା ବେଳେ ରୋମି ନାୟକ ସ୍କୋରର ଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ ପ୍ରଧାନ, ଅଶୋକ ନନ୍ଦ, ଅଭୟ ନନ୍ଦ, ସୁବାଷ ପୃଷ୍ଟି, ବେଣୁଧର ଗଡନାଏକ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।



କିରନ ନାଏକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଉଛି।

# ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ସମାରୋହ ସମ୍ପନ୍ନ

**ରାଉରକେଲା ଅଫିସ,୧୩।୨**

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ଗତ ୧୦ ତାରିଖଠାରୁ ଚାଲିଥିବା ସର୍ବଭାରତୀୟ ଆନ୍ତଃ ଏନ୍‌ଆଇଟି କ୍ରୀଡ଼ା ସମାରୋହ ସୋମବାର ଶେଷ ହୋଇଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ କ୍ରୀଡ଼ା ସମାରୋହକୁ ଶୁଭାରମ୍ଭ କରିଥିଲେ। ଶାରୀରିକ ଓ ମାନସିକ ସ୍ତରରେ ଶକ୍ତିଶାଳୀ ହେବାକୁ ହେଲେ ପ୍ରତିଦିନ ଖେଳ ଅଭ୍ୟାସ ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏଥିରେ ଦେଶର ୨୬ଟି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ୭୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମାରୋହରେ ଖୋଖୋ, ସନ୍ତରଣ, ଫୁଟ୍‌ବଲ ଆଦି କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଖୋଖୋରେ ରାଉରକେଲା ଏନ୍‌ଆଇଟି, ଫୁଟ୍‌ବଲରେ ଅରୁଣାଚଳ ଏନ୍‌ଆଇଟି ଦଳ ବିଜେତା ଓ ରାଉରକେଲା ଏନ୍‌ଆଇଟି ଦଳ ଉପବିଜେତା ରହିଥିଲେ। ସେହିପରି ପୁରୁଷ ବର୍ଗ ସନ୍ତରଣରେ ଏନ୍‌ଆଇଟି ତ୍ରାଚୀ ଦଳ ବିଜେତା ହୋଇଥିବା ବେଳେ ମହିଳା ବର୍ଗ ସନ୍ତରଣରେ ଏନ୍‌ଆଇଟି ନାଗପୁର ବିଜେତା ଓ ରାଉରକେଲା ଦଳ ଉପବିଜେତା ଘୋଷିତ ହୋଇଥିଲେ। ରାଉରକେଲା ଏନ୍‌ଆଇଟି ଖେଳ ଓ କ୍ରୀଡ଼ା ବିଭାଗ ଉପସଭାପତି ପ୍ରଫେସର ରମେଶ କୁମାର ମହାପାତ୍ର, ଡକ୍ଟର ମୟଙ୍କ ଯାଦବ ଓ କ୍ରୀଡ଼ା ଅଧିକାରୀ ଟି. ଆର୍. ପଟ୍ଟନାୟକ ସହଯୋଗ କରିଥିଲେ।


ବିଜେତା ରାଉରକେଲା ଏନ୍‌ଆଇଟିର ଛାତ୍ରୀଛାତ୍ର।

**'ଜିଓ'ର ସ୍ୱତନ୍ତ୍ର ଭାଲେଣ୍ଟାଇନ୍ସ ଡେ ଅଫର**

ନୂଆଦିଲ୍ଲୀ: ରିଲାଏନ୍ସ ଜିଓ ପକ୍ଷରୁ ସ୍ୱତନ୍ତ୍ର ଭାଲେଣ୍ଟାଇନ୍ସ ଡେ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହି ଅଫର ଜରିଆରେ ଜିଓ ୨୪୯, ୮୯୯ ଓ ୨,୯୯୯ ପ୍ଲାନ ସହ ଅତିରିକ୍ତ ଡାଟା ଓ ଅନେକ କିଛି ସୁବିଧା ଜିଓ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ଜିଓର ୩୪୯ ଟଙ୍କା ଏବଂ ୮୯୯ଟଙ୍କାର ପ୍ଲାନ ସହ 'ଭାଲେଣ୍ଟାଇନ୍ସ ଡେ' ଅଫର ଜାରି କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ବିନା କୌଣସି ଅତିରିକ୍ତ ଚାର୍ଜରେ ୧୨ଜିବି ମାଗଣା ଡାଟା ପାଇପାରିବେ। ସେହିପରି ଜିଓର ୮୯୯ ଟଙ୍କା ପ୍ଲାନରେ ଦୈନିକ ୨.୫ଜିବି ଡାଟା, ଅସୀମିତ ଭଏସ୍ କଲିଂ ଏବଂ ଦୈନିକ ୧୦୦ଟି ମାଗଣା ଏମ୍ଏମ୍ଏସ୍ ପାଇପାରିବେ।

# ଜାନୁୟାରୀରେ ୨,୯୮,୦୯୩ ୟୁନିଟ୍ ଘରୋଇ ପିଭି ବିକ୍ରି

**ନୂଆଦିଲ୍ଲୀ, ୧୩।୨**



ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସ ପରେ ଦେଶରେ ଘରୋଇ ଯାତ୍ରୀବାହୀ ଗାଡ଼ି (ପିଭି) ବିକ୍ରିରେ ବୃଦ୍ଧି ଘଟିଛି। ଏପରିକି ଯାତ୍ରୀବାହୀ ଗାଡ଼ି ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ବିଶେଷକରି ୨୦୨୩ ଜାନୁୟାରୀରେ ୨,୯୮,୦୯୩ ୟୁନିଟ୍ ପିଭି ଗାଡି ବିକ୍ରି ହୋଇଥିବା ଜଣାପଡିଛି। ଏ ନେଇ ସୋମବାର ସୋସାଇଟି ଅଫ୍ ଇଣ୍ଡିଆନ୍ ମାନୁଫାକଚର୍ସ (ଏସଆଇଏଏମ୍) ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ଏସଆଇଏଏମର ସୂଚନା ଅନୁଯାୟୀ ୨୦୨୩ ଜାନୁୟାରୀରେ ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ୧୭.୨୩% ବୃଦ୍ଧି ଘଟି ୨,୯୮,୦୯୩ ୟୁନିଟ୍‌ରେ ପହଞ୍ଚିଛି। ଏପରିକି ୨୦୨୨ ଜାନୁୟାରୀରେ ଘରୋଇ ଯାତ୍ରୀବାହୀ ଗାଡ଼ିର ୟୁଟିଲିଟି ଯାନ(ୟୁଭି) ସେଗମେଣ୍ଟରେ ୧,୧୬,୯୬୨ ୟୁନିଟ୍ ବିକ୍ରି ହୋଇଥିଲା। ହେଲେ ଗତ ବର୍ଷ ଜାନୁୟାରୀ ମାସ ତୁଳନାରେ ଚଳିତ ବର୍ଷ ଜାନୁୟାରୀରେ ୟୁଭି ବିକ୍ରିରେ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ୨୦୨୩ ଜାନୁୟାରୀରେ ୟୁଭି ୧,୪୯,୩୨୮ ୟୁନିଟ୍ ବିକ୍ରି ହୋଇଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୨୮% ଅଧିକ ବୋଲି ଏସଆଇଏଏମ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨ଚକିଆ ଯାନ ବିକ୍ରି ୩.୮୧% ବୃଦ୍ଧି ପାଇ ୧,୧୮୪ ମିଲିୟନ ୟୁନିଟ୍‌ରେ ରହିଛି। ଏ ସମ୍ପର୍କରେ ଏସଆଇଏଏମର ମହାନିର୍ଦ୍ଦେଶକ ରାଜେଶ ମେନନ କହିଛନ୍ତି, ପ୍ରଥମ ଥର ପାଇଁ ଜାନୁୟାରୀରେ ଯାତ୍ରୀବାହୀ ଗାଡ଼ି ବିକ୍ରି ସବୁଠୁ ଉଚ୍ଚସ୍ତରରେ ପହଞ୍ଚିଛି। ଏପରିକି ୨୦୨୨ ଏପ୍ରିଲରୁ ୨୦୨୩ ଜାନୁଆରୀ ଶେଷ ସୁଦ୍ଧା ଦେଶର ଯାତ୍ରୀବାହୀ ଗାଡ଼ିର ବିକ୍ରିର ସଂଖ୍ୟା ୩ ମିଲିୟନ ୟୁନିଟ୍ ପାର୍ କରିଛି। ବିଶେଷ କରି ୨୦୨୨ ଜାନୁୟାରୀ ତୁଳନାରେ ୨୦୨୩ ଜାନୁୟାରୀରେ ଏଲ୍୫ କାଟାଗୋରିର ୩ ଚକିଆ ଯାନର ବିକ୍ରି ମଧ ଦୁଇଗୁଣ ବଢିଛି, ଠିକ୍ ସେହିପରି ୨ ଚକିଆ ଯାନ ମାତ୍ର ୪% ବୃଦ୍ଧି ଘଟିଥିବା ଜଣାପଡିଛି ବୋଲି ସେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏସଆଇଏଏମର ସୂଚନା ଅନୁଯାୟୀ ୨୦୨୩ ଜାନୁୟାରୀରେ କାର୍ ନିର୍ମାଣକାରୀ କମ୍ପାନୀ ୫୫,୪୫୧ ପିଭି ୟୁନିଟ୍ କାର ରପ୍ତାନି କରିଛନ୍ତି। ହେଲେ ୨୦୨୨ର ସମାନ ଅବଧି ମଧ୍ୟରେ ଉକ୍ତ କାରର ରପ୍ତାନି ସଂଖ୍ୟା ୪୦,୭୮୧ ୟୁନିଟ୍ ଥିଲା। ଅପରପକ୍ଷରେ ୩ଚକିଆ ଯାନର ରପ୍ତାନି ହ୍ରାସ ପାଇଛି। ଏପରିକି ୨୦୨୨ ଜାନୁୟାରୀରେ ୩୯,୧୫୧ ୟୁନିଟ୍ ତିନି ଚକିଆ ଯାନ ରପ୍ତାନି ହୋଇଥିବାବେଳେ ୨୦୨୩ ଜାନୁୟାରୀରେ ତାର ପରିମାଣ ୨୩,୦୮୦ ୟୁନିଟକୁ ଖସି ଆସିଛି। ସେହିପରି ୨ଚକିଆ ଯାନର ରପ୍ତାନି ୪୦.୭୬ % ହ୍ରାସ ଘଟି ୨,୨୦,୧୦୩ ୟୁନିଟ୍‌ରେ ରହିଛି।

# ବିଓବି ପକ୍ଷରୁ 'ଡିଜିଟାଲ ଋଣ' କର୍ମଶାଳା




**ନୂଆଦିଲ୍ଲୀ, ୧୩।୨**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ନିକଟରେ ଏକ ଜାତୀୟ ସ୍ତରର କର୍ମଶାଳା 'ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀ' ପଞ୍ଜାବର ଅମୃତସରଠାରେ ଆୟୋଜିତ ହୋଇଯାଇଛି। ବିଶେଷକରି ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକ ନିମନ୍ତେ 'ଡିଜିଟାଲ ଋଣ' ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ ହିନ୍ଦୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶର ପ୍ରମୁଖ ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଉକ୍ତ ସମ୍ମିଳନୀର ପୃଷ୍ଠଭୂମି ଉପରେ ବିଓବିର ରାଜଭାଷା ଏବଂ ସଂସଦୀୟ ସମିତିର ମୁଖ୍ୟ ସଞ୍ଜୟ ସିଂହ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ଡିଜିଟାଲୀକରଣ ପ୍ରକ୍ରିୟା ଉପରେ ସଚେତନତା ଆଣିବା ନିମନ୍ତେ 'ଡିଜିଟାଲ ଋଣ' ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଉଛି ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ବିଓବି ଦ୍ୱାରା ଦୀର୍ଘ ୯ବର୍ଷ ଧରି ଏହି ପ୍ରକାରର ହିନ୍ଦୀ ସମ୍ମିଳନୀର ଆୟୋଜନ କରାଯାଉଛି। ଯେଉଁଥିରେ ବ୍ୟାଙ୍କ, ବୀମା କମ୍ପାନୀ ଏବଂ ଅନ୍ୟାନ୍ୟ ବିତ୍ତୀୟ ସଂସ୍ଥାଗୁଡିକର କର୍ମଚାରୀମାନେ ଯୋଗ ଦେଉଛନ୍ତି। ଏହି ଅବସରରେ ବିଓବି ଅମୃତସର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସତ୍‌ପାଲ ମେହେର ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଆଶୋକ କୁମାର ବିଶେଷ ଭାବେ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ବ୍ୟାଙ୍କ ଏବଂ ଅନ୍ୟ ବିତ୍ତୀୟ ସଂସ୍ଥାଗୁଡିକର ଉଚ୍ଚାଧିକାରୀଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଶେଷକରି ବିଓବିର ସହାୟକ ମହାପ୍ରବନ୍ଧକ (ରାଜଭାଷା ଏବଂ ସଂସଦୀୟ ସମିତି) ପୁନୀତ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ

**ଭୁବନେଶ୍ୱର, ୧୩।୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସୋମବାର ଆର୍ଥିକ ସାକ୍ଷରତା ସପ୍ତାହ-୨୦୨୩ର ଆୟୋଜନ କରାଯାଇଥିଲା। ଏପରିକି ଚଳିତ ବର୍ଷର ଆର୍ଥିକ ସାକ୍ଷରତା ସପ୍ତାହର ଉଦ୍‌ଘାଟନ ଉତ୍ସବ ଆରବିଆଇର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆରବିଆଇ, ରାଜ୍ୟ ସରକାର, ନାବାର୍ଡ, ଏସ୍‌ବିଆଇ ସମେତ ଅନ୍ୟାନ୍ୟ ବ୍ୟାଙ୍କଗୁଡିକର ବରିଷ୍ଠ ଅଧିକାରୀମାନେ ମଧ ଯୋଗ ଦେଇଥିଲେ। ବିଶେଷ କରି ଉକ୍ତ ଉତ୍ସବ ଜରିଆରେ ବରିଷ୍ଠ ଅଧିକାରୀମାନେ ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ବିସ୍ତାର କରିବାର ଉପାୟଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଆର୍‌ବିଆଇର ଆର୍‌ଓ ଭୁବନେଶ୍ୱର ପକ୍ଷରୁ ସାରା ରାଜ୍ୟରେ ବିଭିନ୍ନ ଆର୍ଥିକ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରିବ।

ସୂଚନାଯୋଗ୍ୟ ୨୦୧୬ରୁ ଆରବିଆଇ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ବାର୍ତ୍ତାଗୁଡିକର ପ୍ରସାର ପାଇଁ ପ୍ରତି ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ ଆୟୋଜନ କରିଆସୁଛି। ଚଳିତ ବର୍ଷର ଆର୍ଥିକ ସାକ୍ଷରତା ସପ୍ତାହ ପାଇଁ 'ସଠିକ୍ ଆର୍ଥିକ ଆଚରଣ,ରଖେ ଆପଣଙ୍କ ସୁରକ୍ଷାର ଧ୍ୟାନ' ଶୀର୍ଷକ ବିଷୟବସ୍ତୁର ଆୟୋଜନ କରାଯାଇଥିଲା। ଯେଉଁଥିରେ ସଞ୍ଚୟ, ଯୋଜନା, ବଜେଟ ଏବଂ ଡିଜିଟାଲ୍ ଆର୍ଥିକ ସେବାଗୁଡିକର ବୁଝିବିଚାରି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି, ଯାହାକି ଆର୍ଥିକ ଶିକ୍ଷା ଜାତୀୟ ରଣନୀତି ୨୦୨୦-୨୫ର ମୁଖ୍ୟ ଉଦ୍ଦେଶ୍ୟ ସହ ମେଳ ଖାଉଛି। ଉକ୍ତ ବିଷୟବସ୍ତୁ ଉପରେ ଅତ୍ୟାବଶ୍ୟକ ଆର୍ଥିକ ସଚେତନତା ବାର୍ତ୍ତା ପ୍ରସାରଣ କରିବା ପାଇଁ ଆରବିଆଇ ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ଏକ କେନ୍ଦ୍ରୀୟ ଗଣମାଧ୍ୟମ ଅଭିଯାନ କରିବ। ଏପରିକି ଆରବିଆଇର ଆଞ୍ଚଳିକ କାର୍ଯ୍ୟାଳୟଗୁଡିକ ମଧ୍ୟ ବିଭିନ୍ନ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରିବ ବୋଲି ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ଉଦ୍ଦେଶ୍ୟରେ ବିଷୟବସ୍ତୁ ଏବଂ ବାର୍ତ୍ତା ପ୍ରଚାରକୁ ଉତ୍ସାହିତ କରିବାରେ ବିଭିନ୍ନ ହିତାଧିକାରୀଙ୍କ ଉଦ୍ୟମ ପାଇଁ ଅନୁରୋଧ କରାଯାଉଛି।

# ଜୟପୁରରେ ସ୍ମାର୍ଟ ବଜାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

**ଭୁବନେଶ୍ୱର, ୧୩।୨**




ରିଲାଏନ୍ସ ରିଟେଲରର ପ୍ରମୁଖ ସଂସ୍ଥା 'ସ୍ମାର୍ଟ ବଜାର'ର ଆଉ ଏକ ଏକ୍ସକ୍ଲୁସିଭ ଆଉଟଲେଟ ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କୋରାପୁଟ ଜିଲା ଜୟପୁରର ରାଜାନଗର ଚୌକ ମେନରୋଡଠାରେ ଅବସ୍ଥିତ ଏସ୍‌ଆର୍ ସେଣ୍ଟ୍ରାଲ ମଲ୍ ପରିସରରେ ସ୍ମାର୍ଟ ବଜାରର ନୂତନ ତଥା ପ୍ରଥମ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ୧୫,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ ଏହି ବୃହତ୍ ଆଉଟଲେଟକୁ ଆକର୍ଷଣୀୟ ଭାବେ ଡିଜାଇନ କରାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ବୃହତ୍ତର ସଞ୍ଚୟ ଏବଂ ଉନ୍ନତର କିଣାକିଣି ଅନୁଭୂତି ପ୍ରଦାନ ନିମନ୍ତେ ଏହା ଆରମ୍ଭ କରାଯାଇଛି। ସେହିଭଳି ଏଠାରେ ତେଜରାତିଠାରୁ ଆରମ୍ଭକରି ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରୀ, କିଚେନ ୱେର, ହୋମୱେର, ପୋଷାକ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭଳି ବହୁବିଧ ବର୍ଗର ଉତ୍ପାଦ ଉପଲବ୍ଧ। ଏହା ମଧ ଗ୍ରାହକଙ୍କୁ ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ୫% ରିହାତି ଏବଂ ସ୍ୱତନ୍ତ୍ର ଋତୁକାଳୀନ ଅଫର ସହ ବିଶେଷ ସମୟରେ ମହାସଞ୍ଚୟର ସୁଯୋଗ ପ୍ରଦାନ କରୁଛି। ସେହିପରି ଉକ୍ତ ଆଉଟଲେଟରେ ପ୍ରକ୍ରିୟାକୃତ ଖାଦ୍ୟ ଓ ପାନୀୟ, ପର୍ସନାଲ କେୟାର, ହେଲ୍‌ଥ କେୟାର, ସ୍ୱାସ୍ଥ୍ୟରକ୍ଷା, ଫାବ୍ରିକ, ହୋମକେୟାର ଏବଂ ହୋମଡେକୋର ଭଳି ସାମଗ୍ରୀ ଉପଲବ୍ଧ ହେବ। ଏପରିକି ବିଭିନ୍ନ ବ୍ରାଣ୍ଡର ବିପୁଳ ସମ୍ଭାର ଆକର୍ଷଣୀୟ ଅଫର ଜରିଆରେ ଯୋଗାଇ ଦେବ। ଅପରପକ୍ଷରେ ସ୍ମାର୍ଟ ବଜାରରେ କିଣାକିଣିର ସ୍ୱତନ୍ତ୍ର ଫାଇଦା ହେଉଛି, ଯେତେ ଅଧିକ ମୂଲ୍ୟର କିଣାକିଣି କରିବେ,ସେତେ ଅଧିକ ସଞ୍ଚୟ କରିବେ। ଉଦାହରଣ ସ୍ୱରୂପ, ଜଣେ ଗ୍ରାହକ ସର୍ବନିମ୍ନ ୧୪୯୯ଟଙ୍କା ମୂଲ୍ୟର କିଣାକିଣି କଲେ ଏକ କିଲୋ ଚିନି ମାତ୍ର ୯ଟଙ୍କାରେ ପାଇବେ। ଏହାର ସଚେତନ ଗ୍ରାହକ ସହଯୋଗୀ ଓ କାର୍ଯ୍ୟକାରିତାଗତ ଡିଜାଇନ ଏବଂ ଲେ ଆଉଟ ସହିତ ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦଗୁଡିକୁ ନେଇ ସ୍ମାର୍ଟ ବଜାର ଗ୍ରାହକଙ୍କର ହୃଦୟ ଜିଣିବାରେ ଲାଗିଛି ଏବଂ ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶ ବିଶେଷ ହୋଇଛି।

# ବିଓଏମ୍‌ର ୩ୟ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ, ୧୩।୨**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଶେଷ ସୁଦ୍ଧା ବିଓଏମର ଅଭିବୃଦ୍ଧି ୧୩୯ % ହାରରେ ୭୭୫ କୋଟି ଟଙ୍କା ଲାଭ ହୋଇଥିବା ଜଣାପଡିଛି। ଅପରପକ୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ କ୍ଷେତ୍ରରେ ୬୫% ଅଭିବୃଦ୍ଧି ଘଟି ୨୯,୧୭୫ କୋଟି ଟଙ୍କା ଲାଭ ହୋଇପାରିଛି। ଲାଭର ପ୍ରତିଶତ ଅନୁଯାୟୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ବିଓଏମ୍‌ର ପୁଣେ ମୁଖ୍ୟ କାର୍ଯ୍ୟାଳୟର ସୂଚନା ଅନୁସାରେ ଏହି ଫଳାଫଳ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଶେଷ ସୁଦ୍ଧା ସମସ୍ତ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏକତ୍ରିତ ଭାବେ ୬୫% ଅଭିବୃଦ୍ଧି ହାରରେ ୨୯,୧୭୫କୋଟି ଟଙ୍କା ଲାଭ କରିଛନ୍ତି। ଯାହା ପୂର୍ବବର୍ଷ ଏହି ସମୟରେ ୧୭,୭୨୯କୋଟି ଟଙ୍କା ଥିଲା। ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ପୁଞ୍ଜି ସ୍ୱଚ୍ଛଳତା ହାର ୧୭.୫୩ % ରହିଥିବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ଏହା ସର୍ବାଧିକ ଅଟେ। ୨୦୨୨ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୯୪% କୁ ହ୍ରାସ ପାଇଥିଲା ବେଳେ ନେଟ୍ ଏନ୍‌ପିଏ ହ୍ରାସ ପାଇ ୦.୪୭% ରେ ପହଞ୍ଚିଛି।

## ଫୁରସତ୍

# ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବ ଚନ୍ଦ୍ର ଧୂଳି

**ୱାଶିଂଟନ୍**



ଚନ୍ଦ୍ରରେ ଉଡୁଥିବା ଧୂଳି ପୃଥିବୀକୁ ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବାରେ ସହାୟକ ହୋଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସେମାନଙ୍କ ମତରେ ଚନ୍ଦ୍ର ପୃଷ୍ଠର ଧୂଳି ମହାକାଶକୁ ବିସ୍ତାର କରି ଏହା ପୃଥିବୀକୁ ଆସୁଥିବା ସୌର ବିକିରଣ ପାଇଁ ଢାଲ ଭାବରେ କାର୍ଯ୍ୟ କରିପାରିବ। ପୃଥିବୀରେ ଉତ୍ତାପ ଏବଂ ତାପମାତ୍ରାର ସବୁଠାରୁ ବଡ କାରଣ ହେଉଛି ସୂର୍ଯ୍ୟଙ୍କଠାରୁ ଆସୁଥିବା ଆଲୋକ ବା ଶକ୍ତି ଏବଂ ପୃଥିବୀର ପରିଚାଳନା। ଉତ୍ତାପ ଆକାରରେ ଏହି ଶକ୍ତିର ବୃଦ୍ଧି ଜଳବାୟୁ ପରିବର୍ତ୍ତନକୁ ପ୍ରଭାବିତ କରେ। ଶକ୍ତି ଅନେକ ରୂପରେ ସଂରକ୍ଷିତ, ଯାହାକୁ ସିଙ୍କ କୁହାଯାଏ। ଏଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାର୍ବନ ସିଙ୍କ, କାରଣ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି କେବଳ ଏହି ସିଙ୍କରୁ ଆସୁଥିବା ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ପରିମାଣ ବୃଦ୍ଧି । ନୂତନ ଅଧ୍ୟୟନରେ ଅନ୍ୟ ଏକ ଦିଗକୁ ଦୃଷ୍ଟି ଦିଆଯାଇଛି। ଚନ୍ଦ୍ର ଧୂଳି ବାୟୁମଣ୍ଡଳରେ ଏକ ପରଦା ଭାବରେ କାର୍ଯ୍ୟ କରିପାରେ। ଯାହାଦ୍ୱାରା ସୂର୍ଯ୍ୟଙ୍କଠାରୁ ଆସୁଥିବା ବିକିରଣକୁ ହ୍ରାସ କରାଯାଇପାରିବ। ଅନୁସନ୍ଧାନକାରୀମାନେ ପ୍ରସ୍ତାବ ଦେଇଛନ୍ତି ଯେ ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ଥିବା ଏକ ସ୍ପେସ ଷ୍ଟେଶନ ଦ୍ୱାରା ବାୟୁମଣ୍ଡଳର ଏହି ଧୂଳି ବିସ୍ତାର ହୋଇପାରିବ। ଯେଉଁଥିପାଇଁ ଏହି ଧୂଳି ଏକ ପରଦା ଭାବରେ କାମ କରିବ। କୁହାଯାଉଛି ଯେ ଏହି ପଦ୍ଧତି ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ସୁରକ୍ଷା ଦେବାକୁ ସକ୍ଷମ ହୋଇ ପାରିବ।

# ଗ୍ରାଣ୍ଡ ରିସେପ୍ସନ ପାର୍ଟି ଦେଲେ ସିଦ୍ଧାର୍ଥ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଓ କିଆରା ଆଡଭାନୀ ରବିବାର ଦିଲ୍ଲୀରେ ଏକ ଗ୍ରାଣ୍ଡ ରିସେପ୍ସନ୍ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ସାମିଲ ହୋଇଥିଲେ। ଅଜୟ ଦେବଗନ, କାଜଲ, ଆଲିଆ ଭଟ୍ଟ, ପ୍ରମୁଖ କଳାକାର ଏହି ପାର୍ଟିରେ ଯୋଗ ଦେଇଥିଲେ। ଆର୍ମି ଅଫିସର ବିକ୍ରମ ବାତ୍ରାଙ୍କ ପରିବାର ମଧ ଏହି ପ୍ରୋଗ୍ରାମକୁ ଆସିଥିଲେ। ବିକ୍ରମଙ୍କ ବାୟୋପିକ୍‌ରେ ସିଦ୍ଧାର୍ଥ ଓ କିଆରା କାମ କରିଥିବାବେଳେ ସେହିଠାରୁ ଦୁହିଁଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଅନେକଙ୍କ ବିଶ୍ୱାସ ରହିଛି। ତେବେ ନୂଆ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବା ସିଦ୍ଧାର୍ଥ ଓ କିଆରା କଳାରଙ୍ଗର ଡ୍ରେସ୍ ପିନ୍ଧି ଉଭୟଙ୍କ ହାତ ଧରି ଏଣ୍ଟ୍ରି କରିଥିଲେ। ସେମାନେ ସେଲିବ୍ରିଟିଙ୍କ ସହ ପାର୍ଟିକୁ ମନଭରି ଉପଭୋଗ କରୁଥିବାର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାର ହେବାରେ ଲାଗିଛି। ଗତ ୭ ତାରିଖରେ ସିଦ୍ଧାର୍ଥ ଓ କିଆରା ରାଜସ୍ଥାନରେ ବିବାହ କରିଥିଲେ। ଏଥିରେ ଉଭୟଙ୍କ ପରିବାର ସଦସ୍ୟଙ୍କ ସହ ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ବିବାହ ସମାରୋହରେ ଉପସ୍ଥିତ ଥିଲେ।

# ଚାଷୀ ବିକଶିତ କଲେ ବାଜରା କପ୍

**ପ୍ରୟାଗରାଜ**



ଏହି ପୁଷ୍ଟିକର କପ୍‌ଗୁଡିକର ନାମ ଚା ପିଓ ଏବଂ କୁଲହଡ ଖାଓ ରଖାଯାଇଛି।

ଆଇସକ୍ରିମ ଖାଇବା ପରେ ଲୋକେ କୋନ୍‌କୁ ଚୋବାଇ ଖାଇଥାନ୍ତି। ସେହିଭଳି ଉତ୍ତରପ୍ରଦେଶର ଦେଓରିଆର ଚାଷୀମାନେ ବାଜରାରେ ତିଆରି କପ୍ ବିକଶିତ କରିଛନ୍ତି। ଏହାକୁ ଚା' ପିଇବାରେ ବ୍ୟବହାର କରାଯାଇପାରିବ ଏବଂ ସ୍ନାକ୍ସ ଭାବରେ ମଧ ଚୋବାଇ ଖାଇହେବ। କୌତୂହଳର ବିଷୟ, ଏହି କପ୍ ଗୁଡିକ ଏପରି ଏକ ସମୟରେ ଆସିଛି ଯେତେବେଳେ ୨୦୧୯ ରେ ଭାରତର ପ୍ରସ୍ତାବ ପରେ ୨୦୨୩କୁ ମିଳିତ ଜାତିସଂଘ ଦ୍ୱାରା ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବରେ ଘୋଷଣା କରାଯାଇଛି। ପ୍ରୟାଗରାଜରେ ଚାଲିଥିବା ମାଘ ମେଳାରେ ରାଗି ଏବଂ ମକା ଦ୍ୱାରା ଏହି ଚାଷୀ ଦଳର ସଦସ୍ୟ ଅଙ୍କିତ ରାୟ କହିଛନ୍ତି ଯେ, ପୂର୍ବ ଉତ୍ତରପ୍ରଦେଶର ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଏଭଳି କପଗୁଡ଼ିକର ଚାହିଦା ବହୁଗୁଣିତ ହେବାରେ ଲାଗିଛି। ସେ କହିଛନ୍ତି, ବାଜରାକୁ ଲୋକପ୍ରିୟ କରାଇବା ପାଇଁ ଆମେ ପ୍ରାୟ ଦୁଇ ବର୍ଷ ପୂର୍ବେ ଏଭଳି ଚା'କପ୍ ବିକଶିତ କରିଥିଲୁ। ଆମର ଏକ ସ୍ୱତନ୍ତ୍ର ମେଶିନ ଅଛି। ଏଥିରେ ଆମେ ଏକ ସମୟରେ ୨୪ କପ୍ ତିଆରି କରିପାରୁଛୁ। ପ୍ରାରମ୍ଭରେ, ଆମେ ଦେଓରିଆ, ଗୋରଖପୁର, ସିଦ୍ଧାର୍ଥ ନଗର ଏବଂ କୁସିନଗର ସମେତ ପୂର୍ବ ଉତ୍ତରପ୍ରଦେଶର ଛୋଟ ଗାଁରେ ଚା' ବିକ୍ରେତାମାନଙ୍କ ସହ ଯୋଗାଯୋଗ କରିଥିଲୁ। ବର୍ତ୍ତମାନ ଏଭଳି କପ୍‌ର ଚାହିଦା ପ୍ରୟାଗରାଜ, ବାରାଣସୀ, ଲକ୍ଷ୍ନୌ ଏବଂ ଅନ୍ୟାନ୍ୟ ଜିଲାରେ ବୃଦ୍ଧି ପାଇଛି। ଏହି କପ୍ ଏହିପରି କପ ତିଆରି ପାଇଁ ୫ ଟଙ୍କା ଲାଗିଥାଏ ଏବଂ ଯେତେବେଳେ ଚା ' ପିଇବାକୁ ପ୍ରଦାନ କରାଯାଇଥାଏ ଏଥିପାଇଁ ୧୦ ଟଙ୍କା ଗ୍ରାହକଙ୍କୁ ଦେବାକୁ ପଡ଼ିଥାଏ। ଏହି କପ୍‌ଗୁଡିକ ପରିବେଶ ଉପଯୋଗୀ।

# ଏଭଳି ଗାଁ, ଯେଉଁଠି ନିଜର ନିୟମ ଚାଲେ

**କୁଲ୍ଲୁ:** ଭାରତରେ ଏପରି ଏକ ସ୍ଥାନ ଅଛି, ଯେଉଁଠାରେ ପାର୍ଲାମେଣ୍ଟ ନିୟମ କାମ କରୁନାହିଁ। ଏହି ସ୍ଥାନ ହିମାଚଳ ପ୍ରଦେଶରେ ଅଛି। ଏହି ଗାଁର ନିଜସ୍ୱ ସମ୍ବିଧାନ ରହିଛି। ଏହାର ନିଜସ୍ୱ ପାର୍ଲାମେଣ୍ଟ ଏପରିକି 'ନ୍ୟାୟପାଳିକା' ଅଛି ଯାହା ଏହାର ରାୟ ପ୍ରଦାନ କରେ। କୁଲ୍ଲୁ ଜିଲାର ପ୍ରାୟ ୧୨ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ମଲାନା ଗାଁ ସମ୍ପୂର୍ଣ୍ଣ ଅନନ୍ୟ। ସୁନ୍ଦର ଉପତ୍ୟକା ଘେରା ଏହି ଗାଁ ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରସ୍ଥଳ ଅଟେ। ଏଠାକାର ବାସିନ୍ଦା ନିଜକୁ ଆଲେକ୍ସଜାଣ୍ଡାରଙ୍କ ବଂଶ ବୋଲି କୁହନ୍ତି। କୁହାଯାଏ, ଆଲେକ୍ସଜାଣ୍ଡାରଙ୍କ ଯୁଗର ଖଣ୍ଡା ଗାଁ ମନ୍ଦିରରେ ରହିଛି। ପ୍ରାୟ ୧୭୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ପର୍ଯ୍ୟଟକମାନଙ୍କ ପାଇଁ ବେଶ ପ୍ରସିଦ୍ଧ। ଏହି ଗାଁରେ ପାର୍ଲାମେଣ୍ଟ ପରି ଦୁଇଟି ଘର ଅଛି। ଉପର ଗୃହରେ ୧୧ ଜଣ ସଦସ୍ୟ ଅଛନ୍ତି ଏବଂ ଅନ୍ତିମ ନିଷ୍ପତ୍ତି ଏହି ଗୃହର ହାତରେ ଅଛି। ଏଥିରେ ଗାଁର ତିନୋଟି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଅଛି। ଗୁରୁ, ପୁରୋହିତ ଏବଂ ଜାମଲୁ ଦେବତାଙ୍କ ପ୍ରତିନିଧି। ଏଗୁଡ଼ିକ ସ୍ଥାୟୀ ଏବଂ ଅବଶିଷ୍ଟ ୮ ଜଣ ସଦସ୍ୟ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ମଲାନା ଗ୍ରାମବାସୀ ବାହାର ଲୋକଙ୍କ ସହ ଅଧିକ ସମ୍ପର୍କ ରଖିବାକୁ ଚାହାନ୍ତି ନାହିଁ। ତେଣୁ ସେମାନଙ୍କ ଭିତରେ କେହି ପଶିବା ପାଇଁ ଗ୍ରାମବାସୀ ଚାହାନ୍ତି ନାହିଁ। ଏଠାରେ ନିୟମ ବହୁତ କଠୋର ଅଟେ। ବିବାହ ମଧ ଗାଁ ଭିତରେ ହୋଇଥାଏ। ଏକ ରିପୋର୍ଟ ଅନୁଯାୟୀ, ଲୋକମାନେ ଅନ୍ୟମାନଙ୍କ ସହ ହାତ ମିଳାନ୍ତି ନାହିଁ। ଯଦି ଆପଣ ଏଠାରେ ଥିବା ଦୋକାନରୁ କିଛି କିଣନ୍ତି, ସିଧାସଳଖ ଟଙ୍କା ନେବା ପରିବର୍ତ୍ତେ, ଦୋକାନୀ ଆପଣଙ୍କୁ ଏହାକୁ ରଖିବାକୁ କୁହନ୍ତି ଏବଂ ତା'ପରେ ଉଠାଇ ନିଅନ୍ତି।

## ଭାଜପାର ସେଲ୍‌ଫି ଅଭିଯାନକୁ ବିଜେଡିର କଟାକ୍ଷ

ଭୁବନେଶ୍ୱର, (ବ୍ୟୁରୋ): ସେଲ୍‌ଫି ଅଭିଯାନ ପରିବର୍ତ୍ତେ ମହିଳା ସଶକ୍ତିକରଣ ପାଇଁ ଓଡ଼ିଶା ଭାଜପା ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ ଉଠାଇଥାନ୍ତା ଭଲ ହୋଇଥାନ୍ତା ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି । ଭାଜପାର ସେଲ୍‌ଫି ଅଭିଯାନ ଉପରେ ଗଣମାଧ୍ୟମକୁ ଶ୍ରୀମୟୀ କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନାରେ ୯୦ ଲକ୍ଷ ମହିଳା ୨୦୨୧-୨୨ରେ ସିଲିଣ୍ଡର ରିଫିଲ କରିପାରି ନ ଥିଲେ ଏବଂ ସେମାନେ ଯନ୍ତ୍ରଣା ଭୋଗିଥିଲେ ।


### ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................


ରାଣୀ ଓ ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ: ବିଜୟ

## ଶାସକ ଦଳରୁ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ ବିଜୟ: ବିଜେଡି


କଂଗ୍ରେସ ଭବନରେ ଦଳୀୟ ନେତୃବୃନ୍ଦଙ୍କ ସହ ବିଜୟ ପଟ୍ଟନାୟକ ।

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ୩ ଦିନ ତଳେ କଂଗ୍ରେସରେ ମିଶିଥିବା ବେଳେ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି । ଦିଲ୍ଲୀରୁ ସୋମବାର ଫେରିବା ପରେ ବିଜୟଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ କଂଗ୍ରେସ ନେତା ଓ କର୍ମୀ ସ୍ୱାଗତ କରିବା ସହ ଏକ ରାଲି କରି କଂଗ୍ରେସ ଭବନକୁ ପାଛୋଟି ନେଇଥିଲେ । ସେଠାରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଅନ୍ୟ ନେତାମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି । ପିସିସି ସଭାପତି ଏହି ଅବସରରେ କହିଥିଲେ, ବିଜୟଙ୍କ ଯୋଗଦାନ ଦଳୀୟ କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିବ । ଅନ୍ୟପଟେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ବିଜୟ କହିଛନ୍ତି, ୫-ଟି ଏକ ସ୍ଲୋଗାନ । ସବୁ ବିଭାଗର ସଚିବ ଅଛନ୍ତି, ତାହାହେଲେ ପୁଣି ୫-ଟି କାହିଁକି ଆବଶ୍ୟକ ପଡ଼ିଲା । ଯଦି ସବୁ ବିଭାଗ ଠିକ୍ କାମ କରୁଛନ୍ତି, ତାହାହେଲେ ଏହି ୫-ଟି କ'ଣ କରିବ । ୫-ଟିରେ ସ୍ୱଚ୍ଛତା କଥା କୁହାଯାଉଛି, ହେଲେ ତାହା ବାସ୍ତବରେ ଅଛି ତ ବୋଲି ସେ ପ୍ରଶ୍ନ କରିଛନ୍ତି । ଯେମିତି ଶାସନ ଚାଲିଛି ସବୁ ଅମଲାଙ୍କ ଭିତରେ କ୍ଷୋଭ ରହିଛି । ପୁଣି ସାଧାରଣ ଲୋକଟିଏର କିଛି ଅସୁବିଧା ହେଲେ ସେ କାହାକୁ କହିବ । ବିଧାୟକଙ୍କ ପାଖକୁ ଗଲେ, ସେ କହିବେ ଅଫିସରଙ୍କ ପାଖକୁ ଯାଅ । ଅଫିସରଙ୍କ ପାଖକୁ ଗଲେ ସେ କହିବେ ୩ୟ ମହଲା ବୁଝୁଛି । ୩ୟ ମହଲା ଅପହଞ୍ଚ, ସେଠାକୁ ଖବରଦାତାମାନଙ୍କୁ ମଧ୍ୟ ଯିବାକୁ ମନା । ଏଭଳି ରୁଦ୍ଧଦ୍ୱାର ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ବିଜୟ କରିଛନ୍ତି ।

ଅନ୍ୟପଟେ ବିଜୟଙ୍କ ମନ୍ତବ୍ୟକୁ ବିଜେଡି ପକ୍ଷରୁ ଟାର୍ଗେଟ କରାଯାଇଛି । ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, କଂଗ୍ରେସରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଶାସକ ବିଜୟ ପଟ୍ଟନାୟକଙ୍କ ଆଜି ତାଙ୍କ ପ୍ରଥମ ଖବରଦାତା ସମ୍ମିଳନୀରେ ଯେଉଁ ବକ୍ତବ୍ୟ ରଖିଲେ ତାହା ଶୁଣିଲୁ । ସେଥିରୁ ଲାଗିଲା ସେ କଂଗ୍ରେସ ନୁହେଁ, ବରଂ ଭାଜପାର ଜଣେ ମୁଖପାତ୍ର ଭାବେ କଥା ହେଉଛନ୍ତି । ସମସ୍ତେ ଭଲଭାବେ ଜାଣନ୍ତି, ସରକାରୀ ଚାକିରିରୁ ଅବସର ନେବା ପରେ ବିଜୟ ରାଜନୀତିରେ ଯୋଗଦେଇ କ୍ଷମତାରେ ରହିବା ପାଇଁ କେତେ ବ୍ୟାକୁଳ ଥିଲେ । ଏଥିପାଇଁ ସେ ବିଜେଡିରେ ଯୋଗଦେଇ ରାଜ୍ୟ ସଭା ଯିବାକୁ ଚାହୁଁଥିଲେ । ମାତ୍ର ତାହା ସମ୍ଭବ ନ ହେବାରୁ ସେ ଶେଷରେ ବୁଲିବୁଲି କଂଗ୍ରେସରେ ଯୋଗଦେଲେ । ଏବେଠୁ ଜଣାପଡୁଛି, ଭବିଷ୍ୟତରେ ସେ କଂଗ୍ରେସରେ ରହି ମଧ୍ୟ ଭାଜପାର ମୁଖପାତ୍ର ଭଳି କାମ କରିବେ ବୋଲି ଲେନିନ୍ କହିଛନ୍ତି ।


ସପ୍ତମ ଜନ୍ମଦିନ ଓ ପ୍ରଥମ ଜନ୍ମଦିନର ଶୁଭେଚ୍ଛା



ଲାସ୍ୟା ତାପସୀ (ରାଣୀ)
ଓ
ହନଷିତ ରାଜ (ବାବୁ)
(ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା ।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଈ ଏବଂ ପରିବାରବର୍ଗ
ଧ-୭୩୭୪୭


# ୩ ଦିନ ଆନ୍ଦୋଳନ କରିବ ବିଜେଡି

**ପିଏମ୍‌ଜିକେଏୱାଇ ବନ୍ଦ**

**ଆଜି ରାଜଭବନ ସମ୍ମୁଖ**
**୧୫ରେ ସବୁ ପଞ୍ଚାୟତ ମୁଖ୍ୟାଳୟ**
**୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ୍ ସମ୍ମୁଖରେ ଆନ୍ଦୋଳନ**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

କେନ୍ଦ୍ର ସରକାର ତାଙ୍କର ସଦ୍ୟ ବଜେଟରେ କ୍ରୟ ପାଣ୍ଠିରେ ୨୦,୦୦୦ କୋଟି ଟଙ୍କା ହ୍ରାସ କରିଛନ୍ତି । ଏହାସହ ଓଡ଼ିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇଦେବା ଯୋଗୁ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଧାନ ବିକ୍ରି କରିବାରେ ଗୁରୁତର ଭାବେ ପ୍ରଭାବିତ ହେବେ । ପୂର୍ବରୁ ଓଡ଼ିଶାରୁ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠୁଥିବା ବେଳେ ବର୍ତ୍ତମାନ ତାହାକୁ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଛି । କେବଳ ବରଗଡ଼ ପରି ଗୋଟିଏ ଜିଲା ୪ ଲକ୍ଷ ଟନ୍ ଉତ୍ପାଦନ କରେ । ଓଡ଼ିଶାର ଅନ୍ୟ ୨୯ ଜିଲାର ଚାଷୀଙ୍କ ଅବସ୍ଥା କ'ଣ ହେବ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅରୁଣ କୁମାର ସାହୁ ପ୍ରଶ୍ନ କରିଛନ୍ତି । ଏହା ବିରୋଧରେ ବିଜେଡି ୩ ଦିନିଆ ଆନ୍ଦୋଳନ ଲାଗି ଯୋଜନା ପ୍ରସ୍ତୁତ କରିଛି ।

ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)କୁ ବନ୍ଦ କରିଦେଇଛନ୍ତି । ଏହାଦ୍ୱାରା ଗରିବ ଲୋକ ଓ ଚାଷୀ ପ୍ରଭାବିତ ହେବେ । ସେଥିଲାଗି ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଓଡ଼ିଶାର ଚାଷୀଙ୍କ ସମସ୍ତ ଖାଦ୍ୟଶସ୍ୟ ଉଠାଇବାକୁ ଦାବି କରିବ । ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ବିଜେଡି ଓଡ଼ିଶାର କୃଷକଙ୍କୁ ନେଇ ଅବହେଳା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ । ଏହାସହ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ । ପିଏମ୍‌ଜିକେଏୱାଇ କାର୍ଯ୍ୟକ୍ରମ ବନ୍ଦକୁ ବିରୋଧ କରି ଆସନ୍ତା ୧୫ରେ ରାଜ୍ୟର ସମସ୍ତ ୩୦ ଜିଲାରେ ବିଜେଡି ପ୍ରତି ପଞ୍ଚାୟତ ମୁଖ୍ୟାଳୟରେ ସାମୂହିକ ଅଂଶଗ୍ରହଣ ପାଇଁ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜନ କରିବ । ଆସନ୍ତା ୧୬ରେ ବିଜେଡି ପ୍ରତି ଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଓଡ଼ିଶାର ପ୍ରତ୍ୟେକ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବ । ପିଏମ୍‌ଜିକେଏୱାଇ କେନ୍ଦ୍ର ଦ୍ୱାରା ପୁନଃ ଆରମ୍ଭ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସବୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ଯଦି ତାହା ଶୀଘ୍ର ନ ହୁଏ, ତେବେ ବିଜେଡି ରାସ୍ତାକୁ ଓହ୍ଲାଇ ଗରିବ ଏବଂ ଓଡ଼ିଶାର କୃଷକଙ୍କ ଅଧିକାର ପାଇଁ ଲଢ଼ିବ ବୋଲି ଅରୁଣ ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ଅରୁଣ ସାହୁ ।

## ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ଲଦିବାରେ ବିଜେଡି ଓସ୍ତାଦ: ଭାଜପା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ବିଜେଡିର ୩ ଦିନିଆ ବିକ୍ଷୋଭ ଓ ଆନ୍ଦୋଳନ ଡାକରାକୁ ଭାଜପା କଡ଼ା ଭାଷାରେ ସମାଲୋଚନା କରିଛି । ଭାଜପା କାର୍ଯ୍ୟାଳୟଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ନିଜେ କରିଥିବା ଦୋଷକୁ ଅନ୍ୟ ମୁଣ୍ଡରେ ଲଦିଦେଇ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରିତ କରିଚାଲିଛି । ବିଜେଡି ନିଜେ କରୁଥିବା ଚଞ୍ଚକତା, ଦୁର୍ନୀତି, ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ପୋଛି ଦେବାରେ ଓସ୍ତାଦ । କରୋନା ଶେଷ ହେବା ପରେ ସ୍ୱତନ୍ତ୍ର ଭାବେ ମିଳୁଥିବା ମାଗଣା ରିଲିଫ୍ ଚାଉଳ ବନ୍ଦ ହେଲା ଏବଂ ଐତିହାସିକ ନିଷ୍ପତ୍ତିକ୍ରମେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଚାଉଳକୁ ସମ୍ପୂର୍ଣ୍ଣ ମାଗଣା କରିଦେଲେ । ତେଣୁ କୋଭିଡ ସମୟରେ ଦିଆଯାଉଥିବା ରିଲିଫ୍ ଚାଉଳକୁ ନେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ବିଜେଡି ବନ୍ଦ କରୁ ବୋଲି ଗୋଲକ କହିଛନ୍ତି ।

# ଆଇନଶୃଙ୍ଖଳା ପରିସ୍ଥିତି: ଆଜିଠୁ ଭାଜପାର ବିକ୍ଷୋଭ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ରାଜ୍ୟ ସଭାପତି ସମୀର ମହାନ୍ତି ବାରମ୍ବାର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରୁଥିଲେ 'ରାଜ୍ୟ ଶାସନ ବ୍ୟବସ୍ଥାକୁ ଚଳାଉଛି କିଏ' । ରାଜ୍ୟବାସୀଙ୍କ ମନ ଭିତରେ ଏହା ଏବେ ପ୍ରମୁଖ ପ୍ରଶ୍ନ ହୋଇ ରହିଯାଇଛି ବୋଲି ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି । ପ୍ରଥମେ ଷ୍ଟୋରି ପ୍ରସ୍ତୁତ ହୋଇ ଚଳଚ୍ଚିତ୍ର ନିର୍ମାଣ କରାଯିବା ଭଳି ରାଜ୍ୟରେ ମଧ୍ୟ ପ୍ରଥମେ ଷ୍ଟୋରି ପ୍ରସ୍ତୁତ କରାଯାଇ ପରେ କ୍ରାଇମ କରାଯାଉଛି । ଏହା ଅତ୍ୟନ୍ତ ବିପଜ୍ଜନକ । ଗତ କିଛିବର୍ଷ ହେଲା ରାଜ୍ୟରେ ସାଇବର କ୍ରାଇମ, ଶିଶୁ ଅପହରଣ, ଲୁଟ୍, ନାରୀ ନିର୍ଯାତନା ଓ ହତ୍ୟା ଭଳି ଅପରାଧ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି । ତେଣୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ମଙ୍ଗଳବାରଠାରୁ ଭାଜପା ୩ ଦିନିଆ ଆନ୍ଦୋଳନ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୃଗୁ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ସ୍ପଷ୍ଟ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କଲେ । ଏଭଳି ସମ୍ବେଦନଶୀଳ ହତ୍ୟାର ତଦନ୍ତ ମଧ୍ୟ ସେହି ଗୃହ ବିଭାଗର କ୍ରାଇମବ୍ରାଞ୍ଚ ଦ୍ୱାରା କରାଯାଉଛି । ଘଟଣାର ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସତ୍ୟାସତ୍ୟ ସାମ୍ନାକୁ ଆସିଲା ନାହିଁ । ଓଡ଼ିଶାରେ ଯଦି ଜଣେ ମନ୍ତ୍ରୀ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ଲୋକଙ୍କ ଅବସ୍ଥା ନ କହିବା ଭଲ । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୃତ୍ୟୁର ତଦନ୍ତ ବାଟବଣା ପ୍ରତିବାଦରେ ଆସନ୍ତା ୧୪, ୧୫, ୧୬ରେ ପର୍ଯ୍ୟାୟକ୍ରମେ ରାଜ୍ୟବ୍ୟାପୀ ଭାଜପା ଆନ୍ଦୋଳନ କରିବ । ମଙ୍ଗଳବାର ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ୧୫ରେ ରାଜ୍ୟର ସମସ୍ତ ଜିଲା ସଦର ମହକୁମାରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ । ୧୬ରେ ରାଜ୍ୟ ସରକାରଙ୍କୁ ବରଖାସ୍ତ ଦାବିକରି ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଧାରଣା ଦିଆଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ । ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଗାଁ, ପଞ୍ଚାୟତ, ବ୍ଲକରେ କରାଯିବ ବୋଲି ଭୃଗୁ କହିଛନ୍ତି ।



ଖବରଦାତା ସମ୍ମିଳନୀରେ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ଓ ଦଳୀୟ ନେତୃବୃନ୍ଦ ।

**■୧୫ରେ ଜିଲା ସଦର ମହକୁମା ଆଗରେ ବିକ୍ଷୋଭ**
**■୧୬ରେ ରାଜଭବନ ଆଗରେ ଧାରଣା**

## ବାସ୍ତବ ପ୍ରସଙ୍ଗରୁ ନଜର ହଟାଇବାକୁ ପ୍ରୟାସ: ବିଜେଡି

**ଭୁବନେଶ୍ୱର, ୧୩।୨(ବ୍ୟୁରୋ):** ଓଡ଼ିଶା ଭାଜପାର ଏହି ଆନ୍ଦୋଳନ କେବଳ ଓଡ଼ିଶାର ବାସ୍ତବ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବାକୁ ଆଉ ଏକ ଦୁର୍ବଳ ପ୍ରୟାସ ବୋଲି ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାଶ କହିଛନ୍ତି । ଭାଜପା ଖବରଦାତା ସମ୍ମିଳନୀର ଜବାବ ଦେଇ ଗୌତମ କହିଛନ୍ତି, କେନ୍ଦ୍ର ଦ୍ୱାରା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିବା, ଓଡ଼ିଶାକୁ ୭ ଲକ୍ଷ ଘର ଯୋଗାଇ ନ ଦେବା, ଓଡ଼ିଶା ଚାଷୀଙ୍କ ଧାନ କ୍ରୟ ହ୍ରାସ ଏବଂ କେନ୍ଦ୍ର ଦ୍ୱାରା ବଳକା ଚାଉଳ ଉଠାଣ ନ ହେବା ବିଷୟ ଭାଜପା ନେତାମାନେ କେନ୍ଦ୍ର ନିକଟରେ ଉଠାଉ ନାହାନ୍ତି । ସେହିପରି କେନ୍ଦୁପତ୍ର ଉପରେ ୧୮% ଜିଏସ୍‌ଟି ଲଗାଇବା ଏବଂ କେନ୍ଦ୍ର ଦ୍ୱାରା ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାସ୍ ନ ହେବା ଭଳି ପ୍ରସଙ୍ଗକୁ ସେମାନଙ୍କ ଦଳ ଦ୍ୱାରା ଚଳାଯାଉଥିବା ସରକାରଙ୍କ ନିକଟରେ ଉଠାଇବା ଆବଶ୍ୟକ ବୋଲି ଗୌତମ କହିଛନ୍ତି ।







# Classified Everyday
**0674-2580101, 2549949**


REAL ESTATE

**SALE**

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

**Two duplex houses 1200sqft. with land 1024sqft. each at Vaishnov Enclave in Jaydev Vihar for sale. For details Contact- 9437024647, 9098913483.(No Brokers Please).** D-2754

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ । 6370077932. D-74816

**Bhubaneswar Puri Bypass Sai Mandir NH side ଏବଂ ମଙ୍ଗେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390.** D-74812

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ । 7978729819. D-74815

**Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି । 8114929186.** D-74638

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ । 6370077932. D-74817

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

**New Cancer Hospital ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73683

**ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456.** D-74197

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dalina Panda to Seema Tripathy. Henceforth, I shall be known Seema Tripathy, W/o- Deepak Kumar Tripathy for all future purposes. D-74642


CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Newly open full body massage ladies and gents. 9861883292, 8093860513. D-74637

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Newly open health benefits SPA special offer @999 Nayapalli. 7846814019. D-73682

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Remembrance



Sachin Saumitri Dash
07.06.1981-08.02.2023
Lupursingha, Sonepur
(Principal at
K G Saraf Public School
Khariar Road, Nuapada)
Lalita Dash (Wife)
Sivanshi, Sristi &
Dash Family

ଏକାଦଶାହ ଉପଲକ୍ଷେ



୰ପ୍ରଭାତୀ ପ୍ରଧାନ
ଅମଳାପଡ଼ା, ଅନୁଗୋଳ
ଆବିର୍ଭାବ- ତା୨୦।୧୧।୧୯୪୮
ତିରୋଧାନ- ତା୦୪।୦୨।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ: ରାମଚନ୍ଦ୍ର ପ୍ରଧାନ, ବଡ଼ପୁଅ: ସରୋଜ କୁମାର ପ୍ରଧାନ, ବୋହୂ: ରଶ୍ମିରେଖା ପ୍ରଧାନ, ମଝିଆ ପୁଅ: ମନୋଜ କୁମାର ପ୍ରଧାନ, ବୋହୂ: ବିନୋଦିନୀ ସାହୁ, ସାନପୁଅ: ବନୋଜ କୁମାର ପ୍ରଧାନ, ବୋହୂ: ଜୟଶ୍ରୀ ସ୍ୱାଇଁ, ନାତି: ଶୁଭ୍ରାଂଶୁ ସ୍ୱାଇଁ, ୨ ନାତୁଣୀ: (୧) ଅନୁଷା ପ୍ରଧାନ (ବଡ଼), (୨) ଦେବାଂଶୀ ପ୍ରଧାନ (ସାନ)
ଧ-୭୭୫୫


ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# କିଚେନ୍ କପଡ଼ା କଳା ପଡ଼ିଗଲେ



କିଚେନ୍‌କୁ ସଫା କରିବା ଲାଗି ଅଧିକାଂଶ ମହିଳା କପଡ଼ା ବ୍ୟବହାର କରିଥାନ୍ତି। ରୋଷେଇ କରିବା ସମୟରେ ହାତ ପୋଛିବା ପାଇଁ କପଡ଼ାର ସାହାଯ୍ୟ ନେଇଥାନ୍ତି। ଯାହାଦ୍ୱାରା କିଚେନ୍‌ର ଟାୱେଲ ଧୀରେ ଧୀରେ କଳା ପଡ଼ିଯାଏ। ଏମିତିରେ କିଛି ସହଜ ଉପାୟ ଆପଣାଇ ଏହାକୁ ସଫା କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

କିଚେନ୍ କପଡ଼ାରେ ତେଲ ମସଲା ଦାଗ ଲାଗିଯାଏ। ଏହାକୁ ଖାଲିରେ ସଫା କଲେ ଏହା ଭଲଭାବେ ସଫା ହୁଏନାହିଁ। ଏହି ଟାୱେଲରେ ଲାଗିଥିବା ଦାଗ ଅନହାଇଜେନିକ ହୋଇଥାଏ। ଏବେ ଏହି କପଡ଼ାକୁ ସଫା କରିବାକୁ ହେଲେ ପ୍ରଥମେ ଗରମପାଣିର ସହାୟତା ନେଇପାରିବେ। ପ୍ରଥମେ ଗରମ ପାଣି ନିଅନ୍ତୁ । ସେଥିରେ ଅଳ୍ପ ଡିଟରଜେଣ୍ଟ ପକାଇ ପୋଛାହୋଇଥିବା କପଡ଼ାକୁ ସେଥିରେ ପକାନ୍ତୁ। ଆଉ କିଛି ସମୟ ପରେ ଏହାକୁ ଭଲଭାବେ ରଗଡ଼ି ସଫା କରନ୍ତୁ। ପରେ ଏହାକୁ ଭଲଭାବେ ଧୋଇ ଖରାରେ ଶୁଖାଇ ଦିଅନ୍ତୁ।

# ସ୍ପେଶାଲ ହେବ ଭାଲେଣ୍ଟାଇନ୍ସ ଡେ

**ଏହିଦିନ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇଥାଏ। ପାର୍ଟନରଙ୍କ ହୃଦୟରେ କିପରି ଘର କରି ପାରିବେ ସେଥିପାଇଁ କିଛି ସ୍ପେଶାଲ ଗିଫ୍ଟ ପ୍ଲାନିଂ କରନ୍ତୁ। ଯାହାକୁ ଦେଖି ଆପଣଙ୍କ ପାର୍ଟନର ବହୁତ ଖୁସି ହୋଇଯିବେ...**




**ମୋବାଇଲ କଭର:** ସ୍ୱାମୀଙ୍କୁ ଯଦି କିଛି ଉପହାର ଦେବାକୁ ଚାହୁଁଛନ୍ତି ତେବେ ପ୍ଲେନ୍ ମୋବାଇଲ କଭର ଉପରେ ପର୍ଲ କିମ୍ବା ଷ୍ଟୋନ୍ ସାହାଯ୍ୟରେ ହାର୍ଟ ସେପ୍ କରି ସଜାଇ ଦେଇପାରିବେ। ନିଜ ପାର୍ଟନରଙ୍କୁ ଭଲ ଲାଗୁଥିବା ଫଟୋକୁ ଟ୍ରାନ୍ସପରେଣ୍ଟ କଭରରେ ଲଗାଇ ରେଜିନ୍ ସଲ୍ୟୁସନ୍ ଦ୍ୱାରା କଭର ଲଗାଇ ପାରିବେ।

**ଗ୍ରିଟିଂସ୍ କାର୍ଡ:** ଯୁଗ ଯେତେ ବଦଳିଲେ ମଧ୍ୟ ଗ୍ରିଟିଂସ୍ କାର୍ଡର ଚାହିଦା ଏବେ ବି କମିନି। ଏଥିରେ ଆପଣ ଭଲ କୋଟେଶନ ମାଧ୍ୟମରେ ନିଜ ଭାବନାକୁ ଲେଖି ଗିଫ୍ଟ କରନ୍ତୁ।

**ଫଟୋକୋଲାଜ୍:** ନିଜର କିଛି ସ୍ମରଣୀୟ ମୁହୂର୍ତ୍ତକୁ ମନେରଖିବାକୁ ହେଲେ ଆପଣ କିଛି ଫଟୋକୁ କୋଲାଜ୍ କରି ଏକ ଫଟୋଫ୍ରେମ୍‌ରେ ସଜାଇ ପାର୍ଟନରକୁ ଉପହାର ସ୍ୱରୂପ ଦେଇପାରିବେ।

**ରେଜିନ୍ ସୋ ପିସ୍:** ଏବେ ରେଜିନ୍ ସୋ ପିସ୍‌ର ବେଶି ଚାହିଦା ରହିଛି। ଆପଣ କୌଣସି ପେନ୍ ହୋଲ୍‌ଡର କିମ୍ବା ହାର୍ଟ ସେପ୍ ତିଆରି କରି ତାଙ୍କୁ ଦେଇପାରିବେ। କିଛି ଛୋଟ ଛୋଟ ଜିନିଷକୁ ଏଥିରେ ଭରି ମଧ୍ୟ ସଜାଇ ରଖିପାରିବେ।



# ବ୍ୟାଙ୍କ ଲକର ନେବା ପୂର୍ବରୁ...





ବର୍ତ୍ତମାନ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ସେମାନେ ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରୁଛନ୍ତି। ଏବେ ଅନେକ ମହିଳା ନିଜ ଉପାର୍ଜିତ ଟଙ୍କା ରଖିବା କିମ୍ବା ଲୋନ୍ ବିଷୟରେ ବ୍ୟାଙ୍କ ସହ ନିଜକୁ ଜଡ଼ିତ ରଖୁଛନ୍ତି। ଯଦି ସେମାନେ ସେଠାରେ ଲକର ସୁବିଧା ନେଉଛନ୍ତି ତେବେ ସେ ବିଷୟରେ ବିଶଦ ଭାବରେ ଜାଣିବା ନିହାତି ଦରକାର। ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ





ରଖିବା ଲାଗି ବ୍ୟାଙ୍କ ଲକର ଏକ ଉତ୍ତମ ବିକଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ।

**ସୁରକ୍ଷା ଜମା ଲକର୍ସ :** ନିଜର ବହୁମୂଲ୍ୟ ବସ୍ତୁକୁ ସୁରକ୍ଷା ପାଇଁ ଲକର ସୁବିଧା ଆପଣଙ୍କୁ ସୁରକ୍ଷିତ, ବିଶ୍ୱସନୀୟ ସ୍ଥାନରେ ତାକୁ ଷ୍ଟୋର କରିବାକୁ ସୁବିଧା ପ୍ରଦାନ କରିଥାନ୍ତି। ଗ୍ରାହକଙ୍କୁ ଏହାର ବାର୍ଷିକ ଦେୟ ସ୍ୱଳ୍ପ ଆକାରରେ ପୁଣି ଅଗ୍ରିମ ଦେବାକୁ ପଡ଼ିଥାଏ। ବ୍ୟାଙ୍କ ଲକର ସୁବିଧା ଦେଉଥିବା ସମୟରେ ବ୍ୟାଙ୍କ ଏଫ୍‌ଡିଆର୍ ରୂପରେ ନ୍ୟୁନତମ ସୁରକ୍ଷା ଜମା ପ୍ରାପ୍ତ କରିଥାଏ। ଯାହା ବ୍ୟାଙ୍କ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରଣ କରାଯାଇଥାଏ।

**କିପରି ମିଳେ ଲକର:** ଯଦି ଆପଣ ବ୍ୟାଙ୍କରୁ ଲକର ନେବାକୁ ଚାହୁଁଥାନ୍ତି ତେବେ ବ୍ୟାଙ୍କରେ ସେଭିଂ ଖାତା ଥିବା ଆବଶ୍ୟକ। ଏହା ସହିତ ଦୁଇଟି ଫଟୋ, ଗୋଟିଏ ଷ୍ଟାମ୍ପ ପେପର ସହିତ ୧୦ହଜାର ଟଙ୍କାର ଏଫ୍‌ଡି (ଫିକ୍ସଡ ଡିପୋଜିଟ୍) ନେବା ବହୁତ ଜରୁରୀ।

**କିପରି ଖୋଲେ ଲକର:** ଲକର ଖୋଲିବାର ଆଇଡି ପ୍ରୁଫ୍ ଦେଖିବା ପରେ ଲକର ନେଉଥିବା ବ୍ୟକ୍ତିଙ୍କର ହସ୍ତାକ୍ଷର ମିଳାଇଥାନ୍ତି। ଏହା ପରେ ଲକରର ଚାବି ଦିଆଯାଇଥାଏ। ଲକର ସାଧାରଣତଃ ତିନୋଟି ସାଇଜର ହୋଇଥାଏ। ସ୍ମଲ୍, ମିଡିୟମ ଓ ଲାର୍ଜ। ଏହାକୁ ଖୋଲିବା ସମୟରେ ଏକାସଙ୍ଗରେ ଦୁଇଟି ଚାବିର ଆବଶ୍ୟକତା ହୋଇଥାଏ। ଗୋଟିଏ ଚାବି ଗ୍ରାହକ ପାଖରେ ରହୁଥିବା ବେଳେ ଆଉ ଗୋଟେ ଚାବି ବ୍ୟାଙ୍କ ନିକଟରେ ରହିଥାଏ।

**ଲକରର ବ୍ୟବହାର:** ଲକରର ଚାବି ଦାୟିତ୍ୱ ସହକାରେ ରଖନ୍ତୁ। ଏହା ହଜିଗଲେ ଡୁପ୍ଲିକେଟ୍ ଚାବି ପ୍ରସ୍ତୁତ ହେବା ପାଇଁ କାଠିକର ପାଠ ହୋଇଥାଏ। ଆପଣ ଯେଉଁଠି ଚାବି ରଖୁଛନ୍ତି ଆପଣଙ୍କର ଯିଏ ବିଶ୍ୱସ୍ତ ବ୍ୟକ୍ତି ଏ ବିଷୟରେ ସୂଚନା ତାଙ୍କ ନିକଟରେ ରହିବା ଆବଶ୍ୟକ।

**କେତେ ସୁରକ୍ଷିତ:** ବ୍ୟାଙ୍କ ଲକର ଦାମୀ ଜିନିଷକୁ ସୁରକ୍ଷିତ ଓ ଗୋପନୀୟ ରଖିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ବ୍ୟାଙ୍କରେ ଥିବା ଇଲେକ୍‌ଟ୍ରିକ୍ ସର୍ଭିଲାନ୍ସ ଏବଂ ଅନ୍ୟ ପ୍ରକାର ସୁବିଧା ରହିଥାଏ। ସେଥିପାଇଁ ଏହା ଭାଙ୍ଗିବା ଏତେଟା ସହଜ ହୋଇ ନ ଥାଏ।

**ବୀମା ବି ଜରୁରୀ:** ବଜାରରେ ଏମିତି କେତେକ ବୀମା କମ୍ପାନୀ ରହିଛି ଯେଉଁମାନେ କି ବ୍ୟାଙ୍କ ଲକର ଓ ଘରେ ରହୁଥିବା ମୂଲ୍ୟବାନ୍ ଜିନିଷକୁ କଭର କରିପାରୁଥିବେ। ଏଥିପାଇଁ ଆପଣ ଏମିତି ପଲିସି ଚୟନ କରନ୍ତୁ, ଯାହା ଘର ସହିତ ବ୍ୟାଙ୍କ ଲକରକୁ ମଧ୍ୟ ସୁରକ୍ଷା ଦେଇପାରୁଥିବ। ଏହା ଘରର ମୂଲ୍ୟବାନ୍ ଜିନିଷ ଓ ଆଭୂଷଣ ମଧ୍ୟ ସାମିଲ ହୋଇଥାଏ। ଏହା ଚୋରି ହୋଇଗଲେ କିମ୍ବା ଆପଦ୍ ପରିସ୍ଥିତିରେ ଇନ୍‌ସ୍ୟୁରାନ୍ସ ଦ୍ୱାରା କ୍ଷତି ଭରଣା କରାଯାଇଥାଏ।

**ସୁରକ୍ଷିତ ରହିବ କାଗଜପତ୍ର:** ବ୍ୟାଙ୍କ ଲକରରେ ଆପଣ କ'ଣ ରଖୁଛନ୍ତି ଓ ନେଉଛନ୍ତି ଏହାର ସୂଚନା ବ୍ୟାଙ୍କ ପାଖରେ ନ ଥାଏ। ଏପରି ସ୍ଥିତିରେ ଯଦି ବ୍ୟାଙ୍କରେ ଚୋରି ହେଉଛି, ନିଆଁ ଲାଗି ଯାଉଛି କିମ୍ବା ବନ୍ୟାରେ ଜିନିଷ ନଷ୍ଟ ହୋଇଯାଉଛି ସେ ସମୟରେ ଏହାର ମୂଲ୍ୟାୟନ କରିବା ବହୁତ କଷ୍ଟ ହୋଇଥାଏ। ଏହି ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଲକରରେ ରଖାଯାଇଥିବା ଗହଣା କିମ୍ବା ଅନ୍ୟ କିଛି କାଗଜପତ୍ରର ରସିଦ୍ ଯତ୍ନ ସହକାରେ ରଖିବା ଆବଶ୍ୟକ। ବହୁତ ଭଲ ହେବ କୌଣସି ଏକ ବଡ଼ ଜୁଏଲେରି ଦ୍ୱାରା ମୂଲ୍ୟାଙ୍କନ କରି ଏହାର ପ୍ରମାଣପତ୍ର ନିଜ ପାଖରେ ରଖନ୍ତୁ। କ୍ଲେମ୍ କରିବା ସମୟରେ ଏହି ପ୍ରମାଣପତ୍ର ବହୁ କାମରେ ଆସିପାରିବ।

**ଲକରର ଶୁଳ୍କ:** ଆପଣଙ୍କ ଆବଶ୍ୟକତାକୁ ଲକ୍ଷ୍ୟକରି ବ୍ୟାଙ୍କ ଆପଣଙ୍କୁ ଲକର ପ୍ରଦାନ କରିଥାଏ। ଏଥିସହ ଆକାର ଏବଂ ଶାଖା ଅନୁଯାୟୀ ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି। ବଡ଼ ସହରରେ ଲକର ସୁବିଧା ନେବା ପରେ ଅଧିକ ଶୁଳ୍କ ଦେବାକୁ ପଡୁଥିବା ବେଳେ ଛୋଟ ସହରରେ ଶୁଳ୍କ କମ୍ ଦେବାକୁ ପଡ଼ିଥାଏ। ଏହା ବ୍ୟତୀତ ଗ୍ରାହକଙ୍କ ବ୍ୟବହାର ଦେଖି ଏହାର ଶୁଳ୍କ ମଧ୍ୟ ନିର୍ଦ୍ଧାରଣ କରିଥାନ୍ତି।

**ଇ-ଲକରର ସୁବିଧା:** ପାରମ୍ପରିକ ଲକର ବ୍ୟତୀତ ଏବେ ବ୍ୟାଙ୍କ କିଛି କମ୍ପାନୀ ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ଇ-ଲକର ସୁବିଧା ଦେଉଛନ୍ତି। ଏଥିସହ ଆବଶ୍ୟକ ଦସ୍ତାବିଜର ସଫ୍ଟ କପିକୁ ସୁରକ୍ଷିତ ରଖିପାରିବେ। ପ୍ରପର୍ଟିର କାଗଜପତ୍ର, ଲୋନ୍ କାଗଜପତ୍ର, ଟ୍ୟାକ୍ସ ସାର୍ଟିଫିକେଟ୍ ଲୋନ୍ ପେପର୍ସ, ବୀମା ପଲିସି, ଡ୍ରାଇଭିଂ ଲାଇସେନ୍ସ, ପାନ୍‌କାର୍ଡ, ପାସ୍‌ପୋର୍ଟ, ଭୋଟର କାର୍ଡ ଆଦି ସୁରକ୍ଷିତ ରଖିପାରିବେ।

**ଜଏଣ୍ଟ ଲକର:** ଜଏଣ୍ଟ ଆକାଉଣ୍ଟ ପରି ଜଏଣ୍ଟ ଲକରର ସୁବିଧା ମଧ୍ୟ ବ୍ୟାଙ୍କ ଦେଇଥାଏ। ଏଥିରେ ୨ଜଣ ବ୍ୟକ୍ତି ଗୋଟିଏ ସଂଖ୍ୟା ନେଇ ଲକର ଖୋଲିପାରିବେ। ଯିଏ ବି କେହି ତନ୍ମଧ୍ୟରୁ ଯାଇ ଲକର ଖୋଲିପାରିବେ। ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ଗୋଟିଏ ଲକର ଦିଆଯାଇଥାଏ। କାରଣ ଗୋଟିଏ ଶୁଳ୍କରେ ଦୁଇଜଣଙ୍କୁ ବ୍ୟାଙ୍କ ଲକରର ସୁବିଧା ମିଳିଥାଏ।

**ଲକର ନେଇଥିଲେ ଆପଣଙ୍କୁ ଗୋଟିଏ ବର୍ଷରେ ଅତିକମ୍‌ରେ ଦୁଇଥର ଭିଜିଟ୍ କରିବାକୁ ପଡ଼ିଥାଏ। ବ୍ୟାଙ୍କରେ ଆପଣ ଲକର ସୁବିଧା ପାଉଥିଲେ ସେଥିପାଇଁ କିଛି ଦେୟ ମଧ୍ୟ ଦେବାକୁ ପଡ଼େ। ତେବେ ଏହା ପୂର୍ବରୁ କେଉଁ କଥାକୁ ଧ୍ୟାନ ରଖିବେ ଓ ନିଜର ମୂଲ୍ୟବାନ୍ ଜିନିଷକୁ ସୁରକ୍ଷିତ ରଖିପାରିବେ ଜାଣନ୍ତୁ ଏ ସମ୍ପର୍କରେ...**

## ଏମାନେ କ'ଣ କୁହନ୍ତି



**ଲକର ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ:**

*-ନୂପୁର ଚୌଧୁରୀ, ବରିଷ୍ଠ ଶାଖା ପ୍ରବନ୍ଧକ, କାନାରା ବ୍ୟାଙ୍କ, ବିଶାଖାପାଟଣା*

ଯଦି ଆପଣ ବ୍ୟାଙ୍କରେ ଲକର ସୁବିଧା ଉପଲବ୍ଧ କରିବାକୁ ଚାହୁଁଛନ୍ତି ତାହାଲେ ଆପଣ ବ୍ୟାଙ୍କରେ ଏକ୍‌ଜିଷ୍ଟିଂ କଷ୍ଟମର ହେବା ସହିତ ଆପଣଙ୍କର ଆକାଉଣ୍ଟ କେୱାଇସି କମ୍ପ୍ଲାଇନଡ୍ ହୋଇଥିବା ଦରକାର। ଲକର ସୁବିଧା ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖିବାକୁ ହେଲେ ଗୋଟିଏ ମାଷ୍ଟର କି ବ୍ୟାଙ୍କ ପାଖରେ ଥିବା ବେଳେ ଆଉ ଗୋଟେ ୟୁନିକ୍ କି କଷ୍ଟମର ନିକଟରେ ରହିଥାଏ। ଯାହାର ଡୁପ୍ଲିକେଟ୍ କି ବ୍ୟାଙ୍କ ପାଖରେ ନ ଥାଏ କି କମ୍ପାନୀ ନିକଟରେ ନ ଥାଏ। ଆପଣ ଲକରରେ ଯେକୌଣସି ମୂଲ୍ୟବାନ୍ ଜିନିଷ ରଖୁଛନ୍ତି ତା ବିଷୟରେ କୌଣସି ପ୍ରକାର ତଥ୍ୟ ବ୍ୟାଙ୍କ ଆପଣଙ୍କୁ ପଚାରେନି। ଆପଣ ଲକରରେ ରଖିଥିବା ଜିନିଷ ସୁରକ୍ଷିତ। ସେଥିପାଇଁ ବ୍ୟାଙ୍କରେ ଇନ୍‌ସ୍ୟୁରାନ୍ସ ସୁବିଧା ଥାଏ। ଯଦି ଆପଣ ଲକରଟିକୁ ୬ ମାସରୁ ଅଧିକ ସମୟ ଧରି ନନ୍ ଅପରେଶନ କରୁଛନ୍ତି କିମ୍ବା ବାର୍ଷିକ ଶୁଳ୍କ ଠିକ୍ ସମୟରେ ପଇଠ ନ କରୁଛନ୍ତି ସେହି କ୍ଷେତ୍ରରେ ବ୍ୟାଙ୍କ ଆପଣଙ୍କୁ ରିପିଟେଡ୍ ନୋଟିସ୍ ଦେଲା ପରେ ଯଦି ଆପଣ ରେସ୍‌ପଣ୍ଡ କରନ୍ତି ନାହିଁ, ଏହି କ୍ଷେତ୍ରରେ ସାକ୍ଷୀଙ୍କ ଉପସ୍ଥିତିରେ ବ୍ୟାଙ୍କ ବ୍ରେକ୍ ଓପନ କରିଥାଏ। ଯଦି ବି ଆପଣ ଲକର ଚାବି ହଜାଇଥାନ୍ତି ସେ କ୍ଷେତ୍ରରେ ମଧ୍ୟ ବ୍ରେକ୍ ଓପନ୍ ବ୍ୟାଙ୍କ କରାଇଥାଏ। ବ୍ରେକ୍ ଓପନ୍‌ର ଚାର୍ଜେସ ରିକଭରୀ କରିବା ପାଇଁ ଗୋଟିଏ ଫିକ୍ସ ଡିପୋଜିଟ୍ ଲକର ଏଗନେଷ୍ଟରେ ରଖିଥାନ୍ତି। ଫିକ୍ସ ଡିପୋଜିଟ୍ ଆକାରରେ କିଛି ନିର୍ଦ୍ଧାରିତ ଆମାଉଣ୍ଟ ବ୍ୟାଙ୍କ ରଖିଥାଏ।



**କୌଣସି ଅସୁବିଧା ହୋଇନାହିଁ:**

*-ଅଳକାନନ୍ଦା ପଟ୍ଟନାୟକ,* କନିଷ୍ଠ ସହାୟିକା, ଓଡ଼ିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ, ଭୁବନେଶ୍ୱର

ମୁଁ ପ୍ରାୟ ୨୦ବର୍ଷ ହେଲାଣି ଲକର ନେଲିଣି। ଯେହେତୁ ଆଜିକାଲି ଚୋରି ଡକାୟତି ବଢ଼ିଗଲାଣି ସେଥିପାଇଁ ଘରେ ସୁନାଗହଣା ରଖିବା ସୁରକ୍ଷିତ ନୁହେଁ। ଏଥିପାଇଁ ଆମେ ସବୁ ଜିନିଷ ବ୍ୟାଙ୍କ ଲକରରେ ରଖିଛୁ। ମୁଁ କହିବି କି ଲକର ନେବା ଦ୍ୱାରା ଆପଣଙ୍କ ଜିନିଷ ସୁରକ୍ଷିତ ରହିପାରିବ। ଏହା ନେବା ଦ୍ୱାରା କିଛି ବି ଅସୁବିଧା ଏ ପର୍ଯ୍ୟନ୍ତ ହୋଇନାହିଁ।

## ସୌନ୍ଦର୍ଯ୍ୟ

# ଅଫିସ୍ ପରେ ପାର୍ଟି ଯିବାର ଥିଲେ....



**କେବେ କେବେ ମହିଳାଙ୍କୁ ଅଫିସ୍ ପରେ ଘରକୁ ଯାଇ ମେକ୍‌ଅପ୍ ନେବାକୁ ସମୟ ମିଳେନାହିଁ। ସେଥିପାଇଁ ପ୍ରଫେସନାଲ ମେକ୍‌ଅପ୍ ଲୁକ୍ ସହିତ ପାର୍ଟିକୁ ଯିବାକୁ ପଡ଼ିଥାଏ। ଏଥିପାଇଁ ପୂରା ମେକ୍‌ଅପ୍ କିଟ୍ ସାଥିରେ ନେଇଯିବା ସମ୍ଭବ ହୁଏନାହିଁ। ଏଥିପାଇଁ ଆମେ ଆପଣଙ୍କୁ ଆସେସିୟଲ ମେକ୍‌ଅପ୍ ପ୍ରଡକ୍ଟ ବିଷୟରେ ସୂଚନା ଦେଉଛୁ ,ଯାହାକୁ ଆପଣ ନିଜ ହ୍ୟାଣ୍ଡ ବ୍ୟାଗ୍‌ରେ କ୍ୟାରି କରିପାରିବେ।**

**ଫାଉଣ୍ଡେଶନର ବ୍ୟବହାର:** ଫାଉଣ୍ଡେଶନର ବ୍ୟବହାର ମେକ୍‌ଅପ୍ ବେସ୍‌କୁ ପ୍ରୋଭାଇଡ୍ କରିବାରେ ସାହାଯ୍ୟ କରିଥାଏ। ଏମିତିରେ ପ୍ରଥମେ ଆପଣଙ୍କୁ ମୁହଁକୁ ଭଲଭାବେ ଫେସ୍‌ୱାଶ୍ ସାହାଯ୍ୟରେ ସଫାକରି ଟିସୁ ପେପର ସାହାଯ୍ୟରେ ଭଲଭାବେ ପୋଛନ୍ତୁ। ଏବେ ମୁହଁରେ ଫାଉଣ୍ଡେଶନ ଲଗାନ୍ତୁ। ଆପଣ ସ୍କିନ୍ ଅନୁଯାୟୀ ଫାଉଣ୍ଡେଶନ ଚୟନ କରନ୍ତୁ।

**କନସିଲରର ସାହାଯ୍ୟ ନିଅନ୍ତୁ:** କନସିଲର ମୁହଁରୁ ଦାଗକୁ ଲୁଚାଇବାରେ ସାହାଯ୍ୟ କରି ଏହା ମେକ୍‌ଅପ୍‌କୁ ଫିନିସିଂ ଲୁକ୍ ଦେବା ପାଇଁ ସାହାଯ୍ୟ କରିଥାଏ। ଏମିତିରେ କନସିଲରକୁ ଟ୍ରାଇଙ୍ଗଲ ଶେପ୍‌ରେ ହଲ୍‌କା ହଲ୍‌କା ଶେପ୍ ଦିଅନ୍ତୁ। ଏହାପରେ ମୁହଁରେ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ମୁହଁ ଗ୍ଲୋ ନଜର ଆସିବ।

**ଆଇଲାଇନର ଲଗାନ୍ତୁ:** ବେଷ୍ଟ ମେକ୍‌ଅପ୍ ଲୁକ୍ କ୍ୟାରି କରିବାକୁ ହେଲେ ଆଇ ମେକ୍‌ଅପ୍ ଉପରେ ଧ୍ୟାନ ଦେବା ବହୁତ ଜରୁରୀ। ଏମିତିରେ ଆଖିରେ ଆଇଲାଇନର ମେକ୍‌ଅପ୍ ଲଗାଇବାକୁ ହେଲେ ହ୍ୱାଇଟ୍ ପେନ୍‌ସିଲ୍ ବ୍ୟବହାର କରିବା ଭଲ ଅପ୍‌ସନ୍ ହୋଇପାରିବ। ଏଥିସହ ଆଖିରେ ୱାଟର ଲାଇନ୍ ଲଗାଇ ନିଜ ଲୁକ୍‌କୁ ବଦଳାଇ ପାରିବେ।

**କାଜଲ ଲଗାନ୍ତୁ:** କାଜଲକୁ ଆଇ ମେକ୍‌ଅପ୍‌କୁ ଆସେଶିୟଲ ପାର୍ଟ ଧରିନେବାକୁ ପଡ଼ିବ। କାଜଲ୍‌ର ବ୍ୟବହାର ଆଖିକୁ ହାଇଲାଇଟ୍ କରିବା ସହ ମୁହଁର ସୁନ୍ଦରତା ବଢ଼ାଇଥାଏ। ଏମିତିରେ ଆଇଲାଇନର ଲଗାଇବା ପରେ ଆଖିରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।

**ଫେସ୍ ପାଉଡରର ଟଚ୍‌ଅପ୍:** ଫେସ୍ ପାଉଡର ବ୍ୟବହାର କରି ଆପଣ ମେକ୍‌ଅପ୍‌କୁ ଫାଇନାଲ ଟଚ୍‌ଅପ୍ ଦେଇପାରିବେ। ଏମିତିରେ ଆଇଲାଇନର ଲଗାଇବା ପରେ କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ।



**ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ:** କମ୍ପ୍ଲିଟ୍ ମେକ୍‌ଅପ୍ ଲୁକ୍‌କୁ କ୍ୟାରି କରିବାକୁ ଶେଷରେ ଲିପ୍‌ଷ୍ଟିକ୍ ଲଗାଇବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏବେ ଦୁଇ ଓଠ ମଝିରେ ଟିସୁ ପେପର ରଖି ଓଠକୁ ପ୍ରେସ୍ କରନ୍ତୁ। ଏହାପରେ ଓଠରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଓଠ ସୁନ୍ଦର ଲାଗିଥାଏ।

## ଖାଦ୍ୟରୁଚି

# ମସଲା କର୍ନ ଚାଟ୍

**ଆବଶ୍ୟକ ସାମଗ୍ରୀ**

ଏକ ଗିନା କର୍ନ, କଟା ପିଆଜ ଗୋଟେ ଗିନା, ଟମାଟୋ ୧ ଗିନା, କଟା ହୋଇଥିବା କଞ୍ଚାଲଙ୍କା ୨ଟି, ସ୍ୱାଦ ଅନୁସାରେ ଲୁଣ, ଜିରା ପାଉଡର ଅଧା ଚାମଚ, ଚାଟ୍ ମସଲା ଅଧା ମସଲା, ଲେମ୍ବୁରସ ଏକ ଛୋଟ ଚାମଚ, ଧନିଆ ପତ୍ର ଗାର୍ନିସ୍ ପାଇଁ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କର୍ନକୁ ପାଣିରେ ପକାଇ ସିଝାଇ ଦିଅନ୍ତୁ। ଏହାପରେ ପିଆଜ, ଟମାଟୋ, କଞ୍ଚାଲଙ୍କା ଧନିଆ ପତ୍ରକୁ ଛୋଟ ଛୋଟ ଆକାରରେ କାଟି ରଖି ଦିଅନ୍ତୁ। ଏବେ ଏକ ପାତ୍ରରେ କର୍ନ, ପିଆଜ, କଞ୍ଚାଲଙ୍କା, ଟମାଟୋ ଲୁଣକୁ ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏଥିରେ ଜିରା ପାଉଡର, ଚାଟ୍ ମସଲା ଓ ଲେମ୍ବୁରସ ଚିପୁଡ଼ି ପକାନ୍ତୁ। ଏହି ସବୁ ସାମଗ୍ରୀକୁ ଭଲଭାବେ ମିଶାନ୍ତୁ। ଏବେ ଏଥିରେ କଟାହୋଇଥିବା ଧନିଆପତ୍ରକୁ ପକାନ୍ତୁ। ଏବେ ଆପଣଙ୍କ ମସଲା କର୍ନ ଚାଟ୍ ପ୍ରସ୍ତୁତ ହୋଇଗଲା। ଏହାକୁ ଏବେ ଆପଣ ପରଷିପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୪/୨୦୨୩ Bhubaneswar, Tuesday, February 14/ 2023

# ବିର୍ସା ମୁଣ୍ଡାରେ ହେବ ୪ ଜାତୀୟ ଚାମ୍ପିୟନଶିପ୍

## ପ୍ରତି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର
## ଜାତୀୟ ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା



ରାଉରକେଲା ଅଫିସ/ (ସ୍ପୋର୍ଟ୍ସ ବ୍ୟୁରୋ), ୧୩।୨

ଭାରତୀୟ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ ପାଇଁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ୪ଟି ଜାତୀୟ ଟୁର୍ନାମେଣ୍ଟ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ସହ ମିଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ କରିଥିଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ। ବିଭିନ୍ନ ବୟସ ବର୍ଗରେ ଏହି ୪ ଜାତୀୟ ଟୁର୍ନାମେଣ୍ଟ ଆୟୋଜିତ ହେବ। ଏପ୍ରିଲ ୧୩-୨୩ ମଧ୍ୟରେ ଜାତୀୟ ଜୁନିୟର ମହିଳା ଚାମ୍ପିୟନଶିପ୍, ଏପ୍ରିଲ ୨୮-ମେ' ୮ ମଧ୍ୟରେ ଜାତୀୟ ଜୁନିୟର ପୁରୁଷ ଚାମ୍ପିୟନଶିପ୍, ମେ' ୧୩-୨୩ ମଧ୍ୟରେ ଜାତୀୟ ସବ୍‌ଜୁନିୟର ମହିଳା ଚାମ୍ପିୟନଶିପ୍ ଓ ମେ' ୨୮- ଜୁନ୍ ୭ ମଧ୍ୟରେ ଜାତୀୟ ସବ୍‌ଜୁନିୟର ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହାସହିତ ମେ' ୩-୧୪ ମଧ୍ୟରେ ତାମିଲନାଡୁର ମଦୁରାଇରେ ଜାତୀୟ ପୁରୁଷ ଚାମ୍ପିୟନଶିପ୍ ଆୟୋଜିତ ହେବ। ଏହି ସବୁ ଟୁର୍ନାମେଣ୍ଟ ପୂର୍ବରୁ ଜାତୀୟ ଟୁର୍ନାମେଣ୍ଟଗୁଡ଼ିକର ସଂଶୋଧନ ଉପରେ ମଧ୍ୟ ଆଲୋଚନା ହୋଇଛି। ଭିଡିଓ ରେଫରାଲ, ପ୍ଲେୟର ଅଫ୍ ଦ ମ୍ୟାଚ୍ ପରି ବ୍ୟବସ୍ଥାରେ ସଂଶୋଧନ କରାଯିବ। ଅନ୍‌ଲାଇନ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ୍‌କୋଡ୍ ସହିତ ହକି ଇଣ୍ଡିଆର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହାଦ୍ୱାରା ବିଭିନ୍ନ ବୟସ ବର୍ଗର ଖେଳକୁ ଲାଇଭ୍ ଷ୍ଟ୍ରିମ୍ କରିହେବ ବୋଲି ସୂଚନା ଦେଇଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଭିଡିଓ ରେଫରାଲ ବ୍ୟବସ୍ଥା ଲାଗୁ କରାଯିବ, ଯାହାଦ୍ୱାରା ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ମିଳିବ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟସ୍ତରରେ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ ଭିଡିଓ ରେଫରାଲର ପ୍ରକ୍ରିୟା ସମ୍ପର୍କରେ ଜଣାଇବା ପାଇଁ ଏପରି କରାଯାଇଥିବା ସେ କହିଛନ୍ତି। ଫେବୃୟାରୀ ୧୫ରୁ କାକିନାଡ଼ାରେ ଖେଳାଯିବାକୁ ଥିବା ଜାତୀୟ ମହିଳା ଚାମ୍ପିୟନଶିପ୍‌ରେ ପ୍ରଥମେ ଭିଡିଓ ରେଫରାଲ ବ୍ୟବସ୍ଥା କରାଯିବ। ଏଣିକି ସମସ୍ତ ବୟସ ବର୍ଗର ଟୁର୍ନାମେଣ୍ଟରେ ପ୍ରତି ପାର୍ଶ୍ୱରେ ୩ଟି ଲେଖାଏ କ୍ୟାମେରା ଲଗାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚ୍ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ଜାତୀୟ ଚାମ୍ପିୟନଶିପ୍‌ର ମାନ ବୃଦ୍ଧି କରିବା ପାଇଁ ପ୍ରଥମଥର ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି ହକି ଇଣ୍ଡିଆ ମହାସଚିବ ଭୋଲାନାଥ ସିଂ। ଏହିସବୁ ନୂତନ ବ୍ୟବସ୍ଥା ଲାଗୁ ହେବା ପରେ ଯାହାବି ଅତିରିକ୍ତ ଖର୍ଚ୍ଚ ହେବ ଆୟୋଜକ ଫେଡେରେଶନ ଉପରେ ଏହାର କୌଣସି ଚାପ ପଡ଼ିବ ନାହିଁ। ହକି ଇଣ୍ଡିଆ ପକ୍ଷରୁ ଏହିସବୁ ଖର୍ଚ୍ଚ ବହନ କରାଯିବ ବୋଲି କହିଛନ୍ତି ମହାସଚିବ। ଏପରି କି ପ୍ଲେୟର ଅଫ୍ ଦ ମ୍ୟାଚ୍‌ର କ୍ୟାଶ୍ ପ୍ରାଇଜ୍ ମଧ୍ୟ ହକି ଇଣ୍ଡିଆ ପ୍ରଦାନ କରିବ। ଏହାଛଡ଼ା ମ୍ୟାଚ୍ ପରିଚାଳନା କରୁଥିବା ଅମ୍ପାୟରଙ୍କୁ ରେଡିଓ ପ୍ରଦାନ କରାଯିବ।

# ରେଲୱେ, ମେଘାଳୟ, ସର୍ଭିସେସ୍ ବିଜୟୀ

## ସନ୍ତୋଷ ଟ୍ରଫି ଫୁଟବଲ୍

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରରେ ଅନୁଷ୍ଠିତ ସନ୍ତୋଷ ଟ୍ରଫିର ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚରେ ବିଜୟୀ ହୋଇଛନ୍ତି ରେଲୱେ, ମେଘାଳୟ ଓ ସର୍ଭିସେସ। କ୍ୟାପିଟାଲ ଫୁଟବଲ ଆରେନାରେ ସକାଳ ୯ଟାରେ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ୨-୧ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ସର୍ଭିସେସ ପକ୍ଷରୁ ପି. କ୍ରିଷ୍ଟୋଫର କାମେଇ(୪୧) ଓ ବିକାଶ ଥାପା(୮୨) ଗୋଲ ଦେଇଥିବା ବେଳେ ପଶ୍ଚିମ ବଙ୍ଗ ପକ୍ଷରୁ ନରୋହରି ଶ୍ରେଷ୍ଠା(୧୪) ଗୋଟିଏ ଗୋଲ ଦେଇଥିଲେ। ସମାନ ଭେନ୍ୟୁରେ ମଣିପୁର ବିପକ୍ଷ ମ୍ୟାଚକୁ ୧-୦ରେ ଜିତି ନେଇଥିଲା ମେଘାଳୟ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ମ୍ୟାଚର ୬୨ ତମ ମିନିଟରେ ବୋରିଙ୍ଗଟନ୍ ୱାରଲାର୍ଫଙ୍କ ଗୋଲରେ ମେଘାଳୟ ମ୍ୟାଚ ଜିତି ନେଇଥିଲା। କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଖେଳା ଯାଇଥିବା ମ୍ୟାଚକୁ ୧-୦ରେ ଜିତି ନେଇଥିଲା ରେଲୱେ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟ ୪୧+୩ ମିନିଟରେ ଫରୱାର୍ଡ ଖେଳାଳି ନୁରୁଦ୍ଦିନ ଏକମାତ୍ର ଗୋଲଟି ସ୍କୋର କରିଥିଲେ।


ବେଙ୍ଗଲ ଓ ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶାର ସହଜ ବିଜୟ

## ଦୃଷ୍ଟିବାଧିତ ନାଗେଶ ଟ୍ରଫି


ସୁଖରାମ ମାଝୀ, ଲାଲ ପ୍ରସାଦ ସୋରେନ୍।

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସୋମବାରରୁ ଆରମ୍ଭ ହୋଇଥିବା ଦୃଷ୍ଟିବାଧିତ ନାଗେଶ ଟ୍ରଫିରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶାର ସହଜ ବିଜୟ। ରଜସ୍ଥାନର ଆଜମେରରେ ଲରେନ୍ସ ମେୟର ପବ୍ଲିକ୍ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ୧୯୧ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଅଧିନାୟକ ସୁଖରାମ ମାଝୀ ୧୬୦ ଓ ଲାଲ ପ୍ରସାଦ ସୋରେନ୍ ୧୩୫ ରନ୍ କରିଥିଲେ। ଓଡ଼ିଶା ୨୦ ଓଭରରେ ୧ ଉଇକେଟରେ ୩୩୩ ରନ୍ କରିଥିଲା। ସୁଖରାମ ୬୩ ବଲରୁ ୩୫ ଚୌକା ମାରିଥିବା ବେଳେ ଲାଲ ପ୍ରସାଦ ୬୦ ବଲରୁ ୨୫ ଚୌକା ମାରିଥିଲେ। ଜବାବରେ ତେଲଙ୍ଗାନା ୯ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଏମ୍‌ଡି ଜାଫର ଇକବାଲଙ୍କ ଦୁଇ ଉଇକେଟ ନେଇଥିଲେ। ସୁଖରାମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଫେବୃୟାରୀ ୧୫ ତାରିଖରେ ଦିଲ୍ଲୀ ସହିତ ଖେଳିବ ଓଡ଼ିଶା।

# ଧର୍ମଶାଳା ଟେଷ୍ଟ ଇନ୍ଦୋରକୁ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ମାର୍ଚ୍ଚ ୧ରୁ ୫ ଧର୍ମଶାଳାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟ ମ୍ୟାଚ୍ ଇନ୍ଦୋର ସ୍ଥାନାନ୍ତର ହୋଇଛି। ଧର୍ମଶାଳାରେ ପୁନଃ ପ୍ରସ୍ତୁତ କରାଯାଇଥିବା ଆଉଟ ଫିଲ୍ଡ ବର୍ତ୍ତମାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ନିମନ୍ତେ ଅନୁପଯୁକ୍ତ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ୟୁରେଟର ତାପସ ଚାଟାର୍ଜୀ ପଡ଼ିଆ ଅନୁଧ୍ୟାନ ପରେ ତାଙ୍କ ରିପୋର୍ଟରେ ଏହା ଉଲ୍ଲେଖ କରିଥିଲେ। ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ତୃତୀୟ ଟେଷ୍ଟ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପଡ଼ିଆରେ ଠାଏ ଠାଏ ଯଥେଷ୍ଟ ଘାସ ନାହିଁ। ଏହା ସମ୍ପୂର୍ଣ୍ଣ ବିକଶିତ ଲାଗି କିଛି ସମୟ ଲାଗିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବର୍ଷା ଯୋଗୁ ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ଏବଂ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ସମ୍ଭବ ହୋଇ ନ ଥିଲା। ବର୍ଷା ଯୋଗୁ ପଡ଼ିଆର ଆଉଟ୍‌ଫିଲ୍ଡ କ୍ଷତିଗ୍ରସ୍ତ ହୋଇଥିଲା। ପିଚ୍‌ଆଉଟ୍‌ଫିଲ୍ଡ ପୁନର୍ବାର ବିଛାଯାଇଥିଲା। ଖେଳ ଉପଯୋଗୀ ହୋଇପାରି ନ ଥିବାରୁ ହିମାଚଳ ପ୍ରଦେଶ ଏହାର ରଣଜୀ ଟିମ୍ ହୋମ୍ ମ୍ୟାଚ୍ ନାଦାଉନ୍‌ଠାରେ ଖେଳିଥିଲା।

# ଜାତୀୟ ସିନିୟର ରୋଲ୍‌ବଲରେ ଓଡ଼ିଶାରୁ ୭


କର୍ମକର୍ତ୍ତାଙ୍କ ସହ ମନୋନୀତ ଓଡ଼ିଶାର ୭ ରୋଲ୍‌ବଲ ଖେଳାଳି।

ଭୁବନେଶ୍ୱର, ୧୩।୨ (କ୍ରୀଡ଼ା ପ୍ରତିନିଧି)

ଜମ୍ମୁର ଏମ୍‌ଏ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ୧୯ତମ ଜାତୀୟ ସିନିୟର ରୋଲ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୭ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ପଞ୍ଚାନନ ବେହେରା, ଅଭିଜିତ୍ ସ୍ୱାଇଁ, ମନୋରଞ୍ଜନ ରାଉତ, କୀର୍ତ୍ତିକାନ୍ତ ବିଶ୍ୱାଳ, ମୋହନ ପାତ୍ର, ପ୍ରୀତେଶ ଆର୍ଯ୍ୟନ ଜେନା (ଅଧିନାୟକ) ଓ ରୋହିତ୍ କୁମାର ଭୋଇ। ପ୍ରତିଯୋଗୀମାନେ ଓଡ଼ିଶା ଛାଡ଼ିବା ପୂର୍ବରୁ ରବିବାର ପୂର୍ବାହ୍ନରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ରୋଲ୍‌ବଲ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା, ସମ୍ପାଦକ ସୌଦାମିନୀ ପାତ୍ର ଏବଂ ପରାମର୍ଶଦାତା ପ୍ରଭାସିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ


ପାର୍ବତୀ ସେଠୀ

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ବନାରସରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଗେମ୍ସରେ ରାଜ୍ୟ ପାଇଁ ଦୁଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ପାର୍ବତୀ ସେଠୀ। ଡିସ୍କସ୍ ଥ୍ରୋ ଓ ଶଟ୍‌ପୁଟ୍‌ରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦୀର୍ଘ ୩୩ ବର୍ଷ ଧରି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଥିବା ବେଳେ ପୁନର୍ବାର ସଫଳତା ହାସଲ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସହଯୋଗ ମିଳିଲେ ଏପ୍ରିଲ ମାସରେ ହେବାକୁ ଥିବା ଏସିଆନ ମାଷ୍ଟର୍ସ ଆଥଲେଟିକ୍ ଗେମ୍ସରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ସିନିୟର ନ୍ୟାଶନାଲ ଫେଡେରେଶନ କପ୍‌ରେ ଅଂଶଗ୍ରହଣ ପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

# ଶୁବମନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍


ଶୁବମନ ଗିଲ୍

ଦୁବାଇ, ୧୩।୨ (ପି.ଟି.)

ଭାରତର ଶୁବମନ ଗିଲ୍ ସୋମବାର ଜାନୁୟାରୀ ମାସ ପାଇଁ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଏକାଧିକ ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ଇଂଲଣ୍ଡର ୧୯ ବର୍ଷରୁ କମ୍ ଦଳର ଅଧିନାୟିକା ଗ୍ରେସ୍ ସ୍କ୍ରିଭେନ୍ସ ସର୍ବକନିଷ୍ଠ ଖେଳାଳି ଭାବେ ଏହି ପୁରସ୍କାର ହାସଲ କରିବା ସହ ଗୌରବ ଲାଭ କରିଛନ୍ତି। ଗିଲ୍‌ଙ୍କ ପାଇଁ ହ୍ୱାଇଟ୍ ବଲ କ୍ରିକେଟ୍‌ରେ ଜାନୁୟାରୀ ରେକର୍ଡ ବ୍ରେକିଂ ମାସ ରହିଥିଲା। ବିଶେଷକରି ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ବଡ଼ ସ୍କୋର କରିଛନ୍ତି। ଜାନୁୟାରୀରେ ସେ ମୋଟ ୫୬୭ ରନ୍ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ତିନୋଟି ଶତକ ରହିଛି। ୨୩ ବର୍ଷୀୟ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଓପନରରେ ଚମକପ୍ରଦ ଦ୍ୱିଶତକ ହାସଲ କରିଥିଲେ। ସେ ମାତ୍ର ୧୪୯ ବଲ୍‌ରୁ ୨୮ ଚୌକା ସହ ୨୦୮ ରନ୍ କରି ଅପରାଜିତ ରହିଥିଲେ। ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ୍‌ରେ ସେ ସର୍ବକନିଷ୍ଠ ଖେଳାଳି ହିସାବରେ ଦ୍ୱିଶତକ ହାସଲ କରିବାରେ ଏକ କୀର୍ତ୍ତିମାନ ହାସଲ କରିଥିଲେ। ପୁନଶ୍ଚ ଏକ କଠିନ ପିଚ୍, ଯେଉଁଠାରେ କି ଅନ୍ୟ ବ୍ୟାଟରମାନେ ତିଷ୍ଠିପାରି ନ ଥିବା ବେଳେ ସେ ଏହି ପ୍ରଭାବୀ ଇନିଂସ୍ ଖେଳିଛନ୍ତି। ଶ୍ରୀଲଙ୍କା ବିପକ୍ଷ ବିଜୟୀ ମ୍ୟାଚ୍‌ରେ ସେ ୧୧୬ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ସେ ୧୧୨ ରନ୍ କରିଥିଲେ। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ଦୌଡ଼ରେ ଗିଲ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନ୍ୟୁଜିଲାଣ୍ଡ ଓପ୍‌ନର ଡେଭନ କନ୍‌ୱେ ଏବଂ ନିଜ ଦେଶରେ ମହମ୍ମଦ ସିରାଜ। ୨୦୨୨ ଅକ୍ଟୋବରରେ ବିରାଟ କୋହଲିଙ୍କ ପରଠାରୁ ଗିଲ୍ ପ୍ରଥମ ଭାରତୀୟ ଭାବେ ଏହି ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ୧୯ ବର୍ଷରୁ କମ୍ ମହିଳା ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସ୍କ୍ରିଭେନ୍ସ ଏହି ପୁରସ୍କାର ଜିତିଛନ୍ତି।

# ଅଧିନାୟିକା ଦୌଡ଼ରେ ଆଗୁଆ

ମୁମ୍ବାଇ, ୧୩।୨ (ପି.ଟି.)

**ଆର୍‌ସିବି:** ଆର୍‌ସିବି ପକ୍ଷରୁ ସ୍ମୃତି ମନ୍ଧାନା, ଏଲିସ୍ ପେରୀ ଓ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନଙ୍କୁ କିଣାଯାଇଛି। ଅଭିଜ୍ଞତା ଦୃଷ୍ଟିରୁ ମନ୍ଧାନା ଫେବରିଟ୍ ଅଛନ୍ତି।
**ମୁମ୍ବାଇ ଇଣ୍ଡିଆନ୍ସ:** ହରମନ୍‌ପ୍ରୀତ କୌରଙ୍କୁ ୧.୮ କୋଟି ଟଙ୍କାରେ କିଣିଛି ମୁମ୍ବାଇ ଫ୍ରାଞ୍ଚାଇଜ୍। ଇଂଲଣ୍ଡର ନାଟଲି ସ୍କିଭରଙ୍କୁ ଦଳ ୩.୨ କୋଟି ଟଙ୍କାରେ କିଣିଥିଲେ ହେଁ ହରମନପ୍ରୀତଙ୍କୁ ଅଧିନାୟିକା ପଦ ମିଳିବା ସମ୍ଭାବନା ଅଧିକ।
**ଗୁଜରାଟ ଜାଏଣ୍ଟ୍ସ:** ଗୁଜରାଟ ଜାଏଣ୍ଟ୍ସ ଦଳର ଅଧିନାୟିକା ଭାର ଜଣେ ବିଦେଶୀ ଖେଳାଳିଙ୍କୁ ମିଳିପାରେ। ହରଲିନ୍ ଦେଓଲ ଏବଂ ସ୍ନେହ ରାଣାଙ୍କ ପରି ଭାରତୀୟ ଖେଳାଳି ଥିଲେ ମଧ୍ୟ ବେଥ୍ ମୁନି କିମ୍ବା ଆସ୍‌ଲେ ଗାର୍ଡନରଙ୍କ ମଧ୍ୟରୁ ଜଣଙ୍କୁ ଅଧିନାୟିକା ଦାୟିତ୍ୱ ମିଳିବା ସମ୍ଭାବନା ବେଶି।
**ଦିଲ୍ଲୀ କ୍ୟାପିଟାଲ୍ସ:** ଦିଲ୍ଲୀ ଫ୍ରାଞ୍ଚାଇଜ୍ ନିକଟରେ ମେଗ୍ ଲାନିଙ୍ଗ୍, ଜେମିମା ରୋଡ୍ରିଗୁଏଜ ଏବଂ ଶେଫାଳି ବର୍ମାଙ୍କ ପରି ଖେଳାଳି ଥିଲେ ହେଁ ଲାନିଙ୍ଗ୍ ଏହି ତାଲିକାରେ ଆଗୁଆ ଅଛନ୍ତି।
**ୟୁପି ୱାରିୟର୍ସ:** ୟୁପି ୱାରିୟର୍ସ ୨.୬ କୋଟି ଟଙ୍କାରେ ଦୀପ୍ତି ଶର୍ମାଙ୍କୁ କିଣିଛି। ଅଭିଜ୍ଞ ଖେଳାଳି ଦୀପ୍ତି ଅଧିନାୟିକା ଦୌଡ଼ରେ ଆଗୁଆ ରହିଥିବା ବେଳେ ସୋଫି ଏକେଲଷ୍ଟୋନ ଏବଂ ଟାହଲିଆ ମ୍ୟାକ୍‌ଗ୍ରାଥଙ୍କ ପରି ଖେଳାଳି ମଧ୍ୟ ସାମିଲ ଅଛନ୍ତି।

# ବିକ୍ରି ହେଲେନି ଓଡ଼ିଶା ଖେଳାଳି

**ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ୮୭ ଖେଳାଳିଙ୍କ ନିଲାମ ହୋଇଥିବା ବେଳେ ଜଣେ ବି ଓଡ଼ିଶା ଖେଳାଳି ବିକ୍ରି ହୋଇ ନାହାନ୍ତି। ଓଡ଼ିଶାର ସମୁଦାୟ ୮ ଜଣ ଖେଳାଳି ଏହି ନିଲାମୀରେ ସାମିଲ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ମାଧୁରୀ ମେହେଟା, ରସନାରା ପରୱିନ୍, କାଜଲ ଜେନା, ଏସ୍ ବି ଲରେନ୍ସ, ସୁଜାତା ମଲିକ୍, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଏବଂ ଶୁସ୍ରୀ ଦିବ୍ୟଦର୍ଶିନୀ ନିଲାମୀରେ ସାମିଲ ହୋଇଥିବା ବେଳେ ରେଲୱେ ପକ୍ଷରୁ ସ୍ୱାଗତିକା ରଥ ସାମିଲ ହୋଇଥିଲେ। ଏହା ମଧ୍ୟରୁ କେବଳ ସ୍ୱାଗତିକାଙ୍କ ନାମ ନିଲାମୀ ଡାକରାରେ ଆସିଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜି କିଣିବାକୁ ଆଗ୍ରହ ପ୍ରକାଶ କରିନଥିଲେ।

# ୫ ଫ୍ରାଞ୍ଚାଇଜର ଖେଳାଳି ତାଲିକା


ମୁମ୍ବାଇସ୍ଥିତ ଜିଓ ୱାର୍ଲ୍ଡ କନ୍‌ଭେନଶନ ସେଣ୍ଟରଠାରେ ସୋମବାର ଉଦ୍‌ଘାଟନୀ ମହିଳା କ୍ରିକେଟ ପ୍ରିମିୟର ଲିଗ୍ ଖେଳାଳି ନିଲାମ ଅବସରରେ ଅଫିସିଆଲଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ ନୀତା ଅମ୍ବାନୀ, ଆକାଶ ଅମ୍ବାନୀ ଓ ମାହେଲା ଜୟବର୍ଦ୍ଧନେ।

ମୁମ୍ବାଇ, ୧୩।୨ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ର ପ୍ରଥମ ସଂସ୍କରଣ ପାଇଁ ଖେଳାଳିଙ୍କ ନିଲାମୀ ଶେଷ ହୋଇଛି। ୯୦ଟି ସ୍ଲଟ ପାଇଁ ୪୦୯ ଖେଳାଳିଙ୍କ ନିଲାମୀ ହୋଇଥିଲା। ୨୪୬ ଜଣ ଭାରତୀୟ ଏବଂ ୧୬୩ ବିଦେଶୀ ଖେଳାଳିଙ୍କୁ ନେଇ ନିଲାମୀ ସମ୍ପନ୍ନ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଗୁଜରାଟ ଜାଏଣ୍ଟ୍ସ ୧୮ ଜଣ ଲେଖାଏ ଖେଳାଳି କିଣିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୧୭ ଓ ୟୁପି ୱାରିୟର୍ଜ ୧୬ ଜଣ ଖେଳାଳିଙ୍କୁ କିଣିବାରେ ସଫଳ ହୋଇଥିଲା। ୫ ଫ୍ରାଞ୍ଚାଇଜିର ସମ୍ପୂର୍ଣ୍ଣ ଦଳ ତାଲିକା...

## ଦିଲ୍ଲୀ କ୍ୟାପିଟାଲ୍ସ

ଜେମିମା ରୋଡ୍ରିଗୁଏଜ(୨.୨ କୋଟି),ଶେଫାଳି ବର୍ମା (୨ କୋଟି), ମାରିଜେନ୍ କାପ୍ (୧.୫ କୋଟି) , ମେଗ ଲାନିଙ୍ଗ (୧.୧ କୋଟି), ଆଲିସ୍ କାପ୍‌ସି (୭୫ ଲକ୍ଷ), ଶିଖା ପାଣ୍ଡେ (୬୦ ଲକ୍ଷ), ଜେସ୍ ଜୋନାସେନ୍(୫୦ ଲକ୍ଷ), ଲୌରା ହାରିସ୍(୪୫ ଲକ୍ଷ), ରାଧା ଯାଦବ(୪୦ ଲକ୍ଷ), ଅରୁନ୍ଧତୀ ରେଡ୍ଡୀ(୩୦ ଲକ୍ଷ), ମିନ୍ନୁ ମଣି(୩୦ ଲକ୍ଷ), ପୁନମ ଯାଦବ (୩୦ ଲକ୍ଷ), ସ୍ନେହା ଦୀପ୍ତି( ୩୦ ଲକ୍ଷ), ତାନିୟା ଭାଟିଆ(୩୦ ଲକ୍ଷ), ତିତାସ୍ ସାଧୁ(୨୫ ଲକ୍ଷ), ଜାସିଆ ଅକତର(୨୦ ଲକ୍ଷ), ଅପର୍ଣ୍ଣା ମଣ୍ଡଳ(୧୦ ଲକ୍ଷ), ତାରା ନୋରିଶ(୧୦ ଲକ୍ଷ)।

## ଗୁଜରାଟ ଜାଏଣ୍ଟ୍ସ

ଆସ୍‌ଲେ ଗାର୍ଡନର(୩.୨ କୋଟି), ବେଥ୍ ମୁନି(୨ କୋଟି), ଜର୍ଜିଆ ୱେୟାରହାମ୍(୭୫ ଲକ୍ଷ), ସ୍ନେହ ରାଣା(୭୫ ଲକ୍ଷ), ଆନାବେଲ ସଦରଲାଣ୍ଡ(୭୦ ଲକ୍ଷ), ଡିଆଣ୍ଡ୍ରା ଡଟିନ୍(୬୦ ଲକ୍ଷ), ସୋଫିଆ ଡଙ୍କ୍ଲି(୬୦ ଲକ୍ଷ), ସୁଷମା ବର୍ମା(୬୦ ଲକ୍ଷ), ତନୁଜା କନୱର(୫୦ ଲକ୍ଷ), ହରଲିନ୍ ଦେଓଲ୍(୪୦ ଲକ୍ଷ), ଅଶ୍ୱିନୀ କୁମାରୀ(୩୫ ଲକ୍ଷ), ଦୟଲାନ ହେମଲତା(୩୦ ଲକ୍ଷ), ମାନସୀ ଯୋଶୀ(୩୦ ଲକ୍ଷ), ମୋନିକା ପଟେଲ(୩୦ ଲକ୍ଷ),ସଭିନେନୀ ମେଘନା (୩୦ ଲକ୍ଷ), ହର୍ଲି ଗାଲା(୧୦ ଲକ୍ଷ), ପାରୁଣିକା ସିସୋଦିଆ(୧୦ ଲକ୍ଷ), ଶବନମ ଶକିଲ (୧୦ ଲକ୍ଷ)।

## ମୁମ୍ବାଇ ଇଣ୍ଡିଆନ୍ସ

ନାଟାଲି ସ୍କିଭର(୩.୨କୋଟି), ପୂଜା ବସ୍ତ୍ରକାର(୧.୯ କୋଟି), ହରମନ୍‌ପ୍ରୀତ କୌର୍(୧.୮ କୋଟି), ୟସ୍ତିକା ଭାଟିଆ (୧.୫ କୋଟି), ଆମେଲିଆ କେର(୧ କୋଟି), ଅମନଜୋତ କୌର(୫୦ ଲକ୍ଷ), ହେଲି ମାଥ୍ୟୁସ (୪୦ ଲକ୍ଷ), କ୍ଲୋଏ ଟ୍ରାୟନ(୩୦ ଲକ୍ଷ), ହିଥର ଗ୍ରାହାମ(୩୦ ଲକ୍ଷ), ଇସାବେଲ ଓଙ୍ଗ(୩୦ ଲକ୍ଷ), ପ୍ରିୟଙ୍କା ବାଲା(୨୦ ଲକ୍ଷ), ଧାରା ଗୁଜ୍ଜର(୧୦ ଲକ୍ଷ), ହୁମାଇରା କାଜି (୧୦ ଲକ୍ଷ), ଜିନ୍ତିମାନି କାଲିତା (୧୦ ଲକ୍ଷ), ନୀଲମ ବିସ୍ତ (୧୦ ଲକ୍ଷ), ସାଇକା ଇଶାକ୍ (୧୦ ଲକ୍ଷ), ସୋନମ ଯାଦବ (୧୦ ଲକ୍ଷ)।

## ଆରସିବି

ସ୍ମୃତି ମନ୍ଧାନା(୩.୪ କୋଟି), ରିଚା ଘୋଷ(୧.୯ କୋଟି), ,ଲିସ୍ ପେରୀ(୧.୭ କୋଟି), ରେଣୁକା ସିଂ(୧.୫ କୋଟି), ସୋଫି ଡିଭାଇନ୍(୫୦ ଲକ୍ଷ), ହିଥର ନାଇଟ୍(୪୦ ଲକ୍ଷ), ମେଗାନ୍ ଶୁଟ୍(୪୦ ଲକ୍ଷ), କନିକା ଆହୁଜା(୩୫ ଲକ୍ଷ), ଡେନ୍ ଭାନ୍ ନିକର୍କ(୩୦ ଲକ୍ଷ), ଏରିନ୍ ବର୍ନସ (୩୦ ଲକ୍ଷ), ପ୍ରୀତି ବୋଷ (୩୦ ଲକ୍ଷ), କୋମଲ ଜାଞ୍ଜାଡ୍(୨୫ ଲକ୍ଷ), ଆଶା ଶୋବନା(୧୦ ଲକ୍ଷ), ଦିଶା କଶାଟ (୧୦ ଲକ୍ଷ), ଇନ୍ଦ୍ରାଣୀ ରୟ (୧୦ ଲକ୍ଷ), ପୁନମ ଖେମନାର (୧୦ ଲକ୍ଷ), ଶାହନା ପୱାର (୧୦ ଲକ୍ଷ), ଶ୍ରେୟଙ୍କା ପାଟିଲ (୧୦ ଲକ୍ଷ)।

## ୟୁପି ୱାରିୟର୍ଜ

ଦୀପ୍ତି ଶର୍ମା (୨.୬ କୋଟି), ସୋଫି ଏକେଲଷ୍ଟୋନ(୧.୮ କୋଟି), ଦେବିକା ବୈଦ୍ୟ(୧.୪ କୋଟି), ଟାହଲିଆ ମ୍ୟାକଗ୍ରାଥ(୧.୪ କୋଟି), ଶବନିମ୍ ଇସମାଇଲ(୧ କୋଟି), ଗ୍ରେସ୍ ହାରିସ୍(୭୫ ଲକ୍ଷ), ଅଞ୍ଜଳି ଶ୍ରାବଣୀ(୫୫ ଲକ୍ଷ), ରାଜେଶ୍ୱରୀ ଗାଏକ୍ୱାଡ(୪୦ ଲକ୍ଷ), ଶ୍ୱେତା ଶେରାୱତ(୪୦ ଲକ୍ଷ), କିରଣ ନାଭଗିରେ(୩୦ଲକ୍ଷ), ଲରେନ୍ ବେଲ୍(୩୦ ଲକ୍ଷ), ଲକ୍ଷ୍ମୀ ଯାଦବ(୧୦ ଲକ୍ଷ), ପାର୍ଶଭି ଚୋପ୍ରା(୧୦ ଲକ୍ଷ), ଏସ୍ ଯଶଶ୍ରୀ(୧୦ ଲକ୍ଷ), ସିମରନ୍ ଶେଖ୍ (୧୦ ଲକ୍ଷ)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ